# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଫେବୃୟାରୀ ୧୨/୨୦୨୩ (୧୪ ପୃଷ୍ଠା+ ଛୁଟିଦିନ) | Bhubaneswar, Sunday, February 12/2023 | Page 14 | ₹ 7.00 | RAYAGADA

୪୯ଶ ଭାଗ ୮୦ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 49 ISSUE 80 | ମୂଲ୍ୟ₹୭/-




**ଚାମରି ଆଥାପାଥୁଙ୍କ ପ୍ରଭାବୀ ବ୍ୟାଟିଂ**

ଚାମରି ଆଥାପାଥୁଙ୍କ ୬୮ ରନ ସହାୟତାରେ ଶ୍ରୀଲଙ୍କା ଆଇସିସି ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି।

୧୧

୧୦

**ପ୍ରଶଂସକଙ୍କ ବାପାଙ୍କ ଜୀବନ ବଞ୍ଚାଇଲେ**

ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ ନିକଟରେ ତାଙ୍କର ଜଣେ ପ୍ରଶଂସକଙ୍କ ବାପାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଜାଣି ସହାୟତା କରିଛନ୍ତି।






ଭୂକମ୍ପ ପ୍ରଭାବିତ ସିରିଆ ତୁଳନାରେ ତୁର୍କୀକୁ ଅଧିକ ସହାୟତା ମିଳୁଥିବାରୁ ବ୍ରିଟେନ୍‌ର ଡାଉନିଂ ଷ୍ଟ୍ରିଟ୍‌ରେ ଶନିବାର ସିରିଆ ସମର୍ଥକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ‘ହାଲ୍’ ତଥ୍ୟ ପ୍ରଘଟ ଚର୍ଚ୍ଚା

## ସିବିଆଇ ପଞ୍ଝାରେ ୨ କର୍ମଚାରୀ

*ଭାରତରୁ ପ୍ରତିରକ୍ଷା ସମ୍ପର୍କିତ ତଥ୍ୟ ସଂଗ୍ରହ କରିବାକୁ ବାହାର ଦେଶ ଦ୍ୱାରା ନିୟୋଜିତ ସୁନ୍ଦରୀ ତରୁଣୀମାନେ ଜୋର୍‌ଦାର ଉଦ୍ୟମ ଚଳାଇଛନ୍ତି। ସେମାନେ ବିଭିନ୍ନ ପ୍ରତିରକ୍ଷା ଓ ଆନୁଷଙ୍ଗିକ ସଂସ୍ଥାର କର୍ମଚାରୀମାନଙ୍କୁ ପ୍ରେମ ଜାଲରେ (ହନି ଟ୍ରାପ୍) ଫସାଇ ତଥ୍ୟ ସଂଗ୍ରହ କରିନେଉଛନ୍ତି। ଏଭଳିସ୍ଥଳେ ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍)ର ତଥ୍ୟ ପ୍ରଘଟ ହୋଇଥିବା ନେଇ ଚର୍ଚ୍ଚା ହେଉଛି। ଏନେଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଶନିବାର କୋରାପୁଟ ଜିଲାର ସୁନାବେଡ଼ାସ୍ଥିତ ହାଲ୍‌ର ୨ କର୍ମଚାରୀଙ୍କୁ ଉଠାଇ ନେଇଥିବା କୁହାଯାଉଛି।*




**କୋରାପୁଟ/ ସୁନାବେଡ଼ା/ ସେମିଳିଗୁଡା, ୧୧।୨ (ସ୍ୱ.ପ୍ର.)**

ଦେଶର ପ୍ରତିରକ୍ଷା ସହିତ ସମ୍ପୃକ୍ତ ସଂସ୍ଥାଗୁଡ଼ିକୁ ଶତ୍ରୁ ରାଷ୍ଟ୍ର ଏବଂ ବିଦେଶୀ ସଂସ୍ଥା ପକ୍ଷରୁ ଲଗାତର ଟାର୍ଗେଟ୍ କରାଯାଇଆସୁଛି। ଓଡ଼ିଶାରେ ଥିବା ସେଭଳି ସଂସ୍ଥାଗୁଡ଼ିକ ମଧ୍ୟ ଏଥିରୁ ବାଦ୍ ପଡ଼ିନାହାଁନ୍ତି। ସେକ୍ସ, ଆର୍ଥିକ ପ୍ରଲୋଭନ ଭଳି ବିଭିନ୍ନ ଉପାୟରେ ଉକ୍ତ ସଂସ୍ଥାଗୁଡ଼ିକରୁ ତଥ୍ୟ ସଂଗ୍ରହ ପାଇଁ ଉଦ୍ୟମ ଚାଲିଛି। ପୂର୍ବରୁ ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ସଂଗଠନ (ଡିଆରଡିଓ)ର ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର୍)ର କର୍ମଚାରୀ ହନି ଟ୍ରାପ୍‌ରେ ପଡ଼ି ତଥ୍ୟ ପ୍ରଘଟ କରିବାର ନଜିର ରହିଛି। ଏପରି କି ଉକ୍ତ ଘଟଣାରେ ୮ଜଣଙ୍କୁ ଗିରଫ କରାଯାଇଛି। ଏବେ ସୁନାବେଡ଼ା ହାଲ୍‌ର ୨ କର୍ମଚାରୀ ତଥ୍ୟ ପ୍ରଘଟ କରିଥିବା ଚର୍ଚ୍ଚା ଜୋର ଧରିଛି।

ଅସମର୍ଥିତ ସୂତ୍ରରୁ ଜଣାପଡ଼ିଛି ଯେ, ମହାରାଷ୍ଟ୍ରର ନାସିକ ବ୍ରାଞ୍ଚ ସୂଚନା ଆଧାରରେ ସିବିଆଇ ଟିମ୍ ଶନିବାର ସୁନାବେଡ଼ାସ୍ଥିତ ହାଲ୍‌ରେ ଚଢ଼ାଉକରି ଦୁଇ କର୍ମଚାରୀଙ୍କୁ ଉଠାଇ ନେଇଛି। ସେମାନଙ୍କ ମଧ୍ୟରୁ ଜଣେ ହାଲ୍‌ର ପଦସ୍ଥ ଅଧିକାରୀ ବୋଲି ଜଣାପଡୁଛି। ତାଙ୍କଠାରୁ ସିବିଆଇ ଟିମ୍ ଏକ ଲାପ୍‌ଟପ୍ ସହ ହାର୍ଡଡିସ୍କ ଜବତ କରିଥିବା ସୂଚନା ମିଳିଛି। ଚଢ଼ାଉ ଏବଂ ତଦନ୍ତ ପ୍ରକ୍ରିୟା ଜାରି ରହିଛି। ଉକ୍ତ ୨ କର୍ମଚାରୀ ହନି ଟ୍ରାପ୍‌ରେ ସୁରକ୍ଷା ତଥ୍ୟ ପ୍ରଘଟ କରିଥିବା ନେଇ ଚର୍ଚ୍ଚା ହେଉଥିଲେ ମଧ୍ୟ ଏନେଇ କୌଣସି ସୂଚନା ସିବିଆଇ, ସ୍ଥାନୀୟ ପୋଲିସ ଓ ହାଲ୍ ପକ୍ଷରୁ ଦିଆଯାଇନାହିଁ। ତେବେ ସିବିଆଇ ୨ କର୍ମଚାରୀଙ୍କୁ ଉଠାଇନେବା ଏବଂ ହେଉଥିବା ଚର୍ଚ୍ଚାକୁ ଗୁଜବ ବୋଲି କହିଛନ୍ତି ସୁନାବେଡ଼ା ହାଲ୍‌ର ଡିଜିଏମ୍ (ଏଚ୍‌ଆର୍) ଭବାନୀ ଶଙ୍କର ଶାହା। ସେଭଳି କିଛି ହୋଇନାହିଁ ବୋଲି ଶାହା କହିଛନ୍ତି। ସୁନାବେଡ଼ା ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ମଧ୍ୟ ସିବିଆଇ ହାଲ୍‌ର ୨ କର୍ମଚାରୀଙ୍କୁ ଉଠାଇ ନେବା ଚର୍ଚ୍ଚାକୁ ଗୁଜବ ବୋଲି କହିଛନ୍ତି। ଏକ ଜମିଜମା ମାମଲାରେ ହାଲ୍‌ର ଜଣେ କର୍ମଚାରୀଙ୍କୁ ଅଣାଯାଇଥିଲା। ପଚରାଉଚରା ପରେ ତାଙ୍କୁ ଛାଡ଼ି ଦିଆଯାଇଥିବା ଥାନା ଅଧିକାରୀ ରାଉତ କହିଛନ୍ତି।

# ଅନ୍ୟ କାର୍ଯ୍ୟରେ ନିୟୋଜିତ ହେବେନି ଶିକ୍ଷକ

**ନୂଆଦିଲ୍ଲୀ, ୧୧।୨ (ପି.ଟି.)**

ପଞ୍ଜାବର ଶିକ୍ଷକମାନେ ଶିକ୍ଷାଦାନ ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟ କରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ୍ ଶନିବାର ପ୍ରିନ୍ସିପାଲମାନଙ୍କ ଏକ ସମ୍ମିଳନୀରେ କହିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିଓ୍ୱାଲ କହିଥିଲେ, ଏଏପି ନେତୃତ୍ୱାଧୀନ ସରକାରରେ ଶିକ୍ଷାକୁ ପ୍ରାଥମିକତା ଦିଆଯାଉଛି। ଦିଲ୍ଲୀ ଏବଂ ପଞ୍ଜାବରେ ସମସ୍ତ ସରକାରୀ ସ୍କୁଲ୍‌କୁ ବିଶ୍ୱରେ ସର୍ବଶ୍ରେଷ୍ଠ କରିବା ଦିଗରେ କାର୍ଯ୍ୟ କରାଯିବ। କେଜ୍‌ରିଓ୍ୱାଲ କହିଥିଲେ, ଦିଲ୍ଲୀରେ ସରକାର ଗଢ଼ିବା ଦିନଠାରୁ ଶିକ୍ଷା ବ୍ୟବସ୍ଥାରୁ ସମସ୍ୟା ହଟାଇବା ସହ ଏହାକୁ ଉନ୍ନତ କରିବା ଦିଗରେ କାର୍ଯ୍ୟ ଜାରି ରହିଛି।

**ସମ୍ମିଳନୀରେ କହିଲେ ପଞ୍ଜାବ ମୁଖ୍ୟମନ୍ତ୍ରୀ**



ଭଗଓ୍ୱନ୍ତ ମାନ୍

ପ୍ରଥମେ ଭିତ୍ତିଭୂମିର ଉନ୍ନତି କରାଯିବା ପରେ ଏବେ ଶିକ୍ଷକ ଓ ପ୍ରିନ୍ସିପାଲମାନଙ୍କ ପ୍ରଶିକ୍ଷଣ ଉପରେ ଫୋକସ୍ କରାଯାଉଛି ବୋଲି ଏଏପି ଆବାହକ କହିଥିଲେ। ପଞ୍ଜାବ ସରକାରୀ ସ୍କୁଲ୍‌ର କେତେଜଣ ପ୍ରିନ୍ସିପାଲ ଗତ ୬ରୁ ୧୦ ତାରିଖ ପର୍ଯ୍ୟନ୍ତ ସିଙ୍ଗାପୁରରେ ତାଲିମ ନେଇଥିଲେ। ସମ୍ମିଳନୀରେ ପଞ୍ଜାବ ଶିକ୍ଷାମନ୍ତ୍ରୀ ହରଜୋତ୍ ସିଂ ବାଇନ୍ସ, ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ।

**ଦିଲ୍ଲୀ, ପଞ୍ଜାବ ସ୍କୁଲ ବିଶ୍ୱରେ ସର୍ବଶ୍ରେଷ୍ଠ ହେବ: କେଜ୍‌ରିଓ୍ୱାଲ**

ସୂଚନାଯୋଗ୍ୟ, ସରକାରୀ ସ୍କୁଲ୍‌ର ଶିକ୍ଷକମାନଙ୍କୁ ଜନଗଣନାଠାରୁ ଆରମ୍ଭ କରି ଭୋଟର ତାଲିକା ପ୍ରସ୍ତୁତି, ଭୋଟ ପରିଚାଳନା ସମେତ ବିଭିନ୍ନ କେନ୍ଦ୍ରୀୟ ଓ ରାଜ୍ୟ ସରକାରଙ୍କ ଯୋଜନା କାର୍ଯ୍ୟକାରୀ ☞ପୃଷ୍ଠା-୪

# ଅଢ଼େଇ ଦିନରେ ଖେଳ ଶେଷ

- ନାଗପୁର ଟେଷ୍ଟରେ ଭାରତର ଇନିଂସ ବିଜୟ
- ଅଷ୍ଟ୍ରେଲିଆ ଏକ ଇନିଂସ ୧୩୨ ରନରେ ପରାସ୍ତ
- ଅଶ୍ୱିନଙ୍କୁ ୫ ଉଇକେଟ ସଫଳତା




ରବିଚନ୍ଦ୍ରନ ଅଶ୍ୱିନ

**ନାଗପୁର, ୧୧।୨**

ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ଅନୁଷ୍ଠିତ ଭାରତ-ଅଷ୍ଟ୍ରେଲିଆ ପ୍ରଥମ କ୍ରିକେଟ ଟେଷ୍ଟ ମାତ୍ର ଅଢ଼େଇ ଦିନରେ ଶେଷ ହୋଇଛି। ଶନିବାର ଦ୍ୱିତୀୟ ଇନିଂସରେ ଅଷ୍ଟ୍ରେଲିଆ ମାତ୍ର ୯୧ ରନରେ ଅଲ୍‌ଆଉଟ ହେବାରୁ ଭାରତ ଟେଷ୍ଟକୁ ଏକ ଇନିଂସ ୧୩୨ ରନରେ ଜିତିଛି। ଫଳରେ ୪ ମ୍ୟାଚ ବିଶିଷ୍ଟ ସିରିଜରେ ଭାରତ ୧-୦ରେ ଅଗ୍ରଣୀଲାଭ କରିଛି। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ରବୀନ୍ଦ୍ର ଜାଡେଜା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ ୧୭୭ ଓ ଭାରତ ୪୦୦ ରନ କରିଥିଲା।

**ଗୋଟିଏ ସେସନରେ ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ ସମାପ୍ତ**

ତୃତୀୟ ଦିବସ ମଧ୍ୟାହ୍ନଭୋଜନ ବିରତି ବେଳକୁ ଭାରତର ପ୍ରଥମ ଇନିଂସ ଶେଷ ହୋଇଥିଲା। ୨୩୩ ରନରେ ☞ପୃଷ୍ଠା-୪

# ଗୋପାଳଙ୍କ ନାର୍କୋ ଟେଷ୍ଟ ସରିଲା

**ମନ୍ତ୍ରୀ ନବ ଦାସ ହତ୍ୟା ମାମଲା**

**କଟକ ଅଫିସ, ୧୧।୨**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ମୃତ୍ୟୁ ମାମଲାର ମୁଖ୍ୟ ଅଭିଯୁକ୍ତ ଏଏସ୍‌ଆଇ ଗୋପାଳକୃଷ୍ଣ ଦାସଙ୍କ ନାର୍କୋ ଟେଷ୍ଟ ଶନିବାର ଅପରାହ୍ନରେ ଗୁଜରାଟର ଗାନ୍ଧୀନଗରଠାରେ କରାଯାଇଛି। ବ୍ରଜରାଜନଗର ଜେଏମ୍‌ଏଫ୍‌ସି-୧ ଅଦାଲତଙ୍କ ନିର୍ଦ୍ଦେଶାନୁସାରେ ଗାନ୍ଧୀନଗରସ୍ଥିତ ଡାଇରେକ୍ଟୋରେଟ ଅଫ୍ ଫୋରେନ୍‌ସିକ ସାଇନ୍ସ ସର୍ଭିସେସ୍ ଲାବରେଟୋରୀରେ ଗୋପାଳଙ୍କ ପଲିଗ୍ରାଫ ଟେଷ୍ଟ ସରିବା ପରେ ବିଶେଷଜ୍ଞମାନେ ନାର୍କୋ ଟେଷ୍ଟ କରିଛନ୍ତି। ଏହା ପୂର୍ବରୁ ଗୋପାଳଙ୍କ ଚିକିତ୍ସା ମେଡିକାଲ ପରୀକ୍ଷା କରାଯାଇଥିଲା। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଭିଡ଼ହିଂସାର ଭିତିରି କଥା**

# ଭାରତ-ଆମେରିକା ଯୁଦ୍ଧାଭ୍ୟାସ ‘ଟାର୍କାଶ’

**ଚେନ୍ନାଇ, ୧୧।୨**

ଚେନ୍ନାଇରେ ଚାଲିଥିବା ଭାରତ-ଆମେରିକା ମିଳିତ ସମରାଭ୍ୟାସରେ ଆଣବିକ, ରାସାୟନିକ, ବାୟୋଲୋଜିକାଲ ଏବଂ ରେଡିଓଲୋଜିକାଲ (ସିବିଆର୍‌ଏନ୍) ଆତଙ୍କର ମୁକାବିଲାକୁ ସାମିଲ କରାଯାଇଛି। ଟାର୍କାଶ ନାମକ ଏହି ଯୁଦ୍ଧାଭ୍ୟାସରେ ଭାରତର ଜାତୀୟ ସୁରକ୍ଷା ଗାର୍ଡ (ଏନ୍‌ଏସ୍‌ଜି) ଏବଂ ଆମେରିକାର ସ୍ୱତନ୍ତ୍ର ଅପରେଶନ ଫୋର୍ସ



**ପ୍ରଥମ ଥର ଆଣବିକ, ରାସାୟନିକ, ବାୟୋ ଆତଙ୍କ ମୁକାବିଲା ସାମିଲ**

(ଏସ୍‌ଓଏଫ୍) ଯୋଗ ଦେଇଛନ୍ତି। ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଆତଙ୍କବାଦ ନିରୋଧୀ ମିଳିତ ସମରାଭ୍ୟାସକୁ ଜୋର୍‌ଦାର କରାଯାଇଛି। ଏହାର ମୁଖ୍ୟାଂଶ ହେଲା ଦୁଇ ସ୍ୱତନ୍ତ୍ର ବାହିନୀ ମଧ୍ୟରେ ସିବିଆର୍‌ଏନ୍ ଆତଙ୍କର ମୁକାବିଲା ଲାଗି ମକ୍ ଡ୍ରିଲ୍ ବୋଲି ଏନ୍‌ଏସ୍‌ଜି ପକ୍ଷରୁ ଟୁଇଟ୍ କରାଯାଇଛି। ଏହା ପ୍ରଥମ ଯୁଦ୍ଧାଭ୍ୟାସ, ଯେଉଁଥିରେ ଏକସଙ୍ଗେ ରାସାୟନିକ, ଜୈବିକ, ରେଡିଓଲୋଜିକାଲ ଏବଂ ଆଣବିକ ଆତଙ୍କ ବିରୋଧରେ ☞ପୃଷ୍ଠା-୪




## ସଂକ୍ଷେପରେ

### ଅବ୍ବାସ ଅନ୍‌ସାରିଙ୍କ ସ୍ତ୍ରୀ ଗିରଫ

**ଚିତ୍ରକୁଟ, ୧୧।୨:** ମନିଲଣ୍ଡରିଂ ମାମଲାରେ ଜେଲରେ ସଜା କାଟୁଥିବା ଉତ୍ତର ପ୍ରଦେଶର ମାଉ ବିଧାୟକ ଅବ୍ବାସ ଅନ୍‌ସାରିଙ୍କ ସ୍ତ୍ରୀ ନିଖତ ଅନ୍‌ସାରିଙ୍କୁ ଶନିବାର ପୋଲିସ ଗିରଫ କରିଛି। ଅବ୍ବାସଙ୍କୁ ନିଖତ ଜେଲ ଅଧିକାରୀଙ୍କ ଅଫିସରେ ଭେଟିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ଏନେଇ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ମିଶାଇ ୭ ଜଣଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ନିଖତ ବେଆଇନ୍ ଭାବେ ଡେପୁଟି ଜେଲରଙ୍କ ରୁମ୍‌ରେ ଅବ୍ବାସଙ୍କୁ ଭେଟୁଥିବା କଥା ଜଣିବା ପରେ ପୋଲିସ ବିଭାଗର ଏକ ଟିମ୍ ଶୁକ୍ରବାର ଚଢ଼ାଉ କରିଥିବା ଚିତ୍ରକୁଟ ଏସ୍‌ପି ବ୍ରିନ୍ଦ ଶୁକ୍ଳା କହିଛନ୍ତି। ଅନ୍ୟପକ୍ଷେ ନିଖତଙ୍କଠାରୁ ମୋବାଇଲ୍ ଫୋନ ସାଙ୍ଗକୁ ବହୁ ଆପତ୍ତିଜନକ ସାମଗ୍ରୀ ପୋଲିସର ହସ୍ତଗତ ହୋଇଛି। ପୋଲିସ ଏ ନେଇ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଗତବର୍ଷ ନଭେମ୍ବର ୩୦ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅବ୍ବାସଙ୍କୁ ମନିଲଣ୍ଡରିଂ ମାମଲାରେ ଗିରଫ କରିଥିଲା।

### ବେଙ୍ଗାଲୁରୁରୁ ଅଲ୍ କାଏଦା ଆତଙ୍କବାଦୀ ଗିରଫ

**ବେଙ୍ଗାଲୁରୁ, ୧୧।୨(ଆଇଏଏନ୍ଏସ୍):** ବେଙ୍ଗାଲୁରୁର ଥାନିସାନ୍ଦ୍ରା ଅଞ୍ଚଳରୁ ଶନିବାର ଅଲ୍ କାଏଦା ସହ ସମ୍ପୃକ୍ତ ଜଣେ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଏବଂ ଇଣ୍ଟରନାଲ ସିକ୍ୟୁରିଟି ଡିଭିଜନ (ଆଇଏସ୍‌ଡି)ର ମିଳିତ ତଲାସି ବେଳେ ଅରିଫ୍ ନାମକ ଆତଙ୍କବାଦୀ ଧରାପଡ଼ିଥିଲେ। ସେ ଆତଙ୍କବାଦୀ ସଂଗଠନର ନିର୍ଦ୍ଦେଶରେ କାର୍ଯ୍ୟ କରୁଥିଲେ ବୋଲି ପୋଲିସ କହିଛି। ବେଙ୍ଗାଲୁରୁର ଏକ ସଫ୍ଟୱେର କମ୍ପାନୀରେ କାର୍ଯ୍ୟ କରୁଥିବା ଅରିଫ୍ ଦୁଇବର୍ଷ ହେଲା ଅଲ୍ କାଏଦା ସହ ସମ୍ପର୍କରେ ଥିଲେ ବୋଲି ସନ୍ଦେହ କରାଯାଉଛି। ସେ ଟେଲିଗ୍ରାମ ଏବଂ ଡାର୍କନେଟ୍‌ରେ ସକ୍ରିୟ ଥାଇ ଆତଙ୍କବାଦୀ ସଂଗଠନର ବାର୍ତ୍ତା ପ୍ରସାର କରୁଥିଲେ। ସେ ସିରିଆ କିମ୍ବା ଆଫଗାନିସ୍ତାନ ଯିବା ଲାଗି ଯୋଜନା ଚଳାଇଥିଲେ ବୋଲି ପୋଲିସ କହିଛି।

### ୩୭ ଯାତ୍ରୀଙ୍କ ବ୍ୟାଗ୍ ନ ନେଇ ପଳାଇଲା ଇଣ୍ଡିଗୋ ବିମାନ




**ହାଇଦ୍ରାବାଦ, ୧୧।୨:** ହାଇଦ୍ରାବାଦରୁ ବିଶାଖାପାଟଣା ଯାଇଥିବା ୩୭ ଯାତ୍ରୀଙ୍କ ଲଗେଜ୍‌କୁ ଛାଡ଼ି ଇଣ୍ଡିଗୋ ଫ୍ଲାଇଟ୍ ଚାଲିଯାଇଥିବା ଘଟଣା ସାମ୍ନାକୁ ଆସିଛି। ଉକ୍ତ ଯାତ୍ରୀମାନେ ଯେତେବେଳେ ବିଶାଖାପାଟଣାରେ ପହଞ୍ଚି ଥିଲେ ସେତେବେଳେ ସେମାନଙ୍କ ବ୍ୟାଗ୍ ବିମାନରେ ମିଳି ନ ଥିଲା। ଏ ନେଇ ଇଣ୍ଡିଗୋ କ୍ଷମାମାଗିବା ସହ ଯାତ୍ରୀମାନଙ୍କ ନିକଟରେ ସେମାନଙ୍କ ବ୍ୟାଗ୍ ପହଞ୍ଚାଯିବ ବୋଲି ବିମାନ କର୍ତ୍ତୃପକ୍ଷଙ୍କ ତରଫରୁ କୁହାଯାଇଛି।

### ସୁନାଦାନ୍ତରୁ ଚିହ୍ନଟ ହେଲେ ପଳାତକ

**ମୁମ୍ବାଇ, ୧୧।୨:** ଫେରାର ହେବାର ୧୫ ବର୍ଷ ପରେ ଜଣେ ଅପରାଧୀଙ୍କୁ ମୁମ୍ବାଇ ପୋଲିସ ଗିରଫ କରିଛି। ସୁନା ଦାନ୍ତରୁ ଏହି ପଳାତକ ଅପରାଧୀଙ୍କୁ ଚିହ୍ନଟ କରାଯାଇଥିଲା। ଗିରଫରୁ ବର୍ତ୍ତିବା ଲାଗି ସେ ଗୁଜରାଟର କଚ୍ଛରେ ରହୁଥିଲେ। ତାଙ୍କ ନାମ ପ୍ରବୀଣ ଅଶୁଭା ଜାଡେଜା ଓରଫ ପ୍ରବୀଣ ସିଂ ଓରଫ ପ୍ରଦୀପ ସିଂ ଅଶୁଭା ଜାଡେଜା। ପୋଲିସକୁ ଠକିବା ଓ ପ୍ରତାରିତ କରିବା ନେଇ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ପୋଲିସ ପୂର୍ବରୁ ତାଙ୍କୁ ଗିରଫ କରିଥିଲା ଓ ଜେଲରୁ ସେ ଜାମିନରେ ଆସିଥିଲେ। ପରେ ସେ ମୁମ୍ବାଇରୁ ଫେରାର ହୋଇଯାଇଥିଲେ ଓ କୋର୍ଟରେ ଆଉ ହାଜର ହୋଇ ନ ଥିଲେ। ଫଳରେ କୋର୍ଟ ତାଙ୍କୁ ପଳାତକ ଘୋଷଣା କରିଥିଲେ।

### ଭାରତ ଫେରିଲେ ଲାଲୁ

**ସିଙ୍ଗାପୁର, ୧୧।୨:** ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ସଭାପତି ଲାଲୁ ପ୍ରସାଦ ଯାଦବ ଶନିବାର ସିଙ୍ଗାପୁରରୁ ଭାରତ ଆସିଛନ୍ତି। ଗତ ଡିସେମ୍ବରରେ ସିଙ୍ଗାପୁରର ଏକ ଡାକ୍ତରଖାନାରେ ଲାଲୁଙ୍କ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ କରାଯାଇଥିଲା। ସେବେଠାରୁ ଲାଲୁ ଝିଅ ରୋହିଣୀଙ୍କ ପାଖରେ ଥିଲେ। ବାପା ଭାରତ ଫେରୁଥିବା ନେଇ ରୋହିଣୀ ଟୁଇଟରରେ ଏକ ଭାବିହ୍ୱଳ ପୋଷ୍ଟ ଶେୟାର କରି ବାପାଙ୍କ ଯତ୍ନ ନେବାକୁ କହିଛନ୍ତି। ବଡ଼ ଝିଅ ରୋହିଣୀ ଆଚାର୍ଯ୍ୟ ଲାଲୁଙ୍କୁ କିଡ୍‌ନୀ ଡୋନେଟ୍ କରିଥିବା କଥା ଅପରେଶନ୍ ପୂର୍ବରୁ ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ଜଣାଇଥିଲେ।

# ଆଲାସ୍କା ଉପକୂଳରେ ଉଡ଼ନ୍ତା ବସ୍ତୁକୁ ଖସାଇଲା ଆମେରିକା

**ୱାଶିଂଟନ, ୧୧।୨**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ନିର୍ଦ୍ଦେଶକ୍ରମେ ଆଲାସ୍କାର ଉତ୍ତର ଉପକୂଳ ଆକାଶରେ ଉଡୁଥିବା ଏକ ଅଜଣା ବସ୍ତୁକୁ ଏହାର ଯୁଦ୍ଧବିମାନ ଗୁଳିକରି ଖସାଇ ଦେଇଛି। କାର୍ ଆକୃତିର ବସ୍ତୁଟି ୪୦,୦୦୦ ଫୁଟ୍ ଉଚ୍ଚରେ ଉଡୁଥିଲା ଏବଂ ବେସାମରିକ ବିମାନ ଉଡ଼ାଣ ପାଇଁ ବିପଦ ସୃଷ୍ଟି କରିବା ଆଶଙ୍କା ରହିଥିଲା। ତେବେ ଏହା ଗୋଇନ୍ଦା ତଥ୍ୟ ସଂଗ୍ରହରେ ନିୟୋଜିତ ଥିଲା କି ନାହିଁ ସ୍ପଷ୍ଟ ହୋଇ ନ ଥିବା ହ୍ୱାଇଟ୍ ହାଉସ୍ ଜାତୀୟ ସୁରକ୍ଷା ପରିଷଦ ମୁଖପାତ୍ର ଜନ୍ କିର୍‌ବି କହିଛନ୍ତି। ସେହିପରି ଏହା କେଉଁଠୁ ଆସିଥିଲା ଏବଂ କେଉଁ ଉଦ୍ଦେଶ୍ୟରେ ଆସିଥିଲା, ତାହା ମଧ୍ୟ ଜଣାପଡ଼ିନାହିଁ। ତେବେ ପୂର୍ବରୁ ଆମେରିକା କ୍ଷେପଣାସ୍ତ୍ର ମାଡ଼ କରି ଖସାଇଥିବା ଚାଇନା

### ଗୋଇନ୍ଦା କାର୍ଯ୍ୟରେ ଲିପ୍ତ ଥିବା ସ୍ପଷ୍ଟ ହୋଇନି

ଗୁପ୍ତଚର ବେଲୁନ୍‌ଠାରୁ ଏହା ବହୁତ ଛୋଟ। ଚାଇନାର ଗୋଇନ୍ଦାଗିରିକୁ ନେଇ ଉଦ୍‌ବେଗ ଏବଂ ଲୋକଙ୍କ ଚାପ ଯୋଗୁ ବାଇଡେନ୍ ଦୁଇଟି ଉଡ଼ନ୍ତା ବସ୍ତୁକୁ ଖସାଇବାକୁ କଠୋର ନିଷ୍ପତ୍ତି ନେଇଥିଲେ। ଉଭୟ ବସ୍ତୁ ମଧ୍ୟରେ ରହିଥିବା ସାମଞ୍ଜସ୍ୟ ଓ ପାର୍ଥକ୍ୟକୁ ହ୍ୱାଇଟ୍ ହାଉସ୍ ଅନୁଧ୍ୟାନ କରୁଛି। ଏହି ବସ୍ତୁ ଉପରେ ଅଧିକ ତଥ୍ୟ ଦେବାକୁ ପେଣ୍ଟାଗନ ଶୁକ୍ରବାର ମନା କରିଦେଇଥିଲା। ତେବେ ପେଣ୍ଟାଗନର ପରାମର୍ଶ ଆଧାରରେ ବାଇଡେନ୍ ଏହାକୁ ଖସାଇବାକୁ ନିଷ୍ପତ୍ତି ନେଇଥିଲେ ବୋଲି କିର୍‌ବି କହିଛନ୍ତି।



ଜମ୍ମୁ-କଶ୍ମୀରର ବାରମୁଲ୍ଲା ଜିଲା ଅନ୍ତର୍ଗତ ତଙ୍ଗମାର୍ଗ ଅଞ୍ଚଳରେ ପ୍ରବଳ ତୁଷାରପାତ ଯୋଗୁ ବରଫାବୃତ୍ତ ରାସ୍ତାରେ ପିଲାମାନେ ଶନିବାର ସ୍କୁଲ୍ ଯାଉଛନ୍ତି।

# ଭୂକମ୍ପ ମୃତ୍ୟୁସଂଖ୍ୟା ୨୫ ହଜାର ଟପିଲା

### ୫ ଦିନ ପରେ ଭଗ୍ନାବଶେଷ ତଳୁ ପରିବାର ଉଦ୍ଧାର


**ଆଣ୍ଟାକ୍ୟା/ୱାଶିଂଟନ୍, ୧୧।୨**

ତୁର୍କୀ ଓ ସିରିଆରେ ପ୍ରଳୟଙ୍କରୀ ଭୂକମ୍ପଜନିତ ମୃତ୍ୟୁସଂଖ୍ୟା ଶନିବାର ୨୫,୦୦୦ ଅତିକ୍ରମ କରିଛି। ପଞ୍ଚମ ଦିନରେ ମଧ୍ୟ ଭଗ୍ନାବଶେଷ ତଳୁ ଲୋକଙ୍କୁ ଜୀବନ୍ତ ଉଦ୍ଧାର କରାଯାଉଛି। ଶୂନ ଡିଗ୍ରୀ ତାପମାତ୍ରା ସତ୍ତ୍ୱେ ଅନ୍ତର୍ଜାତୀୟ ରେସ୍କ୍ୟୁ କର୍ମଚାରୀଙ୍କ ସମେତ ୧୦ ହଜାରରୁ ଊର୍ଦ୍ଧ୍ୱ ସ୍ଥାନୀୟ ଲୋକେ ଭଗ୍ନାବଶେଷ ତଳୁ ନିଖୋଜମାନଙ୍କୁ ଖୋଜିବାରେ ଲାଗିଛନ୍ତି। ପ୍ରବଳ ଥଣ୍ଡା ଯୋଗୁ ଭୂକମ୍ପ ବିପନ୍ନଙ୍କ ଦୁର୍ଦ୍ଦଶା ବହୁଗୁଣିତ ହୋଇଛି। ଇଣ୍ଡୋନେସିଆ ତୁର୍କୀକୁ ଉଦ୍ଧାରକାରୀ ଟିମ୍ ପଠାଇଥିବାବେଳେ କ୍ୟୁବା ଉଭୟ ତୁର୍କୀ ଓ ସିରିଆକୁ ଡାକ୍ତରୀ ଟିମ୍ ପଠାଇଛି।

ଭୂକମ୍ପ କ୍ଷତିଗ୍ରସ୍ତ ଗାଜିଆଣ୍ଟେପ୍ ପ୍ରଦେଶର ନୁର୍‌ଡାଗ୍‌ରୁ ୫ ଦିନ ହେଲା ମାଟିତଳେ ରହିଥିବା ଏକ ୫ ଜଣିଆ ପରିବାରକୁ ରେସ୍କ୍ୟୁ ଟିମ୍ ନିରାପଦର ସହ ଉଦ୍ଧାର କରିଛି। ପ୍ରଥମେ ସେମାନେ ମାଆ ଓ ଝିଅକୁ ଉଦ୍ଧାର କରିବା ପରେ ବାପାଙ୍କୁ ପାଇଥିଲେ। ସେମାନଙ୍କ ସହ ଅନ୍ୟ ଜଣେ ଝିଅ ଓ ପୁଅ ଥିବା ଜାଣିବା ପରେ ଉଦ୍ଧାରକାରୀ ଟିମ୍ ସେମାନଙ୍କୁ ଭଗ୍ନାବଶେଷ ତଳୁ ବାହାର କରିଥିଲେ। ୧୨୯ ଘଣ୍ଟା ପରେ ଆଉ କେହି ଜୀବନ୍ତ ଉଦ୍ଧାର ହେବା ଆଶା କ୍ଷୀଣ ହୋଇଥିବାବେଳେ ତୁର୍କୀର ସ୍ଥାନୀୟ ଉଦ୍ଧାରକାରୀମାନେ ଶନିବାର ୯ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି।

ତୁର୍କୀ, ସିରିଆରେ ହୋଇଥିବା ଭୟାବହ ଭୂକମ୍ପକୁ ଶନିବାର ବିତିଯାଇଛି ଛଅ ଦିନ। ରେସ୍କ୍ୟୁ ଟିମ୍ ତରଫରୁ ଉଦ୍ଧାର କାର୍ଯ୍ୟ ଚାଲିଥିବାବେଳେ ଭଗ୍ନାବଶେଷ ତଳୁ ଲୋକଙ୍କୁ ଉଦ୍ଧାର କାର୍ଯ୍ୟ ଚାଲିଛି। ଏଭଳି ସ୍ଥିତିରେ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା (ନାସା) ଶନିବାର ଭୂକମ୍ପରେ ତୁର୍କୀ ଓ ସିରିଆ କ୍ଷତିଗ୍ରସ୍ତ ଅଞ୍ଚଳର ସାଟେଲାଇଟ୍ ଇମେଜ୍ ଜାରି କରିଛି। ଏହି ଛବି ନାସାର ଜେଟ୍ ପ୍ରୋପଲସନ୍ ଲାବରେଟୋରି ପକ୍ଷରୁ ଉତ୍ତୋଳନ କରାଯାଇଛି। ତୁର୍କୀ ଓ ସିରିଆରେ ହୋଇଥିବା ଭୂମିକମ୍ପକୁ ବହୁତ ବଡ଼ ଓ ଶକ୍ତିଶାଳୀ ବୋଲି ନାସା କହିଥିବାବେଳେ ୧୯୦୬ରେ ସାନ୍ ଫ୍ରାନ୍ସିସ୍କୋରେ ହୋଇଥିବା ଭୂମିକମ୍ପ ସହ ଏହାକୁ ତୁଳନା କରାଯାଇଛି। ସାଟେଲାଇଟ୍ ଚିତ୍ରରେ ତୁର୍କୀର ୩ ଅଧିକ କ୍ଷତିଗ୍ରସ୍ତ ସହର ନୁରଦାଗି, କହରାମନମାରସ, ତୁରକୋଗ୍ଲୁକୁ ଦର୍ଶାଯାଇଛି। ଭୂକମ୍ପରେ ଭାଙ୍ଗିଯାଇଥିବା ବିଲ୍ଡିଂ, ଘରକୁ ଗାଢ଼ ଲାଲ ରଙ୍ଗ ଦ୍ୱାରା ଚିହ୍ନଟ କରାଯାଇଛି। ସେହିପରି ଆଂଶିକ ଓ କମ୍ ପ୍ରଭାବିତ ହୋଇଥିବା ସ୍ଥାନଗୁଡ଼ିକୁ କମଳା ଓ ହଳଦିଆ ରଙ୍ଗ ଦିଆଯାଇଛି। ସାଟେଲାଇଟ୍‌ର ସିନ୍ଥେଟିକ୍ ଆପାଚର ରାଡାର (ଏସ୍ଏଆର୍) ସାହାଯ୍ୟରେ ଉତ୍ତୋଳନ ହୋଇଥିବା ଛବିରେ ଗାଢ଼ ଲାଲ୍ ରଙ୍ଗ ଅଧିକ ମାତ୍ରାରେ ଦେଖିବାକୁ ମିଳୁଛି। ଭୂକମ୍ପର ସ୍ଥିତି ଉପରେ ନାସା ବୈଜ୍ଞାନିକଙ୍କ କଡ଼ା ନଜର ରହିଥିବା ପ୍ରୋଗ୍ରାମ ମ୍ୟାନେଜର ଶାନ୍ନା ମିକ୍‌କ୍ଲେନ୍ କହିଛନ୍ତି। ଏସ୍ଏଆର୍‌ର ନଜର ପୃଥିବୀ ଉପରେ ସବୁବେଳେ ରହିଛି। ଏଭଳି ଶକ୍ତିଶାଳୀ ଭୂକମ୍ପ ପରେ ଭୂମିର ସ୍ଥିତି କିପରି ଭାବେ ପରିବର୍ତ୍ତିତ ହୁଏ ତା'ର ତର୍ଜମା ଏସ୍ଏଆର୍ ସାହାଯ୍ୟରେ କରାଯାଇଥାଏ। ତୁର୍କୀ ଓ ସିରିଆକୁ ସେମାନଙ୍କ ଘଡ଼ିସନ୍ଧି ମୁହୂର୍ତ୍ତରେ ବହୁ ରାଷ୍ଟ୍ର ସାହାଯ୍ୟର ହାତ ବଢ଼ାଇଛନ୍ତି।

### ନାସା ଜାରି କଲା ସାଟେଲାଇଟ୍ ଇମେଜ୍




ତୁର୍କୀର ଭୂକମ୍ପ ବିଧ୍ୱସ୍ତ ୩ ସହର ନୁରଦାଗି, କହରାମନମାରସ ଓ ତୁରକୋଗ୍ଲୁର ସାଟେଲାଇଟ୍ ଚିତ୍ର ନାସା ପକ୍ଷରୁ ଜାରି କରାଯାଇଛି।

### ଟାଟୁରୁ ଚିହ୍ନଟ ହେଲା ଭାରତୀୟଙ୍କ ମୃତଦେହ

**ବେଙ୍ଗାଲୁରୁ, ୧୧।୨:** ତୁର୍କୀରେ ଗତ ସୋମବାର ପ୍ରଳୟଙ୍କରୀ ଭୂକମ୍ପରେ ଆନାଟୋଲିଆ ଅଞ୍ଚଳର ମାଲାଟ୍ୟା ସହରରେ ଥିବା ଏକ ୨୪ ମହଲା ହୋଟେଲରେ ରହିଯାଇଥିବା ଜଣେ ଭାରତୀୟଙ୍କ ମୃତଦେହ ଶନିବାର ଭଗ୍ନାବଶେଷ ତଳୁ ମିଳିଛି। ତାଙ୍କ ନାଁ ବିଜୟ କୁମାର (୩୫)। ଉଦ୍ଧାର ସ୍ଥଳରୁ ପଠାଯାଇଥିବା ଫଟୋରେ ତାଙ୍କ ବାମ ହାତ ଟାଟୁକୁ ଦେଖି ଉତ୍ତରାଖଣ୍ଡରେ ଥିବା ତାଙ୍କ ପରିବାର ବିଜୟଙ୍କୁ ଚିହ୍ନଟ କରିଛନ୍ତି। ଆଭସାର ହୋଟେଲ ଭଗ୍ନାବଶେଷ ତଳୁ ବିଜୟଙ୍କ ମୃତଦେହ ମିଳିଥିବା ସରକାରୀ ସୂତ୍ରରୁ ସ୍ପଷ୍ଟ କରାଯାଇଛି। ସେ ଗତ ଜାନୁୟାରୀ ୨୩ରେ ଉକ୍ତ ସହରକୁ ଏକ ପ୍ରୋଜେକ୍ଟ କାମରେ ଯାଇଥିଲେ ଓ ସେଠାରେ ଫେବୃୟାରୀ ମଧ୍ୟଭାଗ ପର୍ଯ୍ୟନ୍ତ ରହିବାର ଥିଲା। ତାଙ୍କ ଘର ଉତ୍ତରାଖଣ୍ଡର ପୌରି ଗଡ଼ୱାଲ ହୋଇଥିବାବେଳେ ସେ ବେଙ୍ଗାଲୁରୁର ଅକ୍ସିପ୍ଲାଣ୍ଟସ୍ ଇଣ୍ଡିଆରେ ଗ୍ୟାସ୍ ପାଇପଲାଇନ୍ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ।



ବିଜୟ କୁମାର

### ନୋବେଲ ଶାନ୍ତି ପାଇଁ ସଂକ୍ଷିପ୍ତ ତାଲିକାରେ ଆଫଗାନ ମହିଳା ଅଧିକାର କ୍ୟାମ୍ପେନର



ମେହବୁବା ସେରାଜ

**କାବୁଲ, ୧୧।୨**

ଆଫଗାନିସ୍ତାନର ମହିଳା ଅଧିକାର କ୍ୟାମ୍ପେନର ମେହବୁବା ସେରାଜଙ୍କ ନାମ ଚଳିତବର୍ଷ ନୋବେଲ ଶାନ୍ତି ପୁରସ୍କାର ପାଇଁ ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇଛି। ୨୦୨୧ ଅଗଷ୍ଟରେ ତାଲିବାନୀ ସେନା କାବୁଲ ଦଖଲ କରିବା ପରେ ଦେଶର ଶତାଧିକ ମହିଳା ଅଧିକାର କର୍ମୀ ପ୍ରତିଶୋଧ ଭୟରେ ଦେଶ ଛାଡ଼ି ଚାଲିଯାଇଥିଲେ। କିନ୍ତୁ ମେହବୁବାଙ୍କ ପାଖରେ ଆମେରିକା ପାସ୍‌ପୋର୍ଟ ଥିବା ସତ୍ତ୍ୱେ ସେ ଦେଶଛାଡ଼ି ଯାଇ ନ ଥିଲେ। ତାଲିବାନ ଶାସନ ଆରମ୍ଭ କରିବା ପରେ ମଧ୍ୟ ମେହବୁବା ମହିଳାଙ୍କ ଅଧିକାର ଦିଗରେ କାର୍ଯ୍ୟ କରୁଛନ୍ତି। ନୋବେଲ ଶାନ୍ତି ପୁରସ୍କାର ପାଇଁ ମେହବୁବାଙ୍କ ସାଙ୍ଗକୁ ଜେଲ୍‌ରେ ଥିବା ଇରାନୀୟ ମାନବ ଅଧିକାର ସାମାଜିକ କର୍ମୀ ନର୍ଗିସ୍ ମୋହମ୍ମଦୀଙ୍କ ନାମ ମଧ୍ୟ ଏହି ସୂଚୀରେ ରହିଛି। ତେବେ ଏହି ସମ୍ମାନଜନକ ପୁରସ୍କାର ବିଜେତାଙ୍କ ନାମ ଆସନ୍ତା ଅକ୍ଟୋବରରେ ଘୋଷଣା କରାଯିବ।

### ଯୁଦ୍ଧ ବନ୍ଦ ଦିଗରେ ମୋଦିଙ୍କ ପ୍ରୟାସକୁ ଆମେରିକା ସ୍ୱାଗତ କରିବ

**ୱାଶିଂଟନ, ୧୧।୨:** ରୁଷିଆ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ବନ୍ଦ କରିବା ଦିଗରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯେକୌଣସି ପ୍ରୟାସକୁ ଆମେରିକା ସ୍ୱାଗତ କରିବ ବୋଲି ହ୍ୱାଇଟ୍ ହାଉସ୍ ଦୋହରାଇଛି। ଯୁଦ୍ଧ ବନ୍ଦ କରିବା ପାଇଁ ଏବେ ବି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ପାଖରେ ସମୟ ରହିଛି। ହ୍ୱାଇଟ୍ ହାଉସ୍ ଜାତୀୟ ସୁରକ୍ଷା ପରିଷଦ ମୁଖପାତ୍ର ଜନ୍ କିର୍‌ବି କହିଥିଲେ, ପ୍ରଧାନମନ୍ତ୍ରୀ ମୋଦି ପୁଟିନ୍‌ଙ୍କୁ ମନାଇପାରିବେ ବୋଲି ମୁଁ ଭାବୁଛି। ତାଙ୍କର ଯେକୌଣସି ଉଦ୍ୟମ ୟୁକ୍ରେନରେ ଯୁଦ୍ଧ ବନ୍ଦ କରିପାରିଲେ ତାହା ସ୍ୱାଗତଯୋଗ୍ୟ ହେବ ବୋଲଇ କିର୍‌ବି କହିଛନ୍ତି। ପୂର୍ବରୁ ସାଂଘାଇ ସହଯୋଗ ସମିଟ୍ ଅବସରରେ ରୁଷିଆ ରାଷ୍ଟ୍ରପତି ପୁଟିନ୍‌ଙ୍କ ସହ ଆଲୋଚନା ବେଳେ ଏହା ଯୁଦ୍ଧର ଯୁଗ ନୁହେଁ ବୋଲି ମୋଦି କହିଥିଲେ।

# ମା'ଅବୈଧ ସମ୍ପର୍କରେ ଥିଲେ ସନ୍ତାନର ହେପାଜତ ନେବେ ବାପା



**ବେଙ୍ଗାଲୁରୁ, ୧୧।୨**

ମା'ଙ୍କର ଅନ୍ୟ ଜଣେ ବ୍ୟକ୍ତିଙ୍କ ସହ ଅବୈଧ ସମ୍ପର୍କ ଥିଲେ ସନ୍ତାନର ହେପାଜତ ବାପା ନେବେ ବୋଲି ଏକ ମାମଲାର ଶୁଣାଣିବେଳେ ଏକ ଫ୍ୟାମିଲି କୋର୍ଟଙ୍କ ରାୟକୁ କର୍ଣ୍ଣାଟକ ହାଇକୋର୍ଟ କାଏମ କରିଛନ୍ତି। ଅନ୍ୟ ପୁରୁଷଙ୍କ ସହ ଅନୈତିକ ସମ୍ପର୍କ ରଖିବା ଯୋଗୁ ମହିଳାଜଣକ ନିଜ ପିଲାଙ୍କୁ ଅଣଦେଖା କରିବେ। ଏ ନେଇ ପିଲାର ଦାୟିତ୍ୱ ବାପା ନେବା ଉଚିତ୍ ବୋଲି ହାଇକୋର୍ଟ କହିଛନ୍ତି। ମାଟ୍ରିମୋନିଆଲ ସାଇଟ୍‌ରୁ ପରସ୍ପର ସହ ଭେଟିବା ପରେ ୨୦୧୧ରେ ଦୁଇ ଡାକ୍ତର ବାହାହୋଇଥିଲେ। ୨୦୧୫ରେ ସେମାନଙ୍କର ଏକ କନ୍ୟା ସନ୍ତାନ ଜନ୍ମ ନେଇଥିଲା। ବିବାହର କିଛିବର୍ଷ ପରେ ସେମାନଙ୍କ ମଧ୍ୟରେ ମତାନ୍ତର ଦେଖାଯାଇଥିଲା। ପରେ ସେମାନେ ଛାଡ଼ପତ୍ର ପାଇଁ କୋର୍ଟରେ ଆବେଦନ କରିଥିଲେ। ୨୦୧୮ରୁ ଶାଶୁଘର ଛାଡ଼ି ମହିଳାଜଣକ ବେଙ୍ଗାଲୁରୁରେ ଅନ୍ୟ ପୁରୁଷଙ୍କ ସହ ରହୁଥିଲେ। ଦମ୍ପତି ପେସାରେ ଡାକ୍ତର ହୋଇଥିବାବେଳେ ଦୁଇଜଣଯାକ ସେମାନଙ୍କ ପୂର୍ବତନ ପାର୍ଟନରଙ୍କଠାରୁ ଛାଡ଼ପତ୍ର ଆଣିଛନ୍ତି। ସ୍ତ୍ରୀଙ୍କର ଅନ୍ୟ ପୁରୁଷଙ୍କ ସହ ଅବୈଧ ସମ୍ପର୍କ ବିଷୟରେ ଜାଣିପାରି ତାଙ୍କ ସ୍ୱାମୀ ଝିଅର ହେପାଜତ ପାଇଁ କୋର୍ଟରେ ଆଉ ଏକ ମାମଲା ଦାଏର କରିଥିଲେ। ୨୦୨୨ ମାର୍ଚ୍ଚ ୩ରେ କର୍ଣ୍ଣାଟକ ଫ୍ୟାମିଲି କୋର୍ଟ ମାମଲାର ଶୁଣାଣି କରି ଝିଅର କଷ୍ଟଡି ବାପାଙ୍କୁ ଦେବା ଲାଗି ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶକୁ ମହିଳାଜଣକ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଝିଅର ହେପାଜତ ବାପାଙ୍କୁ ଦେବା ଲାଗି କହିବା ପରେ କୋର୍ଟ ମହିଳାଙ୍କ ଅପିଲକୁ ଖାରଜ କରିଛନ୍ତି।

# ଦିଲ୍ଲୀ ଡିସ୍‌କମ୍ ବୋର୍ଡରୁ ସରକାରଙ୍କ ନୋମିନି ବହିଷ୍କୃତ

**ନୂଆଦିଲ୍ଲୀ, ୧୧।୨**

ଅରବିନ୍ଦ କେଜରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସରକାର ଦିଲ୍ଲୀର ବିଦ୍ୟୁତ୍ ଡିସ୍‌କମ୍ ବୋର୍ଡରେ ନିଯୁକ୍ତି ଦେଇଥିବା ଦଳୀୟ ନେତା ଜସ୍ମିନ୍ ଶାହାଙ୍କ ସମେତ ଅନ୍ୟମାନଙ୍କୁ ଉପରାଜ୍ୟପାଳ ଭି.କେ. ସାକ୍ସେନା ବହିଷ୍କାର କରିଛନ୍ତି। ସେମାନଙ୍କ ସ୍ଥାନରେ ବରିଷ୍ଠ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଥିବା ଉପରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ନେଇ କେଜରିୱାଲ ସରକାର ଏବଂ ଉପରାଜ୍ୟପାଳଙ୍କ ମଧ୍ୟରେ ପୁଣି ଥରେ ବିବାଦ ମୁଣ୍ଡ ଟେକିଛି। ଶାହା ଏଏପିର ମୁଖପାତ୍ର ଥିବା ବହିଷ୍କୃତ ହୋଇଥିବା ଅନ୍ୟ ଜଣେ ସଦସ୍ୟ ହେଲେ ଏଏପି ଏମ୍‌ପି ଏନ୍.ଡି. ଗୁପ୍ତାଙ୍କ ପୁଅ ନବୀନ ଗୁପ୍ତା। ସେମାନଙ୍କୁ ବେଆଇନ ଭାବେ ନିଯୁକ୍ତି ଦିଆଯାଇଥିଲା ବୋଲି ଉପରାଜ୍ୟପାଳଙ୍କ କାର୍ଯ୍ୟାଳୟ କହିଛି। ସେମାନଙ୍କ ସ୍ଥାନରେ ଅର୍ଥ ସଚିବ, ଶକ୍ତି ସଚିବ ଏବଂ ଦିଲ୍ଲୀ ଟ୍ରାନ୍ସକୋର ଏମ୍‌ଡିଙ୍କୁ ନିଯୁକ୍ତି ଦିଆଯାଇଛି। ତେବେ ଉପରାଜ୍ୟପାଳ ସାକ୍ସେନାଙ୍କ ଏଭଳି ନିର୍ଦ୍ଦେଶ ବେଆଇନ ଏବଂ ଅସାମ୍ବିଧାନିକ। ଏଭଳି ନିର୍ଦ୍ଦେଶ ଦେବା କ୍ଷମତା ଉପରାଜ୍ୟପାଳଙ୍କର ନାହିଁ ବୋଲି ଆମ୍ ଆଦ୍‌ମୀ ପାର୍ଟି କହିଛି।

# ନୂଆ ବିଜୁଳି ଟିକସ ବସାଇଲା ପାକିସ୍ତାନ

**ଇସ୍‌ଲାମାବାଦ, ୧୧।୨**

ଗୁରୁତର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ପାକିସ୍ତାନ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍)ରୁ ଋଣ ସହାୟତା ପାଇବା ପାଇଁ ଏହାର ଗୋଟିଏ ପରେ ଗୋଟିଏ ସର୍ତ୍ତ ମାନିବାକୁ ବାଧ୍ୟ ହୋଇଛି। ଆଇଏମ୍ଏଫ୍ ସର୍ତ୍ତ ଅନୁଯାୟୀ ପାକ୍ ସରକାର ଚାଷୀଙ୍କ ସମେତ ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ନୂଆ ଟିକସ ଲଗାଇଛି। ଏଥିରୁ ୧୭୦ ବିଲିୟନ ଟଙ୍କା ଅତିରିକ୍ତ ରାଜସ୍ୱ ସଂଗ୍ରହ କରିବାର ଲକ୍ଷ୍ୟ ରଖାଯାଇଛି। ଇସ୍‌ଲାମାବାଦକୁ ୧.୧ ବିଲିୟନ ଡଲାର ଋଣ ପ୍ରଦାନ କରିବା ପାଇଁ ଆଇଏମ୍ଏଫ୍ ପ୍ରତିନିଧି ଦଳ ପାକ୍ କର୍ତ୍ତୃପକ୍ଷଙ୍କ ସହ ୧୦ ଦିନ ଆଲୋଚନା କରିବା ପରେ କୌଣସି ଚୁକ୍ତି ସ୍ୱାକ୍ଷର ନ କରି ଗୁରୁବାର ଫେରିଯାଇଛନ୍ତି। ସୋମବାର ପୁଣିଥରେ ଆଲୋଚନା



ଇଶାକ୍ ଦର୍

### ଆଇଏମ୍ଏଫ୍ ସର୍ତ୍ତ ପୂରଣ ପାଇଁ କଠୋର ନିଷ୍ପତ୍ତି

ଆରମ୍ଭ ହେବ। ଏହା ପୂର୍ବରୁ କେତେକ ସର୍ତ୍ତ ପୂରଣ କରିବାକୁ ହେବ ବୋଲି ପାକ୍ ଅର୍ଥମନ୍ତ୍ରୀ ଇଶାକ୍ ଦର୍ କହିଥିଲେ। ଏହାର କିଛି ସମୟ ପରେ କ୍ୟାବିନେଟ୍‌ର ଆର୍ଥିକ ସମନ୍ୱୟ କମିଟି ବୈଠକ ବସି ବିଦ୍ୟୁତ୍ ଉପରେ ୟୁନିଟ୍ ପିଛା ଅତିରିକ୍ତ ୩ ଟଙ୍କା ୩୯ ପଇସା ସର୍ଚାର୍ଜ ଲଗାଇବା ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏହା ବ୍ୟତୀତ ତ୍ରୟମାସିକ ଟାରିଫ ବର୍ଷକ ପାଇଁ ୟୁନିଟ୍ ପିଛା ୩ ଟଙ୍କା ୨୧ ପଇସା ପର୍ଯ୍ୟନ୍ତ ଆଡଜଷ୍ଟ କରିବାକୁ ନିଷ୍ପତ୍ତି ହୋଇଛି।

ଗୁରୁତର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ପାକିସ୍ତାନ ଜରୁରୀ ସାମଗ୍ରୀ ଆମଦାନୀ କରିବାକୁ ବିଦେଶୀ ମୁଦ୍ରା ଭଣ୍ଡାରରେ ଆବଶ୍ୟକ ଅର୍ଥ ନାହିଁ। ସେଠାରେ ମୁଦ୍ରାସ୍ଫୀତି ୪୮ ବର୍ଷ ମଧ୍ୟରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ମୂଲ୍ୟ ବହୁଗୁଣା ହୋଇଛି। ବିଦେଶରୁ ଋଣ ନ କରିବା ବ୍ୟତୀତ ଅନ୍ୟ ଉପାୟ ନ ଥିବାରୁ ପାକିସ୍ତାନ ଆଇଏମ୍ଏଫ୍ ସର୍ତ୍ତ ମାନିବାକୁ ବାଧ୍ୟ ହୋଇଛି। ଫଳରେ ଦରଦାମ୍ ବୃଦ୍ଧିରେ ଅତିଷ୍ଠ ଲୋକଙ୍କ ଉପରେ ସରକାର ନୂଆ ଟିକସ ବୋଝ ଲଦିଦେଇଛନ୍ତି।

# ଖଣିଜ ପାଣ୍ଠିରୁ ନିର୍ମାଣ ହେବ ମଣ୍ଡି

## ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା

### ଗୋଦାମଗୃହ ଅଭାବ ଦୂର କରିବାକୁ ଯୋଜନା

ଯାଜପୁର ଅଫିସ,୧୧।୨

ରାଜ୍ୟରେ ଖରିଫ ଋତୁ ଧାନ ସଂଗ୍ରହ ଚାଲିଥିବାବେଳେ ମଣ୍ଡିରେ ଆବଶ୍ୟକ ଭିତ୍ତିଭୂମି ଅଭାବରୁ ଚାଷୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିପୁଳ ସଂଖ୍ୟାରେ ଧାନ ବସ୍ତା ମଣ୍ଡିରେ ପଡ଼ି ରହୁଥିବା ବିଧାନସଭାରେ ଅଭିଯୋଗ ହୋଇଥିଲା। ତଦନୁଯାୟୀ ରାଜ୍ୟ ସରକାରଙ୍କ ସମବାୟ ସମିତି ସମୂହ ନିବନ୍ଧକ (ଆରସିଏସ୍)ଙ୍କ କାର୍ଯ୍ୟାଳୟରୁ ସମସ୍ତ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ଏବଂ ବହୁମୁଖୀ କୃଷି ସମବାୟ ସମିତି (ଲାମ୍ପ୍ସ)ରେ ଭିତ୍ତିଭୂମି ସୁଦୃଢ କରିବାକୁ ଆକ୍ସନ ପ୍ଲାନ ପ୍ରସ୍ତୁତ ହୋଇଛି। ଏଥିପାଇଁ ଆବଶ୍ୟକ ଅର୍ଥ ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍ଏଫ୍), ଓଡ଼ିଶା ମିନେରାଲ ବିଅରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ (ଓଏମ୍ବିଏଡିସି) ଏବଂ ରାଜ୍ୟ ସରକାରଙ୍କ ସହାୟତା ପାଣ୍ଠିରୁ ଖର୍ଚ୍ଚ ହେବ ବୋଲି ନିଷ୍ପତ୍ତି ହୋଇଛି। ଏହିକ୍ରମରେ ୭ ଦିନ ମଧ୍ୟରେ ଆବଶ୍ୟକ ସୂଚନା ଦେବାକୁ ଆରସିଏସ୍ ପକ୍ଷରୁ ରାଜ୍ୟର ସମସ୍ତ ଡିଆରସିଏସ୍‌ଙ୍କୁ ଶୁକ୍ରବାର ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ଧାନ ସଂଗ୍ରହ ପାଇଁ ୨,୬୧୬ଟି ପାକ୍ସ ଓ ୩,୩୩୭ ଧାନ ସଂଗ୍ରହ କେନ୍ଦ୍ର (ପିପିସି) ଥିବାବେଳେ ମାତ୍ର ୪,୦୭,୮୪୫ ମେଟ୍ରିକ୍ ଟନ୍ (ଏମ୍‌ଟି) କ୍ଷମତା ବିଶିଷ୍ଟ ୧,୮୩୭ଟି ଗୋଦାମ ରହିଛି, ଯାହାକି ସଂଗ୍ରହ ହେଉଥିବା ଧାନ ପରିମାଣର ମାତ୍ର ୩୧ ପ୍ରତିଶତ ନିମନ୍ତେ ଉର୍ଦ୍ଦିଷ୍ଟ। ଆବଶ୍ୟକ ସ୍ଥଳେ ଗୋଦାମ ଗୃହ ଭଡ଼ାରେ ନେବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଥିଲେ ହେଁ କର୍ତ୍ତୃପକ୍ଷ ତାହାକୁ ଗୁରୁତ୍ୱ ଦେଉନାହାନ୍ତି। ଫଳରେ ମିଲର୍ସମାନଙ୍କ ମନମାନି ସହ ନିର୍ଦ୍ଦିଷ୍ଟ ସମୟରେ ଧାନ ଉଠାଣ ହୋଇପାରୁନାହିଁ। ଏଥିଯୋଗୁ ଚାଷୀମାନେ ଦୁର୍ଦ୍ଦଶା ଭୋଗୁଛନ୍ତି। ଯାଜପୁର ଜିଲାକୁ ଉଦାହରଣ ଭାବେ ନିଆଯାଇପାରେ। ଜିଲାରେ ୧୨୨ଟି ପାକ୍ସରେ ୩,୮୫୦ ଏମ୍‌ଟି କ୍ଷମତା ବିଶିଷ୍ଟ ୭୭ଟି ଗୋଦାମ ଗୃହ ଥିବା କୁହାଯାଉଛି। କିନ୍ତୁ ଏହାର ଉପଯୁକ୍ତ ବିନିଯୋଗ ହେଉ ନ ଥିବାରୁ କେତେକ ପାକ୍ସରୁ ଚାଷୀଙ୍କ ଧାନକୁ ସିଧା ମିଲ୍‌କୁ ପଠାଇ ଦିଆଯାଉଥିବା ଅଭିଯୋଗ ହେଉଛି। ଏଥିଯୋଗୁ ଚାଷୀ ସରକାରୀ ଅଧିକାରୀଙ୍କ ନିୟନ୍ତ୍ରଣ ବାହାରକୁ ଚାଲି ଯାଉଛନ୍ତି। ୮।୧୧।୨୦୧୯ରେ ବରୀ ବିଧାୟିକା ସୁନନ୍ଦା ଦାସ ସୁଜନପୁର ପାକ୍ସରେ ଡବ୍ଲ୍ୟୁଆଇଏଫ୍ ଯୋଜନାରେ ଏକ ଗୋଦାମ ଗୃହ ନିର୍ମାଣ କରିବାକୁ ସମବାୟ ସମିତି ସମୂହ ନିବନ୍ଧକ(ଆରସିଏସ୍)ଙ୍କୁ ପତ୍ର ଲେଖିଥିଲେ। ସେହିପରି ୧୦।୯।୨୦୧୯ରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ପଣସା ପାକ୍ସରେ ଏକ ଅଫିସ ଗୃହ ଓ ଗୋଦାମ ଗୃହ ନିର୍ମାଣ ଏବଂ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ୨୧।୧।୨୦୨୧ରେ ୧୦ଟି ପାକ୍ସ ଅଫିସ ଗୃହ ଓ ୭ଟି ଗୋଦାମ ନିର୍ମାଣ କରିବାକୁ ପତ୍ର ଲେଖିଥିଲେ। ବିଡମ୍ବନା ଯେ, ସେଗୁଡିକ ଏଯାଏ କାର୍ଯ୍ୟକାରୀ ହୋଇପାରିନାହିଁ।

ସରକାରୀ ନିଷ୍ପତ୍ତି ଅନୁସାରେ ଅନୁଗୋଳ, ଯାଜପୁର, ଝାରସୁଗୁଡା, କେନ୍ଦୁଝର, କୋରାପୁଟ, ରାୟଗଡ଼ା, ସୁନ୍ଦରଗଡ଼, ଦେବଗଡ଼, ଢେଙ୍କାନାଳ ଏବଂ ମୟୂରଭଞ୍ଜ ଜିଲାଗୁଡିକରେ ପାକ୍ସ ଓ ଲାମ୍ପ୍ସ ମଣ୍ଡିଗୁଡିକର ଭିତ୍ତିଭୂମି ପାଇଁ ଡିଏମ୍ଏଫ୍ ଏବଂ ଓଏମ୍ବିଏଡିସି ପାଣ୍ଠିରୁ ଅର୍ଥ ବିନିଯୋଗ ହେବ। ଯେଉଁ ମଣ୍ଡିଗୁଡିକରେ କମିଶନ ବାବଦକୁ ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସଂଗ୍ରହ ହେଉଛି, ସେଠାରେ ନିଜସ୍ୱ ପାଣ୍ଠି ଖର୍ଚ୍ଚ ହେବ ଏବଂ ରାଜ୍ୟ ସରକାର ସମୁଦାୟ ଖର୍ଚ୍ଚର ୩୦% ବହନ କରିବେ। ବରଗଡ, ସମ୍ବଲପୁର, କଳାହାଣ୍ଡି, ନୂଆପଡା, ବଲାଙ୍ଗୀର ଓ ସୋନପୁର ଜିଲାରେ ଏଭଳି ମଣ୍ଡି ରହିଛି। ବାକି ୧୪ ଜିଲାରେ ରାଜ୍ୟ ସରକାରଙ୍କ ବଜେଟ୍ ଅନୁଯାୟୀ ଭିତ୍ତିଭୂମିର ନିର୍ମାଣ ହେବ। ମଣ୍ଡିଗୁଡିକର ଭିତ୍ତିଭୂମି ସୁଦୃଢ କରିବାକୁ ୩ ପ୍ରକାର ମଡେଲ ଯୋଜନା ହୋଇଛି। ପ୍ରଥମ ହେଉଛି, ଏକ ଅଫିସ ଗୃହ ସହ ୫୦ ଏମ୍‌ଟି କ୍ଷମତାର ଗୋଦାମ, ଦ୍ୱିତୀୟରେ ଏକ ଅଫିସ ଗୃହ, ୨ଟି ୫୦ ଏମ୍‌ଟି କ୍ଷମତା ବିଶିଷ୍ଟ ଗୋଦାମ ଏବଂ ୧୦୦୦ ବର୍ଗଫୁଟ ବିଶିଷ୍ଟ କଭର ଶେଡ୍ ଓ କଂକ୍ରିଟ ପ୍ଲାଟଫର୍ମ। ତୃତୀୟରେ ଡିପୋଜିଟ କାଉଣ୍ଟର, ୧୦୦ ସିଟିଂ କ୍ଷମତାର ମିଟିଂ ଗୃହ, ୧୦୦୦ରୁ ୨୪୦୦ ବର୍ଗ ଫୁଟର କଂକ୍ରିଟ ପିଣ୍ଡି, ସାର ଗୋଦାମଗୃହ, ଖାଦ୍ୟଶସ୍ୟ ଗୋଦାମଗୃହ, ଶୌଚାଳୟ, ମାର୍କେଟ କମ୍ପ୍ଲେକ୍ସ ଓ ନିଜସ୍ୱ ବୋରୱେଲ ନିର୍ମାଣ କରାଯିବ। ଏଥିପାଇଁ ୨୫ ଲକ୍ଷରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ବ୍ୟୟ ଅଟକଳ ରଖାଯାଇଛି। ତେବେ ଉପରୋକ୍ତ ଯୋଜନା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେଲେ ଚାଷୀମାନେ ଉପକୃତ ହୋଇପାରିବେ ବୋଲି ଆଶା କରାଯାଇଛି।

## ହାଇକୋର୍ଟ ବେଞ୍ଚ ଦାବିରେ ଭଙ୍ଗାରୁଜା ମାମଲା | ୬୦ଦିନ ପରେ ଜେଲରୁ ବାହାରିଲେ ୨୯ ଓକିଲ

ସମ୍ବଲପୁର,୧୧।୨(ବ୍ୟୁରୋ)



ସମ୍ବଲପୁର ଜେଲରୁ ବାହାରୁଛନ୍ତି ଓକିଲମାନେ।

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ଆନ୍ଦୋଳନଜନିତ ଭଙ୍ଗାରୁଜା ମାମଲାରେ ଗିରଫ ହୋଇଥିବା ୨୯ ଜଣ ଆଇନଜୀବୀଙ୍କୁ ହାଇକୋର୍ଟ ଶୁକ୍ରବାର ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ଶନିବାର ସମ୍ବଲପୁର କୋର୍ଟରେ କାଗଜପତ୍ର ପ୍ରକ୍ରିୟା ଶେଷ ହେବା ପରେ ଅପରାହ୍ନ ପ୍ରାୟ ସାଢେ ୪ଟା ସମୟରେ ଓକିଲମାନେ ଜେଲରୁ ବାହାରିଥିଲେ। ଜେଲ ବାହାରେ ଅପେକ୍ଷା କରିଥିବା ପରିବାର ପରିଜନଙ୍କ ସହ ସେମାନେ ଘରକୁ ଯାଇଥିଲେ। ହାଇକୋର୍ଟରେ ସର୍ତ୍ତ ରହିଥିବାରୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ସେମାନେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ କିମ୍ବା ଏକାଠି ହୋଇ ନ ଥିଲେ। ପ୍ରାୟ ୬୦ଦିନ ବ୍ୟବଧାନରେ ପରିବାର ଓ ପରିଜନଙ୍କୁ ଦେଖିବା ପରେ କେତେଜଣ ଆଇନଜୀବୀ ଭାବବିହ୍ୱଳ ହୋଇପଡିଥିଲେ।

ସୂଚନାଯୋଗ୍ୟ, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଆନ୍ଦୋଳନ ସମୟରେ ଡିସେମ୍ବର ୧୨ରେ ଅଭାବନୀୟ ଘଟଣା ଘଟିଥିଲା। କୋର୍ଟ ଭଙ୍ଗାରୁଜା ସହ ବିଚାରପତିଙ୍କୁ ବାହାର କରିଦେବା ଭଳି ଘଟଣା ଘଟିଥିଲା। ଘଟଣାରେ ପୋଲିସ ୨୯ ଓକିଲଙ୍କ ସମେତ ଜଣେ ବାର୍ କର୍ମଚାରୀ ଓ ୮ଜଣ କିନ୍ନର ମୋଟ ୩୮ଜଣଙ୍କୁ ଗିରଫ କରିଥିଲା। ଗିରଫ ସମ୍ପୃକ୍ତ ଆଇନଜୀବୀଙ୍କ ଲାଇସେନ୍ସ ରଦ୍ଦ କରାଯାଇଥିଲା। ଏ ନେଇ ସମ୍ବଲପୁର ଟାଉନ ଥାନାରେ ରୁଜୁ ମାମଲାର ବିଚାର ସ୍ଥାନୀୟ ଏସ୍‌ଡିଜେଏମ୍ କୋର୍ଟରେ ବିଚାରାଧୀନ ରହିଛି। ତେବେ ଜାମିନରେ ମୁକୁଳିବା ପାଇଁ ସମ୍ବଲପୁର ଆଡିଶନାଲ ସେସନ୍ସ ଜଜ୍‌କୋର୍ଟରେ ହୋଇଥିବା ଆବେଦନ ଖାରଜ ହେବା ପରେ ସେମାନେ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ। ଅନ୍ୟପଟେ ଏହି ଘଟଣାରେ ଗିରଫ ଅନ୍ୟ ୮ଜଣ କିନ୍ନରଙ୍କୁ ମଧ୍ୟ ଖୁବ୍ ଶୀଘ୍ର ଜାମିନ ମିଳିବ ବୋଲି କୁହାଯାଉଛି।

## ୮ ହାତୀଦାନ୍ତ ଜବତ, ଜଣେ ଗିରଫ

କେନ୍ଦୁଝର,୧୧।୨(ସ୍ୱ.ପ୍ର.): କେନ୍ଦୁଝର ବନଖଣ୍ଡ ଘଟଗାଁ ଥାନା ମେଲାଣ ଗ୍ରାମ ନିକଟ ଏନ୍ଏଚ୍ ୨୦ ନିକଟରୁ ବନ ବିଭାଗ ଜଣେ ହାତୀଦାନ୍ତ ବେପାରୀଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ୧୦.୧୬୦ କି.ଗ୍ରା.ର ୮ ହାତୀ ଦାନ୍ତ ଜବତ କରିଛି। ସେଥିରୁ ୨ଟି ସମ୍ପୂର୍ଣ୍ଣ ଦାନ୍ତ ରହିଥିବା ବନବିଭାଗ ସୂଚନା ଦେଇଛି। ଗିରଫ ବେପାରୀ ମୟୂରଭଞ୍ଜ ଜିଲା କେନ୍ଦୁମୁଣ୍ଡି ଗ୍ରାମର ବୋଲି ଜଣାପଡ଼ିଛି। ଏହି ଦାନ୍ତ କେଉଁଠୁ ଆସିଲା, କେଉଁଠି ହାତୀ ଶିକାର ହୋଇଥିଲା ତାହାର ତଦନ୍ତ ଚାଲିଥିବା ବିଭାଗ କହିଛି। ପ୍ରକାଶ ଯେ, ଗତ କିଛି ବର୍ଷ ହେଲା କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ବହୁ ସଂଖ୍ୟାରେ ହାତୀ ମୃତ୍ୟୁ ଓ ହତ୍ୟା ବଢ଼ିବାରେ ଲାଗିଛି।

ସର୍ବପ୍ରଥମେ ଜୀବନ ବୀମା
ପ୍ଲାନ କରନ୍ତୁ ନିଜର ଲାଇଫଟାଇମ୍ ପାଇଁ ଗ୍ୟାରଣ୍ଟୀଡ୍ ମାସିକ ଆୟ ଏବେ
ଆମର ବର୍ଦ୍ଧିତ ଆନୁଇଟୀ ରେଟ୍‌ସ ଯୋଗେ
ଆନୁଇଟୀ ଆରମ୍ଭ ହୋଇପାରେ ଏକ ବର୍ଷର ଅନ୍ୟୂନ ଡିଫରମେଣ୍ଟ ଅବଧି ପରେ।




ଫିକ୍ସଡ ଆନୁଇଟୀ ରେଟ୍‌ସ ପଲିସୀ ଆରମ୍ଭରୁ
ମଲ୍‌ଟିପଲ୍ ଆନୁଇଟୀ ବିକଳ୍ପସବୁ
ଇନ୍‌କ୍ରୀଜିଙ୍ଗ ଡେଥ୍ ବେନିଫିଟ ଡିଫରମେଣ୍ଟ ପିରିଅଡ୍ ବେଳେ
ଆମର ହ୍ୱାଟ୍‌ସଆପ୍ ନ.: 8976862090 'Hi' କୁହନ୍ତୁ
ଡାଉନ୍‌ଲୋଡ୍ କରନ୍ତୁ ଏଲଆଇସି ମୋବାଇଲ ଆପ 'LIC Customer'
ଦେଖନ୍ତୁ: licindia.in
କଲ୍ ସେଣ୍ଟର ସର୍ଭିସ : (022) 6827 6827
ବିଶଦ ବିବରଣୀ ପାଇଁ, ଆପଣଙ୍କ ଏଜେଣ୍ଟ/ପାଖ ଏଲଆଇସି ଶାଖାକୁ ସମ୍ପର୍କ କରନ୍ତୁ/ ଦେଖନ୍ତୁ: www.licindia.in ବା ନିଜ ସହର ନାମ ଏସ୍‌ଏମ୍‌ଏସ୍ କରନ୍ତୁ 56767474 କୁ
ଆମକୁ ଦେଖନ୍ତୁ ଏଠାରେ: LIC India Forever | IRDAI Regn No.: 512
LIC ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ LIFE INSURANCE CORPORATION OF INDIA
ପ୍ରତି କ୍ଷଣ ଆପଣଙ୍କ ସାଥିରେ
LIC/P1/2022-23/23/Ori

# ଭାରତୀୟ ଖାଦ୍ୟ ସୁରକ୍ଷାର ଆଧାର ଚାଉଳ: ରାଷ୍ଟ୍ରପତି



କଟକ ଜିଲା ବିଦ୍ୟାଧରପୁରସ୍ଥିତ ଏନ୍ଆର୍ଆର୍ଆଇରେ ଶନିବାର ୨ୟ ଭାରତୀୟ ରାଇସ୍ କଂଗ୍ରେସ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ଅନ୍ୟ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## ୨ୟ ଭାରତୀୟ ରାଇସ୍ କଂଗ୍ରେସ ଉଦ୍‌ଘାଟିତ

କଟକ ଅଫିସ,୧୧।୨

ଭାରତୀୟ ଖାଦ୍ୟ ସୁରକ୍ଷାର ମୁଖ୍ୟ ଆଧାର ଓ ଅର୍ଥନୀତିର ପ୍ରମୁଖ ଅଙ୍ଗ ହେଉଛି ଚାଉଳ। ଆମ ସଂସ୍କୃତି ଓ ଐତିହ୍ୟ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଅକ୍ଷତ କୁହାଯାଉଥିବା ଅଭଙ୍ଗା ଚାଉଳ ପ୍ରଗତି ଓ ପୂର୍ଣ୍ଣ ଜୀବନର ପ୍ରତୀକ ଭାବେ ପରିଗଣିତ ହେଉଛି। ଶିଶୁକୁ ପ୍ରଥମ କଠିନ ଖାଦ୍ୟ ଭାବେ ଚାଉଳରୁ ପ୍ରସ୍ତୁତ ଖାଦ୍ୟ ହିଁ ଦିଆଯାଏ। ତେଣୁ ଚାଉଳକୁ ପ୍ରକୃତରେ ଜୀବନର ଶସ୍ୟ ଭାବେ ଅଭିହିତ କରିଛନ୍ତି ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।

କଟକ ଜିଲା ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ(ଏନ୍ଆର୍ଆର୍ଆଇ)ରେ ଶନିବାର ୪ଦିନିଆ ୨ୟ ଭାରତୀୟ ରାଇସ୍ କଂଗ୍ରେସ୍ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ରାଷ୍ଟ୍ରପତି ମୁର୍ମୁ ଉଦ୍‌ଘାଟନ କରି କହିଥିଲେ, ସମଗ୍ର ଏସିଆ ମହାଦେଶରେ ଭାରତ ହେଉଛି ବୃହତ୍ ଚାଉଳ ରପ୍ତାନିକାରୀ ଦେଶ, ଯାହାକି ପୃଥିବୀର ଅନ୍ୟାନ୍ୟ ପ୍ରାନ୍ତରେ ରହୁଥିବା ଲୋକଙ୍କୁ ଖାଦ୍ୟ ସୁରକ୍ଷା ଯୋଗାଉଛି। ଦେଶରେ ଖାଦ୍ୟର ଆବଶ୍ୟକତା ପୂରଣ ହେବାରେ ଆତ୍ମନିର୍ଭରଶୀଳ ହେବା ସହ ଭାରତ ସର୍ବବୃହତ୍ ଚାଉଳ ରପ୍ତାନୀକାରୀ ରାଷ୍ଟ୍ରରେ ପରିଣତ ହୋଇଛି। ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନକୁ ଏହାର ଯଥେଷ୍ଟ ଶ୍ରେୟ ଦିଆଯିବା ଉଚିତ। ଉନ୍ନତ କିସମର ଧାନ ବିକଶିତ କରିବା, ଖାଦ୍ୟ ସୁରକ୍ଷାରେ ବ୍ୟାପକ ଯୋଗଦାନ ସହ ଏହି ପ୍ରତିଷ୍ଠାନ ଚାଷୀଙ୍କ ଜୀବନରେ ସୁଧାର ଆଣିପାରିଛି ବୋଲି ସେ କହିଥିଲେ। ସେହିପରି ଗତ ଶତାବ୍ଦୀରେ ଜଳସେଚନ ସୁବିଧାର ସମ୍ପ୍ରସାରଣ ହୋଇଛି। ନୂଆ ସ୍ଥାନରେ ଧାନ ଅମଳ ହୋଇଛି। ତେବେ ଧାନ ଫସଲ ପାଇଁ ପ୍ରଚୁର ମାତ୍ରାରେ ଜଳର ଆବଶ୍ୟକତା ରହିଛି। ଜଳବାୟୁ ପରିବର୍ତ୍ତନ କାରଣରୁ ବିଭିନ୍ନ ପ୍ରାନ୍ତରେ ଜଳାଭାବ ସମସ୍ୟା ଦେଖାଦେଇଛି। ମରୁଡ଼ି, ବନ୍ୟା ଓ ବାତ୍ୟା ଭଳି ବିପର୍ଯ୍ୟୟ ଏବେ ବାରମ୍ବାର ଦେଖିବାକୁ ମିଳୁଛି, ଯାହାକି ଧାନ ଚାଷକୁ ଅଧିକ ବିପଦରେ ପକାଉଛି। ଏବେ ଧାନଚାଷର ନୂତନ ପଦ୍ଧତି ଆବିଷ୍କାର ହୋଇଥିଲେ ମଧ୍ୟ ପାରମ୍ପରିକ କିସମର ଧାନଚାଷକୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ପାରମ୍ପରିକ କିସମର ସଂରକ୍ଷଣ ଏବଂ ସୁରକ୍ଷା ସହିତ ପରିବେଶ ସନ୍ତୁଳନ ବଜାୟ ରଖିବାକୁ ପଡ଼ିବ। ଅତ୍ୟଧିକ ରାସାୟନିକ ସାର ଉପଯୋଗ କାରଣରୁ ହେଉଥିବା ମୃତ୍ତିକା କ୍ଷୟକୁ ରୋକିବା ଅନ୍ୟ ଏକ ସମସ୍ୟା ହୋଇଛି। ଆଧୁନିକ ଧାନଚାଷ ପାଇଁ ଏହାକୁ ଜରୁରୀ ବୋଲି ବିବେଚନା କରାଯାଇଥାଏ। ମୃତ୍ତିକାକୁ ସୁସ୍ଥ ରଖିବାକୁ ହେଲେ ଆମକୁ ଏହି ସାର ଉପରେ ନିର୍ଭରଶୀଳତା କମାଇବାକୁ ପଡ଼ିବ। ଆମର ବୈଜ୍ଞାନିକମାନେ ପରିବେଶ ଅନୁକୂଳ ଧାନଚାଷ ପଦ୍ଧତି ଉଦ୍ଭାବନ କରିପାରିବେ ବୋଲି ରାଷ୍ଟ୍ରପତି ଆଶାପ୍ରକାଶ କରିଥିଲେ। ଏଥିସହ ଚାଉଳ ଆମ ଖାଦ୍ୟ ସୁରକ୍ଷାର ଆଧାର, ଆମେ ଏହାର ପୋଷକ ତତ୍ତ୍ୱ ବିଷୟରେ ମଧ୍ୟ ଚିନ୍ତା କରିବା ଉଚିତ୍। ଚାଉଳ ମାଧ୍ୟମରେ ପ୍ରୋଟିନ, ଭିଟାମିନ ଓ ଅନ୍ୟ ଜରୁରୀ ପୋଷକ ତତ୍ତ୍ୱ ଯୋଗାଇ ଦେବା ଦ୍ୱାରା ଆର୍ଥିକ ଅସ୍ୱଚ୍ଛଳବର୍ଗଙ୍କ କୁପୋଷଣକୁ ଦୂର କରାଯାଇପାରିବ। କଟକସ୍ଥିତ ଜାତୀୟ ଧାନ ଗବେଷଣାଗାର ପକ୍ଷରୁ ଭାରତର ପ୍ରଥମ ଉଚ୍ଚ ପ୍ରୋଟିନଯୁକ୍ତ ଧାନ 'ସିଆର୍ ଧାନ ୩୧୦' ବିକଶିତ କରାଯାଇଥିବାରୁ ରାଷ୍ଟ୍ରପତି ଖୁସି ବ୍ୟକ୍ତ କରିଥିଲେ।

କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଥିଲେ, ଭାରତ ଏକ କୃଷି ପ୍ରଧାନ ଦେଶ। ବୈଜ୍ଞାନିକଙ୍କ ଗବେଷଣା ଓ କୃଷକଙ୍କ ପରିଶ୍ରମ ଯୋଗୁ କୃଷିକ୍ଷେତ୍ରରେ ବହୁତ ପ୍ରଗତୀ ହୋଇଛି। ଏଣିକି ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଲୋକମାନଙ୍କୁ ଜୈବିକ ସାର ଦ୍ୱାରା ଉତ୍ପାଦିତ ଚାଉଳ ଯୋଗାଇ ଦିଆଯିବ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଥିଲେ, ଚାଉଳ ଲୋକଙ୍କ ମୁଖ୍ୟ ଖାଦ୍ୟ। ଯାହାକି ଆମ ସଂସ୍କୃତି ଓ ପରମ୍ପରା ସହ ଯୋଡ଼ି ହୋଇରହିଛି। ରାଜ୍ୟ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ, ଓଡ଼ିଶା ଖାଲି ଚାଉଳ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇନାହିଁ, ବରଂ ଅନ୍ୟ ୬ଟି ରାଜ୍ୟକୁ ଚାଉଳ ରପ୍ତାନି କରୁଛି। ଚାଉଳ ଉତ୍ପାଦନ ବୃଦ୍ଧି ପାଇଁ ଓଡ଼ିଶାରେ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଏହି ଅବସରରେ ସ୍ମରଣିକା ସମେତ କେତେକ ଗବେଷଣା ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିରେ ଆଇସିଏଆର ମହାନିର୍ଦ୍ଦେଶକ ଡ. ହିମାଂଶୁ ପାଠକ, ଆସୋସିଏଶନ ଅଫ୍ ରାଇସ୍ ରିସର୍ଚ୍ଚ ୱର୍କର୍ସ ଅଧ୍ୟକ୍ଷ ଡ. ପି. କେ. ଅଗ୍ରୱାଲ, ଧାନ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଏ. କେ. ନାୟକ ଓ ସଚିବ ଡ. ଏସ୍. ଶାହା ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାଞ୍ଚଳ ଆରଡିସି ସୁରେଶ ଚନ୍ଦ୍ର ଦଳାଇ, ଜିଲାପାଳ ଭବାନୀ ଶଙ୍କର ଚୟନୀ, କଟକ ଡିସିପି ପିନାକ ମିଶ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସୁରେନ୍ଦ୍ର ପରିଡ଼ା, ଉପନିର୍ଦ୍ଦେଶକ ହେମନ୍ତ ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ଉପସ୍ଥିତ ଥିଲେ। ୪ ଦିନ ଧରି ହେବାକୁ ଥିବା ଏହି ସମ୍ମିଳନୀରେ କୃଷକଙ୍କ ସମେତ ଦେଶବିଦେଶର ବୈଜ୍ଞାନିକ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷି ତଥା ଅନ୍ୟ ବିଭାଗର ଅଧିକାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

DSPL-445
ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ
ORERA
Odisha Real Estate Regulatory Authority
ସାବଧାନ ! ଠକାମିର ଶିକାର ହୋଇପାରନ୍ତି ଆପଣ !
ସ୍ୱପ୍ନର ଘର କିମ୍ବା ଜାଗା କିଣିବା ପୂର୍ବରୁ ଏହି ଦିଗ ପ୍ରତି ଧ୍ୟାନ ଦିଅନ୍ତୁ

- ରେରା ଆଇନ {Real Estate (Regulation and Development) Act,2016}ର ଧାରା 3 ଅନୁଯାୟୀ ଓଡ଼ିଶା ରେରା(Odisha Real Estate Regulatory Authority)ଙ୍କ ନିକଟରେ କୌଣସି ଉଦ୍ୟୋକ୍ତା(promoter) ସ୍ଥାବର ସମ୍ପତ୍ତି ପ୍ରକଳ୍ପ(real estate project)ର ପ୍ରାକ୍ ପଞ୍ଜିକରଣ ନ କରି ଜାଗା, ଆପାର୍ଟମେଣ୍ଟ କିମ୍ବା ଗୃହ ସମ୍ପର୍କିତ ବିଜ୍ଞାପନ, ବିପଣନ, ବିକ୍ରୟ କରିପାରିବେ ନାହିଁ ।
- ଯେଉଁ କ୍ଷେତ୍ରରେ ଉନ୍ନତିକରଣ(development) ପାଇଁ ପ୍ରସ୍ତାବିତ ଜାଗାର ଆକାର 500 ବର୍ଗ ମିଟରରୁ ଅଧିକ ନୁହେଁ କିମ୍ବା ପ୍ରସ୍ତାବିତ ଆପାର୍ଟମେଣ୍ଟ ସଂଖ୍ୟା 8ରୁ ଅଧିକ ନୁହେଁ, ସେ କ୍ଷେତ୍ରରେ ପଞ୍ଜିକରଣର ଆବଶ୍ୟକତା ନାହିଁ ।
- କୌଣସି ଉଦ୍ୟୋକ୍ତା/ନିର୍ମାଣକାରୀ ସଂସ୍ଥାରୁ ଉପରୋକ୍ତ ନିୟମ ପରିସରଭୁକ୍ତ ଜମି କିମ୍ବା ଘର ବିନା ରେରା ପଞ୍ଜିକରଣରେ କିଣନ୍ତୁ ନାହିଁ ।
- ସହରାଞ୍ଚଳ ପ୍ରକଳ୍ପ ଏବଂ ଗ୍ରାମାଞ୍ଚଳ ପ୍ରକଳ୍ପ ପାଇଁ ସମ୍ପୃକ୍ତ କ୍ଷମତାପନ୍ନ ପ୍ଲାନ୍ ଅନୁମୋଦନକାରୀ ସଂସ୍ଥାରୁ ଅନୁମତି ପ୍ରାପ୍ତି ପରେ ରେରା ପଞ୍ଜିକରଣ ପାଇଁ ଆବେଦନ କରିବା ଆବଶ୍ୟକ ।
- ରେରା ଆଇନ କାର୍ଯ୍ୟକାରୀ ହେବା ଦିନ (ତା 01.05.2017 ରିଖ)ଠାରୁ ବିକ୍ରୟ ପାଇଁ ଉଦ୍ଦିଷ୍ଟ ସମସ୍ତ ଅସଂପୂର୍ଣ୍ଣ ଥିବା ପ୍ରକଳ୍ପ ଏବଂ ନୂତନ ଆପାର୍ଟମେଣ୍ଟ, ଗୃହ କିମ୍ବା ଜାଗା ସମ୍ପର୍କିତ ପ୍ରକଳ୍ପ ରେରା ନିକଟରେ ପଞ୍ଜିକରଣ ବାଧ୍ୟତାମୂଳକ ଅଟେ ।
- 500 ବର୍ଗ ମିଟରରୁ ଅଧିକ ଆୟତନର ଯେ କୌଣସି ପ୍ଲଟେଡ ସ୍କିମ୍ ପ୍ରକଳ୍ପ ପାଇଁ ରେରା ପଞ୍ଜିକରଣ ଅପରିହାର୍ଯ୍ୟ।
- ପ୍ରସ୍ତାବିତ ପ୍ରକଳ୍ପ ଠିକ୍ ସମୟରେ ସଂପୂର୍ଣ୍ଣ ନହେବା, ଚୁକ୍ତି ମୁତାବକ ପ୍ରକଳ୍ପରେ ଆବଶ୍ୟକ ସୁବିଧା ସୁଯୋଗ ନଦେବା କିମ୍ବା ବିକ୍ରେତା ଅଧିକ ଅର୍ଥ ଦାବି କଲେ ଗ୍ରାହକ ରେରାରେ ଅଭିଯୋଗ କରିପାରିବେ ।
- ରେରା ୱେବସାଇଟ www.rera.odisha.gov.inରୁ ଆଶାୟୀ ଗ୍ରାହକମାନେ ପଞ୍ଜିକୃତ ଗୃହ ନିର୍ମାଣ ପ୍ରକଳ୍ପ ବିଷୟରେ ଆବଶ୍ୟକୀୟ ସମସ୍ତ ତଥ୍ୟ ପାଇପାରିବେ ।

"ଆପଣଙ୍କର ଅଧିକାର, ଆମ ଦାୟିତ୍ୱ"
BLOCK-A1, 3rd Floor, Toshali Bhawan, Satya Nagar, Bhubaneswar-751007
OIPR-13223/13/0006/2223

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଗତ ଭବିଷ୍ୟ ଜାଣଇଁ ଯେ,**
**ଗଣ୍ଠିଆ ପାଖରୁ ଟାଣଇ ସେ।**

କୃପଣ ଲୋକଠାରୁ ଧନ ହାତେଇବା ସହଜ କଥା ହୋଇ ନ ଥାଏ। ତେବେ ଯିଏ ଅତୀତ ଭବିଷ୍ୟତ କଥା କହିପାରେ ସେହି ବ୍ୟକ୍ତି ଅନାୟାସରେ କୃପଣ ଲୋକଠାରୁ ଧନ ବା ପାଉଣା ଆଦାୟ କରିପାରେ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଆମ୍ବ ଶିମ୍ବ ଅଢ଼େଇ ଦିନ,**
**ଛାତି ଦମ୍ଭକରି ମଣିଷ ଚିହ୍ନ।**

ଦୁଃଖ ଓ ଅଭାବ ସମୟରେ ପ୍ରକୃତ ହିତାକାଂକ୍ଷୀଙ୍କୁ ଚିହ୍ନିବା ସହଜ ହୋଇଥାଏ। ମଣିଷ ଏବଂ ମଣିଷ ମଧ୍ୟରେ ସୁସମ୍ପର୍କ ରଖିବାକୁ ହେଲେ ପରସ୍ପରର ଚାରିତ୍ରିକ ବିଶ୍ଳେଷଣ ଉପରେ ଗୁରୁତ୍ୱ ଦେବା ଉଚିତ ହୋଇଥାଏ। ନଶ୍ୱର ସମ୍ପଦରେ ଉନ୍ମତ୍ତ ହୋଇ ବନ୍ଧୁ ବାନ୍ଧବଙ୍କୁ ଭୁଲି ନ ଯିବା ଲାଗି ଏଭଳି ଉପଦେଶ ପ୍ରଦାନ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସବୁଠୁ ବୟସ୍କ ମୂଷା



**ସାନ୍‌ଡାଇଗୋ, ୧୧।୨**

କାଲିଫର୍ନିଆର ପକେଟ ମାଉସ୍ 'ପାଟ୍' ବିଶ୍ୱର ସବୁଠୁ ବୟସ୍କ ମୂଷା ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। ପାଳିତ ମୂଷା ପାଟ୍‌ର ବୟସ ୯ ବର୍ଷ ୨୦୯ ଦିନ। ୨୦୧୩ ଜୁଲାଇ ୧୪ରେ କାଲିଫର୍ନିଆର ସାନ୍ ଡାଇଗୋ ଜୁ' ସଫାରି ପାର୍କରେ ପାଟ୍‌ର ଜନ୍ମ। ମୂଷାମାନଙ୍କ ଜୀବନକାଳ ଅତବେଶୀରେ ୭ ବର୍ଷ ହୋଇଥିବାବେଳେ ପାଟ୍ ୯ ବର୍ଷରୁ ଅଧିକ ଦିନ ଜୀବତ ରହି ଏହି ରେକର୍ଡ ହାସଲ କରିଛି। ସଂରକ୍ଷଣ ପ୍ରଜନନ ପ୍ରଣାଳୀ ପ୍ରୋଗ୍ରାମ ଜରିଆରେ ପାଟ୍‌କୁ ବିକଶିତ କରାଯାଇଥିବା ଚିଡ଼ିଆଖାନା କର୍ତ୍ତୃପକ୍ଷ କହିଛନ୍ତି। ଉତ୍ତର ଆମେରିକାରେ ଦେଖାଯାଉଥିବା ମୂଷାଗୁଡ଼ିକ ମଧ୍ୟରୁ ପାଟ୍ ସବୁଠାରୁ କ୍ଷୁଦ୍ର ପ୍ରଜାତିର । ଲସ୍‌ଆଞ୍ଜେଲ୍‌ସର ଦକ୍ଷିଣାଞ୍ଚଳରେ ଏହି ପ୍ରଜାତି ଅଧିକ ଦେଖିବାକୁ ମିଳୁଥିବାବେଳେ ୧୯୩୨ ମସିହା ପରଠାରୁ ଏମାନଙ୍କ ସଂଖ୍ୟା କ୍ରମାଗତ ହ୍ରାସ ପାଇବା ଆରମ୍ଭ ହୋଇଥିଲା। ପୁଣି ୧୯୯୪ ମସିହାରେ ଡାନା ପଏଣ୍ଟରେ ଏହି ପ୍ରଜାତିର ଉପସ୍ଥିତି ଜଣାପଡ଼ିଥିଲା। ବର୍ତ୍ତମାନ ସମୟରେ ପକେଟ୍ ମାଉସ୍ ବିପଦସଙ୍କୁଳ ଅବସ୍ଥାରେ ଅଛି। ୨୦୧୧ରେ ଏକ ସଂରକ୍ଷଣ ପ୍ରଜନନ ପ୍ରୋଗ୍ରାମ୍ ଆରମ୍ଭ କରାଯାଇଥିବାବେଳେ ଗତବର୍ଷ ୧୧୭ ପକେଟ୍ ମାଉସ୍ ଚିଡ଼ିଆଖାନାରେ ଜନ୍ମ ନେଇଛନ୍ତି।

# ଟ୍ରକ୍‌କୁ ପିଟିଲା ତୀର୍ଥଯାତ୍ରୀ ବସ୍, ୧୪ ଆହତ



**ଭଦ୍ରକ ଅଫିସ,୧୧।୨**

ଭଦ୍ରକ ଜିଲା ୧୬ନଂ. ଜାତୀୟ ରାଜପଥର ଜୁରାଗଡ଼ିଆଠାରେ ଶନିବାର ଭୋର ସମୟରେ ଏକ ତୀର୍ଥଯାତ୍ରୀ ବସ୍ ଟ୍ରକ୍‌କୁ ପଛପଟୁ ଧକ୍କା ଦେବାରୁ ୧୪ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସିତ ହୋଇ ସମସ୍ତେ ଫେରି ଯାଇଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ, 'ଅନିନ୍ଦିତା' ନାମକ ବସ୍ କୋଲକାତାରୁ ୪୦ରୁ ଉର୍ଦ୍ଧ୍ୱ ତୀର୍ଥଯାତ୍ରୀଙ୍କୁ ନେଇ ପୁରୀ ଅଭିମୁଖେ ଆସୁଥିଲା। ଜୁରାଗଡ଼ିଆଠାରେ ଭାରସାମ୍ୟ ହରାଇ ଆଗରେ ଯାଉଥିବା ଟ୍ରକ୍‌କୁ ଧକ୍କା ଦେଇଥିଲା। ବସ୍‌ର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ସେଥିରେ ଥିବା ଯାତ୍ରୀମାନେ ଆହତ ହୋଇଥିଲେ। ସ୍ଥାନୀୟ ଯୁବକମାନେ ଆମ୍ବୁଲାନ୍ସ ଡକାଇ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଖବରପାଇ ଭଦ୍ରକ ଗ୍ରାମାଞ୍ଚଳ ଓ ବାଲେଶ୍ୱର ଜିଲା ସିମୁଳିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା।

# ୧,୬୫,୭୦୦ ମାମଲା ଫଇସଲା

**ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ**
- **୧୭୪,୭୬,୬୦,୯୭୨ ଟଙ୍କା କ୍ଷତିପୂରଣ ଆଦାୟ**

କଟକ ଅଫିସ, ୧୧।୨: ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ (ଓଏସ୍‌ଏଲ୍‌ଏସ୍‌ଏ) ପକ୍ଷରୁ ରାଜ୍ୟର ପ୍ରତି ଜିଲା ଏବଂ ତାଲୁକସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଚଳିତବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ଓଏସ୍‌ଏଲ୍‌ଏସ୍‌ଏ ମୁଖ୍ୟ ପୃଷ୍ଠପୋଷକ ଏସ୍. ମୁରଲୀଧର ଓ ଓଏସ୍‌ଏଲ୍‌ଏସ୍‌ଏ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ବିଚାରପତି ଯଶୱନ୍ତ ସିଂଙ୍କ ମାର୍ଗଦର୍ଶନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରହଣ କରାଯାଇଥିବା ମୋଟ ୩ ଲକ୍ଷ ୧୭ହଜାର ୬୩୪ଟି ମାମଲା ମଧ୍ୟରୁ ୧ ଲକ୍ଷ ୪ହଜାର ୨୬୧ ପ୍ରାକ୍ ମକଦ୍ଦମା ଓ ୨ ଲକ୍ଷ ୧୩ ହଜାର ୩୭୩ ବିଚାରାଧୀନ ରହିଥିଲା। ସେଥିମଧ୍ୟରୁ ୧ ଲକ୍ଷ ୬୫ ହଜାର ୭୦୦ ମାମଲା ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୧୭୪ କୋଟି ୭୬ ଲକ୍ଷ ୬୦ହଜାର ୯୭୨ ଟଙ୍କା ଆଦାୟ ପାଇଁ ସ୍ଥିର କରାଯାଇଥିଲା। ଉକ୍ତ ମାମଲାଗୁଡ଼ିକ ମଧ୍ୟରେ ଫୌଜଦାରି ସାଲିସଯୋଗ୍ୟ ମାମଲା ୩୨୪, ଚେକ୍ ବାଉନ୍ସ ୧୨୭୭, ବ୍ୟାଙ୍କ ଋଣ ୭୦୯, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ୧୦୧୦, ବୈବାହିକ ବିବାଦ ୫୯୫, ଭୂମି ଅଧିଗ୍ରହଣ ୨୭, ବିଦ୍ୟୁତ୍ ଓ ଜଳକର ପଇଠ ସମ୍ବନ୍ଧୀୟ ୯, ଶ୍ରମ ବିବାଦ ୧୦୪, ଚାକିରି ସମ୍ବନ୍ଧୀୟ ୮, ରାଜସ୍ୱ ମକଦ୍ଦମା ୧ ଲକ୍ଷ ୪୮ହଜାର ୨୧୨, ଅନ୍ୟାନ୍ୟ ଦେୱାନୀ ୧୬୩୨, ଅନ୍ୟାନ୍ୟ ଫୌଜଦାରି ୭୫୦୭ ଓ ଉପଭୋକ୍ତା ମାମଲା ୧୫୦ଟି ରହିଛି। ସୂଚନାଯୋଗ୍ୟ, ଜାତୀୟ ଆଇନ ସେବା ପ୍ରାଧିକରଣ (ଏନ୍‌ଏଲ୍‌ଏସ୍‌ଏ)ର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଚଳିତବର୍ଷ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିବାଦ କିମ୍ବା ମକଦ୍ଦମାର ସହଜ ଏବଂ ଆପୋଷ ସହମତିରେ ସମାଧାନ କରାଯାଇଥିଲା। ବିଚାରାଧୀନ ମକଦ୍ଦମା ସହ ପ୍ରାକ୍ ମକଦ୍ଦମାସ୍ତରୀୟ ମାମଲା ମଧ୍ୟ ସମାଧାନ ହୋଇଥିଲା।

# ବ୍ୟାଙ୍କମିତ୍ରଙ୍କ ସ୍ୱାମୀ ଇନ୍‌ଫର୍ମର



ଗିରଫ ୩ ଅଭିଯୁକ୍ତଙ୍କ ସମ୍ପର୍କରେ ଏସ୍‌ପି ସୂଚନା ଦେଉଛନ୍ତି।

- **ପରଜଙ୍ଗ ଡକାୟତି ଘଟଣାର ରହସ୍ୟ ଖୋଲୁଛି**
- **ଡକାୟତଙ୍କୁ ସୂଚନା ଦେଇ ବନ୍ଧାହେଲେ ୩**
- **ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ: ଏସ୍‌ପି**

**ପରଜଙ୍ଗ, ୧୧।୨(ଡି.ଏନ୍.ଏ.)**

ଅଞ୍ଚଳର କେଉଁ ବ୍ୟବସାୟୀ କେଉଁଦିନ ବ୍ୟାଙ୍କକୁ ଟଙ୍କା ଡିପୋଜିଟ୍ କରିବାକୁ ଆସୁଥିଲେ। ସେମାନେ କେତେଟଙ୍କା ଜମା କରୁଥିଲେ। ହାରାହାରି କେତେ ସମୟ ବ୍ୟାଙ୍କରେ ରହୁଥିଲେ। କେତେବେଳେ ଏବଂ କେଉଁ ବାଟରେ ଫେରୁଥିଲେ। ଏସବୁର ସବିଶେଷ ସୂଚନା ଜାଣିବା ପାଇଁ ଡକାୟତ ଗ୍ୟାଙ୍ଗ୍ ନିୟୋଜିତ କରିଥିଲେ ଇନଫର୍ମର। ସେମାନଙ୍କ ସୂଚନା ଆଧାରରେ ଅଭିଯୁକ୍ତମାନେ ଲୁଟ୍ ପାଇଁ ବିଛାଉଥିଲେ ଜାଲ। ଢେଙ୍କାନାଳ ଜିଲା ପରଜଙ୍ଗର ପ୍ରତିଷ୍ଠିତ ବ୍ୟବସାୟୀ ବିନୟ କୁମାର ସାହୁ ଓ କନ୍ଦରସିଂହା ଗ୍ରାମର ରାଶନ ବ୍ୟବସାୟୀ କ୍ଷୀରୋଦ ସାହୁଙ୍କ ମ୍ୟାନେଜର ଜୟନ୍ତ କୁମାର ଆଚାର୍ଯ୍ୟଙ୍କଠାରୁ ହୋଇଥିବା ବଡ଼ ଧରଣର ଡକାୟତି ଘଟଣା ପଛରେ ଯେଉଁ ୩ଜଣ ଇନ୍‌ଫର୍ମରଙ୍କ ସମ୍ପୃକ୍ତି ଥିଲା, ସେମାନଙ୍କୁ ପୋଲିସ ଧରିବାରେ ସଫଳ ହୋଇଛି। ଅଭିଯୁକ୍ତମାନେ ହେଲେ ପରଜଙ୍ଗର ବିଜୟ ସାମଲ ଓରଫ ବଗା (୪୨), କନ୍ଦରସିଂହା ଗ୍ରାମର ହେମନ୍ତ ରାଉତ (୪୨) ଏବଂ କନ୍ଦରସିଂହା ପଞ୍ଚାୟତ ମଝିକା ଗ୍ରାମର ଆଶିଷ ନାଏକ (୧୯)। ଗିରଫ ଇନ୍‌ଫର୍ମରଙ୍କ ମଧ୍ୟରୁ ହେମନ୍ତ ହେଉଛନ୍ତି ଲୋଧଣି ବ୍ୟାଙ୍କମିତ୍ରଙ୍କ ସ୍ୱାମୀ। ଏସବୁ ଆପରାଧିକ ଘଟଣାରେ ଅନେକ ପେସାଦାର ଅପରାଧୀଙ୍କ ସମ୍ପୃକ୍ତି ରହିଛି। ସେମାନଙ୍କୁ ଧରିବା ଲାଗି ପୋଲିସ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛି ବୋଲି ଶନିବାର ପରଜଙ୍ଗ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି।

ପରଜଙ୍ଗ ପ୍ରତିଷ୍ଠିତ ବ୍ୟବସାୟୀ ବିନୟ ସାହୁଙ୍କ ଘରେ ୨୦୨୨ ଅକ୍ଟୋବର ୬ରେ ସଶସ୍ତ୍ର ଡକାୟତି ହୋଇଥିଲା। ବିନୟଙ୍କ ଅନୁପସ୍ଥିତି ସୁଯୋଗରେ ଅଭିଯୁକ୍ତମାନେ ତାଙ୍କ ମା', ସ୍ତ୍ରୀ, ଝିଅଙ୍କୁ ମୁଣ୍ଡଜାମିନ ରଖି ଘରେ କଳାକନା ବୁଲାଇଥିଲେ। ଏ ସଂକ୍ରାନ୍ତରେ ନଂ.୪୪୯/୨୨ ଆର୍ମସ୍ ଆକ୍ଟରେ ମାମଲା ରୁଜୁ ହୋଇଥିଲା। ଅନୁରୂପ ଭାବେ ଗତ ଜାନୁୟାରୀ ୯ରେ ଲୋଧଣୀସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ସମ୍ମୁଖରେ ବଡ଼ ଧରଣର ଲୁଟ୍ ହୋଇଥିଲା। କନ୍ଦରସିଂହା ଗ୍ରାମର ରାଶନ ବ୍ୟବସାୟୀ କ୍ଷୀରୋଦ ସାହୁଙ୍କ ମ୍ୟାନେଜର ଜୟନ୍ତ ଆଚାର୍ଯ୍ୟଙ୍କ ଉପରେ ଡକାୟତ ଦଳ ଆକ୍ରମଣ କରି ୧୫ ଲକ୍ଷ ଟଙ୍କା ଛଡ଼ାଇ ନେଇଥିଲେ। ଏହାପରେ ଗତ ୩ ତାରିଖରେ ମହାବିରୋଡସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରୁ ସଶସ୍ତ୍ର ଡକାୟତି ହୋଇଥିଲା। କର୍ମଚାରୀଙ୍କୁ ମୁଣ୍ଡଜାମିନ ରଖି ଅଭିଯୁକ୍ତମାନେ ୯ କେଜିରୁ ଉର୍ଦ୍ଧ୍ୱ ସୁନାଗହଣା ଏବଂ ନଗଦ ୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିଲେ। ଏସବୁ ଘଟଣାରେ ଢେଙ୍କାନାଳ ଜିଲା ପୋଲିସର ୫୦ଜଣିଆ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୯ଜଣଙ୍କୁ ଗିରଫ କରିଥିଲା। ପୋଲିସ ପକ୍ଷରୁ ଖୋଳତାଡ଼ ବେଳେ ଇନ୍‌ଫର୍ମରଙ୍କ ସମ୍ପୃକ୍ତି ପଦାକୁ ଆସିଥିଲା। ସେମାନଙ୍କ ତଥ୍ୟ ଆଧାରରେ ଗିରଫ ହୋଇଥିବା ୯ଜଣିଆ ଡକାୟତ ଗ୍ୟାଙ୍ଗ୍‌ଠାରୁ ପିସ୍ତଲ, ଭୁଜାଲି, ମାରଣାସ୍ତ୍ର ସମେତ ନଗଦ ଟଙ୍କା ଜବତ କରାଯାଇଥିଲା। ଅଧିକ ତଥ୍ୟ ସଂଗ୍ରହ ପାଇଁ ଗିରଫ ଇନ୍‌ଫର୍ମରଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଏସଡିପିଓ ରଞ୍ଜନ କୁମାର ଦେଓ, ଥାନାଧିକାରୀ ପ୍ରଶାନ୍ତ କୁମାର ପାତ୍ର, ଏସ୍‌ଆଇ ଶକ୍ତି ପ୍ରସାଦ ସାହୁ, ମାମିନା ପ୍ରଧାନ, ମହାବିରୋଡ ଥାନା ଅଧିକାରୀ ପ୍ରଦୀପ କୁମାର ପାତ୍ର, ସରାଙ୍ଗ ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଧରାପକାଇଦେଲା ଗ୍ୟାଙ୍ଗ୍ ଗଣ୍ଡଗୋଳ

ପରଜଙ୍ଗ ଅଞ୍ଚଳର ୨ ବ୍ୟବସାୟୀଙ୍କଠାରୁ ହୋଇଥିବା ଡକାୟତି ଘଟଣାରେ ଧରାପଡ଼ିଥିବା ଅଭିଯୁକ୍ତଙ୍କ ମଧ୍ୟରେ ଅନୁଗୋଳ ମୁଣ୍ଡାବଜାର ବିକ୍ରମପୁରର ଗ୍ୟାଙ୍ଗ୍ ମୁଖ୍ୟ ସଦ୍ଦାମ ଖାଁ ଓରଫ ବିଲୁ, ସହଯୋଗୀ ରାମୀ ଟୁଡୁ ଓରଫ ମୁଣ୍ଡା ଏବଂ ବଅଁରପାଳର ରଣଜିତ୍ ନାହାକ ଓରଫ କାଳିଆଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି। ଏମାନଙ୍କୁ ୩ ତାରିଖରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଦୁଇ ଗ୍ୟାଙ୍ଗ୍ ମଧ୍ୟରେ ହୋଇଥିବା ଝଗଡ଼ା ହିଁ ୯ ଜଣିଆ ଡକାୟତ ଦଳକୁ ଧରାପକାଇଦେଇଥିବା ପୋଲିସ ସୂଚନା ଦେଇଛି। ପୋଲିସ ସୂଚନା ଅନୁଯାୟୀ, ଗତ ୩ ତାରିଖରେ ମହାବିରୋଡ ବ୍ୟାଙ୍କ ଶାଖାରୁ ହୋଇଥିବା ଡକାୟତି ମାମଲା, ଅନ୍ୟ ଲୁଟ୍ ଘଟଣାରେ ଧରାପଡ଼ିଥିବା କୁନା ପ୍ରଧାନ ଏବଂ ସଦ୍ଦାମ ଖାଁ ପୃଥକ୍ ଡକାୟତ ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ୍। ବ୍ୟାଙ୍କରେ ମୋଟା ଅଙ୍କର ଟଙ୍କା ଜମା କରୁଥିବା ବ୍ୟବସାୟୀଙ୍କ ସମ୍ପର୍କରେ ଲୋଧଣିସ୍ଥିତ ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ଶାଖାର ବ୍ୟାଙ୍କମିତ୍ରଙ୍କ ସ୍ୱାମୀ ହେମନ୍ତ ରାଉତଙ୍କୁ ସେମାନେ ଇନ୍‌ଫର୍ମର ଭାବେ ନିୟୋଜିତ କରିଥିଲେ। ସ୍ତ୍ରୀ ବ୍ୟାଙ୍କରେ କାମ କରୁଥିବାରୁ ଏହା ହେମନ୍ତଙ୍କ ଲାଗି ସହଜ ହୋଇଯାଉଥିଲା। କନ୍ଦରସିଂହା ଗ୍ରାମର ରାଶନ ବ୍ୟବସାୟୀ କ୍ଷୀରୋଦ ସାହୁଙ୍କ ମ୍ୟାନେଜର ଜୟନ୍ତ ଆଚାର୍ଯ୍ୟ ସପ୍ତାହକୁ ଦୁଇଦିନ ଯଥାକ୍ରମେ ୧୫ ଲକ୍ଷ ଏବଂ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜମା କରିବାକୁ ବ୍ୟାଙ୍କକୁ ଆସୁଥିବା ସମ୍ପର୍କରେ ହେମନ୍ତ ଦୁଇ ଡକାୟତ ଦଳର ମୁଖିଆଙ୍କୁ ଖବର ଦେଇଥିଲେ। ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜମା କରିବାକୁ ଆସିବା ଦିନ ଜୟନ୍ତଙ୍କୁ ଲୁଟ୍ କରିବାକୁ କୁନା ଉପାୟ ପାଞ୍ଚୁଥିବାବେଳେ ସଦ୍ଦାମ ଆଗୁଆ ନିଜ ଯୋଜନାକୁ କାର୍ଯ୍ୟକାରୀ କରିଦେଇଥିଲେ। ଘଟଣାଦିନ ଜୟନ୍ତଙ୍କଠାରୁ ୧୫ ଲକ୍ଷ ଟଙ୍କା ଲୁଟ୍ କରି ସଦ୍ଦାମ ଏବଂ ତାଙ୍କ ସହଯୋଗୀମାନେ ଫେରାର ହୋଇଯାଇଥିଲେ। ଏହାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା, ଯାହାର ଗୋଇନ୍ଦା ସୂଚନା ପୋଲିସ ନିକଟରେ ପହଞ୍ଚିଥିଲା ଏବଂ ଅଭିଯୁକ୍ତ ଧରାପଡ଼ିଥିଲେ ବୋଲି ଖବରଦାତା ସମ୍ମିଳନୀରେ ଏସ୍‌ପି କହିଛନ୍ତି।

# ପାନ ଦୋକାନୀଙ୍କୁ ଖଣ୍ଡାରେ ହାଣିଲେ

**ବଲାଙ୍ଗୀର ଅଫିସ, ୧୧।୨**

ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ହଷ୍ଟେଲ କ୍ୟାମ୍ପସରେ ପଶି ଜଣେ ଦୁର୍ବୃତ୍ତ ଦୁଇଜଣ ଛାତ୍ରଙ୍କୁ ବ୍ଲେଡ୍‌ରେ ଆକ୍ରମଣ କରିଥିଲେ। ଏହି ଘଟଣାର ୩୬ ଘଣ୍ଟା ନପୂରୁଣୁ ଶନିବାର ଅପରାହ୍ଣରେ ବଲାଙ୍ଗୀର ରେଲୱେ ଷ୍ଟେଶନ ମୁଖ୍ୟରାସ୍ତାରେ ଦୁର୍ବୃତ୍ତମାନେ ମାରଣାସ୍ତ୍ରରେ ଜଣେ ଯୁବକଙ୍କୁ ଖଣ୍ଡାରେ ହାଣି ଲହୁଲୁହାଣ କରିଛନ୍ତି। ଆକ୍ରମଣର ଶିକାର ହୋଇଛନ୍ତି ରେଳ ଷ୍ଟେଶନ ରାସ୍ତାରେ ଥିବା ଇନ୍ଦ୍ରପ୍ରସ୍ଥ ହୋଟେଲ ସମ୍ମୁଖରେ ପାନ ଦୋକାନ କରିଥିବା ପ୍ରେମ ପ୍ରକାଶ ନାଏକ (୩୦)। ଦିନଦ୍ୱିପ୍ରହରରେ ଦୁର୍ବୃତ୍ତମାନଙ୍କ ଏଭଳି ଆକ୍ରମଣ ସମୟରେ ରାସ୍ତାରେ ଯାତାୟତ କରୁଥିବା ଲୋକେ ଭୟରେ ଦୌଡାଦୌଡି କରିଥିଲେ। ଖବର ପାଇ ଟାଉନ୍ ଥାନା ପୋଲିସ ପିସିଆର ଗାଡି ଘଟଣାସ୍ଥଳରେ ପହଞ୍ଚ ରକ୍ତ ଜୁଡୁବୁଡୁ ହୋଇ ଛଟପଟ ହେଉଥିବା ପ୍ରେମ ପ୍ରକାଶଙ୍କୁ ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ନେଇଥିଲେ। ଅବସ୍ଥା ଉଦ୍‌ବେଗଜନକ ଥିବାରୁ ଡାକ୍ତର ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

## ଅଢ଼େଇ ଦିନରେ ...

ପଛୁଆ ରହି ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲା। ତେବେ ବିଶ୍ୱ କ୍ରିକେଟରେ ଶକ୍ତିଶାଳୀ ଦଳଭାବେ ପରିଚିତ ହେଉଥିବା ଅଷ୍ଟ୍ରେଲିଆର ଦ୍ୱିତୀୟ ଇନିଂସ କେବଳ ଗୋଟିଏ ସେସନରେ ଶେଷ ହୋଇଯାଇଥିଲା। ଅର୍ଥାତ୍ ଭ୍ରମଣକାରୀ ଦଳ ମାତ୍ର ୩୨.୩ ଓଭର ଖେଳି ୯୧ ରନରେ ଚା' ବିରତି ପୂର୍ବରୁ ଅଲଆଉଟ ହୋଇଯାଇଥିଲା। ଅଷ୍ଟ୍ରେଲିଆ ଇନିଂସ ଗୋଟିଏ ସେସନରେ ଶେଷ ହେବା କ୍ୱଚିତ ଦେଖିବାକୁ ମିଳିଥାଏ। ମାତ୍ର ଏଠାରେ ଭାରତୀୟ ସ୍ପିନରମାନେ ଚମତ୍କାର ବୋଲିଂ କରି ତାହା କରି ଦେଖାଇଥିଲେ। ତାରକା ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ୫ ଉଇକେଟ ନେଇ ଅଷ୍ଟ୍ରେଲିଆର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଥିବାବେଳେ ଜାଡେଜା ୨ଟି ଓ ଅକ୍ଷର ପଟେଲ ଗୋଟିଏ ଉଇକେଟ ନେଇଛନ୍ତି। ଦ୍ରୁତ ବୋଲର ମହମ୍ମଦ ଶାମିଙ୍କୁ ୨ଟି ଉଇକେଟ ମିଳିଛି। ଏହାଥିଲା ଟେଷ୍ଟରେ ଅଶ୍ୱିନଙ୍କର ୩୧ତମ ୫ ଉଇକେଟ ସଫଳତା। ଅଷ୍ଟ୍ରେଲିଆ ପକ୍ଷରୁ ଗୋଟିଏ ପଟରେ ଲଢ଼େଇ ଜାରି ରଖି ଷ୍ଟିଭ୍ ସ୍ମିଥ୍ ୨୫ ରନକରି ଅପରାଜିତ ରହିଥିବାବେଳେ ଅନ୍ୟପଟରେ କ୍ରମାଗତ ଉଇକେଟ ପତନ ଭ୍ରମଣକାରୀ ଦଳକୁ ଶୀଘ୍ର ପରାଜୟ ସ୍ୱାଦ ଚଖାଇଥିଲା।

### ଅକ୍ଷରଙ୍କ ଶ୍ରେଷ୍ଠ ଇନିଂସ

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୩୨୧/୭ରୁ ଖେଳ ଆରମ୍ଭ କରିଥିବା ଭାରତ ତୃତୀୟ ଦିବସରେ ଆଉ ୭୯ ରନ ଯୋଗ କରି ଅବଶିଷ୍ଟ ୩ ଉଇକେଟ ହରାଇଥିଲା। ଅକ୍ଷର ପଟେଲ କ୍ୟାରିୟର ଶ୍ରେଷ୍ଠ ଇନିଂସ ଖେଳି ୮୪ ରନ କରିଥିଲେ। ୧୭୪ଟି ବଲ୍‌ର ସମ୍ମୁଖୀନ ହୋଇ ସେ ନିଜ ଇନିଂସ ମଧ୍ୟରେ ୧୦ ଚୌକା ଓ ୧ ଛକା ମାରିଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ମହମ୍ମଦ ଶାମି ୪୭ ବଲ୍‌ରୁ ୩୭ (୨ ଚୌକା, ୩ ଛକା) ରନ କରି ଅଷ୍ଟ୍ରେଲିଆ ବୋଲରଙ୍କୁ ନିରାଶ କରିଥିଲେ। ଜାଡେଜା ୭୦ ରନକରି ଆଉଟ ହୋଇଥିଲେ। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ କ୍ୟାରିୟରର ପ୍ରଥମ ଟେଷ୍ଟ ଖେଳିଥିବା ଟଡ୍ ମର୍ଫି ୭ ଉଇକେଟ ଅକ୍ତିଆର କରି ବଡ଼ ସଫଳତା ପାଇଥିଲେ। ଅଧିନାୟକ ପ୍ୟାଟ୍ କୁମିନ୍ସଙ୍କୁ ୨ଟି ଓ ନାଥାନ ଲିୟନ ଗୋଟିଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୧୭୭। ଭାରତ ପ୍ରଥମ ଇନିଂସ: ୪୦୦/ଅଲ୍‌ଆଉଟ (ରୋହିତ ଶର୍ମା-୧୨୦, ଅକ୍ଷର ପଟେଲ-୮୪, ରବୀନ୍ଦ୍ର ଜାଡେଜା-୭୦, ମହମ୍ମଦ ଶାମି-୩୭, ଟଡ୍ ମର୍ଫି-୭/୧୨୪, ପ୍ୟାଟ୍ କୁମିନ୍ସ-୨/୭୮, ନାଥାନ ଲିୟନ-୧/୧୨୬)। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୯୧/ଅଲ୍‌ଆଉଟ (ଷ୍ଟିଭ୍ ସ୍ମିଥ-୨୫*, ରବିଚନ୍ଦ୍ରନ ଅଶ୍ୱିନ-୫/୩୭, ରବୀନ୍ଦ୍ର ଜାଡେଜା-୨/୩୪, ମହମ୍ମଦ ଶାମି-୨/୧୩, ଅକ୍ଷର ପଟେଲ-୧/୬)।

## ଭାରତ-ଆମେରିକା ...

ଜବାବ ଦିଆଯାଉଛି। ମକ୍ ଡ୍ରିଲ୍ ସମୟରେ ରାସାୟନିକ ଅସ୍ତ୍ରରେ ସଜ୍ଜିତ ଏକ ଆତଙ୍କବାଦୀ ସଂଗଠନ ଅନ୍ତର୍ଜାତୀୟ ସମିଟ୍ ଅବସରରେ ଏକ ସମ୍ମିଳନୀ ହଲ୍ ଉପରେ ଆକ୍ରମଣର ଧମକ ଦେଉଛି। ଉକ୍ତ ଆତଙ୍କବାଦୀମାନଙ୍କୁ ତୁରନ୍ତ ହତ୍ୟା କରିବା ସହ ସେମାନେ ପଣବନ୍ଦୀ ରଖିଥିବା ଲୋକମାନଙ୍କୁ ନିରାପଦର ସହ ଉଦ୍ଧାର କରିବା ଏବଂ ଆତଙ୍କବାଦୀଙ୍କ ରାସାୟନିକ ଅସ୍ତ୍ରକୁ ଅକାମୀ କରିଦେବା ଏନ୍‌ଏସ୍‌ଜି ଏବଂ ଆମେରିକା ଏସ୍‌ଓଏଫ୍ ଟିମ୍‌ର ମିଳିତ ସମରାଭ୍ୟାସର ଲକ୍ଷ୍ୟ ବୋଲି ଜଣେ ଭାରତୀୟ ଅଧିକାରୀ କହିଛନ୍ତି। ଆତଙ୍କବାଦୀମାନେ ରାସାୟନିକ, ଜୈବିକ, ରେଡିଓଲୋଜିକାଲ କିମ୍ବା ଆଣବିକ ସାମଗ୍ରୀକୁ ଅସ୍ତ୍ର ଭାବେ ବ୍ୟବହାର କରୁଥିଲେ, ଏହାକୁ ପ୍ରୋଟେକ୍ସ ଯୁକେ ଅନୁଯାୟୀ ସିବିଆର୍‌ଏନ୍ ଆତଙ୍କବାଦ ବୋଲି କୁହାଯାଉଛି। ଏହା ବିଶ୍ୱ ଶାନ୍ତି ପାଇଁ ଗମ୍ଭୀର ବିପଦ ସୃଷ୍ଟି କରିଛି, ଯାହା ଉପରେ ନିରନ୍ତର ଦୃଷ୍ଟି ଦିଆଯିବା ଆବଶ୍ୟକ। ପୂର୍ବରୁ ଅଳ୍ପ କେତେକ ଆତଙ୍କବାଦୀ ଆକ୍ରମଣରେ ସିବିଆର୍‌ଏନ୍ ସାମଗ୍ରୀ ବ୍ୟବହୃତ ହୋଇଛି। ୨୦୧୭ ସିରିଆ ଆକ୍ରମଣରେ ରାସାୟନିକ ଅସ୍ତ୍ର ବ୍ୟବହାର କରାଯାଇଥିଲା। ଏହି ଆକ୍ରମଣରେ ଶତାଧିକ ଲୋକଙ୍କ ଜୀବନ ଯାଇଥିଲା। ଆତଙ୍କବାଦୀ ଓ ସେମାନଙ୍କୁ ସହାୟତା କରୁଥିବା ଏଜେଣ୍ଟମାନଙ୍କ ହାତରେ ଏଭଳି ମାରାତ୍ମକ ସାମଗ୍ରୀ ପଡ଼ିଯିବା ସହ ସେମାନେ ଏହାକୁ ବ୍ୟବହାର କରିବା ସମ୍ଭାବନା ଥିବାରୁ ଏହା ବିଶ୍ୱ ଶାନ୍ତି ଓ ସୁରକ୍ଷା ପାଇଁ ଗମ୍ଭୀର ସ୍ଥିତି ସୃଷ୍ଟି କରିଥିବା ଜାତିସଂଘ ପକ୍ଷରୁ କୁହାଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ଅନ୍ୟ କାର୍ଯ୍ୟରେ ...

କରିବାରେ ସାମିଲ କରାଯାଇଥାଏ। ଫଳରେ ପିଲାମାନଙ୍କ ଶିକ୍ଷାଦାନ ବିଶେଷ ବାଧାପ୍ରାପ୍ତ ହୋଇଥାଏ। ତେଣୁ ଶିକ୍ଷକମାନଙ୍କୁ ଶିକ୍ଷାଦାନ ବ୍ୟତୀତ ଅନ୍ୟ କାର୍ଯ୍ୟରେ ସାମିଲ କରାଯିବ ନାହିଁ ବୋଲି ପଞ୍ଜାବ ମୁଖ୍ୟମନ୍ତ୍ରୀ ଘୋଷଣା କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟ ଏହାକୁ ଅନୁକରଣ କରିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଗୋପାଳଙ୍କ ନାର୍କୋ ...

ନବ ଦାସ ହତ୍ୟା ମାମଲାର ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ରମେଶ ଚନ୍ଦ୍ର ଦୋରାଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚର ଏକ ୮ ଜଣିଆ ଟିମ୍ ଏସବୁ ପରୀକ୍ଷା ପାଇଁ ଗାନ୍ଧୀନଗରରେ କ୍ୟାମ୍ପ ପକାଇଥିଲେ। ତେବେ ରବିବାର ଗୋପାଳଙ୍କ ରିମାଣ୍ଡ ଅବଧି ସରୁଥିବାରୁ କ୍ରାଇମବ୍ରାଞ୍ଚ ତାଙ୍କୁ ଗୁଜରାଟରୁ ଆଣି ଓଡ଼ିଶାରେ ପହଞ୍ଚିବା ପରେ ଅଦାଲତରେ ହାଜର କରାଇବ ବୋଲି ଜଣାଯାଇଛି।

### ଡିଜିପିଙ୍କୁ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମାଗିଲା ଏନ୍‌ଏଚ୍‌ଆର୍‌ସି

ଭୁବନେଶ୍ୱର, ୧୧।୨(ବ୍ୟୁରୋ) – ପୂର୍ବତନ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟା ଘଟଣାରେ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି) ଓଡ଼ିଶା ଡିଜିପିଙ୍କୁ ଆକ୍ସନ ଟେକେନ ରିପୋର୍ଟ ମାଗିଛନ୍ତି। ମାନବାଧିକାରୀ କର୍ମୀ ତଥା ହ୍ୟୁମାନ ରାଇଟ୍‌ସ ଫର୍ଷ୍ଟ ଭାରତର ଚେୟାରପର୍ସନ ମନୋଜ ଜେନା ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ହତ୍ୟା ପଛର ରହସ୍ୟ ଉନ୍ମୋଚନ ପାଇଁ ନିରପେକ୍ଷ ତଦନ୍ତ ଲାଗି ଏନ୍‌ଏଚ୍‌ଆର୍‌ସି ହସ୍ତକ୍ଷେପ କରନ୍ତୁ ବୋଲି ମନୋଜ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଥିଲେ। ମାମଲାର ଶୁଣାଣି କରି ଏନ୍‌ଏଚ୍‌ଆର୍‌ସି ଓଡ଼ିଶା ଡିଜିପିଙ୍କୁ ଆସନ୍ତା ୪ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ରାଜ୍ୟ ମାନବାଧିକାର କମିଶନ ଯଦି ଏହି ମାମଲାରେ କୌଣସି ନୋଟିସ କିମ୍ବା ଅର୍ଡର ଦେଇଥାନ୍ତି, ତାକୁ ମଧ୍ୟ ୪ସପ୍ତାହ ମଧ୍ୟରେ ଦାଖଲ କରିବାକୁ ଏନ୍‌ଏଚ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ସହକର୍ମୀଙ୍କ ଦ୍ୱାରା ଉପକୃତ ହୋଇଥିବା କାରଣରୁ ମିତ୍ରତା ସୃଷ୍ଟି ହୋଇପାରେ। ମନ ପ୍ରାୟତଃ ଏକ ପ୍ରକାର ଭଲ ରହିବ। ପରିବାରରେ ସହମତିରେ କାମ କରିବାର ପ୍ରେରଣା ପାଇବେ। ଦୋକାନ, ହୋଟେଲ, ରେଷ୍ଟୁରାଣ୍ଟ ଓ ପରିବହନରେ ଭଲ ରୋଜଗାର ହେବ। ସାହିତ୍ୟ, କଳା, କ୍ରୀଡ଼ା, ଚଳଚ୍ଚିତ୍ର ଓ ବୈଷୟିକ କ୍ଷେତ୍ରରୁ ଆଶାନୁରୂପ ଫଳ ମିଳିବ।

**ବୃଷ** – ଆଜି ଯାହା କରନ୍ତୁନା କାହିଁକି ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ସାମାଜିକ ସ୍ତରରେ ମିତ୍ରତା ସୃଷ୍ଟି କରିପାରନ୍ତି ଏବଂ ମନୋରଞ୍ଜନ କାର୍ଯ୍ୟରେ ମଧ୍ୟ ରୁଚି ବଳିବ। ବିଗତ ଦିନର ବିବାଦୀୟ ଘଟଣା ସମାଧାନ ହୋଇଯିବ। କଳା, କ୍ରୀଡ଼ା, ଗବେଷଣା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ମିଥୁନ** – ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଅସନ୍ତୁଷ୍ଟ ରହିବେ। କେତେକ କ୍ଷେତ୍ରରେ ମନର ଦୁଃଖକୁ ଲୁଚାଇ ରଖି ଉପର ମନରେ ହସି ହସି କଥା କହିବାକୁ ପଡ଼ିପାରେ। ପ୍ରଶାସନ, ଆଇନ ଅଦାଲତ ତଥା ରାଜନୈତିକ କ୍ଷେତ୍ରରେ ଶୁଭଫଳ ପାଇବେ। ପରିସ୍ଥିତିବଶତଃ ହଠାତ୍‌ଗୁଡ଼ିଏ ଟଙ୍କା ଖର୍ଚ୍ଚ କରି ଦୁଃଖିତ ହୋଇପାରନ୍ତି।

**କର୍କଟ** – ନିଜ ପରିସରରେ ହଠାତ୍ କୌଣସି ସମସ୍ୟା ମନକୁ ବିଚଳିତ କରିପାରେ। କୌଣସି ମୂଲ୍ୟବାନ୍ ଜିନିଷ ଖରିଦ କରିବା ସକାଶେ ଅର୍ଥ ଆବଶ୍ୟକ ହୋଇପାରେ। ସଭାସମିତି, ପରିବହନ, ସାହିତ୍ୟ, ସାମ୍ବାଦିକତା ଓ ଆନୁଷ୍ଠାନିକ କ୍ଷେତ୍ରରୁ ସୁଫଳ ମିଳିବ। ପରିବାର ଭିତରେ ଭୁଲ୍ ବୁଝାମଣାରୁ କାରଣ ନଥାଇ ମଧ୍ୟ ଦୋଷୀ ସାବ୍ୟସ୍ତ ହେବେ।

**ସିଂହ** – ଆଜି ଅନାବଶ୍ୟକ ଖର୍ଚ୍ଚ, ଯାନବାହନ କିମ୍ବା ଗୃହ ମରାମତି ବାବଦରେ ଚିନ୍ତା କରିପାରନ୍ତି। ଅଟକି ରହିଯାଇଥିବା ଦୀର୍ଘଦିନର କାମଟିକୁ ପୂର୍ଣ୍ଣାଙ୍ଗ ରୂପ ଦେବେ। ଜମିଜମା ବିବାଦର ସମାଧାନ ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିପାରେ। ବ୍ୟବସାୟରେ କୌଣସି ନୂତନ ଯୋଜନା ସକାଶେ ଆଲୋଚନା କରିପାରନ୍ତି।

**କନ୍ୟା** – ଗତକାଲି ଯାହା ଚିନ୍ତା କରିଥିଲେ ଆଜି ସେହି ଅନୁରୂପେ କାମ କରିବାରେ ଅସୁବିଧା ହେବ ନାହିଁ। ସରକାରୀ ସ୍ତରରୁ ଋଣସୂତ୍ରରେ ଅର୍ଥଲାଭ କରିବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସନ୍ତାନଙ୍କ ଅଶୋଭନୀୟ କାର୍ଯ୍ୟକଳାପ ହେତୁକ ମାନସିକ ଆଘାତ ପାଇବେ।

**ତୁଳା** – ନିଜର ଦୃଢ଼ତା ହେତୁ କାମଗୁଡ଼ିକ ଠିକ୍ ହେବ, ମାତ୍ର ଏଥିପାଇଁ ବହୁତ କଷ୍ଟ କରିବାକୁ ପଡ଼ିବ। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ନିଜର ଆତ୍ମୀୟମାନେ ଈର୍ଷାପରାୟଣ ହୋଇପାରନ୍ତି। ସାଇତି ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବାର ସୂଚନା ରହିଛି। ସାମାଜିକ ସ୍ତରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ।

**ବିଛା** – ଆଜିର ଯାତ୍ରା ପାଇଁ ଦିନଟି ଭଲ ଓ ଲକ୍ଷ୍ୟ ହାସଲରେ ସମର୍ଥ ହେବେ। ଚେଷ୍ଟା କରୁଥିବା କାମରେ ମିତ୍ର ବନ୍ଧୁମାନେ ଆବଶ୍ୟକୀୟ ସହଯୋଗ କରିବେ। ବ୍ୟବସାୟିକ କ୍ଷେତ୍ରରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି। ବନ୍ଧୁଙ୍କ ସହ ଆଜିର ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହେବ। ସନ୍ତାନହେତୁକ ଚିନ୍ତା ଦୂର ହେବ।

**ଧନୁ** – ଆଜି ପୂର୍ବ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ। ମିତ୍ରମାନେ ମିଠା କଥା କହି ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ। କର୍ମକ୍ଷେତ୍ରରେ ଆପଣଙ୍କର ଅଭାବ, ଅସୁବିଧା ଓ ମନର ଦୁଃଖକୁ ସହକର୍ମୀଟି ବୁଝିପାରିବ ନାହିଁ। ପଡ଼ୋଶୀ କିମ୍ବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମକର** – ଆଜି ଖୁସି ମନରେ କାମ କରିବେ ଏବଂ ପ୍ରତ୍ୟେକ କାମ ଠିକ୍ ଚାଲିବ। ଆବଶ୍ୟକୀୟ ଜିନିଷ ପାଇଁ ବେଶୀ ହଇରାଣ ହେବାକୁ ପଡ଼ିବ ନାହିଁ। ଆରମ୍ଭ କରିବାକୁ ଯାଉଥିବା କାର୍ଯ୍ୟ ହାସଲରେ ବାଧା ସୃଷ୍ଟି ହେବାରୁ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ତଥାପି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ।

**କୁମ୍ଭ** – ପ୍ରତ୍ୟେକ କାମ ବିଳମ୍ବରେ ହେବା କାରଣରୁ ମାନସିକ ସ୍ଥିତି ସେତେଟା ଭଲ ରହିବ ନାହିଁ। ଏଣେ ଅଭାବ, ଋଣବାଡ଼ି। ତେଣେ ପିଲାଙ୍କ ବିବାହ ସମ୍ପର୍କୀୟ ଚିନ୍ତାରେ ମନ ମଧ୍ୟ ଭଲ ରହିବ ନାହିଁ। ଅଫିସରେ ପ୍ରିୟ କଥା କହି ଝୁଲା ଅବସ୍ଥାରେ ରହିଥିବା ସମସ୍ୟାକୁ ସୁଧାରି ନେବେ। ସାମାଜିକ ସ୍ତରରେ କିଛିଟା ଉପକୃତ ହୋଇପାରନ୍ତି।

**ମୀନ** – ବହୁତ ଚେଷ୍ଟା କରି ସମସ୍ୟା ସମାଧାନ ହେତୁ ଏକ ପ୍ରକାର ଆଶ୍ୱସ୍ତି ଅନୁଭବ କରିବେ। ବାସ୍ତବରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ସେପରି କିଛି ହେବନି। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଜଣେ ଅଜଣା ବ୍ୟକ୍ତିଙ୍କ ଦ୍ୱାରା ହଜି ଯାଇଥିବା ଜିନିଷର ଖୋଜ ଖବର ପାଇପାରନ୍ତି।

ଆଜି ଫାଲ୍‌ଗୁନ କୃଷ୍ଣ ଷଷ୍ଠୀଯୁକ୍ତ ସପ୍ତମୀ ରବିବାର, ମାସାନ୍ତ, ଫେବୃୟାରୀ ୧୨ ତାରିଖ, ବିଶ୍ୱ ବିବାହ ଦିବସ, ରାଶି ନକ୍ଷତ୍ର- ସ୍ୱାତୀ/ତୁଳା, ଦିବା ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୧ମି. ଗତେ ଘ.୧୦।୦୭ ମଧ୍ୟେ, ଘ.୦୧।୨୫ ଗତେ, ଘ.୦୧।୫୪ ମଧ୍ୟେ, ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୧୫ ଗତେ ଘ.୦୫।୪୦ ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### କେନ୍ଦୁଝର ଦେଇ ଚାଲିଲା ରାଞ୍ଚି-ଭେଲୁପୁରମ ଏକ୍ସପ୍ରେସ୍

**କେନ୍ଦୁଝର,୧୧।୨(ସ୍ୱ.ପ୍ର.):** ଭାରତୀୟ ରେଳ ବିଭାଗ ପକ୍ଷରୁ ରାଞ୍ଚିଠାରୁ ଭେଲୁପୁରମ ଭାୟା କେନ୍ଦୁଝର ଦେଇ ଏକ ସାପ୍ତାହିକ ସ୍ପେଶାଲ ଏକ୍ସପ୍ରେସ ଟ୍ରେନ୍ ସାମୟିକ ଭାବେ ଚଳାଚଳ କରିଛି। ଦକ୍ଷିଣ-ପୂର୍ବ ରେଳପଥର ସହକାରୀ ଟ୍ରାନ୍ସପୋର୍ଟ ମ୍ୟାନେଜର କୌଶିକ ମୁଖାର୍ଜୀଙ୍କ ଦସ୍ତଖତରେ ପ୍ରକାଶିତ ବିଜ୍ଞପ୍ତିରେ ଏହି ସ୍ୱତନ୍ତ୍ର ଟ୍ରେନ୍ ସର୍ବମୋଟ ମାତ୍ର ୪ ଥର ଯାତାୟାତ କରିବା ସହ ଫେବୃୟାରୀ ୩ରୁ ୨୪ ଯାଏ ଚାଲିବା ନେଇ ଚିଠି ହୋଇଛି। ତେବେ ଏହାକୁ ନିୟମିତ କରିବାକୁ ସାଧାରଣରେ ଦାବି ହୋଇଛି। ଟ୍ରେନ୍ ଶନିବାର ସକାଳ ୮.୪୫ରେ କେନ୍ଦୁଝରଗଡ଼ ରେଳଷ୍ଟେଶନରୁ ବାହାରି ମଧ୍ୟାହ୍ନ ୧୨.୩୫ରେ ଭୁବନେଶ୍ୱରରେ ପହଞ୍ଚିଛି। ତେବେ ଏହା କେନ୍ଦୁଝର ଜିଲାର କେବଳ ହରିଚନ୍ଦନପୁର ଷ୍ଟେଶନରେ ମାତ୍ର ୨ ମିନିଟ୍‌ର ରହଣି ରହିଛି। ଅନ୍ୟପକ୍ଷରେ ଫେରିବା ବେଳେ ମଙ୍ଗଳବାର ସନ୍ଧ୍ୟା ୫ଟା ୧୫ରେ ଭେଲୁପୁରମ୍‌ରୁ ବାହାରି ବୁଧବାର କେନ୍ଦୁଝରଗଡ଼ ଷ୍ଟେଶନରେ ରାତି ୧୦ଟା ୫୦ ରେ ପହଞ୍ଚିବ। ଏହି ଟ୍ରେନ୍‌ର ଅପ୍ ନମ୍ବର ୦୮୦୬୮ ହୋଇଥିବାବେଳେ ଡାଉନ୍ ନମ୍ବର ୦୮୦୬୭। ସୂଚନା ଅନୁଯାୟୀ, ଏକ୍ସପ୍ରେସ୍ ଟ୍ରେନ୍‌ଟି ପରୀକ୍ଷାମୂଳକ ଭାବେ ଚଳାଚଳ କରିଥିବା ଜଣାପଡ଼ିଛି। କେନ୍ଦୁଝରଗଡ଼ ପ୍ଲାଟଫର୍ମରେ ବହୁ ଯାତ୍ରୀ ଏହି ଟ୍ରେନ୍‌ରେ ଯାତ୍ରା କରିଛନ୍ତି। ଏହାକୁ ନିୟମିତ କରିବା ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦୃଷ୍ଟି ଦେବାକୁ ଦାବି ହୋଇଛି।

### ବେଙ୍ଗ ପୋଡ଼ା ଖାଇ ଶିଶୁକନ୍ୟା ମୃତ

**କେନ୍ଦୁଝର/ଯୋଡ଼ା,୧୧।୨ (ସ୍ୱ.ପ୍ର./ଡି.ଏନ୍.ଏ):** କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ଗୁରୁଡ଼ା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଗ୍ରାମରେ ବେଙ୍ଗ ପୋଡ଼ା ଖାଇ ଜଣେ ଶିଶୁଙ୍କ ମୃତ୍ୟୁ ହୋଇଛି। ତାଙ୍କ ସାନ ଭଉଣୀ ମଧ୍ୟ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତ ଶିଶୁ ସୁମିତ୍ରା ମୁଣ୍ଡା (୬)। ଗୁରୁବାର ରାତିରେ ଏହି ଘଟଣା ଘଟିଥିବାବେଳେ ଶୁକ୍ରବାର ଜଣଙ୍କ ମୃତ୍ୟୁ ପରେ ପୋଲିସ ଜାଣିବାକୁ ପାଇଥିଲା। ପ୍ରକାଶ ଯେ, ଗୁରୁବାର ରାତିରେ ମୁନା ମୁଣ୍ଡାଙ୍କ ଘର ଭିତରକୁ ଏକ ବେଙ୍ଗ ପଶି ଆସିଥିଲା। ମୁନା ତାକୁ ମାରି ନିଆଁରେ ପୋଡ଼ି ଦୁଇ ଝିଅଙ୍କ ସହିତ ମିଶି ଖାଇଥିଲେ। ରାତିରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଦୁଇ ଝିଅ ବାନ୍ତି କରି ଅସୁସ୍ଥ ହୋଇ ପଡ଼ିଥିଲେ। ଶୁକ୍ରବାର ସକାଳେ ମୁନା ସେମାନଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବଡଝିଅ ସୁମିତ୍ରାଙ୍କ ମୃତ୍ୟୁ ହୋଇଥିଲା। ସାନ ଝିଅ କୁନିଙ୍କ ଚିକିତ୍ସା ଜାରି ରହିଛି। ବାମେବାରୀ ଥାନା ଅଧିକାରୀ କହିଛନ୍ତି, ମୃତ୍ୟୁ ପରେ ଖବର ଆସିଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ପରେ ଶବ ବ୍ୟବଚ୍ଛେଦ କରାଯାଇଛି। ରିପୋର୍ଟ ଆସିବା ପରେ କାରଣ ଜଣାପଡ଼ିବ। ଅନ୍ୟପକ୍ଷରେ ବେଙ୍ଗମାନେ ସାଧାରଣତଃ ବିଷାକ୍ତ ନୁହନ୍ତି। ଏଣୁ ଚୀନ ଭଳି ଦେଶରେ ଲୋକେ ଖାଇଥାନ୍ତି। ଆମ ଦେଶ ଓ ଜିଲାରେ ମଧ୍ୟ ଖାଉଛନ୍ତି। ଏଣୁ କେଉଁ କାରଣରୁ ମୃତ୍ୟୁ ହୋଇଛି ଯାଞ୍ଚ କରାଗଲେ ଜଣାପଡ଼ିବ ବୋଲି ବରିଷ୍ଠ ମେଡିସିନ ବିଶେଷଜ୍ଞ ନିରଞ୍ଜନ ବେହେରା କହିଛନ୍ତି।

# ସାର୍ଟିଫିକେଟ ଥାଇ ମିଳୁନି ଲାଇସେନ୍ସ

■ ଭବିଷ୍ୟତକୁ ନେଇ ଚିନ୍ତାରେ ୩୦ରୁ ଅଧିକ ଆଇନ ଛାତ୍ରୀଛାତ୍ର
■ ବିଶ୍ୱବିଦ୍ୟାଳୟର ତ୍ରୁଟି ପାଇଁ ଅସୁବିଧା ଭୋଗୁଛନ୍ତି ପିଲା

**ବାଲେଶ୍ୱର ଅଫିସ, ୧୧।୨**

୨୦୧୭-୧୮ରେ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଲ' ବିଭାଗ ଅଧୀନରେ ୫ବର୍ଷୀୟା ଇଣ୍ଟିଗ୍ରେଟେଡ୍ ପାଠ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରୀଛାତ୍ରମାନେ ଏବେ ଅଡୁଆରେ ପଡ଼ିଛନ୍ତି। ବିଶ୍ୱବିଦ୍ୟାଳୟର ତ୍ରୁଟି ପାଇଁ ଛାତ୍ରୀଛାତ୍ରମାନେ ସାର୍ଟିଫିକେଟ ପାଇ ମଧ୍ୟ ବାର୍ କାଉନ୍‌ସିଲ ଲାଇସେନ୍ସ ପାଇବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଭାଗ୍ୟ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି। ଅପରପକ୍ଷେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଘଟଣାକୁ ସ୍ୱୀକାର କରିବା ସହ ପିଲାଙ୍କ ଅସୁବିଧାକୁ ଖୁବ୍‌ଶୀଘ୍ର ଦୂର କରାଯିବା ପାଇଁ ଉଦ୍ୟମ ଚାଲିଛି ବୋଲି କହିଛନ୍ତି। ମିଳିଥିବା ସୂଚନା ଅନୁସାରେ ୧୯୭୮ ମସିହାରେ ବାଲେଶ୍ୱର ଲ' କଲେଜରେ ଏଲ୍‌ଏଲ୍‌ବି ପାଠ୍ୟକ୍ରମ ଖୋଲିଥିଲା। ପରେ ୨୦୦୨ରୁ ସେଠାରେ ଏଲ୍‌ଏଲ୍‌ଏମ୍ ପାଠ୍ୟକ୍ରମ ଚାଲିଛି। ୨୦୧୭-୧୮ରେ ପ୍ରଥମଥର ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟ ଲ' ବିଭାଗ ପକ୍ଷରୁ ଇଣ୍ଟିଗ୍ରେଟେଡ୍ ଲ' ପାଠ୍ୟକ୍ରମ ଆରମ୍ଭ କରାଯାଇଥିଲା। ପ୍ରଥମ ବ୍ୟାଚ୍‌ରେ ୩୬ଜଣ ଛାତ୍ରୀଛାତ୍ର ନାମ ଲେଖାଇଥିଲେ। ହେଲେ ଫକିର ମୋହନ ୟୁନିଭର୍ସିଟିରେ ଜାଗା ଅଭାବ ଥିବାରୁ ଛାତ୍ରୀଛାତ୍ରମାନେ ବାଲେଶ୍ୱର ଲ' କଲେଜରେ ପଢ଼ୁଥିଲେ।



୧୦ଟି ସେମିଷ୍ଟର ମଧ୍ୟରୁ ୯ଟି ବାଲେଶ୍ୱର ଲ' କଲେଜରେ ପରୀକ୍ଷା ଦେଇଥିଲେ। ହେଲେ ବାଲେଶ୍ୱର ଲ' କଲେଜ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ସହ ସହବନ୍ଧିତ ହେବା ପରେ ସେମାନେ ଫକୀର ମୋହନ ୟୁନିଭର୍ସିଟିର ନିଜସ୍ୱ ଇଣ୍ଟିଗ୍ରେଟେଡ ଏବଂ ଏଲ୍‌ଏଲ୍‌ଏମ୍ ପାଠ୍ୟକ୍ରମକୁ ଆଉ ଗ୍ରହଣ କଲେ ନାହିଁ। ତେଣୁ ଉକ୍ତ ପିଲାମାନେ ୧୦ମ ସେମିଷ୍ଟର ପରୀକ୍ଷା ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଦେଇ ଉତ୍ତୀର୍ଣ୍ଣ ସାର୍ଟିଫିକେଟ ଏବଂ ମାର୍କଶିଟ୍ ପାଇଥିଲେ। ପରେ ଉକ୍ତ ମାର୍କଶିଟ୍‌କୁ ନେଇ ପିଲାମାନେ ବାର୍ କାଉନ୍‌ସିଲରେ ଓକିଲାତି ଲାଇସେନ୍ସ ପାଇଁ ଆବେଦନ କରିଥିଲେ ମଧ୍ୟ ସେମାନଙ୍କୁ ଲାଇସେନ୍ସ ମିଳୁ ନାହିଁ। ବିଶ୍ୱବିଦ୍ୟାଳୟର ଲ' ବିଭାଗ ଅଧୀନରେ ଖୋଲିଥିବା ଇଣ୍ଟିଗ୍ରେଟେଡ୍ ପାଠ୍ୟକ୍ରମକୁ ନେଇ ବିବାଦ ରହିଥିବାରୁ ପିଲାମାନଙ୍କୁ ଲାଇସେନ୍ସ ମିଳିପାରୁ ନ ଥିବା ଜଣାପଡ଼ିଛି। ଇଣ୍ଟିଗ୍ରେଟେଡ୍ ପାଠ୍ୟକ୍ରମ ପାଇଁ ପିଲାମାନେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥିଲେ ସୁଦ୍ଧା ସେମାନଙ୍କ ସାର୍ଟିଫିକେଟକୁ ନେଇ ଏବେ ଚିନ୍ତାରେ ରହିଛନ୍ତି। ଏ ସମ୍ପର୍କରେ ଫକୀର ମୋହନ ୟୁନିଭର୍ସିଟି କୁଳପତି ସନ୍ତୋଷ କୁମାର ତ୍ରିପାଠୀଙ୍କୁ ପଚାରିବାରେ ସେ ଘଟଣାକୁ ସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ, ବାଲେଶ୍ୱର ଲ' କଲେଜ ଏବେ ଏମ୍‌ଏସ୍ ଲ' ବିଶ୍ୱବିଦ୍ୟାଳୟରେ ଆଫିଲିଏଟେଡ୍ ହୋଇଥିବାରୁ ଫକୀରମୋହନ ବିଶ୍ୱବିଦ୍ୟାଳୟର ଉକ୍ତ ଦୁଇଟି ପାଠ୍ୟକ୍ରମକୁ ଗ୍ରହଣ କରିବାକୁ ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆ(ବିସିଆଇ) ରାଜି ହୋଇ ନ ଥିଲା। ଫଳରେ ବିଶ୍ୱବିଦ୍ୟାଳୟ ଉକ୍ତ ଦୁଇଟି ପାଠ୍ୟକ୍ରମକୁ ବାଲେଶ୍ୱର ଲ' କଲେଜରୁ ଫେରାଇ ଆଣିଥିଲେ। ୨୦୨୨-୨୩ ଶିକ୍ଷା ବର୍ଷରେ ନାମଲେଖା ବିଶ୍ୱବିଦ୍ୟାଳୟରେ ହୋଇଛି। ଏଥିପାଇଁ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆରେ ୫ଲକ୍ଷ ୫୦ହଜାର ଟଙ୍କା ମଧ୍ୟ ପୈଠ କରାଯାଇଛି। କିନ୍ତୁ ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧୀନ ଲ' ଡିପାର୍ଟମେଣ୍ଟର ପ୍ରିଂସିପାଲ ବିସିଆଇକୁ ଆବେଦନ କରିବା ବେଳେ ଫକୀରମୋହନ ୟୁନିଭରସିଟି ଲ' ଡିପାର୍ଟମେଣ୍ଟ (ରନିଂ ଆଟ୍ ବାଲେଶ୍ୱର ଲ' କଲେଜ) ନ କରି ଡିପାର୍ଟମେଣ୍ଟ ଅଫ୍ ଲ' ବାଲେଶ୍ୱର ଲ' କଲେଜ, ଫକୀରମୋହନ ୟୁନିଭର୍ସିଟି କରି ଟଙ୍କା ଡିପୋଜିଟ୍ କରିଛନ୍ତି। ତେଣୁ ବିସିଆଇ ଡିପାର୍ଟମେଣ୍ଟ ଅଫ୍ ଲ' ବାଲେଶ୍ୱର ଲ' କଲେଜ ଫକୀରମୋହନ ୟୁନିଭର୍ସିଟିକୁ ରେକଗ୍‌ନାଇଜ୍ କରିବାକୁ ରାଜି ହେଉ ନାହାନ୍ତି। ଯେହେତୁ ପୂର୍ବରୁ ନାମ ଭିନ୍ନ ଭିନ୍ନ ହୋଇଛି, ସଜାଡ଼ିବାକୁ ସମୟ ଲାଗୁଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବା ସହିତ ପିଲାମାନେ ଲାଇସେନ୍ସ ପାଇବେ ବୋଲି ତ୍ରିପାଠୀ କହିଛନ୍ତି। ପିଲାଙ୍କ ଭବିଷ୍ୟତକୁ ନେଇ ଏବେ ଅଭିଭାବକ ମହଲରେ ମଧ୍ୟ ଅସନ୍ତୋଷ ବଢ଼ିବାରେ ଲାଗିଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏଭଳି ତ୍ରୁଟିକୁ ତୁରନ୍ତ ସୁଧାରି ପିଲାମାନଙ୍କୁ ନ୍ୟାୟ ଦିଅନ୍ତୁ, ନଚେତ୍ ଆମେ ଆଇନର ଆଶ୍ରୟ ନେବୁ ବୋଲି ଜଣେ ଅଭିଭାବକ କହିଛନ୍ତି।

# ଷ୍ଟେଟ୍‌ବ୍ୟାଙ୍କ ଏଟିଏମ୍‌ରୁ ଲୁଟିନେଲେ ୩୨ଲକ୍ଷ

■ ପ୍ରମାଣ ନଷ୍ଟ ପାଇଁ ଏଟିଏମ୍ ପୋଡ଼ିଦେଲେ
■ ରାସ୍ତାରୁ ଉଦ୍ଧାରହେଲା ଖାଲି ଟଙ୍କା ବାକ୍ସ

**ନନ୍ଦପୁର/ କୋରାପୁଟ (ସ୍ୱ.ପ୍ର.), ୧୧।୨**

କୋରାପୁଟ ଜିଲା ନନ୍ଦପୁର ବ୍ଲକରେ ଶନିବାର ଏକ ବଡ଼ ଧରଣର ଲୁଟ୍ ହୋଇଛି। କେତେଜଣ ଦୁର୍ବୃତ୍ତ ବ୍ଲକର ପାଡୁଆ ଥାନା ଅନ୍ତର୍ଗତ ବାଲଡ଼ା ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖରେ ଥିବା ଷ୍ଟେଟ୍‌ବ୍ୟାଙ୍କର ଏଟିଏମ୍‌ରୁ ଶନିବାର ଭୋର ସମୟରେ ୩୨ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଭୋର ସାଢେ ୩ଟାରୁ ୩ଟା୪୫ ମଧ୍ୟରେ ଏହି ଲୁଟ ହୋଇଛି। ବନ୍ଧୁକଧାରୀ ଦୁର୍ବୃତ୍ତମାନେ ଗ୍ୟାସ୍ କଟରରେ ଏଟିଏମ୍‌କୁ କାଟି ଉପରୋକ୍ତ ପରିମାଣର ଟଙ୍କା ଲୁଟି ନେଇଥିବା ଜଣାପଡ଼ିଛି। ପରେ ପ୍ରମାଣ ନଷ୍ଟ ପାଇଁ ସେମାନେ ଏଟିଏମ୍‌କୁ ନିଆଁ ଲଗାଇ ପୋଡ଼ିଦେଇଛନ୍ତି। ଏଭଳି ଲୁଟ ଘଟଣା ସମସ୍ତଙ୍କୁ ଚକିତ କରିଛି।

ଖବରରୁ ଜଣାପଡ଼ିଛି, ଶୁକ୍ରବାର ସନ୍ଧ୍ୟାରେ ସବୁଦିନ ଭଳି ବ୍ୟାଙ୍କ କର୍ତ୍ତୃପକ୍ଷ ଏଟିଏମ୍‌ରେ ଟଙ୍କା ଗଚ୍ଛିତ ରଖିଥିଲେ। ତେବେ ଭୋର ସମୟରେ ୨ କାର୍‌ରେ କେତେ ଜଣ ବନ୍ଧୁକଧାରୀ ଦୁର୍ବୃତ୍ତ ଆସି ଗ୍ୟାସ୍ କଟରରେ ଏଟିଏମ୍ କାଟି ସେଥିରେ ଥିବା ଟଙ୍କା ବାକ୍ସ ଧରି ଚାଲିଯାଇଥିଲେ। ଯିବା ପୂର୍ବରୁ ସେମାନେ ପ୍ରମାଣ ନଷ୍ଟ କରିବାକୁ ଏଟିଏମ୍‌ରେ ନିଆଁ ଲଗାଇ ପୋଡ଼ିଦେଇଥିଲେ। ୩/୪ କି.ମି. ଯିବା ପରେ ସବୁଲାର ଗ୍ରାମ ନିକଟସ୍ଥ ରାସ୍ତା କଡ଼ରେ ବାକ୍ସରୁ ଟଙ୍କା କାଢ଼ି ନେଇ ଖାଲି ବାକ୍ସ ଫୋପାଡ଼ି ଦେଇଥିଲେ। ସକାଳୁ ଏହା ଦେଖି ସ୍ଥାନୀୟ ଲୋକେ ପୋଲିସ ଓ ବ୍ୟାଙ୍କ କର୍ମଚାରୀଙ୍କୁ ଖବର ଦେଇଥିଲେ। ବ୍ୟାଙ୍କ ପକ୍ଷରୁ ମଧ୍ୟ ଥାନାରେ ଅଭିଯୋଗ କରାଯାଇଥିଲା। ଖବରପାଇ ଏସ୍‌ଡିପିଓ ସଞ୍ଜୟ ମହାପାତ୍ର, ପାଡୁଆ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କୋରାପୁଟରୁ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ପହଞ୍ଚି ଘଟଣାର ଛାନ୍‌ଭିନ୍ କରୁଛି। ତଦନ୍ତ ବେଳେ ଦୁର୍ବୃତ୍ତମାନେ ବାଟରେ ଫିଙ୍ଗିଦେଇଥିବା ଖାଲି ବାକ୍ସକୁ ପୋଲିସ ଜବତ କରିଛି।

ଅନ୍ୟପକ୍ଷରେ ବ୍ୟାଙ୍କରେ ଥିବା ସିସିଟିଭିରେ ବନ୍ଧୁକଧାରୀ ଦୁର୍ବୃତ୍ତମାନଙ୍କ ଏଟିଏମ୍‌ରୁ ଟଙ୍କା ଲୁଟ କରିବା, ଏଟିଏମ୍‌ରେ ନିଆଁ ଲଗାଇ ପାଡୁଆ ପଟକୁ ଚାଲିଯିବାର ଭିଡିଓ ରେକର୍ଡ ରହିଛି। ଏହାକୁ ପୋଲିସ ଯାଞ୍ଚ କରୁଛି। ଟଙ୍କା ଲୁଟ୍ ପରେ ଦୁର୍ବୃତ୍ତମାନେ ଶୋଭାପୁଟ ବ୍ରିଜ୍ ଦେଇ ଆନ୍ଧ୍ରପ୍ରଦେଶର ପେଦାବାଇଲି ଅଞ୍ଚଳକୁ ଚାଲିଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏନେଇ ସୀମାନ୍ତ ଅଞ୍ଚଳରେ ହାଇ ଆଲର୍ଟ ଜାରି ହୋଇଛି। ପୂର୍ବରୁ ବାଲେଶ୍ୱର, ନବରଙ୍ଗପୁର ଆଦି ଅଞ୍ଚଳରେ ଏଭଳି ସମାନ ଢଙ୍ଗରେ ଘଟଣା ଘଟାଇ ଦୁର୍ବୃତ୍ତମାନେ ଖସିଯିବାରେ ସଫଳ ହୋଇଥିବାରୁ ସେହି ସମାନ ଢଙ୍ଗରେ ବାଲଡ଼ା ଏଟିଏମ୍‌ରୁ ଲୁଟ କରିଥିବାରୁ ସମ୍ପୃକ୍ତ ଗ୍ୟାଙ୍ଗ୍‌ର ଏଥିରେ ସମ୍ପୃକ୍ତି ଥିବା ପୋଲିସ ସନ୍ଦେହ କରୁଛି। ପାଡୁଆ ଥାନାରେ ମାମଲା (ନଂ.୨୧/୨୩) ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ଏସ୍‌ଡିପିଓ ମହାପାତ୍ର କହିଛନ୍ତି।



ଟଙ୍କା ଲୁଟ୍ ପରେ ଦୁର୍ବୃତ୍ତମାନେ ପୋଡ଼ିଦେଇଥିବା ଏଟିଏମ୍।

# ନବରଙ୍ଗପୁର ଗଲା ଡାକ୍ତରୀ ଟିମ୍

## ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଯୋଜନା



**ଭୁବନେଶ୍ୱର, ୧୧।୨(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଯୋଜନା ଅଧୀନରେ ଏକ ଡାକ୍ତରୀ ଟିମ୍ ଶନିବାର ଭୁବନେଶ୍ୱରରୁ ନବରଙ୍ଗପୁର ଅଭିମୁଖେ ଯାତ୍ରା କରିଛନ୍ତି। ବିଶେଷ ଚିକିତ୍ସା(ସ୍ପେଶିଆଲିଟି) ଏବଂ ଜଟିଳ ଯତ୍ନ(କ୍ରିଟିକାଲ କେୟାର)ର ଆବଶ୍ୟକତା କରୁଥିବା ରୋଗୀଙ୍କୁ ସେମାନେ ଚିକିତ୍ସା କରିବେ। ଏହି ଗସ୍ତ ସମୟରେ ନବରଙ୍ଗପୁରରେ ପ୍ରାୟ ୮୦୦ ରୋଗୀ ଚିକିତ୍ସିତ ହେବାର ଆଶା କରାଯାଉଛି ବୋଲି ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ସଚିବ ଶାଲିନୀ ପଣ୍ଡିତ କହିଛନ୍ତି।

ଅପହଞ୍ଚ ଅଞ୍ଚଳର ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ୨୦୨୧ ଡିସେମ୍ବରରେ ଭୁବନେଶ୍ୱର ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଯୋଜନା'ର ଉଦ୍‌ଘାଟନ କରିଥିଲେ। ୪ଟି ଜିଲା ଯଥା ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଓ କଳାହାଣ୍ଡିରେ ଏହି ସେବା ଯୋଗାଇ ଦିଆଯାଉଛି। ଏହି ୪ଟି ଜିଲାରେ ଲୋକଙ୍କୁ ଗୁଣାତ୍ମକ ଚିକିତ୍ସା ଯୋଗାଇବା କଷ୍ଟକର ହେଉଥିବାରୁ ଓ ଡାକ୍ତରମାନେ ସେଠାରେ ରହିବାକୁ ରାଜି ହେଉ ନାହାନ୍ତି। ତେଣୁ ଏହି ଯୋଜନା ଆରମ୍ଭ କରାଯିବା ଦ୍ୱାରା ଗୁଣାତ୍ମକ ଚିକିତ୍ସା ଯୋଗାଇହେଉଛି। ରୋଗୀଙ୍କୁ ସେମାନଙ୍କ ଜିଲା ଚିକିତ୍ସାଳୟରେ ହିଁ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ଯୋଗାଇ ଦିଆଯାଉଛି। ଏଣିକି ଗୁରୁତର ରୋଗୀଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର, କଟକ ଭଳି ସହରକୁ ଆସିବାକୁ ପଡ଼ିବ ନାହିଁ।

### ଅସମ୍ଭାଳ ତାତି: ଭୁବନେଶ୍ୱରରେ ୩୭.୪ ଡିଗ୍ରୀ

**ଭୁବନେଶ୍ୱର,୧୧।୨(ବ୍ୟୁରୋ):** ଦିନରେ ପ୍ରଚଣ୍ଡ ତାତି। ଗରମ ସାଙ୍ଗକୁ ଝାଞ୍ଜି ପବନ ପରିବେଶକୁ ଉତ୍ତପ୍ତ କରି ଦେଇଛି। ଉପରମୁହାଁ ହୋଇଛି ପାରଦ। ଗୋଟିଏ ଦିନରେ ୩ରୁ ୪ ଡିଗ୍ରୀ ସେଲ୍‌ସିୟସ ବଢ଼ିଯାଇଛି। ରାଜଧାନୀ ଭୁବନେଶ୍ୱର ରାଜ୍ୟର ଉତ୍ତପ୍ତ ସହର ପାଲଟିଛି। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୭.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ତାଳଚେର, ଅନୁଗୋଳ, ଭବାନୀପାଟଣା, ବଲାଙ୍ଗୀର, ଟିଟିଲାଗଡ଼, ସୋନପୁର ସହରରେ ମଧ୍ୟ ତାତିର ପ୍ରକୋପ ଅନୁଭୂତ ହୋଇଛି। ରାଜ୍ୟକୁ ଦକ୍ଷିଣ ପଶ୍ଚିମ ଦିଗରୁ ବାୟୁ ପ୍ରବାହ ଯୋଗୁ ହଠାତ୍ ତାତି ବଢ଼ିଯାଇଛି। ଏଭଳି ପାଗ ଆସନ୍ତା ସପ୍ତାହେ ଯାଏ ଜାରି ରହିବ।

# ଜଙ୍ଗଲ ନିଆଁ ରୋକିବାକୁ ପ୍ରୟାସ | ପାଳିକରି ଜଗୁଛନ୍ତି ମହିଳା



ମହିଳା ଜଙ୍ଗଲରେ ପହରା ଦେଉଛନ୍ତି।

**ପାଟଣା,୧୧।୨(ସ୍ୱ.ପ୍ର.)**

ଖରାଦିନ ଆରମ୍ଭ ନ ହେଉଣୁ ବିଭିନ୍ନ ଜଙ୍ଗଲରେ ନିଆଁ ଲାଗୁଥିବା ଦେଖିବାକୁ ମିଳୁଛି। କେନ୍ଦୁଝର ଜିଲା ପାଟଣା ରେଞ୍ଜର ଅଧିକାଂଶ ଜଙ୍ଗଲରେ ଏବେ ନିଆଁ ଲାଗି ଅନେକ ଗଛ ଜଳିପୋଡ଼ି ନଷ୍ଟ ହୋଇଯିବା ସହ ବନ୍ୟପ୍ରାଣୀଙ୍କ ଜୀବନ ମଧ୍ୟ ବିପଦରେ ପଡ଼ୁଛି। ଏଭଳି କ୍ଷେତ୍ରରେ ବନବିଭାଗ ଜଙ୍ଗଲ ସୁରକ୍ଷା ଲାଗି କୌଣସି ଠୋସ୍ ପଦକ୍ଷେପ ନେଉନାହିଁ। ସ୍ଥାନୀୟ ନିହୁଁଆ ଗ୍ରାମର ବାସିନ୍ଦା ବନବିଭାଗ ଉପରେ ଆଉ ଭରସା ନ କରି ସୁରକ୍ଷା ଲାଗି ଅଣ୍ଟା ଭିଡ଼ିଛନ୍ତି। ଏପରିକି ମହିଳାମାନେ ନିଜ ନିଜ ମଧ୍ୟରେ ପାଳି କରି ଜଙ୍ଗଲ ଜଗିବାକୁ ଆଗେଇ ଆସିଛନ୍ତି। ପ୍ରକାଶ ଯେ, କିଛିଦିନ ତଳେ ନିହୁଁଆ ଗ୍ରାମ ନିକଟରେ ଥିବା ୨୪୦ ଏକର ପରିମିତ ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଥିଲା। ଏଥିରେ ଶହ ଶହ ଗଛ ଜଳି ପୋଡ଼ି ଛାରଖାର ହୋଇଯାଇଥିଲା। କେତେ ଜଣ ଅସାମାଜିକ ଯୁବକ ମଦ୍ୟପାନ କରି ଜଙ୍ଗଲରେ ନିଆଁ ଲଗାଇ ଦେଇଥିବା ଜଣାପଡିବା ପରେ ସ୍ଥାନୀୟ ଗ୍ରାମବାସୀ ପ୍ରତିକ୍ରିୟା ପ୍ରକାଶ କରିବା ସହ ଜଙ୍ଗଲ ନିକଟରେ ମଦ୍ୟପାନ କଲେ ୨ ହଜାର ଟଙ୍କା ଜରିମାନ ଦେବାକୁ ପଡ଼ିବ ବୋଲି ପୋଷ୍ଟର ମାରିଥିଲେ। ଏବେ ଗ୍ରାମର ମହିଳା ପାଳି କରି ଜଙ୍ଗଲ ଜଗୁଥିବା ଦେଖିବାକୁ ମିଳିଛି। ଜଙ୍ଗଲରେ ପୋଷ୍ଟର ଲଗାଯିବା ପରେ ନିଆଁ ଲାଗିବା କମିବା ସହ ଦୁର୍ବୃତ୍ତଙ୍କ ଆଡ୍ଡା କମିଥିବା ପରିଲକ୍ଷିତ ହୋଇଛି। ଏନେଇ ନିହୁଁଆ ଗ୍ରାମର ମହିଳା ତ୍ରିବେଣୀ ସିଂ କହିଛନ୍ତି, ରାସ୍ତାକଡ଼ରେ ଥିବା ଜଙ୍ଗଲରେ ଅସାମାଜିକ କ୍ରିୟାକଳାପ ବଢୁଛି। ଏପରି ଆମେ କିଛିଦିନ ଜଗି ରହିଲେ ଏହା ବନ୍ଦ ହୋଇଯିବ। ନିରୁପମା ସିଂ କହିଛନ୍ତି, ଜଙ୍ଗଲ ସହିତ ଗ୍ରାମବାସୀ ଓତପ୍ରୋତ ଭାବେ ଜଡ଼ିତ। ଜଙ୍ଗଲରୁ ଆମେ ପତ୍ର, କାଠ ସଂଗ୍ରହ କରିଥାଉ। ଜଙ୍ଗଲ ବଞ୍ଚିଲେ ଆମ ଜୀବିକା ବଞ୍ଚିବ। ଏନେଇ ଗ୍ରାମର ମୁଖିଆ ସୁବାସଚନ୍ଦ୍ର ସିଂ କହିଛନ୍ତି, ଏହି ଜଙ୍ଗଲରେ ମଦ୍ୟପମାନେ ଖଟି କରୁଛନ୍ତି। ସିଗାରେଟ ଟାଣି ପକାଉଥିବାରୁ ଜଙ୍ଗଲରେ ନିଆଁ ଲାଗୁଛି। ଏହାକୁ ବନ୍ଦ କରିବାକୁ ଆମେ ଜଙ୍ଗଲ ଜଗୁଛୁ। ଫଳରେ ସେମାନେ ଲୋକଲଜ୍ଜାରେ ଏଠି ଆଉ ମଦ ପିଇବାକୁ ସାହସ କରୁନାହାନ୍ତି ବୋଲି କହିଥିଲେ। କେନ୍ଦୁଝର ଡିଏଫଓ ଏଚ୍.ଡି. ଧନରାଜ ଲୋକଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ଲୋକଙ୍କ ଏଭଳି ଭଲପାଇବା ରହିଲେ ଆଗକୁ ଜଙ୍ଗଲ ଆହୁରି ସୁରକ୍ଷିତ ରହିପାରିବ ବୋଲି ସେ କହିଛନ୍ତି।

www.tpsouthernodisha.com
TPSODL
TP SOUTHERN ODISHA DISTRIBUTION LIMITED
(A Tata Power and Odisha Government Joint Venture)
ଗୋଟିଏ ଥର ସମାଧାନ (OTS) ସ୍କିମ୍ ର ଲାଭ ଉଠାନ୍ତୁ
ବକେୟା ବିଦ୍ୟୁତ ବିଲ୍ ଉପରେ 30% ପର୍ଯ୍ୟନ୍ତ ଛାଡ*
୨୧ ଅପ୍ରେଲ ୨୦୨୩ ପର୍ଯ୍ୟନ୍ତ
ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗଙ୍କ ୱାନ୍ ଟାଇମ୍ ସେଟଲମେଣ୍ଟ ସ୍କିମ୍ - ୨୦୨୨ ଅନୁଯାୟୀ ସମସ୍ତ ଏଲ୍.ଟି. ବିଦ୍ୟୁତ ଉପଭୋକ୍ତାମାନେ ନିମ୍ନଲିଖିତ ଲାଭ ନେଇ ପାରିବେ
କେବଳ ୩୧ ଡିସେମ୍ବର ୨୦୨୦ ମସିହା ପୂର୍ବରୁ ଥିବା ବକେୟା ବିଲ୍ ପାଇଁ ପ୍ରଯୁଜ୍ୟ
ମୂଳ ବକେୟା ବିଲ୍ ଉପରେ ୩୦% ଛାଡ ଏବଂ ବିଳମ୍ବିତ ଦେୟ ସରଚାର୍ଜ ଉପରେ ୮୦%
(ଗୋଟିଏ କିସ୍ତିରେ ସମସ୍ତ ବକେୟା ବିଦ୍ୟୁତ ବିଲ୍ ଦେଲେ)
ମୂଳ ବକେୟା ବିଲ୍ ଉପରେ ୨୦% ଛାଡ ଏବଂ ବିଳମ୍ବିତ ଦେୟ ସରଚାର୍ଜ ଉପରେ ୮୦%
(ଦୁଇଟି ମାସିକ କିସ୍ତିରେ (୫୦%+୫୦%) ସମସ୍ତ ବକେୟା ବିଦ୍ୟୁତ ବିଲ୍ ଦେଲେ)
ମୂଳ ବକେୟା ବିଲ୍ ଉପରେ ୧୫% ଛାଡ ଏବଂ ବିଳମ୍ବିତ ଦେୟ ସରଚାର୍ଜ ଉପରେ ୮୦%
(ତିନୋଟି ମାସିକ କିସ୍ତିରେ (୫୦%+୨୫%+୨୫%) ସମସ୍ତ ବକେୟା ବିଦ୍ୟୁତ ବିଲ୍ ଦେଲେ)
*ସର୍ତ୍ତାବଳୀ ଲାଗୁ
ଅଧିକ ସୂଚନା ପାଇଁ ଟୋଲ୍ ଫ୍ରି ନମ୍ବର 1912 କିମ୍ବା 18003456797 ରେ ଯୋଗାଯୋଗ କରନ୍ତୁ

> ଆମ ନାକ ଆଗରେ ଯାହା ଯେତିକି ଘଟୁଛି–ତା'ଛଡା ଯେହେତୁ ଆମେ ଆଉ କିଛି ଦେଖିପାରୁନାହୁଁ– ସେଥିପାଇଁ ଆମେ ଏଇସବୁ କୋଳାହଳ ଓ ଦୁର୍ଗନ୍ଧମୟ ବିଷୟ ଭିତରେ ମାତିଯାଇଛୁ। ଆରେ ନିର୍ବୋଧ ହୃଦୟର ମଣିଷମାନେ ! ନୀରବ ରୁହ। ନିଜର କ୍ଷୁଦ୍ର ଅହଂକାରକୁ ବିନାଶକର। ଏବଂ ଉଦାର ଭାବେ, ବିସ୍ତୃତ ଭାବେ ଓ ସାର୍ବଜନୀନ ଭାବେ ସବୁ କଥା ଦେଖିବାକୁ ଶିକ୍ଷାକର। –ଶ୍ରୀଅରବିନ୍ଦ



# ଭିଡ଼ହିଂସାର ଭିତିରି କଥା



## ଆକାର ପଟେଲ

ନ୍ୟୁଜ୍ କହିଲେ ସାମ୍ପ୍ରତିକ ଘଟଣା କିମ୍ବା ଏବକାର ପରିବର୍ତ୍ତିତ ସ୍ଥିତି ସମ୍ପର୍କିତ ତଥ୍ୟକୁ ବୁଝାଏ। ଏବେ କିନ୍ତୁ ଏଥିରେ କିଛି ଅଭାବ ରହୁଛି ଏବଂ ଯାହା ନ୍ୟୁଜ୍ ପାଇଁ ଯୋଗ୍ୟ ତାହାକୁ ବାଦ୍ ଦିଆଯାଉଛି। ଯେଉଁ ବିଷୟଗୁଡ଼ିକ ଅଧିକ ଗୁରୁତ୍ୱପୂର୍ଣ୍ଣ, ରୋଚକ, ପ୍ରାସଙ୍ଗିକ ସେଗୁଡ଼ିକୁ ନ୍ୟୁଜ୍ ଏଡିଟର ଓ ନ୍ୟୁଜ୍ ପ୍ରଡ୍ୟୁସରମାନଙ୍କ ପାଖକୁ ଚୟନ ପାଇଁ ଯାଉଥିବାବେଳେ ସେମାନେ ତାହାକୁ କମ୍ ଗୁରୁତ୍ୱପୂର୍ଣ୍ଣ, କମ୍ ରୋଚକ କିମ୍ବା କମ୍ ପ୍ରାସଙ୍ଗିକ ବୋଲି ବିଚାର କରନ୍ତି। ଫଳରେ ଫ୍ରଣ୍ଟ ପେଜ୍ ନ୍ୟୁଜ୍‌ଗୁଡ଼ିକ ଭିତର ପୃଷ୍ଠାକୁ ଚାଲିଯାଏ, ଯଦି ସମାନ ଘଟଣା ଆସିବା ଲାଗି ରହେ ତେବେ ତାହା ଆଉ ନ୍ୟୁଜ୍ ବି ହୁଏନାହିଁ। ଏବେ ଦ୍ୱିତୀୟ ଭାଗ ବିବିସି ଡକ୍ୟୁମେଣ୍ଟାରିରେ ଦର୍ଶାଯାଇଥିବା ଗୋମାଂସ ଓ ଗୋଚାଲାଣକୁ ନେଇ ଘଟୁଥିବା ଭିଡ଼ହିଂସା ଉପରେ ଏବକାର ସରକାର ଅସନ୍ତୁଷ୍ଟ ଅଛନ୍ତି। ବିବିସିର ଉକ୍ତ ସଂସ୍କରଣରେ ଦିଆଯାଇଥିବା ପ୍ରାୟତଃ ସବୁ ପ୍ରକାର ହିଂସା ୨୦୧୫ ପରେ ସାମ୍ନାକୁ ଆସିଛି। 'ପିଙ୍କ୍ ରିଭୋଲ୍ୟୁଶନ' ବିରୋଧରେ ପ୍ରଧାନମନ୍ତ୍ରୀଙ୍କ ଭାଷଣ ଏବଂ ପରେ ଭାଜପା ଶାସିତ ମହାରାଷ୍ଟ୍ର ଓ ହରିୟାଣାରେ ଗୋମାଂସ ରଖିବା ଏକ ଅପରାଧ ବୋଲି ଆଇନ କରାଯିବା ପରେ ଭିଡ଼ହିଂସା ଦେଖାଦେଇଥିଲା। ଫେବୃୟାରୀ ୬ରେ ଆସାମରେ ଭିଡ଼ହିଂସାର ଏକ ଖବର ପ୍ରକାଶ ପାଇଥିଲା। ଏଥିରେ ମୃତକ ହେଉଛନ୍ତି ଜଣେ ମୁସଲମାନ। ତାଙ୍କ ବିରୋଧରେ ଗାଈ ଚୋରି ଅଭିଯୋଗ ଥିଲା। ଉକ୍ତ ଘଟଣା ନ୍ୟୁଜ୍ ଚ୍ୟାନେଲରେ ଆସିପାରିଲା ନାହିଁ କି ଏହା ଉପରେ ବିତର୍କ ହେଲା ନାହିଁ। କାରଣ ମିଡିଆ ଆଉ ଏପ୍ରକାର ଭିଡ଼ହିଂସାକୁ ଗୁରୁତ୍ୱପୂର୍ଣ୍ଣ, ରୋଚକ କିମ୍ବା ପ୍ରାସଙ୍ଗିକ ମଣୁନାହିଁ। ସେହି ସମାନ ଦିନରେ ଆଉ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏହାର ଶୀର୍ଷକ ଥିଲା– 'ମୁସଲମାନବହୁଳ ନୁହ୍‌ରେ ହରିୟାଣାର ଗୋହତ୍ୟା ଆଇନରେ ଦୋଷମୁକ୍ତ ହାର ୯୪%'। ଏହା ସ୍ପଷ୍ଟ ଯେ, ପୋଲିସ ସଂଖ୍ୟାଲଘୁଙ୍କୁ ହିଁ ପୀଡ଼ା ଦେଇଆସୁଛି। ଏହି ସମୟରେ ୩ ମାସ ପୂର୍ବେ ଘଟିଥିବା ଘଟଣାର ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ଗୁଜରାଟରୁ ସାମ୍ନାକୁ ଆସିଛି। ଉକ୍ତ ଘଟଣାରେ ଗୋଚାଲାଣ କରୁଥିବାରୁ ଜଣେ ୨୨ ବର୍ଷୀୟ ଯୁବକଙ୍କୁ ଆଜୀବନ ଜେଲ୍ ଦଣ୍ଡ ଦିଆଯାଇଥିଲା। ଏହି ଘଟଣା ଉପରେ ବିଭିନ୍ନ ଖବରକାଗଜରେ ପ୍ରକାଶିତ ରିପୋର୍ଟଗୁଡ଼ିକରେ ଦଣ୍ଡବିଧାନ କରିଥିବା ବିଚାରପତିଙ୍କ ମନ୍ତବ୍ୟକୁ ଶୀର୍ଷକ ଭାବେ ସ୍ଥାନ ଦିଆଯାଇଥିଲା। ସେଥିରୁ ଗୋଟିଏ ହେଲା– 'ଗାଈରୁ ଧର୍ମ ଜନ୍ମ ହୋଇଛି, ଯେଉଁଦିନ ଗୋହତ୍ୟା ବନ୍ଦ ହେବ ସେହିଦିନ ପୃଥିବୀର ସମସ୍ୟାଗୁଡ଼ିକ ସମାଧାନ ହୋଇଯିବ: ଗୁଜରାଟ କୋର୍ଟ'। ଉକ୍ତ ରାୟ ଗୁଜରାଟରେ ଦିଆଯାଇଥିବାରୁ ଇଂଲିଶ ଖବରକାଗଜରେ ପ୍ରକାଶ ପାଇବାକୁ ବହୁଦିନ ଲାଗିଗଲା। ଏପରି କି ଆଞ୍ଚଳିକ ଗଣମାଧ୍ୟମ ରିପୋର୍ଟ କରିବାକୁ ଆଗ୍ରହ ପ୍ରକାଶ କରି ନ ଥିଲେ। କାରଣ ଏଭଳି ଘଟଣାସବୁ ଆଉ ଗୁରୁତ୍ୱପୂର୍ଣ୍ଣ, ରୋଚକ କିମ୍ବା ପ୍ରାସଙ୍ଗିକ ହୋଇରହିନାହିଁ। ଏସବୁ ଘଟଣାର ରୋଚକ ବିଷୟ ହେଉଛି, ନିଜକୁ ଦୋଷମୁକ୍ତ ପ୍ରମାଣ କରିବା ଧାରା ଆଇନରେ ବିପରୀତ ହୋଇଯାଇଛି ଏବଂ ବ୍ୟବସ୍ଥା ନିର୍ଦ୍ଦୋଷକୁ ଦୋଷୀ ମାନି ନେଉଛି। ଗୁଜରାଟରେ ସେହି ୨୨ ବର୍ଷୀୟଙ୍କ ମାମଲାରେ ଆଇନ କହେ ସରକାରଙ୍କ ସାର୍ଟିଫିକେଟ ବିନା ଯିଏ ହତ୍ୟା ପାଇଁ ଗୋରୁ ନେଉଥିବା ଜଣାପଡ଼ିବ ତାଙ୍କୁ ଦୋଷୀ ଭାବେ ଗଣାଯିବ। ଏଠାରେ ବିଚାରପତିଙ୍କ ଅନୁଧ୍ୟାନ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ବାସ୍ତବତା ହେଉଛି ଆଇନ ଦୃଷ୍ଟିରୁ ରାୟ ବୈଧ ଜଣାପଡୁଛି। ବିଶେଷକରି ନିର୍ଯାତନା ଦେବାକୁ ଆମେ ଯଦି ଆଇନ ଲେଖିବା ଏବଂ ପାସ୍ କରିବା ତେବେ ସେଗୁଡ଼ିକରୁ ପ୍ରାପ୍ତ ପରିଣାମକୁ ନେଇ ଆମେ ବିସ୍ମିତ ହେବା ଉଚିତ ନୁହେଁ।

୨୦୧୯ରେ ଗୁଜରାଟରେ ଜଣେ ମୁସଲମାନ ଏକ ବାଛୁରି ହତ୍ୟା କରି ତାଙ୍କ ଝିଅ ବାହାଘରରେ ମାଂସ ପରଷିବା ଘଟଣାରେ ଅଭିଯୁକ୍ତ ହୋଇଥିଲେ। ଏହି ଘଟଣାକୁ ପୋଲିସ ପ୍ରମାଣ କରିପାରି ନ ଥିଲା। ସେମାନଙ୍କୁ ଏହା ପ୍ରମାଣ କରିବାକୁ ବି ପଡ଼ି ନ ଥିଲା। ଆଇନ ଅନୁଯାୟୀ ବିବାହର ପୂର୍ବ ଦିନଗୁଡ଼ିକରେ ଯେଉଁ ମାଂସ ଖିଆଯାଉଥିଲା ତାହା ଗୋମାଂସ ନ ଥିଲା ବୋଲି ଅଭିଯୁକ୍ତଙ୍କୁ ଦର୍ଶାଇବାକୁ ପଡ଼ିଥିଲା। ସେ ତାହା କରିପାରିଲେ ନାହିଁ, ଯାହାଫଳରେ ବିଚାରପତି ତାଙ୍କୁ ୧୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ। ପରେ ଏହାକୁ ଉଚ୍ଚ ନ୍ୟାୟାଳୟ ବଦଳାଇ ଦେଇଥିଲେ। କୋର୍ଟ ଏହାକୁ ଏକ 'ନ୍ୟାୟିକ ନିର୍ଣ୍ଣୟ' କହିବା ଛଡ଼ା ଆଉ କୌଣସି କାରଣ ଦର୍ଶାଇ ନ ଥିଲେ। ସମ୍ଭବତଃ ଏ ଘଟଣାରେ ଯାହା କରାଯାଇଥିଲା ସେଥିରେ ଉଚ୍ଚ ନ୍ୟାୟାଳୟ ଅକଳ କିମ୍ବା ଅସହଜ ମଣିଥିଲେ। ପ୍ରକୃତ କଥା ହେଉଛି, ବ୍ୟକ୍ତିକୁ ଦଣ୍ଡିତ କରିଥିବା ବିଚାରପତି କେବଳ ଆଇନକୁ ହିଁ ଅନୁସରଣ କରିଥିଲେ।

ଯଦି ଆମେ ଅତୀତ ଘଟଣାଗୁଡ଼ିକୁ ଯିବା ଓ ସାମଗ୍ରିକ ସ୍ଥିତିକୁ ଦେଖିବା ତେବେ ବହୁତ କିଛି ଜାଣିପାରିବା। ମିଡିଆଗୁଡ଼ିକ କେବେ ଏଭଳି ନିରର୍ଥକ ଏବଂ ଆକ୍ରମଣକାରୀ ଆଇନଗୁଡ଼ିକ ଉପରେ ବିତର୍କ କରୁଛନ୍ତି କି? ଏସବୁ ବିଷୟରେ ମିଡିଆର କୌଣସି ଆଗ୍ରହ ନାହିଁ ଏବଂ ସେମାନେ ଏବେ ଯେଉଁ ବାଟରେ ଯାଉଛନ୍ତି ସେଭଳି ଆଗ୍ରହ ଜନ୍ମିବ ତାହା କଳ୍ପନା କରିବା କଷ୍ଟକର। ଆମେ ଅନ୍ୟ ଉପରେ ନିଷ୍ଠୁରତା ଲଦି ଦେବାକୁ ଉଚିତ ମଣୁଛୁ। ଏହା ଆମ ସମାଜ ଏବଂ ଆମ ଗଣତନ୍ତ୍ର ସମ୍ପର୍କରେ କ'ଣ କହୁଛି? ଏହା ଏକ ଗମ୍ଭୀର ପ୍ରଶ୍ନ ଓ ଏହାର ଉତ୍ତର ବି ନାହିଁ। ଦେଖିବାକୁ ଗଲେ ଅନେକ ଆଧୁନିକ ଗଣତନ୍ତ୍ରଗୁଡ଼ିକ ପୂର୍ବରୁ ଗଣତନ୍ତ୍ର ପଥରୁ ବିଚ୍ୟୁତ ହୋଇଯାଇଛନ୍ତି। ଆଇନ ଓ ମିଡିଆକୁ ବ୍ୟବହାର କରି ନାଗରିକମାନଙ୍କୁ ଟାର୍ଗେଟ କରିବାରେ ଏହାକୁ ସ୍ଥାପିତ କରିଛନ୍ତି। ଏହା ଆମ ସାମାଜିକ ବ୍ୟବସ୍ଥା ପ୍ରତି ବିପଦ। ସାମ୍ପ୍ରତିକ ସମୟରେ ସୋସିଆଲ ମିଡିଆ ଯୋଗୁ ଆକ୍ରମଣର ସମ୍ମୁଖୀନ ହେଉଥିବା ସଂଖ୍ୟାଲଘୁମାନଙ୍କ ଆବେଗ ଓ ଦୁର୍ଦ୍ଦଶା ସମ୍ପର୍କରେ ଜଣେ ଅବଗତ ହୋଇପାରୁଛି। ଶେଷ ଅବସ୍ଥା ହେଉଛି ଆମେ ଏ ପ୍ରକାର ଆକ୍ରମଣାତ୍ମକ ମାନସିକତା ନେଇ ଆଗକୁ ବଢୁଛୁ ଓ ଦିନକୁ ଦିନ ଏହା ଅଧିକ ହେଉଛି। ଗତ କିଛି ବର୍ଷ ହେଲା ଯାହାସବୁ ଘଟିଆସିଛି ତାହା ବି ଆଗକୁ ଜାରି ରହିବ। କିନ୍ତୁ ଏ ସମ୍ପର୍କରେ ଆମେ କମ୍ ଏପରିକି ବହୁତ କମ୍ ଶୁଣିବା, କାରଣ ଏହା ନ୍ୟୁଜ୍ ଭାବେ ପ୍ରକାଶ ପାଉନାହିଁ କି ଏହା ଉପରେ ବିତର୍କ ହେଉନାହିଁ।

Email:aakar.patel@gmail.com

# ପ୍ରଶାସନରେ ବର୍ଦ୍ଧିଷ୍ଣୁ ବିଶୃଙ୍ଖଳା



## ସହଦେବ ସାହୁ

କେଓସ୍ (ବିଶୃଙ୍ଖଳା ଘଟିବା) ଏକ ପ୍ରାକୃତିକ ପ୍ରକ୍ରିୟା। ଯଦି ବାହାରୁ ସୂର୍ଯ୍ୟ ଓ ଅନ୍ୟ ତାରକାଙ୍କଠାରୁ ଶକ୍ତି ପାଉ ନ ଥାନ୍ତା ତେବେ ପୃଥିବୀଟା କେଉଁ କାଳରୁ ଏକ ଶୁଷ୍କ ଶିଳା ପେଣ୍ଡୁ ହୋଇଯାଆନ୍ତାଣି। ପଦାର୍ଥ ବିଜ୍ଞାନୀ ରୁଡୋଲଫ କ୍ରସିଅସ୍ (୧୮୨୨– ୮୮) ଆବିଷ୍କାର କଲେ ଯେ ଯେକୌଣସି ଆବଦ୍ଧ ସ୍ଥାନରେ ବିଶୃଙ୍ଖଳା ବୃଦ୍ଧି ବା ଏଣ୍ଟ୍ରୋପି ହୋଇ ତାହା ଶେଷରେ ଧ୍ୱଂସ ହୋଇଯାଏ। ଗରମ ପାଣି ଥଣ୍ଡା ହେବ, ତାପ ଆପେ ଆପେ ବିଚ୍ଛୁଡି ଯାଇ ଉଚ୍ଚରୁ ନୀଚକୁ ଯାଏ, ଯିବା ପ୍ରକ୍ରିୟାରେ କିଛି ତାପ ବିଚ୍ଛୁଡି ବା ନଷ୍ଟ ହୋଇଯାଏ, କିଛି କାମରେ ଲାଗେ ନାହିଁ। କିନ୍ତୁ ଥଣ୍ଡାପାଣିକୁ ଗରମ କରିବାକୁ ଚାହିଁବ ତ ବାହାରୁ ଜାଳ (ଏନର୍ଜି) ଯୋଗାଇବ। ଅର୍ଥାତ୍ ପାରିପାର୍ଶ୍ୱିକ ପରିବର୍ତ୍ତନ କରିବାକୁ ପଡିବ। ମନେ ରଖନ୍ତୁ, ଏ ଏନର୍ଜିର କିଛି ଭାଗ (ତାପାଂଶ ବା ଥର୍ମାଲ୍ କଣ୍ଟେଣ୍ଟ) ପ୍ରକୃତ କାମ କରିବ, ବାକି ଭାଗ (ଡିଫ୍ୟୁଜଡ୍ କଣ୍ଟେଣ୍ଟ) ଚାରିଆଡ଼େ ବିଚ୍ଛୁଡ଼ିଯିବ, ବିଶୃଙ୍ଖଳା ସୃଷ୍ଟି କରିବ। ଚରମ ବିଶୃଙ୍ଖଳା ଧ୍ୱଂସ ଆଣେ। ଯେଉଁ ବିଶୃଙ୍ଖଳା ପ୍ରକୃତିର ନିୟମ ତାକୁ ମାପିବାର ଏକ ଉପାୟ ହେଉଛି ଏଣ୍ଟ୍ରୋପି। ବାହାରୁ ଶକ୍ତି ବା ସହାୟତା ଯେତେ କମିବ ପରିବେଶଟି ସେତେ ଏଣ୍ଟ୍ରୋପିକ୍ ବା ଧ୍ୱଂସାଭିମୁଖୀ ହେଉଥିବ– ଉଭୟ ଭୂମା (ମାକ୍ରୋ) ଓ ସୂକ୍ଷ୍ମ (ମାଇକ୍ରୋ) ସ୍ତରରେ। ଏ ପ୍ରବନ୍ଧଟି ଲେଖିଲାବେଳେ ଓ ତୁମେ ପଢ଼ିଲାବେଳେ ବି ଆମ ଭିତରେ ଓ ଚାରିଆଡେ ବିଶୃଙ୍ଖଳା ବ୍ୟାପୁଛି। ଆମ ଶରୀରରେ ଶକୋଷଗୁଡ଼ିକର ଅବକ୍ଷୟ ଘଟୁଛି, ଆମ ଘର ବା କମ୍ପାନୀର ଚଟାଣ ମଇଳା ହେଉଛି। ଆମ ଚା କପ୍‌ରୁ ତାପ ଚାରିଆଡ଼େ ବ୍ୟାପୁଛି, କପ୍ ଥଣ୍ଡା ହେଉଛି। ଚାରିଆଡ଼କୁ ଦେଖ, ସମାଜରେ ଅପରାଧ ଓ ଆନ୍ଦୋଳନ ବଢୁଛି, ସାମାଜିକ ସମ୍ପର୍କରେ ଭଙ୍ଗା ପଡୁଛି। ରାଜ୍ୟ ଶାସନ କ୍ଷେତ୍ରରେ ଦେଖିବା ତ ଗଣତନ୍ତ୍ର ବ୍ୟବସ୍ଥାର ସେମିତି ଅବକ୍ଷୟ ଘଟୁଛି। ନିର୍ଦ୍ଦିଷ୍ଟ କାଳ ବ୍ୟବଧାନରେ ନିର୍ବାଚନ କରାଇ ଶାସନ କଳରେ ନୂଆ ଏନର୍ଜି ଅଣାଯାଏ, କିନ୍ତୁ ନିର୍ବାଚନ ଯଦି ସେହି ପୁରୁଣା ଲୋକଙ୍କୁ ଫେରାଇ ଆଣେ ବିଶୃଙ୍ଖଳା ହାର (ଏଣ୍ଟ୍ରୋପି) ବଢ଼ିବ, ଶାସନଗାଦିରେ ଥିବା ଲୋକେ ଅପରାଜେୟ ମନେକରି ମନଇଚ୍ଛା କାମ କରିଚାଲିବେ, ସେମାନଙ୍କ ସମ୍ପର୍କୀୟମାନେ ଫାଇଦା ଉଠାଇବେ। ସାମାଜିକ ବିଶୃଙ୍ଖଳାର ହାର ବଢ଼ିଲେ ଗଣତନ୍ତ୍ର ଭୁଶୁଡ଼ିପଡ଼ିବ, ଦଳମୁଖିଆ ଓ ତାଙ୍କ ସମର୍ଥକ ଗୋଷ୍ଠୀ (କୋଟରି) ଜନମତ ତିଆରି କରିପାରିବାର ମାଧ୍ୟମଗୁଡ଼ିକୁ ନିୟନ୍ତ୍ରଣ କରିନେବେ, କୋଟରିଙ୍କ ଦ୍ୱାରା ଛଙ୍କା ହୋଇଥିବା ଖବର ଲୋକଙ୍କୁ ମିଳିବ ତ ଲୋକେ ସତ କ'ଣ ଜାଣିପାରିବେ ନାହିଁ।



ସମାଜରେ ଏଣ୍ଟ୍ରୋପିକୁ ରୋକିବାର ଉପାୟ ହେଉଛି ନୂତନ ଏନର୍ଜି ଯୋଗାଇବା, ସମାଜରେ ପରିବର୍ତ୍ତନ ଆଣିବାକୁ ଏ କାମ ନେତାମାନେ କରିପାରନ୍ତି। ଏଣ୍ଟ୍ରୋପିର ଦିଗ ଆଗକୁ ଆଗକୁ। ଏହାକୁ ବୁଝାଇବା ପାଇଁ ଆରୋ ଅଫ୍ ଟାଇମ୍ (ସମୟ ତୀର) ଉପମା ବ୍ୟବହାର କରାଯାଉଛି। ପଛଟା ଭଲ ଥିଲା, ଆଗଟା ଖରାପ ହେଉଛି, ଯାହା ନଷ୍ଟ ବା ବିଶୃଙ୍ଖଳ ହୋଇଛି ତାହା ଭରଣା କରିବାର ପ୍ରାକୃତିକ ଉପାୟ ନାହିଁ। ଥର୍ମାଲ୍ କଣ୍ଟେଣ୍ଟ ଓ ଡିଫ୍ୟୁଜନ୍ କଣ୍ଟେଣ୍ଟ– ଦୁଇଟି ମିଶି ପୂର୍ବ ଅବସ୍ଥା, ବିଚ୍ଛୁରଣ (ଡିଫ୍ୟୁଜନ) ଶକ୍ତି ନଷ୍ଟ ହୋଇଯାଉଥିବାରୁ ଏଣ୍ଟ୍ରୋପି ଘଟେ, ବିଶୃଙ୍ଖଳାର ବୃଦ୍ଧି ହୁଏ, ଅର୍ଥାତ୍ ଏଣ୍ଟ୍ରୋପି ହିଁ ଅତୀତକୁ ଭବିଷ୍ୟତରୁ ପୃଥକ କରିଥାଏ: ପ୍ରାକୃତିକ ନିୟମ ବା ଲ' ନ ବୁଝି ବି ଆଗେ ଆମେ ଭଲରେ ଥିଲୁ ଏବେ ଖରାପରେ ଅଛୁ ବୋଲି ବହୁତ ଲୋକ କହନ୍ତି!


୧୯୨୨ରେ ଆରୋ ଅଫ୍ ଟାଇମ୍ ଧାରଣା ଆଣିଥିବା ଜ୍ୟୋତିର୍ବିଦ୍ ଆର୍ଥର ଏଡିଟନ୍ କହିଲେ, ପ୍ରତ୍ୟେକ ଘଟଣା, ପ୍ରତ୍ୟେକ ଜିନିଷ ତୀର ସୂଚାଉଥିବା ଦିଗରେ ଅଗ୍ରସର ହୁଏ, ପଛ (ପୂର୍ବାବସ୍ଥା)କୁ ଫେରେ ନାହିଁ। ଜିନିଷ ବଦଳେ ଏବଂ ଥରେ ବଦଳିଗଲେ ଆଉ ପୂର୍ବ ଅବସ୍ଥାକୁ ଫେରିପାରେ ନାହିଁ। ମଣିଷ ଜନ୍ମନିଏ, ତା'ର ଅଭିବୃଦ୍ଧି ହୁଏ, କିଛି ବର୍ଷ ତିଷ୍ଠି ରହେ ଏବଂ ଶେଷରେ ମରେ। ପରିବେଶ ପ୍ରଦୂଷିତ ହୁଏ, ପ୍ରଦୂଷଣ ସୀମାତିରିକ୍ତ ହେଲେ ଜୀବଜଗତ ଧ୍ୱଂସାଭିମୁଖୀ ହୁଏ। ଯେତେବେଳେ ଦୁଗ୍ଧରେ କାଳି ଟୋପାଟିଏ ପକାଇ ଦିଅ ତାହା ଚାରିଆଡ଼େ ବ୍ୟାପିଯାଏ, ତାକୁ ହଲାଇଲେ କାଳି ବୁନ୍ଦାଟି ଏମିତି ଘୂରି ଘୂରି ରହିବ ଯେମିତି ଆକାଶରେ ଗ୍ରହାଣୁ ଘୂରୁଥାଏ। ଦୁଗ୍ଧକୁ ଓଲଟା ଘୂରାଇଲେ କାଳି ଆଉ ବିନ୍ଦୁ ଅବସ୍ଥାକୁ ଫେରିବ ନାହିଁ। ଦିନେ ଏହା ଗୋଟିଏ ବିନ୍ଦୁ ଥିଲା, ପୂର୍ବର ବିନ୍ଦୁ ଅବସ୍ଥାକୁ ଫେରୁନାହିଁ କାହିଁକି? ଏମିତି ଥରେ ଅଧେ ଘଟେ ନାହିଁ, ସମୟ ବିଷୟରେ ଯେତେ ଭିତରକୁ ଭିତରକୁ ଯିବା ଏହିଭଳି ବିଶୃଙ୍ଖଳା ବଢ଼ି ଚାଲିଥିବା ଉଦାହରଣ ବହୁତ ଦେଖିବା, ସେଗୁଡ଼ିକ ପ୍ରତ୍ୟେକ ପୂର୍ବ ଶୃଙ୍ଖଳାକୁ ଫେରିପାରିବ ନାହିଁ। ବ୍ୟବସ୍ଥାର ପୁନର୍ଗଠନ, ଯେପରି ଥଣ୍ଡା ପାଣିକୁ ଗରମ କରିବା ବା ଅଧିକା ଥଣ୍ଡା ହେବାରୁ ରୋକିବା ଚାହିଁବା ତ ତହିଁରେ ବାହାରର ଏନର୍ଜି ପୂରାଇବାକୁ ପଡ଼ିବ (ଇଞ୍ଜେକ୍ଟ ଆଉଟ୍‌ସାଇଡ୍ ଏନର୍ଜି)। ପାଣି ଗରମ କରିବା ଗୋଟିଏ ନଜିର ମାତ୍ର, ଯେ କୌଣସି ଜିନିଷକୁ ଶୃଙ୍ଖଳିତ ଅବସ୍ଥାରେ ରଖିବାକୁ ବହୁତ ଏନର୍ଜି ଦରକାର; ଜିନିଷଗୁଡ଼ିକର ବ୍ୟବସ୍ଥାକୁ ଶୃଙ୍ଖଳିତ ଅବସ୍ଥାରେ ରଖିବାକୁ ଆହୁରି ବେଶି ଏନର୍ଜି ଦରକାର।

କହିବା ବାହୁଲ୍ୟ ଯେ ସରକାରୀ ପରିଚାଳନାରେ ଯେଉଁସବୁ ବ୍ୟବସ୍ଥା ଥାଏ ତା'ର ବି ଏଣ୍ଟ୍ରୋପି ଅଛି, ପ୍ରତି ଯୋଜନାର ବି ଏଣ୍ଟ୍ରୋପି ଅଛି। ତାହା ପ୍ରସ୍ତୁତ କରିଥିବା ନେତାଙ୍କ ଇଚ୍ଛା ବା ନିର୍ଦ୍ଦେଶକୁ ଅପେକ୍ଷା କରେ ନାହିଁ। ରାଜନେତାମାନେ ଚାହାନ୍ତୁ କି ନ ଚାହାନ୍ତୁ। ଯୋଜନା ଭିତରେ କାମକରା ବିଷୟବସ୍ତୁ ଓ ବିଚ୍ଛୁରଣ ଭାବେ ନଷ୍ଟ ହେଉଥିବା ବିଷୟବସ୍ତୁର ମିଶ୍ରଣ ଥାଏ ; ସମୟକ୍ରମେ ଯେଉଁ ଅଂଶ ବିଚ୍ଛୁରଣରେ ନଷ୍ଟ ହୁଏ ତାହା ଉପଭୋକ୍ତାଙ୍କୁ ଦୂରେଇ ଦିଏ, ନେତାମାନଙ୍କ ପ୍ରିୟାପ୍ରୀତି ଓ ଲାଞ୍ଚ ଦିଆନିଆ ଭଳି କାମକୁ ବଢ଼ାଇଦିଏ, ତାହା ହିଁ ତ ଏଣ୍ଟ୍ରୋପି ଏବଂ ତାହା ବଢ଼ି ବଢ଼ି ଚାଲେ। କାରଣ ଅବଶିଷ୍ଟାଂଶ 'କାମକରା ବିଷୟବସ୍ତୁ' ହ୍ରାସପାଏ। ଦିନେ ସମଗ୍ର ଯୋଜନାଟି ନେତା ଓ ସେମାନଙ୍କ ସମ୍ପର୍କୀୟଙ୍କ କାମରେ ଲାଗିଯାଇପାରେ ଯଦି ବାହାରର ଏନର୍ଜି ନ ପଶେ। ଅସଲ ଉପଭୋକ୍ତାଙ୍କୁ ଉପେକ୍ଷା କରୁଥିବାରୁ ସମାଜରେ ଜନଅସନ୍ତୋଷ ତଥା ପ୍ରତିବାଦ–ଆନ୍ଦୋଳନ ଆଦି ବିଶୃଙ୍ଖଳା ଦେଖାଦିଏ। ଗଣତନ୍ତ୍ର ବ୍ୟବସ୍ଥାରେ ପ୍ରତି ୫ ବର୍ଷ ବା ତଦନୁରୂପ ସମୟସୀମା ଭିତରେ ନିର୍ବାଚନ କରାଇବା ପ୍ରଥା ହିଁ ନୂଆ ଏନର୍ଜି ପୂରେଇବାର ଅବସର ଆଣେ, ଆଣ୍ଟି ଏଷ୍ଟାବ୍ଲିଶମେଣ୍ଟ ହାୱା ନୂଆ ଏନର୍ଜି ଆଣେ, କିନ୍ତୁ ସେ ହାୱା ନ ବୋହିଲେ ଲୋକେ ଏଣ୍ଟ୍ରୋପିର ଶିକାର ହେବେ। ଅବଶ୍ୟ ଉପସ୍ଥିତ ସରକାର ଏଆର୍ ପିୟୁରିଫାୟର (ବାୟୁ ସଫାକାରୀ ଯନ୍ତ୍ର) ଭଳି ନୂଆ ନୂଆ ଯୋଜନା ବା ବ୍ୟବସ୍ଥା କରିଥାନ୍ତି: ଯେଭଳି ଆମ ରାଜ୍ୟରେ 'ଫାଇଭ୍ ଟି' ବ୍ୟବସ୍ଥା ଭର୍ତ୍ତି ବା ଇଞ୍ଜେକ୍ଟ କରାଗଲା। କାଳକ୍ରମେ ତାହା ବି ଏଣ୍ଟ୍ରୋପିର ଶିକାର ହେଲାଣି, ଭାଇରସ୍ ରୂପେ ଲୋକେ ଗୋଟିଏ ନୂଆ 'ଟି' ଦେଖିଲେଣି, ତାହା ହେଉଛି ତୋସରପାତ, ଯାହା ଅନ୍ୟ ୫ଟି 'ଟି' କୁ ନିଷ୍ପ୍ରଭ କରିଦେଲାଣି। ନୂତନ ଗଠନ ବା ନିର୍ମାଣ ଭୁଶୁଡ଼ିବା ଓ କର୍ମଚାରୀହୀନ ସେବା ଏହାର ଲକ୍ଷଣ। ତୋସରପାତ, ଚଞ୍ଚକତା, ଛିନ୍‌ତାଇ, ହତ୍ୟା, ଏଟିଏମ୍ ଭଙ୍ଗା, ମଦ ଓ ଡ୍ରଗ୍ସ କାରବାର ବୃଦ୍ଧି, ପୋଲିସିଂ ଲୋକାଭିମୁଖୀ ନ ହେବା, (ଦ୍ୱାରିକାର ଏଣ୍ଟ୍ରୋପି ଭଳି ସମ୍ପର୍କୀୟମାନଙ୍କ ଭିତରେ ନରହତ୍ୟାପ୍ରବଣତା ଓ ବଳାତ୍କାର ଆଦିର ପ୍ରାଦୁର୍ଭାବ ବଢ଼ିବା ଏହାର ଲକ୍ଷଣ। କର୍ମଚାରୀମାନେ ଟ୍ରେନିଂ ଭୁଲିଯାଇ ପାରନ୍ତି, ଉତ୍ସାହ ହରାଇ ପାରନ୍ତି, ନିୟମ ମାନି ନ ପାରନ୍ତି। ଦଳର ଲାଭରେ ରାଜ୍ୟର ରାଜକୋଷ ବ୍ୟବହାର ହୁଏ ଏବଂ ତାହା ଯଥେଷ୍ଟ ନ ହେଲେ ରାଜ୍ୟକୁ ଋଣଗ୍ରସ୍ତ କରାଯାଏ।

–sahadevas@yahoo.com

# ବହୁଦର୍ଶୀ ସାମ୍ବାଦିକ

### ବ୍ୟକ୍ତିତ୍ୱ



ଏ ବି କେ ପ୍ରସାଦ

ଜୀବନସାରା ସାମ୍ବାଦିକ ଅନ୍ୟମାନଙ୍କ କଥା କହେ। ଯାହାଙ୍କ ବ୍ୟକ୍ତିତ୍ୱ ବିଷୟରେ ବର୍ଣ୍ଣନା କରିବାକୁ ଥିବ, ସେଥିନେଇ ସେ ତଥ୍ୟ ସଂଗ୍ରହ କରେ। ହେଲେ ନିଜ ଜୀବନର କଥା ବଖାଣିବାକୁ ତା' ପାଖରେ ତର ନ ଥାଏ। ଏହି ସ୍ତମ୍ଭରେ ସାମ୍ବାଦିକ ଏନି ଭବାନୀ କୋଟେଶ୍ୱର ପ୍ରସାଦ (ଏବିକେ ପ୍ରସାଦ)ଙ୍କୁ ଭେଟି ଦେବାକୁ ଯାଉଛୁ, ଯିଏ ଦୀର୍ଘ ୭୫ ବର୍ଷ ସାମ୍ବାଦିକତା ସହିତ ଜଡ଼ିତ ରହି ବୃତ୍ତି ପାଇଁ ଜଣେ କିମ୍ବଦନ୍ତୀୟ ଉଚ୍ଚତା ସୃଷ୍ଟି କରିପାରିଛନ୍ତି। ଫେବୃୟାରୀ ୨୮ରେ ନୂଆଦିଲ୍ଲୀର କନ୍‌ଷ୍ଟିଚ୍ୟୁଶନ କ୍ଲବ ଅଫ୍ ଇଣ୍ଡିଆର ଡେପୁଟି ସ୍ପିକର ହଲ୍‌ରେ ତାଙ୍କୁ ସାମ୍ବାଦିକତା କ୍ଷେତ୍ରରେ ଉଚ୍ଚକୋଟୀର ଅବଦାନ ସକାଶେ 'ରାଜା ରାମ ମୋହନ ରାୟ ନ୍ୟାଶନାଲ ଆୱାର୍ଡ' ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ପ୍ରେସ୍ କାଉନ୍‌ସିଲ ଅଫ୍ ଇଣ୍ଡିଆ (ପିସିଆଇ) ଊନବିଂଶ ଶତାବ୍ଦୀର ବିଶିଷ୍ଟ ସଂସ୍କାରକ ରାଜା ରାମମୋହନ ରାୟଙ୍କ ନାମରେ ପ୍ରତିବର୍ଷ ବର୍ଷୀୟାନ ସାମ୍ବାଦିକଙ୍କୁ ଏହି ପୁରସ୍କାରରେ ଭୂଷିତ କରିଆସୁଛି।

ଏବିକେ ପ୍ରସାଦ ଆନ୍ଧ୍ରପ୍ରଦେଶରେ ଜନ୍ମଗ୍ରହଣ କରିଥିଲେ। ସେଠାକାର ଆଞ୍ଚଳିକ ଭାଷାର ବିଭିନ୍ନ ଖବରକାଗଜର ମୁଖ୍ୟ ସମ୍ପାଦକ ରହି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସହ–ସମ୍ପାଦକ, ଖବରଦାତା, ସମ୍ପାଦକ, ବିଶିଷ୍ଟ ବ୍ୟକ୍ତିଙ୍କ ସାକ୍ଷାତକାର ନେବାରେ ବିଶେଷଜ୍ଞ ଓ ଶେଷରେ ୫ଟି ତେଲୁଗୁ ଦୈନିକରେ ମୁଖ୍ୟ ସମ୍ପାଦକ ରହି ସାମ୍ବାଦିକତା କ୍ଷେତ୍ରରେ ସେ ଏକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଆଞ୍ଚଳିକ ଭାଷାର ଖବରକାଗଜରେ କାମ କରିଥିବା ଏହି ବର୍ଷୀୟାନ ସାମ୍ବାଦିକଙ୍କ ସାକ୍ଷାତ୍‌କାର ଇଂଲିଶ ଭାଷାର ଜଣେ ସାମ୍ବାଦିକ ନେବା ବେଳେ ନିଜକୁ ନର୍ଭସ ଅନୁଭବ କରିଥିବା ବର୍ଣ୍ଣନା କରିଥିଲେ। କାରଣ ତାଙ୍କୁ ପଚରାଯାଉଥିବା ପ୍ରଶ୍ନ ସରିବା ବେଳକୁ ସେ ପ୍ରଶ୍ନକର୍ତ୍ତା କ'ଣ କହିବାକୁ ଚହିଁଥାଆନ୍ତି, ତାହା ବୁଝି ନେଉଥିଲେ। ଜଣେ ସମ୍ପାଦକ ସ୍ତରକୁ ଉନ୍ନୀତ ହୋଇଥିବା ବ୍ୟକ୍ତିଙ୍କ ଉତ୍ତର 'ସମ୍ପାଦିତ ଶବ୍ଦ' ଭାବେ ଆକାର ଧାରଣ କରିଥାଏ। ଏବିକେ ପ୍ରସାଦ ଦୀର୍ଘ ବର୍ଷର ସାମ୍ବାଦିକତା ଭିତରେ ସେ ତାହାକୁ ଚାକିରି ଭାବେ ନେଇ ନ ଥିଲେ। ଏକ ମିଶନ୍ ରଖି ସେ ପାଞ୍ଚଟି ନୂଆ ଖବରକାଗଜ ବାହାର କରିବାରେ ଅଗ୍ରଦୂତ ପାଲଟିଥିଲେ। ଗତାନୁଗତିକ ଧାରା ଭାଙ୍ଗି ଚର୍ଚ୍ଚିତ କ୍ରୀଡ଼ା ଖବର ସମ୍ପର୍କିତ ବଡ଼ ଫଟୋ ପ୍ରଥମ ପୃଷ୍ଠାରେ ଦେଇ ଆଞ୍ଚଳିକ ଭାଷାର ପାଠିକାପାଠକଙ୍କୁ ଏକ ନୂଆ ସ୍ୱାଦ ଭେଟି ଦେଇଥିଲେ। ବଳଶାଳୀ ସମ୍ପାଦକୀୟ ଲେଖି ସେ ଚହଳ ମଧ୍ୟ ପକାଇଥିଲେ। ଆଞ୍ଚଳିକ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଚର୍ଚ୍ଚିତ ଖବର ଉପରେ ସ୍ୱତନ୍ତ୍ର ଲେଖା ପ୍ରକାଶ କରି ତାହାକୁ ପ୍ରାଞ୍ଜଳ ଭାବେ ବର୍ଣ୍ଣନା କରିଥାଆନ୍ତି। ସେ ଏକ ସାକ୍ଷାତ୍‌କାରରେ କହିଥିଲେ ଯେ, ଏଭଳି ଧରଣର ଲେଖା ପ୍ରକାଶ ପାଇବାର ଶ୍ରମ ସାର୍ଥକ ହୋଇଥାଏ ଯେତେବେଳେ ସେ ସେହିଦିନ ୮୦ରୁ ୧୦୦ ଫୋନ୍ କଲ୍ ପାଇଥାଆନ୍ତି। ତାଙ୍କ ସାମ୍ବାଦିକ ଜୀବନର ଏକ ଆହ୍ୱାନପୂର୍ଣ୍ଣ ସମୟ ଦେଶରେ ଜରୁରିକାଳୀନ ପରିସ୍ଥିତି ଥିଲା ବୋଲି କହିଥାଆନ୍ତି। ୨୫ ଜୁନ୍ ୧୯୭୫ରେ ଏହା ଦେଶରେ ଲାଗୁ ହେଲା ବେଳେ ଏବିକେ ପ୍ରସାଦ 'ଇନାଡୁ'ରେ କାର୍ଯ୍ୟ କରୁଥିଲେ। ତତ୍‌କାଳୀନ କେନ୍ଦ୍ର ସରକାରଙ୍କ କାର୍ଯ୍ୟକୁ ବିରୋଧ କରିବାକୁ ଯାଇ ସେ ସମ୍ପାଦକୀୟ ସ୍ଥାନରେ ରବୀନ୍ଦ୍ର ନାଥ ଟାଗୋରଙ୍କ କବିତା 'ହୋୟାର ଦି ମାଇଣ୍ଡ୍ ଇଜ୍ ଉଇଦାଉଟ୍ ଫିଅର..'ର ତେଲୁଗୁ ଅନୁବାଦ ଛପାଇଥିଲେ। ସେଥିପାଇଁ ତାଙ୍କୁ ବିଶାଖାପଟନମ୍ ଜିଲାପାଳ କାର୍ଯ୍ୟାଳୟ ଡାକି ତାଗିଦା କରିଥିଲେ ବୋଲି ଏବିକେ ପ୍ରସାଦ କହିଥାଆନ୍ତି। ଜୀବନର ଉତ୍କର୍ଷ ପର୍ଯ୍ୟାୟକୁ ବର୍ଣ୍ଣନା କଲା ବେଳେ ସେ 'ଉଦୟମ୍'ର ଉଦାହରଣ ଦେଇଥାଆନ୍ତି। ଯଦିଓ ଏହି ଖବରକାଗଜ ଅଳ୍ପ ସମୟ ତିଷ୍ଠିଥିଲା, କିନ୍ତୁ ତାହାର ପ୍ରଭାବ ସମଗ୍ର ରାଜ୍ୟରେ ପଡ଼ିଥିଲା। ଦଳିତ ଓ ଅସହାୟଙ୍କ ସ୍ୱର ମଧ୍ୟ ଏହା ପାଲଟିଥିଲା। ଉଦୟମ୍‌ର ଜନ୍ମଲଗ୍ନକୁ ମନେପକାଇ ସେ କହିଥିଲେ– 'ଦେୟାର ଇଜ୍ ଓନ୍‌ଲି ୱାନ୍ ମର୍ନିଂ 'ସନ୍' ଫର୍ ଦି ଏଣ୍ଟାୟାର ୱାର୍ଲ୍ଡ, ବଟ୍ ଟୁ ମର୍ନିଂ ସନ୍ସ ଫର୍ ଦି ତେଲୁଗୁ ପିପୁଲ। ଏଭଳି କ୍ୟାଚି ଆଦର୍ଶ ଉକ୍ତି ସୃଷ୍ଟି କରିବାର ଦକ୍ଷତା ଏବିକେ ପ୍ରସାଦଙ୍କ ରହିଥିଲା। ୨୦୦୪ରୁ ୨୦୦୯ ଯାଏ ସେ ଆନ୍ଧ୍ରପ୍ରଦେଶର ଅଫିସିଆଲ୍ ଲାଙ୍ଗୁଏଜ୍ କମିଶନ୍‌ର ଅଧ୍ୟକ୍ଷ ରହିଥିବା ବେଳେ ଅନେକ ସକାରାତ୍ମକ ପରିବର୍ତ୍ତନ ଆଣିଥିଲେ।

ସାମ୍ବାଦିକତାରେ ଯିଏ ଗଭୀର ଭାବେ ପ୍ରବେଶ କରିଥାଆନ୍ତି, ସେହିମାନେ ହିଁ କେବଳ ଦୁନିଆରେ ପରିବର୍ତ୍ତନ ଓ ସଂସ୍କାର ଆଣିଥାଆନ୍ତି ବୋଲି ଏବିକେ କହନ୍ତି। ଜଣେ ସାମ୍ବାଦିକ ସର୍ବଦା ଛାତ୍ର ଭଳି ପଢ଼ିବା ଦରକାର ବୋଲି ନୂତନ ପିଢ଼ିଙ୍କୁ ପରାମର୍ଶ ଦେଇଥାଆନ୍ତି। କାରଣ ସାମ୍ବାଦିକ ସବୁ କ୍ଷେତ୍ରରେ ବିଶେଷଜ୍ଞ ନ ହେଲେ ମଧ୍ୟ ଲୋକଙ୍କ ଆଗ୍ରହର ପ୍ରତିଟି ବିଷୟ ଉପରେ ଯଥାସମ୍ଭବ ଜ୍ଞାନ ଅର୍ଜନ କରିବା ନିତାନ୍ତ ଆବଶ୍ୟକ। ଏବିକେ ପ୍ରସାଦ କହିଥାଆନ୍ତି ଟିଭି ସମେତ ଅନ୍ୟାନ୍ୟ ଇଲେକ୍‌ଟ୍ରୋନିକ୍ ଗଣମାଧ୍ୟମରେ ଖବର ପ୍ରକାଶ ପାଇଲେ ମଧ୍ୟ ପାଠକେ ସର୍ବଦା ଛାପା ଗଣମାଧ୍ୟମକୁ ଅନିଶା କରିଥାଆନ୍ତି। କାରଣ ନିର୍ଦ୍ଦିଷ୍ଟ ବିଷୟରେ ଗଭୀର ବିଶ୍ଳେଷଣ କରାଯାଇ ପ୍ରକାଶିତ ଖବରକାଗଜକୁ ସାଇତି ରଖାଯିବାର ଗୁଣ ଛାପା ମାଧ୍ୟମରେ ରହିଥାଏ।

ସାମ୍ବାଦିକ ଅଧିକାଂଶ ସମୟ ନ୍ୟୁଜ୍‌ପେପର ଅଫିସରେ କଟାଇଥାଆନ୍ତି। ଘରକୁ ଅଧିକ ସମୟ ଦେଇପାରୁ ନ ଥିବାରୁ କେହି ସାମ୍ବାଦିକଙ୍କୁ ବିବାହ କର ନାହିଁ ବୋଲି ଧର୍ମପତ୍ନୀ କୌତୁକରେ ଅନ୍ୟମାନଙ୍କୁ ତାଙ୍କ ଆଗରେ କହିଥିବାର ଦେଖିଛନ୍ତି ବୋଲି ଏବିକେ ପ୍ରସାଦ ପ୍ରକାଶ କଲା ବେଳେ ହସି ପକାନ୍ତି। ତଥାପି ସ୍ତ୍ରୀ ତାଙ୍କୁ ବହୁତ ଭଲ ପାଆନ୍ତି। ତାଙ୍କର ୪ ଝିଅ ଓ ସବୁ ବିବାହ କରିସାରିଛନ୍ତି। କିନ୍ତୁ କୌଣସି ଜ୍ୱାଇଁ ତାଙ୍କୁ ଯୌତୁକ ମାଗି ନ ଥିଲେ ବୋଲି କହିଥାଆନ୍ତି।

**– ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ସ୍କୁଲ ଛାଡୁଥିବା ପିଲାମାନଙ୍କ ପାଇଁ ସାହାରା ପାଲଟିଛନ୍ତି ଅଶୋକ ରାଠୋର। ଅଶୋକ ରହୁଛନ୍ତି ମୁମ୍ବାଇରେ। ମୁମ୍ବାଇ ବସ୍ତିରେ ଅର୍ଥାଭାବରୁ ପଢ଼ା ଛାଡ଼ି ଦେଉଥିବା ପିଲାମାନଙ୍କୁ ସେ ଫୁଟ୍‌ବଲ ମାଧ୍ୟମରେ ଆକର୍ଷିତ କରି ପୁନର୍ବାର ଶିକ୍ଷାର ମୁଖ୍ୟ ସ୍ରୋତକୁ ଆଣୁଛନ୍ତି। ଅଶୋକ ନିଜେ ମୁମ୍ବାଇ ଆମ୍ବେଦନଗର ବସ୍ତିରେ ବଢ଼ିଛନ୍ତି। ସେ ବସ୍ତି ପିଲାମାନଙ୍କ ଦୁଃଖ ଓ ଅଭାବକୁ ବୁଝିଛନ୍ତି। ଏଣୁ ବସ୍ତିର ଅଧାରୁ ପାଠ ଛାଡ଼ିଦେଉଥିବା ପିଲାମାନଙ୍କ ପାଇଁ ସେ ଏହି ଅଭିନବ ଉପାୟ ଆପଣାଇଛନ୍ତି। ଅଶୋକ 'ଓସ୍କାର ଫାଉଣ୍ଡେଶନ' ଗଢ଼ି ତା' ମାଧ୍ୟମରେ ଏହି କାର୍ଯ୍ୟ ଜାରି ରଖିଛନ୍ତି। ସେ ପ୍ରଥମେ ୧୮ ପିଲାଙ୍କୁ ଫୁଟ୍‌ବଲ ଶିକ୍ଷା ଦେବା ଆରମ୍ଭ କରିଥିଲେ। ପରେ ସର୍ତ୍ତ ରଖିଥିଲେ ଯେ, ଯେଉଁମାନେ ଫୁଟ୍‌ବଲ ଶିଖିବେ ସେମାନେ ସ୍କୁଲକୁ ଯିବେ। ପିଲାମାନେ ଏଥିରେ ରାଜି ହୋଇ ସ୍କୁଲଯିବା ଆରମ୍ଭ କରିଥିଲେ। ଧୀରେ ଧୀରେ ପିଲାମାନେ ସେମାନଙ୍କ ସାଙ୍ଗଙ୍କୁ ପଢ଼ିଆକୁ ଆଣିଲେ ଏବଂ ସେମାନେ ଖେଳିଲେ ଓ ସ୍କୁଲକୁ ଯିବା ଆରମ୍ଭ କରିଦେଲେ। ୨୦୦୮ରେ ଅଶୋକ ୩.୫ ଲକ୍ଷ ଟଙ୍କା ପୁରସ୍କାର ପାଇବା ପରେ ତାହାକୁ ଏହି କାର୍ଯ୍ୟରେ ବିନିଯୋଗ କରିବା ଦ୍ୱାରା ୨୦୧୦ରେ ପିଲାସଂଖ୍ୟା ୩୦୦ରେ ପହଞ୍ଚିଥିଲା। ଏବେ ଏହି କାର୍ଯ୍ୟକ୍ରମକୁ ଅଶୋକ ରାଜସ୍ଥାନ, କର୍ନାଟକ, ଡାମନ୍‌କୁ ସମ୍ପ୍ରସାରଣ କରିବାକୁ ଯୋଜନା କରିଛନ୍ତି। ଏବେ ସୁଦ୍ଧା ତାଙ୍କ ନିକଟରୁ ୧୪,୦୦୦ ପିଲା ଉପକୃତ ହୋଇ ସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଫେବୃୟାରୀ ୧୯୯୮

- ଆସାମର ଦିବ୍ରୁଗଡ଼ ଜିଲା ଅନ୍ତର୍ଗତ ନାହୋରୋନି ଗ୍ରାମଠାରେ ଏକ ନିର୍ବାଚନୀ ସଭାରେ ଦୁଇଜଣ ଉଲ୍‌ଫା ଉଗ୍ରପନ୍ଥୀ ଅତି ନିକଟରୁ ଗୁଳି ଚଳାଇବା ଫଳରେ ସିପିଆଇ (ଏମ୍‌ଏଲ୍) ପ୍ରାର୍ଥୀ ଅନିଲ କୁମାର ବରୁଆଙ୍କ ମୃତ୍ୟୁ।
- ଶକ୍ତି କ୍ଷେତ୍ରରେ ସହଯୋଗିତା ପାଇଁ ଆମେରିକାର ଦୁଇଟି ସଂସ୍ଥା ସହ ଓଡ଼ିଶା ବିଦ୍ୟୁତ୍ ରେଗୁଲେଟରୀ କମିଶନର ଅଂଶୀଦାର ଚୁକ୍ତିନାମା ସ୍ୱାକ୍ଷରିତ।

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | | | | 9 | |
| 1 | 7 | | | | | | | 5 |
| 3 | | | | | | | | 2 |
| | 9 | | | 4 | | | 7 | |
| | | | | 3 | 7 | 4 | | |
| | | | | | 8 | 5 | | |
| | | | 4 | | | | | |
| 7 | 1 | | 2 | | | | 3 | 8 |
| | 2 | | | | 1 | 6 | | 7 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 3 | 9 | 8 | 7 | 1 | 6 | 5 | 4 |
| 7 | 8 | 1 | 6 | 5 | 4 | 3 | 9 | 2 |
| 6 | 4 | 5 | 2 | 9 | 3 | 1 | 7 | 8 |
| 9 | 7 | 2 | 5 | 1 | 6 | 4 | 8 | 3 |
| 1 | 6 | 4 | 9 | 3 | 8 | 7 | 2 | 5 |
| 8 | 5 | 3 | 7 | 4 | 2 | 9 | 6 | 1 |
| 3 | 2 | 7 | 1 | 8 | 9 | 5 | 4 | 6 |
| 4 | 9 | 6 | 3 | 2 | 5 | 8 | 1 | 7 |
| 5 | 1 | 8 | 4 | 6 | 7 | 2 | 3 | 9 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଗ୍ରାହକ ହଟହଟା

ମହାଶୟ,

ଗ୍ରାହକମାନଙ୍କୁ ଉତ୍ତମ ସେବା ଯୋଗାଇ ଦେବାକୁ ବ୍ୟାଙ୍କଗୁଡ଼ିକ ପ୍ରତିବଦ୍ଧ। ମାତ୍ର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଗୋଗୁଆ ଶାଖାରେ ଉପଭୋକ୍ତାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଥମରେ ବ୍ୟାଙ୍କରେ ଆବଶ୍ୟକ କାଗଜାତର ଅଭାବ ଦେଖାଯାଉଛି। ବିଶେଷକରି ନୂତନ ପାସ୍‌ବୁକ୍ ଓ ଅନ୍ୟାନ୍ୟ ଫର୍ମଗୁଡ଼ିକ ଉପଲବ୍ଧ ନ ହେବାରୁ ଗ୍ରାହକମାନେ ନୂତନ ଖାତା ଖୋଲିବାରୁ ବଞ୍ଚିତ ହେଉଛନ୍ତି। ଏଠାରେ ଆବଶ୍ୟକ କର୍ମଚାରୀ ପୂର୍ଣ୍ଣଭାବରେ ରହୁନାହାନ୍ତି। ବିଶେଷକରି ବ୍ୟାଙ୍କରେ ଥିବା ଏକମାତ୍ର ପ୍ରିଣ୍ଟିଂ ମେଶିନ ଦୀର୍ଘଦିନ ହେବ ଅଚଳ ହୋଇପଡିଛି। ଏଣୁ ବ୍ୟାଙ୍କରେ ଅର୍ଥ ଆଦାନପ୍ରଦାନଜନିତ ତଥ୍ୟ ମୁଦ୍ରଣ ହୋଇପାରୁ ନାହିଁ। ଉପଭୋକ୍ତାମାନେ ସେମାନଙ୍କ ବ୍ୟାଙ୍କ ଅର୍ଥର ହିସାବ ଜାଣିବାକୁ ଅସମର୍ଥ ହେଉଛନ୍ତି। ସେଥିପାଇଁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ବ୍ୟାଙ୍କର ଉପରୋକ୍ତ ଅସୁବିଧାଗୁଡ଼ିକର ସମାଧାନ ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ବିଶେଷ ଅନୁରୋଧ।

**– ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନୟନ କୋଣେ ଉଠ ଗୋ ଜାଗି
ଅଧର ମୂଳେ ହେ ଅନୁରାଗୀ,
ନିବିଡ଼ କରି ଦିଅ ଗୋ ଦାଗି ଚୁମ୍ବନ
ହୃଦରେ ହୃଦ ପରଶ ରସ ଚନ୍ଦନ।
(ବର୍ଷା ନାୟିକା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଡଙ୍ଗା ବୁଡ଼ି ଜଣେ ଯୁବକ ନିଖୋଜ

ମାଲକାନଗିରି,୧୧।୨ (ଡି.ଏନ୍.ଏ.)- ମାଲକାନଗିରି ସଦର ବ୍ଲକ ଚମ୍ପାଖାରି ଗ୍ରାମର ଜଣେ ଯୁବକ ସ୍ଥାନୀୟ ସତୀଗୁଡା ଜଳଭଣ୍ଡାରରେ ମାଛ ଧରିବାକୁ ଯାଇ ନିଖୋଜ ହୋଇଯାଇଛନ୍ତି। ଶୁକ୍ରବାର ଚମ୍ପାଖାରି ଗ୍ରାମର ବିଶ୍ୱନାଥ ଭୁମିଆ (୨୭) ଏକ ଦେଶୀ ଡଙ୍ଗାରେ ସତୀଗୁଡା ଜଳଭଣ୍ଡାରରେ ମାଛ ଧରିବାକୁ ଯାଇଥିଲେ। ମାଛ ଧରୁଥିବା ବେଳେ ଡଙ୍ଗାଟି ଭାରସାମ୍ୟ ହରାଇ ଜଳଭଣ୍ଡାରେ ବୁଡି ଯାଇଥିଲା। ଖବର ପାଇ ପରିବାର ବର୍ଗ ବହୁ ଖୋଜାଖୋଜି କରିବା ପରେ ମଧ



ତାଙ୍କର କୌଣସି ସନ୍ଧାନ ମିଳି ପାଇ ନ ଥିଲେ। ଏ ସମ୍ପର୍କରେ ଅଗ୍ନିଶମ ବିଭାଗଖବର ପାଇ ଶନିବାର ସକାଳେ ଜଳଭଣ୍ଡାରରେ ଖୋଜାଖୋଜି ଆରମ୍ଭ କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ବିଶ୍ୱନାଥଙ୍କ କୌଣସି ସନ୍ଧାନ ମିଳି ନ ଥିବା ଜଣାପଡିଛି।

### ୧୧ରୁ ୩ ଦିନିଆ ଗୀତା ପ୍ରବଚନ କାର୍ଯ୍ୟକ୍ରମ

ଜୟପୁର,୧୧।୨(ନି.ପ୍ର.)-ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ 'ଗୀତାସାର ଜୀବନର ଆଧାର' ଉପରେ ଏକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ପରିପେକ୍ଷୀରେ ଶନିବାର ସ୍ଥାନୀୟ ପ୍ରସାଦରାଓପେଟାସ୍ଥିତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ହୋଇଥିଲା। ଏଥିରେ ରାଜଯୋଗିନୀ ବ୍ରହ୍ମାକୁମାରୀ ଦିନା ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ୧୧ରୁ ୧୩ ପର୍ଯ୍ୟନ୍ତ ପ୍ରତ୍ୟହ ସନ୍ଧ୍ୟା ସାଢେ ୫ଟାରୁ ସାଢେ ୭ଟା ପର୍ଯ୍ୟନ୍ତ ୩ଦିନିଆ ଗୀତା ପ୍ରବଚନ ପାଠ କାର୍ଯ୍ୟକ୍ରମ ହେବ ବୋଲି ସେ ସୂଚନା ଦେଇଥିଲେ। ପ୍ରବଚନ କାର୍ଯ୍ୟକ୍ରମରେ ସହରବାସୀ ତଥା ଅନ୍ୟ ଅଞ୍ଚଳବାସୀ ସାମିଲହେବାକୁ ସେ ପରାମର୍ଶ ଦେଇଥିଲେ।

### କଳାଗୁଡା ଜଙ୍ଗଲରେ ଅବକାରୀ ଚଢାଉ

ଜୟପୁର, ୧୧।୨ (ନି.ପ୍ର.)- ଜୟପୁର ସଦର ଥାନା ଅନ୍ତର୍ଗତ କଳାଗୁଡା ଜଙ୍ଗଲରେ ଅବକାରୀ ଚଢାଉ ହୋଇଛି। ଜୟପୁର ସଦର ପୋଲିସ , ବୈପାରିଗୁଡା ଓ ଜୟପୁର ଅବକାରୀ ବିଭାଗର ମିଳିତ ଚଢାଉ କରିଥିଲେ। ମଦ ଭାଟି ଭଙ୍ଗାଯିବା ସହ ୧୨ ଶହ ଲିଟର ପୋଚ ଓ ୨ ଶହ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରାଯାଇଛି। ଘଟଣା ସ୍ଥଳରୁ ମଦ ରନ୍ଧା ସରଞ୍ଜାମ ଜବତ ହୋଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

# ୩୮୯୧ଗୋଟି ରାଜସ୍ୱ କେସ୍‌ର ଫଇସଲା



ନବରଙ୍ଗପୁରଠାରେ ଏକ କେସ୍‌ର ଫଇସଲା କରାଯାଉଛି।

**ନବରଙ୍ଗପୁର,୧୧।୨(ବି.ପ୍ର.)**

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍) ପକ୍ଷରୁ ଜିଲା କୋର୍ଟ ପରିସରରେ ଡିଏଲ୍‌ଏସ୍ ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଜଜ (ପୋକ୍‌ସୋ) ପ୍ରଣତୀ ସାହାଙ୍କ ନିର୍ଦ୍ଦେଶକ୍ରମେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୩ ଅନୁଷ୍ଠିତ ହୋଇଯାଇଛି। ପରିବାର ବିଚାର ବିଭାଗୀୟ ଜଜ୍ ଡ. ମୁନରାନୀ ମିଶ୍ର ୧୨ଟି ପାରିବାରିକ ବିବାଦ କେସ୍ ସମାଧାନ କରିଛନ୍ତି । ଅତିରିକ୍ତ ଜିଲା ଜଜ ଶିବପ୍ରସାଦ ମିଶ୍ର ଗୋଟିଏ ଏମ୍‌ଏସିଟି କେସ୍ ଫଇସଲା କରି ୪ଲକ୍ଷ ୩୦ହଜାର ଟଙ୍କା କ୍ଷତିପୂରଣ ରାଶି ଧାର୍ଯ୍ୟ କରିଛନ୍ତି । ବରିଷ୍ଠ ଦେୱାନୀ ଜଜ୍ ଅନ୍ନପୂର୍ଣ୍ଣା ନାୟକ ୪ଟି ବ୍ୟାଙ୍କ ଋଣ ଦେୟ ସମ୍ବନ୍ଧୀୟ ବିବାଦର ଫଇସଲା କରି ୭, ୩୯, ୨୪୦ ଟଙ୍କା ଋଣ ଆଦାୟ କରିଛନ୍ତି ଓ ୨ଟି ଦେୱାନି ମକଦ୍ଦମା ସମାଧାନ କରି ୫ଲକ୍ଷ ୬୦ ହଜାର ଟଙ୍କା ଆଦାୟ କରାଯାଇଛି। ଜିଲାକୋର୍ଟ ରେଜିଷ୍ଟ୍ରାର ସୁକାନ୍ତ କିଶୋର ଜେନା ପ୍ରମୁଖ ଗୋଟିଏ ଫୌଜଦାରି ମକଦ୍ଦମାର ଫଇସଲା କରିଛନ୍ତି। ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ରାଜଶ୍ରୀ ଆର୍ଯ୍ୟବାଲା ତ୍ରିପାଠୀ ୫୪ ଫୌଜଦାରି ମକଦ୍ଦମାର ଫଇସଲା କରିଛନ୍ତି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସର୍ବମୋଟ ୧୩୪ କୋର୍ଟ କେସ୍ ଓ ୩୮୯୧ଗୋଟି ରାଜସ୍ୱ କେସ୍‌ର ଫଇସଲା କରାଯାଇଛି। ଏଥିସହ ବ୍ୟାଙ୍କର ୩୦ଟି ପ୍ରାକ୍ ମକଦ୍ଦମା ମଧ୍ୟ ଫଇସଲା କରାଯାଇ ୧୨,୭୩, ୭୬୦ ଋଣ ଆଦାୟ କରାଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଅତିରିକ୍ତ ଜିଲା ଜଜ୍ (ଆଡ୍‌ହକ୍) ନିରଞ୍ଜନ ସାହୁ ଯୋଗଦେଇଥିଲେ। ଡିଏଲ୍‌ଏସ୍ ସଚିବ ଜନକ ରାଉତ ଲୋକ ଅଦାଲତ ପରିଚାଳନା କରିଥିବାବେଳେ କୋର୍ଟର ଆଇନଜୀବୀ ଓ କର୍ମଚାରୀ ସହଯୋଗ କରିଥିଲେ।

**ରାଷ୍ଟ୍ରୀୟ ଲୋକ ଅଦାଲତ**

### ଜରିମାନା ବାବଦକୁ ୭୭ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ

**ରାୟଗଡା ଅଫିସ/ରାୟଗଡ଼ା(ସ୍ୱ.ପ୍ର.),୧୧।୨**

ରାୟଗଡ଼ା ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍‌ଏସ୍) ତତ୍ତ୍ୱାବଧାନରେ ଜିଲା ସିଭିଲକୋର୍ଟ ପରିସରରେ ଶନିବାର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟଗଡ଼ା ମୁଖ୍ୟ କୋର୍ଟ ସମେତ ଗୁଣପୁର, ବିଷମକଟକ, କାଶୀପୁରରେ ଦୀର୍ଘଦିନ ଧରି ପଡ଼ିରହିଥିବା ୩୭୧୭ ମାମଲାର ଫଇସଲା ହୋଇ ଜରିମାନା ବାବଦକୁ ୭୭ ଲକ୍ଷ, ୬୨,୮୯୩ ଟଙ୍କା ଓ ପ୍ରି ଲିଟିଗେଶନ ସମ୍ବନ୍ଧିତ ୩୮ ମାମଲାର ଫଇସଲା ହୋଇ ଜରିମାନା ବାବଦକୁ ୧, ୮୧, ୭୫୦ ଟଙ୍କା ଆଦାୟ ହୋଇଛି। ଡିଏଲ୍‌ଏସ୍ ଅଧ୍ୟକ୍ଷା ତଥା ଅତିରିକ୍ତ ଜିଲା ଦୌରା ଜଜ୍ ରୀନା ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ଲୋକ ଅଦାଲତକୁ ଡିଏଲ୍‌ଏସ୍ ସମ୍ପାଦିକା ନିବେଦିତା ପଣ୍ଡା ପରିଚାଳନା କରିଥିଲେ। ପରିବାର ଅଦାଲତ ବିଚାରପତି ଅମୃତ ରଞ୍ଜନ ନନ୍ଦ, ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଏସ୍.ଏ.କେ. ଜାହିରା ଅହମଦ, ରେଜିଷ୍ଟ୍ରାର ଦେବିଜ୍ୟୋତି ମହାପାତ୍ର, ମହିଳା କୋର୍ଟ ବିଚାରପତି ସୋନଲ ଶର୍ମା, ବରିଷ୍ଠ ଦେୱାନୀ ବିଚାରପତି ସୌମ୍ୟରୂପ ସାହୁ, ଅନୁବିଭାଗୀୟ ଦଣ୍ଡାଧିକାରୀ ଗୁରୁଚରଣ ଜେନାମଣି, ଗ୍ରାମ୍ୟ ନ୍ୟାୟାଧିକାରୀ ସୁଭାସିନୀ ବେହେରା, ପ୍ରଥମ ଶ୍ରେଣୀ ବିଚାରପତି ଚନ୍ଦନ ଦେହୁରୀ ପ୍ରମୁଖ ଯୋଗଦେଇଥିଲେ। ଜିଲା ଅଦାଲତ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।

# ଶହୀଦ ବଗା ପୂଜାରୀଙ୍କ ଆତ୍ମବଳିଦାନ ଦିବସ



କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଅଭିଭାଷଣ ଦେଉଛନ୍ତି।

**ଉମରକୋଟ, ୧୧।୨(ସ୍ୱ.ପ୍ର.)**

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ବଡଭରଣ୍ଡିରେ ଶହୀଦ ବଗା ପୂଜାରୀଙ୍କ ୮୧ତମ ଆତ୍ମ ବଳିଦାନ ଦିବସ ପାଳିତ ହୋଇଯାଇଛି। ଶହୀଦ ବଗା ପୂଜାରୀ ୧୯୪୨ରେ ଭାରତଛାଡ ଆନ୍ଦୋଳନବେଳେ କୋରାପୁଟ ଜେଲରେ ଫେବୃଆରୀ ୧୧ରେ ବ୍ରିଟିଶ ସରକାରଙ୍କ ନିର୍ଯ୍ୟାତନାରେ ଶହୀଦ ହୋଇଥିଲେ ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ। ସକାଳ ୯ଟାରେ ବଗାପୂଜାରୀ ସେବାସଦନ ପ୍ରାଙ୍ଗଣରେ ପତକା ଉତ୍ତୋଳନ ସହ ୧୧ଟାରେ ପୋଲିସ ପକ୍ଷରୁ ସାମରିକ ଅଭିବାଦନ ଓ ଶହିଦ ସ୍ମୃତିସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ପୂର୍ବତନ ମନ୍ତ୍ରୀ ଡମ୍ବରୁ ମାଝି, ପୂର୍ବତନ ଏମ୍‌ପି ଭଗବାନ ମାଝି, ଭାଗିରଥି ନାୟକ, କଂଗ୍ରେସର କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ତ୍ରିପାଠୀ, ରାଜ୍ୟ ମୂଳନିବାସୀ ସଂଗଠକ ଚନ୍ଦ୍ରଧ୍ୱଜ ମାଝି, ଭାଜପା କାର୍ଯ୍ୟକାରିଣୀ ସଭ୍ୟ ରମେଶ ଚନ୍ଦ୍ର ସାହୁ, ଡ଼ଃ ସୁରେନ୍ଦ୍ରନାଥ ଦାଶ, ଇଶା ଲାଠିଆ, ମୂଳନିବାସୀ ସଂଗଠକ ଚୁନିଲାଲ ସତନାମି, କେଦାର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଉମରକୋଟର ସ୍ୱାସ୍ଥ୍ୟ କର୍ମୀ ସିପ୍ରାରାଣୀ ମଲ୍ଲିକ, ଗ୍ରାମରକ୍ଷୀ ବିଶ୍ୱଭୂଷଣ ପଣ୍ଡା, ଅଙ୍ଗଦାନ ପାଇଁ ମୋନହର ଜାନୀ, କୋଭିଡ୍ ଯୋଦ୍ଧା ପ୍ରଦୀପ ରଥ, ସୁଇପର ସୋମବାରୀ ହରିଜନ, ପୋଷ୍ଟମ୍ୟାନ ନାରାୟଣ ସାହୁ, ଭାରତୀୟ ସେନାର ଅବସରପ୍ରାପ୍ତ ଯବାନ ଲକ୍ଷ୍ମୀଧର ଭତ୍ରା ଓ ଅଙ୍ଗନବାଡ଼ି କର୍ମୀ ବିମଳା ହରିଜନ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚନ୍ଦନା ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋପାଳ ପୂଜାରୀ ଧନ୍ୟବାଦ ଦେଇଥିଲେ।

# ବିଦ୍ୟାଳୟର ଉନ୍ନତି ଉପରେ ଗୁରୁତ୍ୱ



ବୈଠକରେ ଏକାଠି ହୋଇଥିବା ପୁରାତନ ଛାତ୍ରୀଛାତ୍ରମାନେ ।

**ଜୟପୁର, ୧୧।୨ (ନି.ପ୍ର.)**

**ପୁରାତନ ଛାତ୍ରୀଙ୍କ ବୈଠକ**

ଜୟପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନରେ ପୁରାତନ ଛାତ୍ରୀ ମାନଙ୍କ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଶକୁନ୍ତଳା ଦାଶ ଚୌଧୁରୀଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ପୌରାଧକ୍ଷ ନରେନ୍ଦ୍ର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପୌର ଉପାଧ୍ୟକ୍ଷ ବି. ସୁନିତା, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପୂର୍ବତନ ଛାତ୍ରୀ ତଥା ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ କନକଲତା ରଥ, ଚନ୍ଦନ ବାଡ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ପଣ୍ଡା ,ସ୍କୁଲ ପରିଚାଳନା କମିଟି ସଭାପତି ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଡିନ ପଦ୍ମିନୀ ହୋତା, ପୁରୁଣା ଛାତ୍ରୀ ମନୋଲିସା ନନ୍ଦ, ଶଶି ରେଖା ମିଶ୍ର, ବିନୋଦିନୀ ସାନ୍ତ୍ରା , ସ୍ୱାତୀ ପଟ୍ଟନାୟକ, ଈଶା ପଟ୍ଟନାୟକ, ନଳିନୀପ୍ରଭା ସାବତ, ସଞ୍ଜୁକ୍ତା ମହାରଣା, ଗୀତାଞ୍ଜଳି ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟର ଉନ୍ନତି ଉପରେ ଆଲୋଚନା କରିଥିଲେ। ଦିଲୀରେ ଆରଡିସି ପରେଡରେ ଅଂଶଗ୍ରହଣ କରିଥିବା ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ରାଗିଣୀ ଲାମ୍ବାଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ସବିତା କୁମାରି ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

### ଅବସରପ୍ରାପ୍ତ କର୍ମଚାରୀଙ୍କ ଘରୁ ଚୋରି

**ବ୍ରହ୍ମପୁର ଅଫିସ,୧୧।୨**

ବ୍ରହ୍ମପୁର ନିମଖଣ୍ଡି ଥାନା ଅନ୍ତର୍ଗତ ବାସୁଦେବନଗରରେ ରହୁଥିବା ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ଘରୁ ଶନିବାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗୃହକର୍ତ୍ତା ଭାସ୍କର ପାତ୍ରଙ୍କ ଅଭିଯୋଗ କ୍ରମେ ପୋଲିସ ନଂ.୫୦/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ପୋଲିସ ଲୁଟେରାଙ୍କୁ ଧରିବା ପାଇଁ ପ୍ରୟାସ କରୁଛି। ଏପରିକି ଘଟଣା ସ୍ଥଳରୁ ସିସିଟିଭି ଫୁଟେଜ ମଧ୍ୟ ସଂଗ୍ରହ କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ଭାସ୍କର ନାଲକୋରେ ଟେକ୍ନିସିଆନ ଭାବେ କାମ କରୁଥିଲେ। ସେ ଅବସର ଗ୍ରହଣ କରିବା ପରେ ବାସୁଦେବନଗରରେ ପରିବାର ସହ ରହୁଛନ୍ତି। ଉପର ମହଲା ଗୃହ ନିର୍ମାଣ କାମ ଚାଲିଥିବା ବେଳେ ସେଥିପାଇଁ ସେ ଜଣେ ଠିକାଦାର ନିଯୁକ୍ତି କରିଥିଲେ। ଗତ ୯ ତାରିଖ ଭାସ୍କର ଏକ ଭୋଜିକୁ ତାଲା ପକାଇ ସିମିଳିଗୁଡ଼ା ଯାଇଥିଲେ। ୧୦ ତାରିଖରେ ଠିକାଦାର ପ୍ରଦ୍ୟୁମ୍ନ ତ୍ରିପାଠୀ ଉକ୍ତ ଘରର ତାଲା ଭଙ୍ଗା ଯାଇଥିବା ନେଇ ଗୃହକର୍ତ୍ତା ଭାସ୍କରଙ୍କୁ ଖବର ଦେଇଥିଲେ। ପରେ ଭାସ୍କର ଘରକୁ ଫେରି ଦେଖିବା ବେଳକୁ ଘରର ପଛ ଗ୍ରୀଲକୁ ଲୁଟିଆମାନେ ଭାଙ୍ଗି ଦେଇଛନ୍ତି। ସେ ଘର ଭିତରକୁ ଯାଇ ଦେଖିବା ବେଳକୁ ଆଲମୀରାରେ ଥିବା ଟଙ୍କା, ରୁପାର ସାମଗ୍ରୀ ଓ ମୂଲ୍ୟବାନ ପାଟ ଶାଢ଼ୀ ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ।

# ମନସ୍ୱିନୀଙ୍କୁ ସ୍କୁଲରେ ସମ୍ବର୍ଦ୍ଧନା



ସ୍କୁଲରେ ମନସ୍ୱିନୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଗୁଡାରୀ, ୧୧।୨(ଡି.ଏନ୍.ଏ.)**

**ରାଜ୍ୟସ୍ତରୀୟ ଦୌଡ଼ କ୍ରୀଡ଼ା ପ୍ରତିଯୋଗିତାରେ ତୃତୀୟ**

ପାରାଦୀପଠାରେ ଗତ ୭ ତାରିଖରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଦୌଡ଼ କ୍ରୀଡା ପ୍ରତିଯୋଗିତାରେ ରାୟଗଡ଼ା ଜିଲା ଗୁଡ଼ାରୀ ହାଇସ୍କୁଲର ନବମ ଶ୍ରେଣୀ ଛାତ୍ରୀ ମନସ୍ୱିନୀ ମାଳବିଷୋୟୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଶୁକ୍ରବାର ତାଙ୍କୁ ସ୍କୁଲ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ପ୍ରାର୍ଥନା କ୍ଲାସରେ ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ଦେବୀ ନାଲା ଓ କ୍ରୀଡ଼ା ଶିକ୍ଷକ ରାଧାକାନ୍ତ ଗୁରୁ ମନସ୍ୱିନୀଙ୍କୁ ମାନପାତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଗୁଡାରୀ ହାଇସ୍କୁଲରୁ ପ୍ରଥମ କରି ଜଣେ ଛାତ୍ରୀ ରାଜ୍ୟସ୍ତରୀୟ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା କ୍ରୀଡ଼ା ଶିକ୍ଷକ କହିଛନ୍ତି। ଏହା ସ୍କୁଲ ପାଇଁ ଏକ ଗୌରବର ବିଷୟ ବୋଲି ପ୍ରଧାନ ଶିକ୍ଷୟିତ୍ରୀ କହିଥିଲେ। ଦଶମ ଶ୍ରେଣୀରେ ସ୍ୱର୍ଣ୍ଣପଦକ ହାସଲ କରି ମୋ ହାଇସ୍କୁଲର ନାମ ନିଶ୍ଚୟ ରଖିବି ବୋଲି ମନସ୍ୱିନୀ କହିଛନ୍ତି।

# ମନମୋହିଲା ଛାତ୍ରୀଛାତ୍ରଙ୍କ ବେଶ

**ବଚପନ ସ୍କୁଲରେ କୌତୁକ ପୋଷାକ ପ୍ରତିଯୋଗିତା**

**ରାୟଗଡ଼ା ଅଫିସ,୧୧।୨**

ରାୟଗଡ଼ା ଲେଡିସ ୱାକର କ୍ଲବ ପକ୍ଷରୁ ଶନିବାର ବଚପନ ସ୍କୁଲରେ ଏକ କୌତୁକ ପୋଷାକ ପ୍ରତିଯୋଗିତା କରାଯାଇଛି। ଏଥିରେ ବିଦ୍ୟାଳୟର ୪୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। କ୍ଲବ ସଭାପତି କେ. ଶୋଭା ରାଣୀଙ୍କ ନେତୃତ୍ୱ ରେ କାର୍ଯ୍ୟକ୍ରମ କରାଯାଇଛି। ବିଚାରକଭାବେ ଆଶାଲତା ପଟ୍ଟନାୟକ, ପି. କଲ୍ୟାଣୀ, ୱାଣି ଶ୍ରୀ ରହିଥିଲେ। ୱାକର କ୍ଲବ କୋ ଅର୍ଡିନେଟର ସତ୍ୟବାଦୀ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଲେଡିଜ ୱାକର କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ସାଇଶ୍ରୀ ଦାସ ପ୍ରଥମ ତେଜସ୍ୱୀନି ସାହୁ ଦ୍ୱିତୀୟ, ତନ୍ମୟୀ ଗୌଡ଼ ତୃତୀୟ ହୋଇଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଛନ୍ତି।




କ୍ଲବ ସଦସ୍ୟା, ଅତିଥିଙ୍କ ସହ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।


OFFICE OF THE EXECUTIVE ENGINEER
WATER WAYS DIVISION NO.-1, SIMDEGA-835223
WATER RESOURCES DEPARTMENT, JHARKHAND
Email ID.- wwd1sim@gmail.com

LT. No. :- 55 Simdega / Date :- 09/02/2023

e- Procurement notice (SBD)

e-Tender Reference No.- WRD/WWD No.- 1 SIMDEGA /01/2022-23

| | | |
|---|---|---|
| 1. | Name of Work | Renovation and Lining Work of Larwa Reservoir Scheme. Dist.- Simdega. |
| 2. | Estimated Cost | Rs. 6,31,01,334.46 |
| 3. | Cost of Bid | Rs. 10,000.00 (Ten thousand only) Non-Refundable |
| 4. | Earnest Money | Rs. 6,31,000.00 |
| 5. | Time of Completion | 12 Months. |
| 6. | Date and Time of Publication of Tender on website | Date- 14.02.2023, Time- 1:00 PM. |
| 7. | Time of Bid Submission | From 14.02.2023 to 28.02.2023 (5:00PM.) |
| 8. | Last Date and Time of Submission of Bid cost and EMD | Date- 01.03.2023, Time- up to 5:00 PM. |
| 9. | Date of opening (Technical Bid) | Date - 02.03.2023, Time 4:00 PM. |
| 10. | Date of opening (Financial Bid) | To be announced |
| 11. | Place of opening of Bids | e-Procurement cell, Chief Engineer, Water Resources department, Jal Bhawan, Doranda, Ranchi. |
| 12. | Name and address of office inviting e-tender | Executive Engineer, Water Wa ys Division No. - 1, Simdega. Mobile No.- 8292591884 |
| 13. | Help Line No of e-Procurement cell | 0651-2481716 |

Note: - 1. Only e-tender will be accepted.
2. Further – Details can be seen on website http://jharkhandtenders.gov.in

Sd/-
Executive Engineer
Water Ways Division No. – 1, Simdega.

PR 289924 (Water Resource) 22-23 (D)


# କୋଷାଗୁମୁଡ଼ାରେ ମାଘ ମଣ୍ଡେଇ ଆରମ୍ଭ

**କୋଷାଗୁମୁଡ଼ା,୧୧।୨(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ସଦର ଠାରେ ପ୍ରସିଦ୍ଧ ମାଘ ମଣ୍ଡେଇ ଯାତ୍ରା ଶୁକ୍ରବାର ଆରମ୍ଭ ହୋଇଛି। ରବିବାର ଯାଏ ଯାତ୍ରା ଚାଲିବ। ଏହି ଯାତ୍ରା ବହୁ ପୁରାତନ ବୋଲି ବିଶ୍ୱାସ ରହିଛି। ପ୍ରଥମ ଦିନରେ ଲାଠି, କୁର୍ସି, ଶିରା, ପୂଜାରୀଙ୍କ ସମାରୋହରେ ଅଞ୍ଚଳ ଉତ୍ସବ ମୁଖର ହୋଇଛି। ପାରମ୍ପରିକ ରୀତିନୀତି ଅନୁଯାୟୀ, ଗ୍ରାମ ଦେବାଦେବୀଙ୍କୁ ସନ୍ତୁଷ୍ଟ କଲେ ଗାଁରେ ଶାନ୍ତି ପ୍ରତିଷ୍ଠା ହେବା ସହ ଶସ୍ୟଶ୍ୟାମଳ ରହିବ ବୋଲି ବିଶ୍ୱାସ ରହିଛି। ଲୋକେ ପ୍ରାକୃତିକ ବିପର୍ଯ୍ୟୟ, ଦୈବି ଦୁର୍ବିପାକ, ସଂକ୍ରମଣ ରୋଗରୁ ମୁକ୍ତି ପାଇଁ ଯାତ୍ରାରେ ମାନସିକ ରଖିଥାନ୍ତି। ଗ୍ରାମରେ ଥିବା ପ୍ରତ୍ୟକ୍ଷ ଆରାଧ୍ୟ ଦେବତା ରାଜା ଚାଉଁରିଆ ମନ୍ଦିର ନିକଟରେ ଆଖପାଖ ଅଞ୍ଚଳର ଲାଠି, କୁର୍ସି, ଶିରା, ପୂଜାରୀମାନେ ଏକତ୍ରିତ ହୋଇ ମନ୍ଦିରରେ ପୂଜାର୍ଚ୍ଚନା କରିଥାନ୍ତି। ପରେ ଗ୍ରାମବାସୀ ଲାଠି, କୁର୍ସି, ଶିରା, ଡୋଲି, ପୂଜାରୀ, ନେତା ସମସ୍ତଙ୍କ ସମାଗମରେ ବାଜା, ମହୁରୀ ଦ୍ୱାରା ଗ୍ରାମରେ ଥିବା ପ୍ରତ୍ୟେକ ଦେବା ଦେବୀଙ୍କ ମନ୍ଦିରକୁ ଯାଆନ୍ତି ଓ ପୂଜାର୍ଚ୍ଚନା କରିଥାନ୍ତି।

ଯାତ୍ରାରେ ରାତିରେ ଲୋକଙ୍କ ମନୋରଞ୍ଜନ ପାଇଁ ଦେଶିଆ ନାଟକ ପରିବେଷଣ କରାଯାଏ। ଶନିବାର ମଧ୍ୟ ଏକ ନାଟକ ମଞ୍ଚସ୍ଥ ହେବ। ରବିବାର କଟକର ଏକ ମେଲୋଡି ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ମଣ୍ଡେଇ ଯାତ୍ରାରେ ଶହୀଦ ଲକ୍ଷ୍ମଣ ନାୟକ ମିନି ଷ୍ଟାଡିୟମ ଠାରେ ଥିବା ମୀନାବଜାର ଲୋକଙ୍କୁ ଆକର୍ଷିତ କରୁଛି। ମଣ୍ଡେଇ ଯାତ୍ରାରେ ସାମିଲ ହୋଇଥିବା ସମସ୍ତ ଦଳର ନେତ୍ରୀନେତା ଓ ଭଦ୍ରବ୍ୟକ୍ତିଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏକ ପ୍ଲାଟୁନ ପୋଲିସ ଫୋର୍ସ, ହୋମଗାର୍ଡ ଓ ପୋଲିସ ଅଧିକାରୀ ମୁତୟନ ହୋଇଛନ୍ତି।




ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଗୋପାଳପୁର ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/ଆଇନଗତ ଉତ୍ତରାଧିକାରୀମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/ଆଇନଗତ ଉତ୍ତରାଧିକାରୀ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା/ଆଇନଗତ ଉତ୍ତରାଧିକାରୀ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଗୋପାଳପୁର ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଗୋପାଳପୁର ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତା/ଆଇନଗତ ଉତ୍ତରାଧିକାରୀମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶ୍ରୀ ସୁକାନ୍ତ ଚରଣ ସେଠୀ (ଗୃହ ଋଣର ଋଣଗ୍ରହୀତା), ମାତା: ୰ ଶାନ୍ତିଲତା ସେଠୀ / ଗ୍ୟାରେଣ୍ଟିଦାତା: ଶ୍ରୀ ବସନ୍ତ କୁମାର ସେଠୀ (ଗୃହ ଋଣର ଗ୍ୟାରେଣ୍ଟିଦାତା) / ୰ ଶାନ୍ତିଲତା ସେଠୀ(ଗୃହ ଋଣର ବନ୍ଧକଦାତା)ଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀ ସୁକାନ୍ତ ଚରଣ ସେଠୀ, ୨) ଶ୍ରୀ ବସନ୍ତ କୁମାର ସେଠୀ, ୩) ଶ୍ରୀ ବିଶାନ୍ତ ଚରଣ ସେଠୀ, ୪) ଶ୍ରୀ ହେମନ୍ତ କୁମାର ସେଠୀ, ୫) ଶ୍ରୀମତୀ ମମିତା ସେଠୀ, ୬) ମିସ୍ ମେଘନା ପ୍ରିୟଦର୍ଶିନୀ ସେଠୀ (୰ ଶାନ୍ତିଲତା ସେଠୀଙ୍କ ନାତୁଣୀ), ୭) ଶ୍ରୀ ସୌମ୍ୟ ରଞ୍ଜନ ସେଠୀ (୰ ଶାନ୍ତିଲତା ସେଠୀଙ୍କ ନାତି), ସା: ଏଲମାପୁର, ପୋ: ରାମକୃଷ୍ଣପୁର, ଥାନା: ସାଲେପୁର, ଜିଲ୍ଲା: କଟକ | ଟ.୨୨,୮୦,୯୨୭.୧୩ +ସେବାବଦ ସୁଧ ଏବଂ ଖର୍ଚ୍ଚ | ୨୯.୧୧.୨୦୨୨ / ୦୯.୦୨.୨୦୨୩ | ୰ ଶାନ୍ତିଲତା ସେଠୀଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୫୫/୭୮, ପ୍ଲଟ୍ ନଂ.: ୮୧୦, କ୍ଷେତ୍ର: ଏକର୦.୧୩୫ଡିସିମିଲି, କିସମ: ଘରବାରୀ, ମୌଜା: ଏଲମାପୁର, ଏସ୍‌ଆରଓ: ସାଲେପୁର, ତହସିଲ: ସାଲେପୁର, ତହସିଲ ନଂ.: ୪୫୧, ଥାନା: ସାଲେପୁର, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ରାମଚନ୍ଦ୍ର ଭୋଇ, ପୂର୍ବ: ରାସ୍ତା, ପଶ୍ଚିମ: ୰ ଶାନ୍ତିଲତା ସେଠୀ |

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୨.୦୨.୨୦୨୩ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ଟିଂକିରି ହାଇସ୍କୁଲର ବାର୍ଷିକୋତ୍ସବ

ଟିଂକିରି, ୧୧।୨(ଡି.ଏନ୍.ଏ.)- ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିଂକିରି ସରକାରୀ ହାଇସ୍କୁଲର ବାର୍ଷିକୋତ୍ସବ ପାଳନ କରାଯାଇଛି। ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ମୁଖ୍ୟ ଅତିଥି, ରାୟଗଡ଼ା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଭାପତି ଅନସୂୟା ମାଝି ମୁଖ୍ୟବକ୍ତା, ରାୟଗଡ଼ା ଜିଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝି , କାଶୀପୁର ପଞ୍ଚାୟତ ସମିତି ଅଧକ୍ଷା କଣ୍ଡ ମାଝି, ଉତ୍କଳ ଆଲୁମିନାର ମଜହର ବେଗ୍, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେଶ ପାତ୍ର, ମୋ ସ୍କୁଲ ଅଭିଯାନ ସଭାପତି ରାମମୋହନ ମହାନ୍ତି, ପ୍ରଧାନ ଶିକ୍ଷକ ଲୋଚନ ଖରା ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ଦୁର୍ଘଟଣାରେ ୨ ଗୁରୁତର




ଟିଂକିରି, ୧୧।୨(ଡି.ଏନ୍.ଏ.)- ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିଂକିରିସ୍ଥିତ ଡେଙ୍ଗାଗୁଡ଼ା ଗାଁ ଛକ ନିକଟରେ ଏକ ଇକୋ ଗାଡ଼ି ସହ ବାଇକ ଧକ୍କା ହୋଇଛି। ୨ ଜଣ ଗୁରୁତର ଥିବାରୁ ସେମାନଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି। ଏକ ବାଇକରେ ପାନବନ୍ଧ ଗାଁର ସବନ ମାଝି, ଟିଟୁ ମାଝି କାଳିଆ କଣା ଗାଁର ତପନ ମାଝି ଟିଂକିରିରୁ ଟଟାଗୁଡ଼ା ଯାଉଥିବାବେଳେ କାଶୀପୁରରୁ ଆସୁଥିବା ଇକୋ ଗାଡ଼ି ସହ ସେମାନଙ୍କ ଧକ୍କା ହୋଇଥିଲା। ସେମାନଙ୍କୁ ଉଦ୍ଧାରକରି ପ୍ରଥମେ ଟିଂକିରି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତପନ ଏବଂ ଟିଟୁଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### କୃଷ୍ଣଚନ୍ଦ୍ର ବହ୍ନିପାତ୍ରଙ୍କ ଶ୍ରାଦ୍ଧଦିବସ



ରାୟଗଡ଼ା,୧୧।୨(ସ୍ୱ.ପ୍ର.)- ରାୟଗଡ଼ା ପୂର୍ବତନ ନଗରପାଳ ସ୍ୱର୍ଗତ କୃଷ୍ଣଚନ୍ଦ୍ର ବହ୍ନିପାତ୍ରଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଛି। ସହରର ବୁଦ୍ଧିଜୀବୀ, ଓକିଲ, ଖବରଦାତା ଓ ସାମାଜିକ କର୍ମୀ ଏଥିରେ ସାମିଲ ହୋଇଥିଲେ। ସ୍ୱର୍ଗତ ବହ୍ନିପାତ୍ର କିଭଳି ସବୁବେଳେ ବିକାଶ କଥା ଚିନ୍ତା କରୁଥିଲେ ସେ ନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ ନିକଟରେ ମୃତ୍ୟୁବରଣ କରିଥିବ ଭୂଦାନ କର୍ମୀ ଜୟରାମ ଜେନାଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ସମୟରେ ଶିକ୍ଷାବିତ ଡ. ଦୁଷ୍ମନ୍ତ ମହାନ୍ତି, ସରକାରୀ ଓକିଲ ବ୍ରଜସୁନ୍ଦର ନାୟକ, ପୂର୍ବତନ ପୌର ଉପାଧକ୍ଷ ଡ. ନିରଞ୍ଜନ ବହ୍ନିପାତ୍ର, ବିନାୟକ କର, ସବ୍ୟସାଚୀ ସାହୁ, ସନ୍ତୋଷ ପାତ୍ର, ରାମଚନ୍ଦ୍ର ପାଢ଼ୀ, ଜଗଦୀଶ ପଣ୍ଡା, ସିଲା ଜଗନ୍ନାଥ ସ୍ୱାମୀ, ଦେବାଶିଷ ଖାଡ଼ଙ୍ଗା ପ୍ରମୁଖ ଉପସ୍ଥିତ ଥିଲେ।

### ବାଘୁଆ ଦେଉଳରେ ପାର୍ଶ୍ୱ ଦେବା ଦେବୀଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ଗୁଣପୁର,୧୧।୨(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଗୁଣପୁର ସହର ସର୍ବପୁରାତନ, ଐତିହ୍ୟ ସମ୍ପନ୍ନ ବାଘୁଆ ଦେଉଳ ତଥା ଉମାରାମଲିଙ୍ଗେଶ୍ୱର ମନ୍ଦିର ପରିସରରେ ଲଳିତା, ଗଣେଶ, କାର୍ତ୍ତିକେୟ ଏବଂ ହନୁମାନ ମନ୍ଦିର ରତ୍ନମୁଦ ସ୍ଥାପନ ସହ ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୂଜକ ଭାବେ ବ୍ରହ୍ମା ଗୁପ୍ତେଶ୍ୱର ରଥଶର୍ମା, ସୁଦାମ ରଥଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମନୋରଞ୍ଜନ ରଥ, ତ୍ରିନାଥ ତ୍ରିପାଠୀ, ଟୁକୁନାରଥ, କୃଷ୍ଣ ପ୍ରସାଦ ମିଶ୍ର, ଭେଙ୍କେଟି ପ୍ରସାଦ ମିଶ୍ର, ରମେଶ ପାତ୍ର, ବିଶ୍ୱରଞ୍ଜନ ସାହୁ,ରାଧାଚରଣ ମହାନ୍ତିଙ୍କ ସମେତ ବାଘୁଆ ଦେଉଳମନ୍ଦିର ପୂଜକମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଲାଗି ମଙ୍ଗଳବାର ଗଙ୍ଗା ଆବାହନ, ଜଳଯାତ୍ରା ଆଦି କରାଯାଇଥିଲା। ଗୁରୁବାର ରତ୍ନମୂଦ ସ୍ଥାପନ କରାଯାଇଛି। ଶୁକ୍ରବାର ତଥା ଶେଷ ଦିନରେ ନଗର ପରିକ୍ରମା, ସିଂହାସନ ପୂଜା, ଦେବତା ପ୍ରାଣ ପ୍ରତିଷ୍ଠା ଏବଂ ଦେବଦେବୀଙ୍କ ମନ୍ଦିର ପ୍ରବେଶ, ଷୋଡଶ ଉପଚାର ଏବଂ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଗୁଣପୁର ଉପଜିଲାପାଳ ଲଳିତ କୁମାର କଅଁର,ତହସିଲଦାର ଶରତ ଚନ୍ଦ୍ର ନାୟକଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ବ୍ଲାଷ୍ଟିଂ ପଥର ପଡ଼ି ମକା ଫସଲ ନଷ୍ଟ

- କ୍ଷତିପୂରଣ ଦାବିକଲେ ଚାଷୀ
- ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜଣାଇଥିଲେ

ଡାବୁଗାଁ, ୧୧।୨ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ଜବାଗୁଡ଼ା ପଞ୍ଚାୟତ ଅଧୀନ ଦରଗୁଲା ଗ୍ରାମ ନିକଟ ଅଙ୍ଗୀ ନଦୀ ପାଖରେ ପଥର ବ୍ଲାଷ୍ଟିଂ ହୋଇ ଏକର ଏକର ମକା ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଜିଲା ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ସୂଚନାନୁଯାୟୀ, ରାୟପୁରରୁ ବିଶାଖାପାଟଣା ପର୍ଯ୍ୟନ୍ତ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗର ଭାରତମାଳା ରାସ୍ତା ନିର୍ମାଣ ନିମନ୍ତେ ଦରଗୁଲା ଗ୍ରାମ ନିକଟ ଅଙ୍ଗୀ ନଦୀର ଅପରପାର୍ଶ୍ୱରେ ଥିବା ପଥରଖଣିରେ ବ୍ଲାଷ୍ଟିଂ କରି ପଥର ନିଆଯାଉଛି। ଅଙ୍ଗୀ ନଦୀ କୂଳରେ ଥିବା ଗ୍ରାମର ୫ ଜଣ ଚାଷୀଙ୍କ ଜମିରେ ଥିବା ମକା ଫସଲରେ ପଥର ପଡ଼ି ଚାଷ ନଷ୍ଟ ହୋଇଛି। ଚାଷୀ ବ୍ୟାଙ୍କରୁ ଋଣ ନେଇ ଚାଷ କରିଛି । ରାସ୍ତା କାମ ନେଇଥିବା କମ୍ପାନୀର ଏଭଳି ମନମୁଖି କାର୍ଯ୍ୟ ଯୋଗୁ କ୍ଷତି ଘଟୁଛି ବୋଲି ଚାଷୀ ପୁରୁଷତି ମାଝି, ଲାମ୍ବୁ ମାଝି, ସିଙ୍ଗି ମାଝି, ଜୟ ଭତରା ଓ ଭକଚନ୍ଦ ମାଝି ପ୍ରମୁଖ ଅଭିଯୋଗ କରିଛନ୍ତି। ଏନେଇ ୨୪ ତାରିଖରେ ଡାବୁଗାଁ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମଧ ଗ୍ରାମବାସୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ପରେ କିଛି ଦିନ ପଥର ବ୍ଲାଷ୍ଟିଂ ବନ୍ଦ ରହିଥିଲା। ପୁଣି ଏବେ ସେହି ସ୍ଥାନରେ ପଥର ବ୍ଲାଷ୍ଟିଂ ହେବାରୁ ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଏନେଇ ଜବାଗୁଡ଼ା ସରପଞ୍ଚ ଗୋମତୀ ଭତରାଙ୍କୁ ଯୋଗାଯୋଗ କରିବାରୁ ଉକ୍ତ କମ୍ପାନୀ କର୍ମଚାରୀଙ୍କ ସହ ଆଲୋଚନାକରି କ୍ଷତିପୂରଣ ଦେବା ପାଇଁ ବ୍ୟବସ୍ଥା କରିବେ ବୋଲି କହିଛନ୍ତି।

# ହତ୍ୟାକାଣ୍ଡର ଟେର୍‌ପାଉନି ପୋଲିସ, ପୋଷ୍ଟମର୍ଟମ ରିପୋର୍ଟକୁ ଅପେକ୍ଷା

ଗୁଣପୁର,୧୧।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ରେଗେଡା ପଞ୍ଚାୟତ ଚିନାରିଗୁଡ଼ା ଗ୍ରାମର ପଣ୍ଡା ଶବରଙ୍କୁ ବୁଧବାର ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଘଟଣାକୁ ଇତିମଧ୍ୟରେ ୩ ଦିନ ବିତି ଯାଇଥିଲେ ସୁଦ୍ଧା ହତ୍ୟାକାଣ୍ଡର ଟେର୍‌ପାଉନି ପୋଲିସ। ଗୁରୁବାର ସନ୍ଧାନୀ କୁକୁର ଆଣି ତଦନ୍ତ କରାଯାଇଥିଲେ ସୁଦ୍ଧା କୌଣସି ତଥ୍ୟ ମିଳିନି। ଘଟଣାର ପର୍ଦ୍ଦାଫାଶ କରିବା ପୋଲିସ ମୁଣ୍ଡ ବ୍ୟଥାର କାରଣ ପାଲଟିଛି।

ବୁଧବାର ସନ୍ଧ୍ୟାରେ ପଣ୍ଡା ଶବରଙ୍କ ମୃତଦେହ ଘରଠାରୁ ୫୦ ମିଟର ଦୂରରୁ ମିଳିଥିଲା। ଜମିଜମା ସମସ୍ୟାକୁ କେନ୍ଦ୍ରକରି ବାପାଙ୍କୁ ହତ୍ୟା କରାଯାଇଥିବା ଶବରଙ୍କ ପୁଅ ଅଭିଯୋଗ କରିଥିଲେ। ଗୁରୁବାର ରାୟଗଡ଼ାରୁ ଡଗ୍ ସ୍କ୍ୱାଡ୍ ସହ ଫୋରେନସିକ୍ ଟିମ୍ ଆସି ତଦନ୍ତ କରିଥିଲେ। ମୃତଦେହରେ କୌଣସି ଆଘାତ ଚିହ୍ନ ନ ଥିବା ପୋଲିସ କହିଛି। ଘଟଣାସ୍ଥଳରୁ କୌଣସି ମାରଣାସ୍ତ୍ର ମଧ୍ୟ ଜବତ କରାଯାଇନାହିଁ, ଯାହାକୁ ନେଇ ପୋଲିସ ଏବେ ଦ୍ୱନ୍ଦ୍ୱରେ। ଘଟଣା ରହସ୍ୟମୟ ଥିବାରୁ ଏମ୍‌କେସିଜି ମେଡିକାଲକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଗାଁରେ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏହା ହତ୍ୟା, ଆତ୍ମହତ୍ୟା ନା ସ୍ୱାଭାବିକ ମୃତ୍ୟୁ ଏହାର ପର୍ଦ୍ଦାଫାଶ କରିବା ପୋଲିସ ପାଇଁ ଏବେ ଚ୍ୟାଲେଞ୍ଜ। ଶେଷରେ ବ୍ୟବଚ୍ଛେଦ ରିପୋର୍ଟକୁ ପୋଲିସର ଅପେକ୍ଷା। ରିପୋର୍ଟ ଆସିଲା ପରେ ମୃତ୍ୟୁ କିପରି ଘଟିଲା ତାହା ଜଣାପଡିବ ବୋଲି ପୋଲିସ ଆଶା ରଖିଛି।

# ଘରୋଇ ପାଇପ୍, ଷ୍ଟାଣ୍ଡପୋଷ୍ଟରେ ଆସୁନି ପାଣି

- ଜଳକଷ୍ଟ ଭୋଗୁଛନ୍ତି ରୟତ କଲୋନି ବାସିନ୍ଦା
- ଆବଶ୍ୟକତା ମେଣ୍ଟାଇ ପାରୁନି ଟ୍ୟାଙ୍କର ପାଣି

ରାୟଗଡ଼ା,୧୧।୨(ସ୍ୱ.ପ୍ର.)

ଖରାଦିନ ଆରମ୍ଭ ନ ହେଉଣୁ ରାୟଗଡ଼ା ସଦର ମହକୁମାରେ ପାନୀୟ ଜଳ ଅଭାବ ଦେଖାଦେଇଛି। ଆଗକୁ ଖରା ବଢ଼ିବ। ସେତେବେଳେ ପାନୀୟ ଜଳ ସମସ୍ୟା କେତେମାତ୍ରାରେ ବଢ଼ିବ ତାହାର ଜ୍ୱଳନ୍ତ ଜ୍ୱଳନ୍ତ ଉଦାହରଣ ଏବେଠାରୁ ରାୟଗଡ଼ା ସଦର ମହକୁମାସ୍ଥିତ ରୟତ କଲୋନୀ ଅଞ୍ଚଳରେ ଦେଖିବାକୁ ମିଳିଛି।

ରୟତ କଲୋନୀ ଅଞ୍ଚଳରେ ଦୀର୍ଘ ବର୍ଷ ଧରି ପାନୀୟ ଜଳର ସମସ୍ୟା ଲାଗି ରହିଛି। ତଥାପି ମଧ ଏହାର କୌଣସି ସ୍ଥାୟୀ ସମାଧାନ ହୋଇପାରୁନାହିଁ। ଉକ୍ତ ଅଞ୍ଚଳର କିଛି ଅଂଶ ପୌରାଞ୍ଚଳ ଏବଂ ଆଉ କିଛି ଅଂଶ ପଞ୍ଚାୟତ ଅଧୀନରେ ରହୁଥିବାରୁ ସେଠାକାର ଲୋକେ ପାନୀୟ ଜଳ ପାଇଁ ବିଶେଷ ସମସ୍ୟା ଭୋଗୁଛନ୍ତି। କାହାକୁ ଗୁହାରି କଲେ ସ୍ଥାୟୀ ସମାଧାନ ହୋଇପାରିବ ତାହା ଜାଣିପାରୁନାହାନ୍ତି। ପାଇପରେ ପାନୀୟ ଜଳ ଯୋଗାଣ ଠିକ୍‌ଭାବେ ହୋଇପାରୁନାହିଁ। ଏପରିକି ସେଠାରେ ଥିବା ଷ୍ଟାଣ୍ଡ ପୋଷ୍ଟଗୁଡ଼ିକରେ ମଧ ପାଣି ଆସୁନାହିଁ। ଏନେଇ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ କୌଣସି ସ୍ଥାୟୀ ସମାଧାନ ହେଉନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଆର୍.ଶ୍ରୀଲତା ଓ କେ.ସ୍ୱପ୍ନା କହିଛନ୍ତି।




ଏହି ସମସ୍ୟା ପ୍ରାୟ ସମୟ ଲାଗି ରହୁଛି। ଏନେଇ ଅଭିଯୋଗ କଲେ ଜନ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଷ୍ଟାଣ୍ଡ ପୋଷ୍ଟ ନିକଟରେ ଏକ ପାଣି ଟାଙ୍କି ସ୍ଥାପନ କରାଯାଉଛି । ଏହିଭଳି କେତେକ ସ୍ଥାନରେ ପାଣି ଟାଙ୍କି ଲଗାଯାଇ ପାଣି ଦିଆଯାଉଛି। ତେବେ ଉକ୍ତ ଟାଙ୍କିଗୁଡ଼ିକର କ୍ୟାପ ନ ଥିବା ବେଳେ ପାଣି ମଧ ସଫା ରହୁନଥିବା ସେଠାକାର ବାସିନ୍ଦା ଅଭିଯୋଗ କରିଛନ୍ତି । ଉକ୍ତ ଟାଙ୍କିରେ ପ୍ରତ୍ୟେକ ଦିନ ଗାଡ଼ି ଆସି ପାଣି ଭର୍ତ୍ତି କରେ। କିନ୍ତୁ ତାହା ସମସ୍ତଙ୍କ ଆବଶ୍ୟକତା ମେଣ୍ଟାଇ ପାରୁନାହିଁ। ପିଇବା ପାଇଁ ପାଣି ନେଲେ ଗାଧୋଇବା ତଥା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ପାଣିର ଅଭାବ ରହୁଛି। ତେବେ ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗର ରାୟଗଡ଼ା ଉପଖଣ୍ଡ ଦାୟିତ୍ୱରେ ଥିବା ନିର୍ବାହୀ ଯନ୍ତ୍ରୀ ସହଦେବ କିଷାନଙ୍କୁ ପଚାରିବାରୁ ଯେଉ ମୁଖ୍ୟ ପାଇପରେ ନଦୀରୁ ପାଣି ଉଠାଯାଉଛି ତାହା ଫାଟିଯାଇଥିଲା। ବର୍ତ୍ତମାନ ତାହାର ମରାମତି କରାଯାଇଛି। ଆଗାମୀ ଦିନରେ ପାଣି ପାଇଁ କୌଣସି ଅସୁବିଧା ରହିବ ନାହିଁ ବୋଲି ସେ କହିଛନ୍ତି।

## ଏଟିଏମ୍ ସ୍ଥାପନ ଦାବି

ନବରଙ୍ଗପୁର,୧୧।୨(ବି.ପ୍ର.)

ନବରଙ୍ଗପୁର ଜିଲା ଓକିଲ ସଂଘ ପକ୍ଷରୁ ସ୍ଥାନୀୟ ନବରଙ୍ଗପୁର ଜିଲା ଓ ଦୌରା ଜଜ୍‌ଙ୍କ ଅଦାଲତ ନିକଟରେ ଏକ ଏଟିଏମ୍ ସ୍ଥାପନ କରିବା ପାଇଁ ଦାବି କରାଯାଇଛି। ନବରଙ୍ଗପୁର ଜିଲା ଓକିଲ ସଂଘ ପକ୍ଷରୁ ସଭାପତି ନରସିଂହ ତ୍ରିପାଠୀ ଦାବି କରିଛନ୍ତି। ନବରଙ୍ଗପୁର ଜିଲା କୋର୍ଟ ସହରଠାରୁ ପ୍ରାୟ ୩ କିଲୋମିଟର ଦୂରରେ ଅବସ୍ଥିତ। କୋର୍ଟ ତଥା ଆଖପାଖ ଅଞ୍ଚଳ ଲୋକେ ଏଠାକୁ ଆସି ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଣୁ ଅତିଶୀଘ୍ର ନବରଙ୍ଗପୁର ଜିଲା କୋର୍ଟ ନିକଟରେ ଏକ ଏଟିଏମ୍ ସ୍ଥାପନ କରିବା ପାଇଁ ସରକାର, ଜିଲା ପ୍ରଶାସନ ଏବଂ ସମସ୍ତ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ନିକଟରେ ସଭାପତିତ୍ରିପାଠୀ ଦାବିକରିଛନ୍ତି।

## ଶିବରାତ୍ରି ପ୍ରସ୍ତୁତି ବୈଠକ



ପାପଡ଼ାହାଣ୍ଡି, ୧୧।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିର ପ୍ରସିଦ୍ଧ ଶୈବପୀଠ ନୀଳକଣ୍ଠେଶ୍ୱର ମନ୍ଦିରରେ ଆସନ୍ତା ୧୮ ତାରିଖରେ ହେବାକୁ ଥିବା ମହାଶିବରାତ୍ରି ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଜଗେଶ୍ୱର ଭୋଇଙ୍କ ଅଧ୍ୟକ୍ଷତାରେ ମନ୍ଦିର କମିଟି ସଦସ୍ୟ ଏବଂ ସ୍ଥାନୀୟ ପୋଲିସଙ୍କ ଉପସ୍ଥିତିରେ ପ୍ରସ୍ତୁତି ବୈଠକ ହୋଇଥିଲା। ଚଳିତବର୍ଷ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବ। ଏହାକୁ ନିୟନ୍ତ୍ରଣ, ମନ୍ଦିର ପରିସରରେ ଭକ୍ତଙ୍କ ସୁବିଧା ଯୋଗାଇ ଦିଆଯିବାକୁ ବୈଠକରେ ଆଲୋଚନା ହୋଇଥିଲା। ମହାଦୀପ ଉଠିବାବେଳେ ହେବାକୁ ଥିବା ଭିଡ଼ ନିୟନ୍ତ୍ରଣ, ଆଇନଶୃଙ୍ଖଳା ପାଇଁ ପୋଲିସ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯିବ ବୋଲି ଥାନାଧିକାରୀ କହିଛନ୍ତି। ସେଦିନ ରାତିରେ ଲୋକଙ୍କ ମନୋରଞ୍ଜନ ପାଇଁ ୨ଟି ଦେଶିଆ ନାଟ, ଭକ୍ତଙ୍କ ପାଇଁ ପିଇବା ପାଣି ଏବଂ ଭୋଗର ବ୍ୟବସ୍ଥା କରାଯିବା ନିଷ୍ପତ୍ତି ନିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ଥାନାଧିକାରୀ ଦୀପକ ଜେନା, ବି. ଜଗନମହନ ରାଓ, ଜି. ଅନନ୍ତ ମୂର୍ତ୍ତି, ପୂଜକ ନୀଳକଣ୍ଠ ତ୍ରିପାଠୀ, ଆରଆଇ କାର୍ତ୍ତିକ ନାୟକ, ବିନୋଦ ଅଗ୍ରୱାଲ, ରାଜକିଶୋର ରାଓ, ରିଙ୍କୁ ପଣ୍ଡା, ତ୍ରିନାଥ ପ୍ରଧାନ, ହରି ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# କଡ଼ାକଡ଼ି ପାଟ୍ରୋଲିଂ ସହ ସୁରକ୍ଷା ଦାବି



ଡିଏସ୍‌ପି ଦାବିପତ୍ର ଗ୍ରହଣ କରୁଛନ୍ତି।

ରାୟଗଡ଼ା ଅଫିସ/ରାୟଗଡ଼ା (ସ୍ୱ.ପ୍ର.), ୧୧।୨

ରାୟଗଡ଼ା ସହରରେ ପ୍ରତିଦିନ ଲୁଟ୍ ଓ ଚୋରି ବଢ଼ିବାରେ ଲାଗିଛି। ରାତି ପାହିଲା ବେଳେ ଏହି ଖବର ହିଁ ସର୍ବଦା ହସ୍ତଗତ ହେଉଛି। ମୁଖ୍ୟତଃ ଜାନୁୟାରୀ ମାସରୁ ଅବସ୍ଥା ସାଂଘାତିକ ହୋଇପଡ଼ିଛି। ଫଳରେ ସାଧାରଣ ଲୋକେ ହନ୍ତସନ୍ତ ହେଉଛନ୍ତି। ତେଣୁ ଏହାର ନିୟନ୍ତ୍ରଣ ସହ ଚୋର ଓ ଲୁଟେରାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ବିଜେଡି କାଉନସିଲର ଓ ସାଧାରଣ ଲୋକେ। ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଡିଏସ୍‌ପି ସୁଦାମ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି। କଡ଼ାକଡ଼ି ପାଟ୍ରୋଲିଂ ବ୍ୟବସ୍ଥା ଗ୍ରହଣ କରିବା ସହ ଲୁଟେରାଙ୍କ ଫଟୋ ବିଭିନ୍ନ ସ୍ଥାନରେ ଲଗାଇବାକୁ ନିବେଦନ କରାଯାଇଛି। ସେହିଭଳି ଯେଉଁ ଅସାମାଜିକ ଯୁବକମାନେ ସହର ଭିତରେ ଉତ୍ପାତ କରୁଛନ୍ତି ସେଥିରେ ନିୟନ୍ତ୍ରଣ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି। ୧୬ ନମ୍ବର କାଉନସିଲର ତଥା ବିଜୁ ମହିଳା ଜନତା ଦଳ କାର୍ଯ୍ୟକାରୀ ସଭାନେତ୍ରୀ ଶ୍ରମିତା ପାଢ଼ୀଙ୍କ ନେତୃତ୍ୱରେ ୧୫ ନମ୍ବର କାଉନସିଲର ସନ୍ତୋଷ ଦଳାଇ, ୯ ନମ୍ବର କାଉନସିଲର ଗୋପୀନାଥ ଗୌଡ଼, ୨୧ ନମ୍ବର କାଉନସିଲର ପି. ରୋଜାଙ୍କ ସହ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୨ ପରିବାର ମଧ୍ୟରେ ସଂଘର୍ଷ

## ୪ ଅଭିଯୁକ୍ତ ଗିରଫ

ଉମରକୋଟ, ୧୧।୨(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକସ୍ଥିତ ମେନ୍ଦାବେଡା ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟ ୨ଜଣଙ୍କୁ ନୋଟିସ କରି ଛାଡି ଦେଇଛନ୍ତି।

ସୂଚନାନୁଯାୟୀ ମେନ୍ଦାବେଡ଼ାର ଦେବେନ୍ଦ୍ର ଦାସ ନିଜ ଘରେ ଥିବା ସମୟରେ ପଡୋଶୀ ତଥା ସମ୍ପର୍କୀୟ ତରୁଣ ଦାସ, ଦେବ ଦାସ, ଗୋପାଳ ଦାସ, ଦାଦା ଦଶରଥ ଦାସ, ଖୁଡି ବିଦେଇ ଦାସ, ଭଉଣୀ ମମତା ଦାସ କୋଡି,ଶାବଳ, ଇଟା, ବଟକରାରେ ଆକ୍ରମଣ କରିଥିଲେ। ସେମାନଙ୍କୁ ଅଟକାଇବାକୁ ଦେବେନ୍ଦ୍ରଙ୍କ ସ୍ତ୍ରୀ ସରୋଜିନୀ, ପୁଅ ଚନ୍ଦ୍ରଶେଖର, ଆୟୁଷ୍ମାନ ପୁତୁରା ବବଲୁ ଦାସ ଓ ଭାଇ କୃପାସିନ୍ଧୁ ଚେଷ୍ଟା କରିଥିଲେ। ଦେବେନ୍ଦ୍ରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି ବୋଲି ତାଙ୍କ ସ୍ତ୍ରୀ ଉମରକୋଟ ଥାନାରେ ଦେଇଥିବା ଏତଲାରେ ଉଲ୍ଲେଖ ରହିଛି। ଉମରକୋଟ ଡାକ୍ତରଖାନାରେ ଦେବେନ୍ଦ୍ରଙ୍କ ପ୍ରାଥମିକ ଚିକିତ୍ସା କରାଯାଇ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ପରିବାର ଲୋକେ ତାଙ୍କୁ ଛତିଶଗଡ଼ ଜଗଦଲପୁରକୁ ଚିକିତ୍ସା ପାଇଁ ନେଇଛନ୍ତି। ସରୋଜିନୀଙ୍କ ଏତଲାକୁ ଭିତ୍ତିକରି ଉମରକୋଟ ପୋଲିସ ୩୫/୨୩ରେ ମାମଲା ରୁଜୁ କରିଛି। ପୋଲିସ ତରୁଣ, ଦେବ, ଗୋପାଳ ଓ ଦଶରଥଙ୍କୁ ଗିରଫ କରିଛି। ବିଦେଇ ଓ ମମତାଙ୍କୁ ନୋଟିସ କରି କୋର୍ଟ କାର୍ଯ୍ୟରେ ସହଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ବିଧାୟକଙ୍କୁ ବରିଷ୍ଠ ନାଗରିକ ସଂଘର ଦାବିପତ୍ର

ଗୁଣପୁର,୧୧।୨(ଡି.ଏନ.ଏ)



ରାୟଗଡ଼ା ଜିଲା ଗୁଣପୁର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଏକ ଦାବିପତ୍ର ବିଧାୟକ ରଘୁନାଥ ଗମାଙ୍ଗଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟର ସମସ୍ତ ବରିଷ୍ଠ ନାଗରିକ ସଂଘକୁ ୨୦ଫୁଟ ଓସାର ଓ ୩୦ଫୁଟ ଲମ୍ବର ଗୋଟିଏ ଗୃହ କୌଣସି ପାର୍କ କିମ୍ବା ଖେଳ ପଡିଆ କୋଣରେ ରଖାଯାଇ ନିର୍ମାଣ, ନିୟମିତ ଉପଭୋକ୍ତା କାର୍ଯ୍ୟକ୍ରମ କରିବା ନିମନ୍ତେ ବାର୍ଷିକ ୨୦ ହଜାର ଟଙ୍କା ଅନୁଦାନ, ଓଡିଶାରେ ବାର୍ଦ୍ଧକ୍ୟ ଭତ୍ତା ମାସିକ ୨୦୦୦ ଟଙ୍କା କରିବା, ସମସ୍ତବରିଷ୍ଠ ନାଗରିକଙ୍କୁ ବିଜୁ ସ୍ୱାସ୍ଥ୍ୟକଲ୍ୟାଣଯୋଜନାରେ ଅନ୍ତର୍ଭୁକ୍ତ ଏବଂ ସରକାରୀ ଓ ବେସରକାରୀ ବସଭଡାରେ ୫୦ ଶତକଡା ରିହାତି ଦେବାକୁ ବିଧାୟକ ବିଧାନ ସଭାରେ ଆଲୋଚନା ପାଇଁ ଦାବି ରଖନ୍ତୁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।

ପ୍ରତ୍ୟେକ ବିଧାନସଭା କ୍ଷେତ୍ରରେ ବରିଷ୍ଠ ନାଗରିକଙ୍କ ପ୍ରସଙ୍ଗରେ କୌଣସି ଆଲୋଚନା ହେଉନାହିଁ। ବରିଷ୍ଠ ନାଗରିକ ଅବସର ସମୟ କଟାଇବା ପାଇଁ କେତେକ ଅଞ୍ଚଳରେ ସଂଘ ଗଠନ କରିଛନ୍ତି। ୨୦୧୫ରେ ଓଡ଼ିଶା ସରକାର ସାମଜ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ସୃଷ୍ଟି କରିଥିଲେ। ୭ ବର୍ଷ ମଧ୍ୟରେ କେବଳ ବାର୍ଦ୍ଧକ୍ୟ ଭତ୍ତା ଦେବା ଛଡା ସେମାନଙ୍କ ପାଇଁ କୌଣସି କଲ୍ୟାଣକାରୀ ଯୋଜନା ହୋଇନାହିଁ। ଏସବୁ ଦୃଷ୍ଟିରେ ରଖି ସଂଘ ପକ୍ଷରୁ ବିଧାନସଭାରେ ଆଲୋଚନା ନିମନ୍ତେ ବାଚସ୍ପତିଙ୍କ ପ୍ରସ୍ତାବ ଦିଆଯାଉ। ଯାହା ଫଳରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ଆସନ୍ତା ବଜେଟରେ ପର୍ଯ୍ୟାପ୍ତ ଅର୍ଥ ବ୍ୟବସ୍ଥା ହୋଇପାରିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଂଘ ସଭାପତି ସର୍ଯ୍ୟନାରାୟଣ ରଥଙ୍କ ସମେତ ତ୍ରିନାଥ ମହାପାତ ଉପସ୍ଥିତ ଥିଲେ।

# ଏନ୍ଏଚ୍ଆର୍‌ସିରେ ଅଭିଯୋଗ

## ନର୍ସିଂ କଲେଜରେ ଛାତ୍ରୀ ନିର୍ଯାତନା ଘଟଣା

ଉମରକୋଟ, ୧୧।୨(ସ୍ୱ.ପ୍ର.)

ନବରଙ୍ଗପୁର ଧୋଡ୍ରାସ୍ଥିତ ଏକ ଘରୋଇ ନର୍ସିଂ କଲେଜରେ ଛାତ୍ରୀ ନିର୍ଯାତନା ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ(ଏନ୍ଏଚ୍ଆର୍‌ସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି ବ୍ରହ୍ମପୁରର ମାନବ ଅଧିକାର କର୍ମୀ ରବୀନ୍ଦ୍ର ମିଶ୍ର ଓ ଜୟପୁର ପାରାବେଡା ଅଞ୍ଚଳର ଆଇନଜୀବୀ ଅନୁପ କୁମାର ପାତ୍ର। ଅଭିଯୋଗ ପରେ ୨୫୩୭/ଆଇଏନ୍/ ୨୩ରେ କେସ୍ ଡାଇରୀ କରାଯାଇଛି। ଗତ ୯ ତାରଖରେ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ ଅଧୀନ ଧୋଡ୍ରାସ୍ଥିତ ଏକ ଘରୋଇ ନର୍ସିଂ କଲେଜର ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ କରିଥିଲେ। କଲେଜରେ ନିର୍ଯାତନା ଦିଆଯାଉଥିବା ନେଇ ଛାତ୍ରୀ ଓ ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଘଟଣାକୁ ଗୁରୁତର ସହ ନେଇ ମାନବାଧିକାର କ୍ଷୁଣ୍ଣ ହୋଇଥିବା ଅନୁମାନକରି କାର୍ଯ୍ୟାନୁଷ୍ଠାନ ପାଇଁ ଏନ୍ଏଚ୍ଆର୍‌ସିରେ ଉଭୟ ରବୀନ୍ଦ୍ର ଓ ଅନୁପ ଜଣାଇଛନ୍ତି। ଘଟଣାର ଠିକ୍ ତଦନ୍ତ କରି ଛାତ୍ରୀ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଉଚିତ ନ୍ୟାୟ ସହ ୫ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ ବୋଲି ଅନୁପ ଅନୁରୋଧ କରିଛନ୍ତି।

# ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନୂତନ ସଭ୍ୟାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ରାୟଗଡ଼ା,୧୧।୨(ସ୍ୱ.ପ୍ର.)

ରାୟଗଡ଼ା ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନୂତନ ସଦସ୍ୟଙ୍କ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ଅନସୂୟା ମାଝିଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ସମସ୍ତ ନୂତନ ସଦସ୍ୟଙ୍କୁ ସମ୍ବର୍ଦ୍ଧନା ଦେବା ସହ ବର୍ଷକର କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଥିଲା। ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି, ଜନଜାତି କଲ୍ୟାଣ ତଥା ସଂଖ୍ୟାଲଘୁ ଓ ପଛୁଆବର୍ଗ ଉନ୍ନୟନ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର ଦାଶ ଏବଂ ଜିଲାପାଳ ସ୍ୱଧା ଦେବ ସିଂହ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧକ୍ଷ ବନମାଳୀ କାଡ୍ରାକାଙ୍କ ସମେତ ସମସ୍ତ ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ।




ବୈଠକରେ ମନ୍ତ୍ରୀ, ଜିଲାପାଳ, ଅନ୍ୟ ଅଧିକାରୀ ଓ ଲୋକପ୍ରତିନିଧିମାନେ ।

# ମଝିଘରିଆଣୀ ମନ୍ଦିର ପାଖ ଡମ୍ପିଂୟାର୍ଡ ସ୍ଥାନାନ୍ତର ଦାବି

ରାୟଗଡା ଅଫିସ, ୧୧।୨

ସରକାର ସ୍ୱଚ୍ଛତା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ପୌର ପରିଷଦ ଏବଂ ଅଧିକାରୀମାନେ ରହି କାର୍ଯ୍ୟ କରୁଛନ୍ତି। ଅନେକ ଥର ସହର ସୌନ୍ଦର୍ଯ୍ୟକରଣ ଏବଂ ସ୍ୱଚ୍ଛତାକୁ ନେଇ ଜିଲାସ୍ତରୀୟ ବୈଠକରେ ସମୀକ୍ଷା କରାଯାଉଛି। ହେଲେ ମଝି ଘରିଆଣିଙ୍କ ନିକଟରେ କୁଢ଼ କୁଢ଼ ଅଳିଆ ପ୍ରତିଦିନ ପକାଯାଉଛି।

ୱାର୍ଡ ନମ୍ବର ୮ର ମଙ୍ଗଳା ମନ୍ଦିରରୁ ମଝି ଘରିଆଣି ମନ୍ଦିରକୁ ଯିବା ରାସ୍ତାରେ ମଝି ଘରିଆଣି ମନ୍ଦିର ନିକଟରେ ଅଳିଆ ପକା ଯାଉଛି। ଏହି ରାସ୍ତା ଦେଇ ଲୋକେ ମନ୍ଦିର କୁ ଯିବା ଆସିବା କରୁଛନ୍ତି। ମଶା ମାଛି ବଢୁଛନ୍ତି। ଗନ୍ଧରେ ଲୋକେ ବାଧ ହୋଇ ରହୁଛନ୍ତି। ଅନେକ ଥର ଦାବି ପରେ ବି ପ୍ରଶାସନ ଶୁଣୁ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ୱାର୍ଡରେ ଫରେଷ୍ଟ ଅଫିସ ମଧ ରହିଛି। ପ୍ରତିଦିନ ଅଫିସର ଓ କର୍ମଚାରୀମାନେ ଏହି ରାସ୍ତା ଦେଇ ଯାତାୟତ କରନ୍ତି। ତଥାପି ମଧ ଏଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ ବୋଲି ୱାର୍ଡ ବାସିନ୍ଦା କହିଛନ୍ତି। ଏନେଇ ୮ନଂ ୱାର୍ଡ କାଉନ୍‌ସିଲର ମଞ୍ଜୁଳା ମିନିଆକାଙ୍କୁ ପଚାରି ବାରଜନ ପ୍ରତିନିଧି ଭାବେ ଚୟନ ହେଲୁ। କିନ୍ତୁ ବାରମ୍ବାର ଦାବି ଜଣାଇଲେ ବି ସମାଧାନ କରାଯାଉନି ବୋଲି ସେ କହିଛନ୍ତି। ମଝିଘରିଆଣୀଙ୍କ ମନ୍ଦିରକୁ ଜିଲା, ଜିଲା ବାହାର ପଡୋଶୀ ରାଜ୍ୟ ସହ ଦେଶ ବିଦେଶର ଅନେକ ଶ୍ରଦ୍ଧାଳୁ ଆସନ୍ତି।



ହେଲେ ଏହାର ୨୦୦ ମିଟର ଦୂରରେ ସହରର ଡମ୍ପିଂୟାର୍ଡ କରାଯାଇ ବର୍ଷ ବର୍ଷ ଧରି ସହରର ୨୪ଟି ୱାର୍ଡ ର ଅଳିଆ ଆବର୍ଜନା ପକାଯାଉଛି। ଶ୍ରଦ୍ଧାଳୁଙ୍କୁ ଅସୁବିଧା ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ନିୟମାନୁଯାୟୀ ଡମ୍ପିଂୟାଡକୁ ସହରଠୁ ଦୂରରେ କରିବା କଥା। ହେଲେ ଏଥିପାଇଁ ଉପଯୁକ୍ତ ସ୍ଥାନ ନ ଥିବା ଦର୍ଶାଇ ମନ୍ଦିର ନିକଟରେ ରଖାଯାଇଛି। ନିକଟରେ ମଝି ଘରିଆଣି ମନ୍ଦିର ଉନ୍ନୟନ ବୈଠକ ହୋଇଥିଲା। ଏନେଇ ଆମେ ମନ୍ଦିର ପକ୍ଷରୁ ସମସ୍ୟା ଜଣାଯାଇଥିଲା। ୩ ମାସ ମଧ୍ୟରେ ସ୍ଥାନାନ୍ତର ବ୍ୟବସ୍ଥା କରିବୁ ବୋଲି କହିଥିଲେ, କିନ୍ତୁ ତାହା କରାଯାଇନାହିଁ। ମନ୍ଦିର ଚର୍ତ୍ତୃପାର୍ଶ୍ୱରେ ଡମ୍ପିଂଆର୍ଡକୁ ବିରୋଧ କରିବା ସହ ଏହାର ସ୍ଥାନାନ୍ତର ଦାବି କରିଛନ୍ତି ମଝି ଘରିଆଣି ମନ୍ଦିର ସୁପରିଣ୍ଟେଣ୍ଡେଣ୍ଟ ଜାନକୀ ବଲ୍ଲଭ ମହାନ୍ତି।

## ସଂକ୍ଷେପରେ

### ମାଡ଼ମାରି ଟଙ୍କା ଲୁଟ ମାମଲାରେ ୨ଗିରଫ

ଜୟପୁର,୧୧।୨ (ନି.ପ୍ର.)- ଜଣେ ବ୍ୟକ୍ତିଙ୍କୁ ମାଡ଼ ମାରି ଟଙ୍କା ଲୁଟ ମାମଲାରେ ଟାଉନ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗୋପବନ୍ଧୁନଗରର ଗଣେଶ ପୂଜାରୀ ଓ ଆବେ ଖୋସ୍‌ଲା। ଗତ ୬ ତାରିଖରେ ରମେଶ ଖରା ନାମକ ବ୍ୟକ୍ତି ମାର୍କେଟ ପଛପଟେ ଯାଉଥିବା ବେଳେ ଏହି ୨ ଅଭିଯୁକ୍ତ ରମେଶଙ୍କୁ ମାଡ଼ ମାରି ତାଙ୍କ ପର୍ସ ଲୁଟ କରି ନେଇ ଯାଇଥିଲେ। ତାଙ୍କ ପର୍ସରେ ୨୨ ହଜାର ଟଙ୍କା ଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ତଦନ୍ତରୁ ଗଣେ ଓ ଆବେଙ୍କ ସମ୍ପୃକ୍ତି ଥିବା ଜଣାପଡିବ ପରେ ଉଭୟଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ସମ୍ବିତ ବେହେରା କହିଛନ୍ତି।

### ବିଏସ୍‌ଏଫ୍ ପକ୍ଷରୁ ସିଭିକ୍ ଆକ୍ସନ୍ ପ୍ରୋଗ୍ରାମ



ମାଥିଲି,୧୧।୨(ଡି.ଏନ୍.ଏ.)- ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ କିଆଙ୍ଗ ପଞ୍ଚାୟତରେ। କମାଣ୍ଡର ଅଜୟ କୁମାରଙ୍କ ନିର୍ଦ୍ଦେଶରେ ୧୫୧ ବିଏନ୍ ବିଏସ୍‌ଏଫ୍ ପକ୍ଷରୁ ସିଭିକ୍ ଆକ୍ସନ ପ୍ରୋଗ୍ରାମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉପସ୍ଥିତ ଗ୍ରାମବାସୀଙ୍କୁ ରୋଷେଇ ସାମଗ୍ରୀ କରେଇ,ଡେକ୍‌ଚି, ବାଲ୍‌ଟି ଓ ଛାତ୍ରୀଛାତ୍ରଙ୍କୁ ବହି, କଲମ୍, ପେନସିଲ୍, ରବର୍ କଟର,ସଲଟ ଆଦି ପାଠ୍ୟପୋକରଣ ବଣ୍ଟନ କରଯାଇଥିଲା। ବିଏସ୍‌ଏଫ୍ ପକ୍ଷରୁ ଏପରି କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଛି।

### ୪୦ ଏକର ଜମିରୁ ଗଞ୍ଜେଇ ଚାଷ ନଷ୍ଟ

ନନ୍ଦପୁର, ୧୧।୨- ଅପରେଶନ ଗ୍ରୀନ୍ କ୍ଲିନ୍ ଅନୁଯାୟୀ ନନ୍ଦପୁର ଉପଖଣ୍ଡ ପୋଲିସ, କୋରାପୁଟ ଅବକାରୀ, ନନ୍ଦପୁର ରାଜସ୍ୱ ଓ ପାଡୁଆ ଜଙ୍ଗଲ ବିଭାଗ ପକ୍ଷରୁ ପାଡୁଆ ଥାନା ଅନ୍ତର୍ଗତ ସୀମାନ୍ତ ଚାଟୁଆ ପଞ୍ଚାୟତର ଜିରା ଓ ଫୁଲଗୁଣ୍ଡା ଗ୍ରାମ ପାର୍ଶ୍ୱ ଜଙ୍ଗଲରେ ଚଢ଼ାଉ କରାଯାଇ ୪୦ ଏକର ଜମିରେ ବେଆଇନ ଭାବେ ଚାଷ ହୋଇଥିବା ୪୮ହଜାର ଗଞ୍ଜେଇ ଗଛ କାଟି ନଷ୍ଟ କରାଯାଇଥିବା ଏସ୍‌ଡିପିଓ ସଞ୍ଜୟ ମହାପାତ୍ର କହିଛନ୍ତି। ଏନେଇ ପାଡୁଆ ଥାନାରେ କେସ ନଂ ୨୨/୨୩ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ପାଡୁଆ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ଦେଇଛନ୍ତି।

### ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କୁନ୍ଦୁରା,୧୧।୨ (ଡି.ଏନ.ଏ.)- କୋରାପୁଟ ଜିଲା କୁନ୍ଦୁରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶିକ୍ଷକ ଭବନ ଠାରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅତିଥି ଭାବେ ଶିକ୍ଷକ ସଂଘ ସଭାପତି ତ୍ରିନାଥ ପଣ୍ଡା,ସମ୍ପାଦକ କେ. କୃଷ୍ଣ ମହୋନ ରାଓ, କାଉଡିଆଗୁଡ଼ା କନ୍ୟାଶ୍ରମ ପ୍ରଧାନ ଶିକ୍ଷକ ଲାଲ ବାହାଦୂର ମଲ୍ଲିକ ଅତିଥି ରୂପେ ଉପସ୍ଥିତ ଥିଲେ। କାଉଡିଆଗୁଡ଼ା କନ୍ୟାଶ୍ରମ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ନୂତନ ଭାବେ ଯୋଗ ଦେଇଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ ତିଳତ୍ତୋମା ଗରଡ଼ାଙ୍କୁ ସ୍ୱାଗତ ଏବଂ ଅବସର ଗ୍ରହଣ କରିଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୀମାଞ୍ଚଳ ମିଶ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷକ ନିମାଇ ଚରଣ ବେହେରା, ସବିତା ଶତପଥୀ, ଅଶୋକ ମହାରଣା ମହାରଣା, ରାକେଶ ଗୁରୁ, ବିନାୟକ ପଣ୍ଡା, ଲକ୍ଷ୍ମୀ ପାଣିଗ୍ରାହୀ, ସୁଜିତ ସାହୁ,ସନାତନ ବିଶୋୟୀ, ଦେବେନ୍ଦ୍ର ସେନାପତି, ଦେବ ଗୌଡ, ପ୍ରମିଳା ଜାଲି, ଜୟନ୍ତ ତ୍ରିପାଠୀ, ଭକ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତମାଳା ପ୍ରକଳ୍ପ: ଗ୍ରାମବାସୀଙ୍କ ପ୍ରତିବାଦ,ଧାରଣା

ସେମିଳିଗୁଡ଼ା/ସୁନାବେଡ଼ା, ୧୧।୨(ସ୍ୱ.ପ୍ର.)



ଚାଷୀଙ୍କ ଅଧିଗ୍ରହଣ କରାଯାଇଥିବା ଜମିରେ ଜେସିବି ମଡାଇ ଫସଲ ନଷ୍ଟ କରାଯାଉଛି।

- ଜମି ମାଲିକଙ୍କୁ ଉଚିତ ମୂଲ୍ୟ ଦେଉନାହାନ୍ତି ସରକାର
- ପୋଲିସ ଉପସ୍ଥିତିରେ ହେଉଛି ରାସ୍ତାକାମ
- ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା

କେନ୍ଦ୍ର ସରକାର ଭାରତମାଳା ପରିଯୋଜନାରେ ଛତିଶଗଡ଼ର ରାୟପୁରଠାରୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାକୁ ୬ ଥାକିଆ ରାସ୍ତା ତିଆରି କରୁଛନ୍ତି। ଏହି କ୍ରମରେ ସେମିଳିଗୁଡ଼ା ବ୍ଲକ୍ ଅଧୀନ ହାଟଗୁଡ଼ା ପଞ୍ଚାୟତର ବହୁ ଚାଷଜମି ସହ ଘରବାଡ଼ି ଜମି ଅଧିଗ୍ରହଣ କରିଛନ୍ତି। ତେବେ ଜମିମାଲିକମାନଙ୍କୁ ଏହାର ଉଚିତ ମୂଲ୍ୟ ମିଳୁ ନ ଥିବା ଅଭିଯୋଗ ହୋଇ ଆସୁଥିଲା। ଏନେଇ ସ୍ଥାନୀୟ ଲୋକେ କୋରାପୁଟ ଜିଲାପାଳଙ୍କୁ ଅବଗତ କରାଇଥିଲେ। ମାତ୍ର ଏଥିରୁ କୌଣସି ସୁଫଳ ନ ମିଳିବାରୁ କିଛିଦିନ ତଳେ ଲୋକମାନେ ରାସ୍ତା ନିର୍ମାଣକୁ ବିରୋଧକରି କାମ ବନ୍ଦ କରିଦେଇଥିଲେ। ପରେ ଜିଲା ପ୍ରଶାସନ ପୋଲିସ ସହାୟତାରେ ରାସ୍ତା କାମ ଚାଲୁ କରିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜମିହରା ଲୋକମାନେ ଶନିବାର ଏକ ପ୍ରତିବାଦ ସଭା କରି ଧାରଣାରେ ବସିଥିଲେ।

ଜମିହରା ବ୍ୟକ୍ତି ସେମାନଙ୍କ ଜମିର ପ୍ରକୃତ ମୂଲ୍ୟ ପାଉନାହାନ୍ତି । ସରକାରଙ୍କ ଜମି ଅଧିଗ୍ରହଣ ସଂସ୍ଥା ଦ୍ୱାରା ଧାର୍ଯ୍ୟ ମୂଲ୍ୟ ପ୍ରକୃତ ମୂଲ୍ୟଠାରୁ ଢେର୍ କମ୍ ରହିଥିବା ଅଭିଯୋଗ କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଜମି ସେଣ୍ଟ ପିଛା ୮୦ହଜାରରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଥିବାରୁ ସରକାର ଦେଉଥିବା ଟଙ୍କାରେ ସେମାନେ ଅନ୍ୟ କୌଣସି ସ୍ଥାନରେ ଜାଗା କିଣିବାକୁ ସକ୍ଷମ ହେଉନାହାନ୍ତି। ଫଳରେ ଜମିହରା ପରିବାର ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ଅଧିଗ୍ରହଣ ହୋଇଥିବା ଚାଷଜମିରେ ଚାଷୀମାନେ ବିଭିନ୍ନ ଫସଲ କରିଥିଲେ। ଆଉ କିଛିଦିନ ପରେ ଅମଳ କରିଥାନ୍ତେ। ମାତ୍ର ପ୍ରଶାସନ ଜୋର ଜବରଦସ୍ତ ପୋଲିସ ଉପସ୍ଥିତିରେ ମେଶିନ ଦ୍ୱାରା ସେଗୁଡ଼ିକୁ ନଷ୍ଟ କରିଛି। ଏହା ଚାଷୀଙ୍କ ମନରେ ଗଭୀର ପ୍ରଭାବ ପକାଇଛି। ଅଞ୍ଚଳବାସୀ ପ୍ରଶାସନକୁ ଫସଲ ଅମଳ ପର୍ଯ୍ୟନ୍ତ ସମୟ ମାଗିବା ସତ୍ତ୍ୱେ ଏହାକୁ ପ୍ରତ୍ୟାଖ୍ୟାନ କରାଯିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ଶନିବାର ଏଠାରେ ହୋଇଥିବା ପ୍ରତିବାଦ ସଭାରେ ମାଳିଦୁସୁରା ଗ୍ରାମର ଘନଶ୍ୟାମ ନାୟକ, ଜଗନ୍ନାଥ ହନ୍ତାଳ, ବଳରାମ ହନ୍ତାଳ, ପତି ଖିଲ, ଦୟାନିଧି ଖିଲ,ଦାମୋଦର ନାୟକ, ଶ୍ୟାମସୁନ୍ଦର ଗୁଣ୍ଠା, ଦାମୋଦର ବଙ୍କେଲ, ଅର୍ଜୁନ ଗୁଣ୍ଠା, ମାଧବ ଗୁଣ୍ଠା, ଜୟରାମ ହନ୍ତାଳ, ଜାମୁଗୁଡ଼ିଆ ରବି, ଚୈତନ୍ୟ ଗୁଣ୍ଠା, ରମେଶ ହନ୍ତାଳ ଓ ମିର୍ଜା ଦୟାନିଧିଙ୍କ ସମେତ କ୍ଷତିଗ୍ରସ୍ତ ପରିବାରର ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ଦୃଷ୍ଟିରୁ ୨ ପ୍ଲାଟୁନ ପୋଲିସ ଫୋର୍ସ ସହ ପଟ୍ଟାଙ୍ଗି ରାଜସ୍ୱ ଅଧିକାରୀ ଦେବେନ୍ଦ୍ର ବୀର ବାହାଦୁର ସିଂ ଧାରୁଆ, ସୁନାବେଡ଼ା ଏସ୍‌ଡିପିଓ ମନୋଜ ବେହେରା, ସେମିଳିଗୁଡ଼ା ଥାନା ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ର ଓ ପଟ୍ଟାଙ୍ଗି ଥାନା ଅଧିକାରୀ କୈବଲ୍ୟ ସେଠ୍ ଉପସ୍ଥିତ ଥିଲେ।

# ଡେପୁଟେଶନରେ ବିଭିନ୍ନ ବିଦ୍ୟାଳୟକୁ ପଠାଗଲା ୧୨ ଶିକ୍ଷୟିତ୍ରୀ ଶିକ୍ଷକ

ପଟ୍ଟାଙ୍ଗି,୧୧।୨(ଡି.ଏନ୍.ଏ.)

**ଧରିତ୍ରୀ ପ୍ରଭାବ**

ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଅନୁସାରେ ଶିକ୍ଷୟିତ୍ରୀ ଶିକ୍ଷକ କମ୍ ରହିଥିବା ସମ୍ପର୍କିତ ଏକ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ବ୍ଲକ ଶିକ୍ଷା ବିଭାଗ ତତ୍ପର ହୋଇଉଠିଛି। କେତେଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବିଭିନ୍ନ ବିଦ୍ୟାଳୟକୁ ଡେପୁଟେଶନରେ ପଠାଇଥିବା ଜଣାପଡିଛି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଶିକ୍ଷା ବିଭାଗରେ। ଶିକ୍ଷା ବିଭାଗ ଅଧୀନରେ ରହିଥିବା ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଅନୁସାରେ ଶିକ୍ଷୟିତ୍ରୀ ଶିକ୍ଷକ ନ ଥିବା ନେଇ ଧରିତ୍ରୀରେ 'ଅଧିକାରୀଙ୍କ ଅବହେଳା, ଭୁଶୁଡୁଛି ଗ୍ରାମାଞ୍ଚଳ ଶିକ୍ଷା ବ୍ୟବସ୍ଥା' ଶୀର୍ଷକ ଖବର ପ୍ରକାଶ ପାଇଥିଲ। ବ୍ଲକ ଶିକ୍ଷା ଅଧିକାରୀ ଟି. ମିନତି ୧୦ ତାରିଖରେ ଚିଠି ନଂ. ୦୩୩୯/୨୩ ଅନୁସାରେ ବ୍ଲର ୧୨ଟି ବିଦ୍ୟାଳୟ ଢୋଲିଆମ୍ବ, କାରିଡି, ତଳପନିକି, ପାନଭାଡି, ଅଡ୍ରାଙ୍ଗି, ଚେପଟିଆମ୍ବଗୁଡା, ଏମ୍‌ବି ଜାମୁଗୁଡା, ଫୁଲଗୁଡା ଏନ୍‌ପି ଏସ୍.କୁସୁମା, ବଦଲିଗୁଡ଼ା, ଜିବି ପଲ୍ଲି ଓ ଖିରାଖୋଲା ଏନ୍‌ପି ଏସ୍ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ତୁଳନାରେ ଶିକ୍ଷକ କମ୍ ରହିଥିବା ଦୃଷ୍ଟିରୁ ତାଡ଼ିବାଲସା, ରାଲେଗଡ଼, ପୋଡ଼ାପଦର, ପନସମାନଗୁଡି, ମୁଙ୍ଗାରଗୁମି, ତେଡା, ଗୁନ୍ଥା, ବିଟୁଗୁଡା ଏବଂ ଜାମୁଗୁଡା ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଉପରୋକ୍ତ ବିଦ୍ୟାଳୟଗୁଡିକୁ ଡେପୁଟେଶନରେ ପଠାଇଛନ୍ତି। ଡେପୁଟେଶନ ହୋଇଥିବ ଏହି ଶିକ୍ଷୟିତ୍ରୀ ଶିକ୍ଷକମାନେ ଆଗକୁ ହେବାକୁ ଥିବା ବଦଳି ପ୍ରକ୍ରିୟା ପର୍ଯ୍ୟନ୍ତ ନିଜ ନିଜ ଡେପୁଟେଶନ ସ୍ଥାନରେ କାର୍ଯ୍ୟ କରିବେ ବୋଲି କୁହାଯାଇଛି।

# ନିଖିଳ ଉତ୍କଳ ଶିକ୍ଷକ ଫେଡେରେଶନରେ ମିଶିଲା ବ୍ଲକର ୩ ଶିକ୍ଷକ ସଂଘ



ଏକାଠି ହୋଇଥିବା ୩ ଶିକ୍ଷକ ସଂଘର ଶିକ୍ଷୟିତ୍ରୀ ଶିକ୍ଷକମାନେ।

ନନ୍ଦପୁର,୧୧।୨

ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ନନ୍ଦପୁର ବ୍ଲକ ଅଞ୍ଚଳର ସମସ୍ତ ୧୯୫ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଗୋଟିଏ ମଞ୍ଚ ଓ ଗୋଟିଏ ସଂଘରେ ଏକତ୍ରିତ କରାଯାଇଛି। ପୂର୍ବରୁ ଥିବା ୩ଶିକ୍ଷକ ସଂଘ ଏକ୍ସ-କ୍ୟାଡର, ଏନ୍‌ପିଏସ୍ ଓ ଏମ୍‌ଏଲ୍‌ଇ ଶିକ୍ଷକ ସଂଘକୁ ନିଖିଳ ଉତ୍କଳ ଶିକ୍ଷକ ଫେଡେରେଶନ ଓଡ଼ିଶା ସହ ମିଶ୍ରଣ କରାଯାଇଛି। ଏନେଇ ନନ୍ଦପୁରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ଏଥିରେ କୋରାପୁଟ ଜିଲା ଶିକ୍ଷକ ସଂଘ ସଭାପତି ତ୍ରିନାଥ ହରିଜନ, ଉପସଭାପତି ଅନିଲ ସାରକା, ସମ୍ପାଦକ ରାଜେନ୍ଦ୍ର ସାହୁ, ଚିତ୍ତରଞ୍ଜନ ରଥ, ଦିଲୀପ ଟାକ୍ରି, ଲକ୍ଷ୍ମଣ ସାଗର ପ୍ରମୁଖ ଯୋଗଦେଇ ନନ୍ଦପୁର ବ୍ଲକ ଶିକ୍ଷକ ସଂଘର ନବକଳେବରକୁ ସ୍ୱାଗତ କରିଥିଲେ। ଏଣିକି ସମସ୍ତେ ନିଖିଳ ଉତ୍କଳ ଶିକ୍ଷକ ଫେଡେରେଶନ ଅଧୀନରେ ରହି କାର୍ଯ୍ୟ କରିବେ। ଏକତ୍ର ହୋଇ ନିଜ ଦାବି ପୂରଣ ଲାଗି ସାଙ୍ଗଠନିକ ସ୍ଥିତି ପ୍ରଦର୍ଶନ କରିପାରିବେ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ନୂତନ ସଂଘର କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ସଭାପତି ଭାବେ ସନିଆ ମୁଦୁଲି, ରୀତା ମଲିକ ଓ ରାମ ନାୟକ, ସମ୍ପାଦକ କୁମୁଦ ରଞ୍ଜନ ସେଠୀ, ସହ ସମ୍ପାଦକ ରାମଚନ୍ଦ୍ର ବଡ଼ନାୟକ, ମଦନ ମୋହନ ଦାସ ଓ ଦଇତାରି ପାଙ୍ଗୀ, ସଂଯୋଜକ ଭାବେ ମାନସ ରଞ୍ଜନ ଶତପଥୀ ଏବଂ କୋଷାଧ୍ୟକ୍ଷ ରୂପେ ପ୍ରଦୀପ ନାୟକ ମନୋନୀତ ହୋଇଛନ୍ତି। ସାଙ୍ଗଠନିକ ବୈଠକରେ ପୂର୍ବ ୩ ଶିକ୍ଷକ ସଂଘର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ମାଥିଲି,୧୧।୨ (ଡି.ଏନ.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ବଳଦିଆଗୁଡା ସରକାରୀ ଅନୁସୂଚିତ ଜାତି ଓ ଜନଜାତି ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ମୁଖ୍ୟ ବକ୍ତା ଜିଲା ମଙ୍ଗଳ ଅଧିକାରୀ କୃପାସିନ୍ଧୁ ବେହେରା, ସମ୍ମାନିତ ଅତିଥି ପଞ୍ଚାୟତ ସମିତି ଅଧ୍ୟକ୍ଷ ମହେଶ କୁମାର ବାକା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ ପ୍ରଧାନ, ଜିଲା ପରିଷଦ ସଭ୍ୟା ସସ୍ମିତା ମାଝି, ବିଦ୍ୟାଳୟ ପରିନା କମିଟି ସଭାପତି ଦୀନବନ୍ଧୁ ନାୟକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶଶୀକାନ୍ତ ସାମନ୍ତରାଏ, ସମିତି ସଭ୍ୟ ବାଲରାଜୁ କୋପେ, ଗୋବିନ୍ଦପାଲି ସରକାରୀ ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚୈତନ୍ୟ ନାଲି, ପାଙ୍ଗାମ ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରତାପ ରାୟ, ବଣ୍ଡାଘାଟି ବାଳିକା ବିଦ୍ୟାଳୟ, କୁଡୁମୁଲୁଗୁମ୍ମା ବାଳିକା ବିଦ୍ୟାଳୟ ଓ ପଡିଆ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ଯୋଗ ଦେଇଥିଲେ। ସରକାରୀ ଅନୁସୂଚିତ ଜାତି ଓ ଜନଜାତି ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମନୋଜ ଲାଉଡ଼ିଆ ଅତିଥି ପରିଚୟ ଓ ବିବରଣୀ ପାଠ କରିଥିଲେ। କିପରି ପାଠପଢି ନିଜ ମାଅ ବାପା, ଓ ଗାଁ, ଜିଲା ତଥା ରାଜ୍ୟର ନାଁକୁ ଆଗକୁ ବଢାଇବ ସେନେଇ ଅତିଥିମାନେ ଛାତ୍ରୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ଖେଳକୁଦ ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଛାତ୍ରୀମାନଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ଘର ଭିତରୁ ବୃଦ୍ଧାଙ୍କ ଗଳିତ ମୃତଦେହ ଜବତ

ବୈପାରିଗୁଡ଼ା,୧୧।୨ (ଡି.ଏନ୍.ଏ.)

ବୈପାରିଗୁଡା ବୀରଖମ୍ବ ସାହିରେ ଘରେ ଏକାକି ରହୁଥିବା ଜଣେ ବୃଦ୍ଧାଙ୍କ ଗଳିତ ମୃତଦେହକୁ ଶନିବାର ପୋଲିସ୍ ଜବତ କରିଛି । ମୃତା ମହିଳା ଜଣକ ହେଲେ ଅନ୍ନପୂର୍ଣ୍ଣା ଗୌଡ (୬୫)। ତେବେ ଡକାୟତି ଉଦ୍ଦେଶ୍ୟରେ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଖବରରୁ ଜଣାପଡିଛଇ, ବୀରଖମ୍ବ ସାହିର ଅନ୍ନପୂର୍ଣ୍ଣା ଘରେ ଏକାକି ରହୁଥିଲେ। ତାଙ୍କ ପରିବାରର ଅନ୍ୟ ଲୋକମାନେ ସେମିଳିଗୁଡାରେ ରହୁଛନ୍ତି। ତେବେ ଗତ କିଛି ଦିନ ହେବ ପରିବାର ଲୋକେ ଅନ୍ନପୂର୍ଣ୍ଣାଙ୍କୁ ଫୋନ୍‌ରେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କ ଫୋନ୍ ଲାଗୁ ନ ଥିଲା। ମନରେ ସନ୍ଦେହ ହେବାରୁ ଶନିବାର ତାଙ୍କ ଝିଅ ରୁନୁ ଗୌଡ ଏଠାକୁ ଆସି ଘରେ ପହଞ୍ଚିବାରୁ ଘରର ସାମନାପଟୁ ତାଲା ପଡଥିବା ଦେଖିବାକୁ ପାଇଥିଲେ। କବାଟ ପାଖରେ ସେ ମା'ଙ୍କୁ ବାରମ୍ବାର ଡାକି ନିରାଶ ହୋଇଥିଲେ। ପରେ ସାହିପଡିଶା ଲୋକେ ସହ ଘର ପଛପଟୁ ଦେଖିବା ବେଳକୁ ଘର ପଛପଟ କବାଟ ଖୋଲାଥିଲା ଏବଂ ଅନ୍ନପୂର୍ଣ୍ଣାଙ୍କ ମୃତଦେହ ପଡିଥିଲା। ଘର ଭିତରେ ଆଲମାରୀ ଖୋଲା ଥିବା ବେଳେ ଜିନିଷପତ୍ର ସବୁ ଏଣେ ତେଣେ ପଡିଥିଲା। ସୁନା,ଟଙ୍କା ଓ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଗାଏବ ହୋଇଯାଇଥିଲା। ଅନ୍ନପୂର୍ଣ୍ଣାଙ୍କ ମୃତଦେହରୁ ଦୁର୍ଗନ୍ଧ ବାହାରୁଥିବା ବେଳେ ଏହି ଘଟଣା କେବେ ହେଲା ତାହା ସଠିକ ଜଣାପଡୁନାହିଁ । ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣା ସ୍ଥଳରେ ତଦନ୍ତ ଆରମ୍ଭ କରିଛି।

# ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ

ମାଲକାନଗିରି,୧୧।୨(ଡି.ଏନ୍.ଏ.)-

ଶନିବାର ମାଲକାନଗିରି ଜିଲା ଆଇନ ସେବା ପ୍ରାଧିକରଣ, ମୋଟୁ ତାଲୁକ ଆଇନ ସେବା ପ୍ରାଧିକରଣ ଏବଂ ମାଥିଲି ଜେଏମ୍‌ଏଫ୍‌ସି ପକ୍ଷରୁ ମାଥିଲି, ମୋଟୁ ଓ କୁଡୁମୁଲୁଗୁମ୍ମାରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଲକାନଗିରି ଜିଲା ଅତିରିକ୍ତ ଜିଲା ଜଜ୍ ଉଦୟଭାନୁ ଜେନା, ବରିଷ୍ଠ ଦେୱାନି ବିଚାରପତି ବିଜୟ ଦାସ, ଜିଲା ଆଇନସେବା ପ୍ରାଧିକରଣ ସଚିବ ରାକେଶ ମୁଦୁଲି, ଉପଖଣ୍ଡ ଦଣ୍ଡାଧିକାରୀ ରୁଦ୍ର ପ୍ରସାଦ ନାୟକ, ସିଭିଲ କୋର୍ଟ ରେଜଷ୍ଟ୍ରାର ଅରୂପ ନାୟକ, ଗ୍ରାମ ନ୍ୟାୟାଧିକାରୀ ଦେବେନ୍ଦ୍ରନାଥ ବାଘ, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ସନ୍ତୋଷ ବାରିକ, ମୋଟୁ ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ପ୍ରବୀଣ ହୋତା, କୁଡୁମୁଲୁଗୁମ୍ମା ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ସୁମନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ମକଦ୍ଦମାର ଫଇସଲା କରିଥିଲେ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋଟ ୩୯୪୯ଟି ଫୌଜଦାରି, ଦେୱାନୀ ଏବଂ ଅନ୍ୟାନ୍ୟ ମକଦ୍ଦମାର ଫଇସଲା କରାଯାଇ ୨୯ ଲକ୍ଷ୪ ହଜାର ୩୦୫ ଟଙ୍କା ଆଦାୟ କରାଯାଇଥିଲା। ଲୋକ ଅଦାଲତରେ ମାଲକାନଗିରି ଜିଲାର ବିଭିନ୍ନ ବ୍ୟାଙ୍କ ଅଂଶଗ୍ରହଣ କରି ୧୫ଟି ବ୍ୟାଙ୍କ ଋଣ ମାମଲାର ପ୍ରାକ ମକଦ୍ଦମା ସ୍ତରରେ ସମାଧାନ କରିଥିଲେ। ଏବାବଦରେ ୯ ଲକ୍ଷ ୬ ହଜାର ୪୯୮ ଟଙ୍କା ଆଦାୟ କରା ଯାଇଥିଲା। ଏହି ଲୋକ ଅଦାଲତରେ ଅତିରିକ୍ତ ଜିଲା ଜଜ୍ କୋର୍ଟ, ସବ୍ ଜଜ୍‌କୋର୍ଟ, ଏସ୍‌ଡିଜେଏମ୍ କୋର୍ଟ, ମୋଟୁ ଜେଏମ୍‌ଏଫ୍‌ସି କୋର୍ଟ, କୁଡୁମୁଲୁଗୁମ୍ମା ଜେଏମ୍‌ଏଫ୍‌ସି କୋର୍ଟ ମାଲକାନଗିରି ତାଲୁକ ଆଇନ ସେବା ସମିତିର ସମସ୍ତ କର୍ମଚାରୀ ସହଯୋଗ କରଥିଲେ।



ଲୋକଅଦାଲତ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମଚାରୀ ।

# ଗ୍ରାମ ଦେବୀ ମନ୍ଦିର ଶୁଭାରମ୍ଭ କଲେ ବିଧାୟକ

ମାଥିଲି,୧୧।୨ (ଡି.ଏନ.ଏ.)

ଚିତ୍ରକୋଣ୍ଡା ମଣ୍ଡଳୀ ମାଥିଲି ବ୍ଲକ ଅନ୍ତର୍ଗତ ଚେଡେଙ୍ଗା ପଞ୍ଚାୟତର ନୂଆଗୁଡାଠାରେ ଗ୍ରାମ ଦେବୀ ମନ୍ଦିରର ଶୁଭାରମ୍ଭ ଶନିବାର ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା କରିଛନ୍ତି। ବ୍ଲକ ଅଧ୍ୟକ୍ଷ ମହେଶ ବାକାଙ୍କ ସହ ଅନ୍ୟମାନେ ଯୋଗ ଦେଇଥିଲେ। ଏଥିସହ କେତେକ ଉନ୍ନୟନମୂଳକ ପ୍ରକଳ୍ପର ମଧ୍ୟ ବିଧାୟକ ଶୁଭାରମ୍ଭ କରିଥିଲେ ।

# ଜିଲା କୃଷି ଯନ୍ତ୍ରପାତି ମେଳା ଆରମ୍ଭ

ମାଲକାନଗିରି,୧୧।୨ (ଡି.ଏନ୍.ଏ.)




କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ମାଲକାନଗିରି ସଦର ମହକୁମା ସ୍ଥିତ ଡିଏନ୍‌କେ ଖେଳ ପଡିଆଠାରେ ପ୍ରଥମ ଥର ପାଇଁ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆରମ୍ଭ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଓ ଜିଲାପାଳ ବିଶାଳ ସିଂ ଯୋଗ ଦେଇ ମେଳାକୁ ଉଦ୍‌ଘଟନ କରିଥିଲେ। ଉନ୍ନତମାନର କୃଷି ଯନ୍ତ୍ରପାତି ଚାଷରେ ବ୍ୟବହାର କରି କୃଷକ କିପରି ଲାଭବାନ ହୋଇପାରିବେ ସେମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ଏହି ମେଳା ଆୟୋଜିତ ହୋଇଛି। ମେଳାରେ ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ, ବିକ୍ରୟ କରିବା, ବିଭିନ୍ନ କୃଷି ଯନ୍ତ୍ରପାତି କ୍ରୟରେ ଥିବା ସରକାରୀ ଆର୍ଥିକ ସହାୟତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ବିଶେଷ ରିହାତିରେ ଯନ୍ତ୍ରପାତି କ୍ରୟ ସୁଯୋଗ ଦେବା ଆଦି ମେଳାର ମୁଖ୍ୟ ଲକ୍ଷ ରହିଛି। ମେଳାରେ ବିଭିନ୍ନ କୃଷିଜାତ ଦ୍ରବ୍ୟ କମ୍ପାନୀର ୪୮ଟି ଷ୍ଟଲ ଖୋଲାଯାଇଛି। ବିଭିନ୍ନ ଷ୍ଟଲରେ ବିଭିନ୍ନ ପ୍ରକାରର ଚାଷ ଉପକରଣ ସହ ଉତମ ଚାଷ ପାଇଁ ବ୍ୟବହାର କରାଯାଉଥିବା ସାମଗ୍ରୀ ରଖାଯାଇଛି।

# ୯ ପଦକ ଆଣି ଚାମ୍ପିୟନ ହେଲେ କୋରାପୁଟ ଝିଅ

କୋରାପୁଟ,୧୧।୨(ସ୍ୱ.ପ୍ର.)

**ରାଜ୍ୟସ୍ତରୀୟ ଦୌଡକୁଦ ପ୍ରତିଯୋଗିତା**

ପାରାଦୀପର ଗୋପବନ୍ଧୁ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ଦୌଡକୁଦ ପ୍ରତିଯୋଗିତାରେ ୫ଟି ସ୍ୱର୍ଣ୍ଣପଦକ ସହ ମୋଟ ୯ଟି ପଦକ ଆଣି ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛନ୍ତି କୋରାପୁଟର ଝିଅ। ଶନିବାର ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ୫ ସ୍ୱର୍ଣ୍ଣ ପଦକ ବିଜୟିନୀ ସୁନା ଝିଅ ହେଲେ ଅଞ୍ଜନା ଗରଡା, ସଞ୍ଜୁ ହନ୍ତାଳ, ମେହକ ସିଂ, ସଙ୍ଗୀତା ସାନ୍ତା ଓ କବିତା ତାଡିଙ୍ଗି। ପ୍ରତ୍ୟେକଙ୍କୁ ବିଦ୍ୟାଳୟ ପକ୍ଷରୁ ହଜାର ଲେଖାଏ ଟଙ୍କା ପ୍ରଦାନ କରାଯାଇ ସେମାନଙ୍କୁ ଉତ୍ସାହିତ କରାଯାଇଛି । ଏହି ପ୍ରତିଯୋଗୀମାନେ ଶନିବାର ହୀରାଖଣ୍ଡ ଟ୍ରେନ ଯୋଗେ ଆସି କୋରାପୁଟ ଷ୍ଟେସନରେ ପହଞ୍ଚିବା ପରେ ସେମାନଙ୍କୁ ବିଦ୍ୟାଳୟ ପକ୍ଷରୁ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ରଥ, ପରିଚାଳନା କମିଟି ଅଧ୍ୟକ୍ଷ ଅରୁଣ ସାହୁ, ଶିକ୍ଷୟିତ୍ରୀ ପି. ରାଜେଶ୍ୱରୀ, ସାଗରିକା ଦାସ, ସସ୍ମିତା ଗନ୍ତାୟତ ପାଛୋଟି ଆଣିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟ କ୍ଷେତ୍ରମୋହନ ସେଠୀ ସମସ୍ତ ଛାତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।




କୃତୀ ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ଏକାଠି ହେଲେ ନୂତନ ପେନ୍‌ସନଭୋଗୀ ଶିକ୍ଷକ

ପଟ୍ଟାଙ୍ଗି,୧୧।୨(ଡି.ଏନ୍.ଏ.)

**ଠିକା ନିଯୁକ୍ତି ବାତିଲ ଦାବି**

ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକାନିଯୁକ୍ତି ବାତିଲ ଦାବିରେ ନୂତନ ପେନ୍‌ସନଭୋଗୀ ଶିକ୍ଷୟିତ୍ରୀ ଶିକ୍ଷକ ଏକାଠି ହୋଇଛନ୍ତି। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦର ମହକୁମାସ୍ଥିତ ଗାଙ୍ଗମାଁ ମନ୍ଦିର ପରିସରରେ ନୂତନ ପେନ୍‌ସନ ଭୋଗୀ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଏନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତ ଡିସେମ୍ବର ୨୯ରେ ଉକ୍ତ ବ୍ୟବସ୍ଥା ଉଚ୍ଛେଦ କରାଯିବ ବୋଲି ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ତାହା ଏଯାଏ କାର୍ଯ୍ୟକାରୀ ହୋଇନାହିଁ। ଏହାକୁ ନେଇ ଶିକ୍ଷୟିତ୍ରୀ ଶିକ୍ଷକମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇବାକୁ ସଜବାଜ ହେଉଛନ୍ତି। ୬ ବର୍ଷ ଠିକା କାର୍ଯ୍ୟକାଳକୁ ନ୍ୟାଶନାଲ ଇନ୍‌କ୍ରିମେଣ୍ଟ ପ୍ରଦାନକରି ମୂଳ ଚାକିରିରେ ଗଣନା କରିବା, କେନ୍ଦ୍ରୀୟ ହାରରେ ଦରମା ବୃଦ୍ଧି, ପୁରୁଣା ପେନ୍‌ସନକୁ ପୁନଃ ପ୍ରଚଳନ କରିବା ଦାବିକରି ଏ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ସଭାପତି ମହାଦେବ ହନ୍ତାଳଙ୍କ ତତ୍ତ୍ୱାବଧାନରେ ହୋଇଥିବା ବୈଠକରେ ସରକାର ଦାବି ପୂରଣ କରିବାରେ ବିଳମ୍ବ କରୁଥିବାରୁ ପୁଣି ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ହୋଇଥିଲା। ବିଧାନସଭା ଅଧିବେଶନ ପୂର୍ବରୁ ପ୍ରାଥମିକ ଶିକ୍ଷକଙ୍କ ଦାବି ପୂରଣ ନ ହେଲେ ଆନ୍ଦୋଳନ ଚାଲିବ ବୋଲି ଶିକ୍ଷୟିତ୍ରୀ ଶିକ୍ଷକମାନେ ପ୍ରକାଶ କରିଛନ୍ତି। ବୈଠକରେ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ବୈଠକକୁ ସମ୍ପାଦକ ରଞ୍ଜନ ଖିଲ ପରିଚାଳନା କରିଥିଲେ।



ବୈଠକରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଆଲୋଚନା କରୁଛନ୍ତି।

# ପ୍ରତ୍ୟକ୍ଷ ଟିକସ ସଂଗ୍ରହ ପ୍ରାୟ ୧୬ ଲକ୍ଷ କୋଟି

ନୂଆଦିଲ୍ଲୀ, ୧୧।୨




ଚଳିତ ଆର୍ଥିକ ବର୍ଷର ଫେବୃୟାରୀ ୧୦ ମଧ୍ୟରେ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ପ୍ରାୟ ୧୬ (୧୫.୬୭) ଲକ୍ଷ କୋଟି ଟଙ୍କା ହୋଇଥିବା ଶନିବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷର ଏ ପର୍ଯ୍ୟନ୍ତ ସୁଦ୍ଧା ୨୪.୦୯% ବୃଦ୍ଧି ହୋଇଥିବା ଜଣାପଡ଼ିଛି। ବିଶେଷକରି କରଦାତାଙ୍କର ରିଫଣ୍ଡ ଜାରି କରିବା ପରେ ଡାଇରେକ୍ଟ ଟ୍ୟାକ୍ସ ସଂଗ୍ରହ ରାଶି ୧୨.୯୮ ଲକ୍ଷ କୋଟି ଟଙ୍କା ରହିଛି, ଯାହା ଗତ ଆର୍ଥିକ ବର୍ଷ ତୁଳନାରେ ୧୮.୪୦% ରୁ ଅଧିକ ବୋଲି କୁହାଯାଉଛି। ଏ ନେଇ ଅର୍ଥ ମନ୍ତ୍ରଣାଳୟ କହିଛି, ଡାଇରେକ୍ଟ ଟ୍ୟାକ୍ସ କଲେକ୍ସନ ବଜେଟ ଆକଳନର ୯୧.୩୯% ହୋଇଥିବା ବେଳେ ୨୦୨୨-୨୩ ଆର୍ଥିକ ବର୍ଷର ରିଭାଇଜଡ ଏଷ୍ଟିମେଟ (ଆର୍‌ଇ)ର ଏହା ୭୮.୬୫% ରହିଛି। ଏହି ଅବଧି ଭିତରେ କର୍ପୋରେଟ୍ ଇନ୍‌କମ୍ ଟ୍ୟାକ୍ସରେ ୧୯.୩୩% ବୃଦ୍ଧି ଦେଖିବାକୁ ମିଳିଛି। ସେହିପରି ପର୍ସନାଲ ଇନ୍‌କମ ଟ୍ୟାକ୍ସ ଓ ଶେୟାର କିଣାବିକା ହେଉଥିବା ସିକ୍ୟୁରିଟି ଟ୍ରାଞ୍ଜାକ୍ସନ ଟ୍ୟାକ୍ସକୁ ମିଶାଇ ମୋଟ ୨୯.୬୩% ଟ୍ୟାକ୍ସ ଆଦାୟ ହୋଇଛି। ରିଫଣ୍ଡକୁ ଆଡ୍‌ଜଷ୍ଟ କରିବା ପରେ କର୍ପୋରେଟ୍ ଇନ୍‌କମ ଟ୍ୟାକ୍ସରେ ୧୫.୮୪% ଓ ପର୍ସନାଲ ଇନ୍‌କମ୍ ଟ୍ୟାକ୍ସରେ ୨୧.୯୩ % ଆଦାୟ ବଢ଼ିଛି। ସେହିପରି ପର୍ସନାଲ ଇନ୍‌କମ୍ ଟ୍ୟାକ୍ସରେ ସିକ୍ୟୁରିଟି ଟ୍ରାଞ୍ଜାକ୍ସନ ଟ୍ୟାକ୍ସକୁ ମିଶାଇଲେ ଟ୍ୟାକ୍ସ କଲେକ୍ସନରେ ୨୧.୨୩%ବୃଦ୍ଧି ଦେଖିବାକୁ ମିଳିଛି। ଅର୍ଥ ମନ୍ତ୍ରଣାଳୟ ସୂଚନା ଅନୁସାରେ ୨୦୨୨ ଏପ୍ରିଲ ୧ରୁ ଆରମ୍ଭକରି ୨୦୨୩ ଫେବୃୟାରୀ ୧୦ ପର୍ଯ୍ୟନ୍ତ ମୋଟ ୨.୬୯ ଲକ୍ଷ କୋଟି ରିଫଣ୍ଡ ଜାରି କରାଯାଇଛି, ଯାହା ଗତବର୍ଷର ସମସ୍ତ ଅବଧି ତୁଳନାରେ ୬୧.୫୮% ରୁ ଅଧିକ ବୋଲି କୁହାଯାଉଛି। ସୂଚନାଯୋଗ୍ୟ, ୨୦୨୨-୨୩ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ୧୪.୨୦ % ଟ୍ୟାକ୍ସ କଲେକ୍ସନ ହେବ ବୋଲି ଲକ୍ଷ୍ୟଧାର୍ଯ୍ୟ କରିଥିଲେ। ହେଲେ ଏହାଠାରୁ ଅଧିକ ଟିକସ ଆଦାୟ ହୋଇଛି ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି।

## ଆଇଡିଏଫ୍‌ସି ଇଣ୍ଡେକ୍ସ ଫଣ୍ଡ୍ ଉନ୍ମୋଚିତ

ନୂଆଦିଲ୍ଲୀ,୧୧।୨

ଆଇଡିଏଫ୍‌ସି ମ୍ୟୁଚୁଆଲ ଫଣ୍ଡ୍ ପକ୍ଷରୁ ନୂଆ ଓପନ୍-ଏଣ୍ଡେଡ୍ ଟାର୍ଗେଟ୍ ମାଚ୍ୟୁରିଟି ଇଣ୍ଡେକ୍ସ ଫଣ୍ଡ୍, ଆଇଡିଏଫ୍‌ସି କ୍ରିସିଲ୍ ଆଇବିଏକ୍ସ ଗିଲ୍ଟ-ଏପ୍ରିଲ ୨୦୩୨ ଇଣ୍ଡେକ୍ସ ଫଣ୍ଡର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି, ଯାହା କ୍ରିସିଲ୍ ଆଇବିଏକ୍ସ ଗିଲ୍ଟ ଇଣ୍ଡେକ୍ସ-ଏପ୍ରିଲ ୨୦୩୨ର ଅଂଶଗୁଡିକରେ ନିବେଶ କରିବ। ଏହି ଏନ୍‌ଏଫ୍‌ଓ ୨୦୨୩ ଫେବୃୟାରୀ ୧୪ ତାରିଖରେ ବନ୍ଦ ହେବ। ଏ ସମ୍ପର୍କରେ ଆଇଡିଏଫ୍‌ସି ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, ଦୂରଦର୍ଶୀ ନିବେଶକମାନେ ଏକ ରଣନୈତିକ ସମ୍ପତ୍ତି ଆବଣ୍ଟନ ଆଭିମୁଖ୍ୟ ମାଧ୍ୟମରେ ନିଜର ଫିକ୍ସଡ୍ ଇନ୍‌କମ୍ ପୋର୍ଟଫୋଲିଓର ବିବିଧତାର ଗୁରୁତ୍ୱକୁ ଚିହ୍ନଟ କରିପାରିଥାନ୍ତି।

## ନବୀନ ଜିନ୍ଦଲଙ୍କୁ ବର୍ଷର ଶ୍ରେଷ୍ଠ ଉଦ୍ୟୋଗୀ ସମ୍ମାନ

ଭୁବନେଶ୍ୱର,୧୧।୨



ଦେଶର ଜଣାଶୁଣା ଭିତ୍ତିଭୂମି ଥିଙ୍କ୍ ଟ୍ୟାଙ୍କ୍ ଏବଂ ଭିତ୍ତିଭୂମି ଗବେଷଣା ଅଧ୍ୟୟନ ତାଲିମ ଫାଉଣ୍ଡେଶନ 'ଫାଷ୍ଟ କନ୍‌ଷ୍ଟ୍ରକସନ୍ କାଉନସିଲ୍' ପକ୍ଷରୁ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି)ର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କୁ 'ଚଳିତ ବର୍ଷର ଶ୍ରେଷ୍ଠ ଉଦ୍ୟୋଗୀ' ସମ୍ମାନରେ ସମ୍ମାନିତ କରାଯାଇଛି। ଏପରିକି ଉକ୍ତ ସଂସ୍ଥା ଜେଏସ୍‌ପିକୁ 'ବୃହତ୍ ଶିଳ୍ପ ବର୍ଗ'ରେ ୨ୟ ଦ୍ରୁତତମ ବୃଦ୍ଧି ପାଉଥିବା ଇସ୍ପାତ କମ୍ପାନୀ ଭାବେ ପୁରସ୍କୃତ କରିଛି। ସେହିଭଳି ଜିନ୍ଦଲ ପାନ୍ଥର ଟିଏମ୍‌ଟି ରିବାରର୍ସକୁ ମଧ୍ୟ 'ସାର୍ଟିଫିକେଟ୍ ଅଫ୍ ଅଥେନ୍‌ଟିସିଟି' ସ୍ୱୀକୃତି ପ୍ରଦାନ କରିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଜେଏସ୍‌ପିର ମୁଖ୍ୟ ମାର୍କେଟିଂ ଅଧିକାରୀ ଏସ୍.କେ. ପ୍ରଧାନ ନବୀନ ଜିନ୍ଦଲ ଏବଂ ତାଙ୍କ କମ୍ପାନୀ ପକ୍ଷରୁ ଉକ୍ତ ସମ୍ମାନ ଗ୍ରହଣ କରିଛନ୍ତି। ଅପରପକ୍ଷରେ ଏସ୍.କେ. ପ୍ରଧାନ ଏହି ପରିପ୍ରେକ୍ଷୀରେ ନବୀନ ଜିନ୍ଦଲଙ୍କ ଠାରୁ ମିଳିଥିବା ବାର୍ତ୍ତା ସମସ୍ତଙ୍କୁ ଶୁଣାଇଥିଲେ। ଉକ୍ତ ବାର୍ତ୍ତାରେ ନବୀନ ଜିନ୍ଦଲ କହିଥିଲେ, ଜେଏସ୍‌ପି ହେଉଛି ରାଷ୍ଟ୍ର ନିର୍ମାଣ ପାଇଁ ଏକ ଉତ୍ସର୍ଗୀକୃତ କମ୍ପାନୀ ।

## ୟୁନିୟନ ବ୍ୟାଙ୍କ ପକ୍ଷରୁ ଭଏସ୍ ବ୍ୟାଙ୍କିଙ୍ଗ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୧୧।୨

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଭଏସ୍ ବ୍ୟାଙ୍କିଙ୍ଗ୍ ସେବାର ଶୁଭାରମ୍ଭ କରାଯାଇଛି। ଅତ୍ୟାଧୁନିକ ଉପାୟରେ ବ୍ୟାଙ୍କର ସେବା ଓ ସୁବିଧାକୁ ସହଜ ଭାବେ ପହଞ୍ଚାଇବା ଆଶାରେ 'ୟୁନିୟନ ବ୍ୟାଙ୍କ ଭଏସ୍ ଆସିଷ୍ଟାଣ୍ଟ' (ୟୁବା)ର ବ୍ୟବହାରକୁ ଗୁରୁତ୍ୱାରୋପ କରାଯାଇଛି। ସେହିଭଳି ୟୁବା ଗ୍ରାହକଙ୍କ ପାଖରେ ଭଏସ୍ କମାଣ୍ଡ ମାଧ୍ୟମରେ ବ୍ୟାଙ୍କିଙ୍ଗ୍ ସେବା ପହଞ୍ଚାଇବାର ଏକ ଅଭିନବ ଉପାୟ । ଏ ସମ୍ପର୍କରେ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଏ. ମଣିମେଖାଲାଇ କହିଛନ୍ତି, ଗ୍ରାହକମାନେ ଚେକ୍ ବୁକ୍ ପାଇଁ ଅନୁରୋଧ, ଚେକ୍ ସ୍ଥିତି, ଲକର ଭଡ଼ା ଦେୟ, ଡେବିଟ୍ କାର୍ଡ ବ୍ଲକ୍, ଡେବିଟ୍ କାର୍ଡ ଅନ୍‌ବ୍ଲକ୍, କ୍ରେଡିଟ୍ କାର୍ଡ ବିଲ୍ ଦେୟ ଭଳି ବ୍ୟାଙ୍କିଙ୍ଗ୍ ସେବାଗୁଡ଼ିକ ଶୀଘ୍ର ୟୁବା ମାଧ୍ୟମରେ ଗ୍ରାହକଙ୍କ ପାଇଁ ଆରମ୍ଭ କରାଯିବ। ଏପରିକି ବ୍ୟାଙ୍କର ସମସ୍ତ ଗ୍ରାହକଙ୍କୁ ଉତ୍ତମ ଡିଜିଟାଲ ସେବା ପ୍ରଦାନ କରିବାକୁ ଆମେ ନିରନ୍ତର ପ୍ରୟାସ ଜାରି ରଖିଛୁ ବୋଲି ଏ. ମଣିମେଖାଲାଇ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ବ୍ୟାଙ୍କର ପୂର୍ବରୁ ଥିବା ହ୍ୱାଟ୍ସଆପ୍ ବ୍ୟାଙ୍କିଙ୍ଗ୍ (ୟୁଭିକନ୍) ସେବା ମାଧ୍ୟମରେ ଗ୍ରାହକଙ୍କ ନିକଟତର ହୋଇପାରିଥିଲା। ଏପରିକି ଲକ୍ଷେରୁ ଅଧିକ ଗ୍ରାହକ ବ୍ୟାଙ୍କ ପରିଦର୍ଶନ ନ କରି ଗ୍ରାମୀଣ କ୍ଷେତ୍ରରେ ଉତ୍ତମ ଡିଜିଟାଲ ସେବା ଉପଲବ୍ଧ କରିପାରିଛନ୍ତି। ବର୍ତ୍ତମାନ ଭଏସ୍ ବ୍ୟାଙ୍କିଙ୍ଗ୍ ସଲ୍ୟୁସନ ଦ୍ୱାରା ଗ୍ରାହକମାନେ ଆହୁରି ଅଧିକ ସେବା ପାଇପାରିବେ। ଏପରିକି ଯେଉଁଠାରେ ଓ ଯେକୌଣସି ସମୟରେ ନିଜର ଆବଶ୍ୟକତା ଅନୁଯାୟୀ ତୁରନ୍ତ ବ୍ୟକ୍ତିଗତ ବ୍ୟାଙ୍କିଙ୍ଗ୍ ସେବା ପାଇପାରିବେ।

ସୂଚନାଯୋଗ୍ୟ, ଉତ୍ତର ପ୍ରଦେଶର ଲକ୍ଷ୍ନୌଠାରେ ଆୟୋଜିତ 'ଉତ୍ତର ପ୍ରଦେଶ ଗ୍ଲୋବାଲ ଇନ୍‌ଭେଷ୍ଟର୍ସ ସମିଟ୍-୨୦୨୩' ଅବସରରେ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ଏମ୍‌ଡି ତଥା ସିଇଓ) ଏ.ମଣିମେଖାଲାଇଙ୍କ ଦ୍ୱାରା 'ଭଏସ୍ ବ୍ୟାଙ୍କିଙ୍ଗ୍'ର ଶୁଭାରମ୍ଭ କରାଯାଇଥିଲା।

## 'ପ୍ରାକୃତିକ,ଜୈବିକ କୃଷି କାର୍ଯ୍ୟକୁ ଗୁରୁତ୍ୱାରୋପ'

ନୂଆଦିଲ୍ଲୀ, ୧୧।୨



କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର 'ନ୍ୟାଶନାଲ ସେଣ୍ଟର ଫର୍ ଅର୍ଗାନିକ ଆଣ୍ଡ ନାଚୁରାଲ ଫାର୍ମିଂ ଓ ରେଜିଓନାଲ ସେଣ୍ଟର ଫର୍ ଅର୍ଗାନିକ ଆଣ୍ଡ ନାଚୁରାଲ ଫାର୍ମିଂ ଏବଂ ହରିଦ୍ୱାରର ପତଞ୍ଜଳି ଅର୍ଗାନିକ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ସହଭାଗିତାରେ ଏକ ଦିନିକିଆ ପ୍ରାକୃତିକ, ଜୈବିକ କୃଷି କାର୍ଯ୍ୟ ସମନ୍ୱିତ ସଚେତନତା କାର୍ଯ୍ୟକ୍ରମ ପତଞ୍ଜଳି ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି।

ଏ ସମ୍ପର୍କରେ ପତଞ୍ଜଳିର ପ୍ରମୁଖ ଆଚାର୍ଯ୍ୟ ବାଲକ୍ରିଷ୍ଣା କହିଛନ୍ତି, କୃଷକମାନେ ପ୍ରାରମ୍ଭିକ ପର୍ଯ୍ୟାୟରେ ନିଜେ ବ୍ୟବହାର କରୁଥିବା ଖାଦ୍ୟଶସ୍ୟ ଜୈବିକ ଏବଂ ପ୍ରାକୃତିକ ଉପାୟ ଗ୍ରହଣକରି ଉତ୍ପାଦନ କରିବା ଆବଶ୍ୟକ। ଏହାଦ୍ୱାରା ଅନେକ ସ୍ୱାସ୍ଥ୍ୟ ଉପଯୋଗୀ ଲାଭ ମିଳିବା ସହ ମେଡିକାଲ ଖର୍ଚ୍ଚ ମଧ୍ୟ କମ୍ କରାଯାଇପାରିବ। ବିଶେଷକରି ହରିତ କ୍ରାନ୍ତି ପଦ୍ଧତି ଏବଂ ଅନ୍ନଦାତା ଆପ୍ଲିକେଶନ ଭଳି କୃଷକଙ୍କ ଉନ୍ନତୀକରଣ ଦିଗରେ ପତଞ୍ଜଳି ବିଭିନ୍ନ କାର୍ଯ୍ୟକ୍ରମ କରୁଥିବା ବିଷୟରେ ସେ ବିସ୍ତୃତ ଆଲୋକପାତ କରିଥିଲେ। ନ୍ୟାଶନାଲ ସେଣ୍ଟର ଅଫ୍ ଅର୍ଗାନିକ ଆଣ୍ଡ ନାଚୁରାଲ ଫାର୍ମିଂର ନିର୍ଦ୍ଦେଶକ ଡ. ଗଣେଶ ଶର୍ମା, ଉତ୍ତରାଖଣ୍ଡ କୃଷି ବିଭାଗର ଉପାଧ୍ୟକ୍ଷ ଏ.କେ.ଉପାଧ୍ୟାୟ, ପ୍ରଖଣ୍ଡ ବାୟୋ ଏନର୍ଜିର ସିଇଓ ହିତେଶ ଚୌଧୁରୀ, ଉଦ୍ୟୋଗୀ ଗୋପାଳ ଶର୍ମା, ସଞ୍ଜୟ କୁମାର, ଜୟପ୍ରକାଶ, ଖିଲାରାମ, ଅନିଲ ପାଣ୍ଡେ ଏବଂ ପତଞ୍ଜଳି ଅର୍ଗାନିକ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟର ସିଜିଏମ୍ ପଓ୍ୱନ କୁମାର ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ହରିଦ୍ୱାର ଅଞ୍ଚଳରୁ ୫୦୦ରୁ ଅଧିକ କୃଷକ ଯୋଗଦାନ କରିଥିଲେ।

## ସ୍କୋଡା ପକ୍ଷରୁ 'ୱାରେଣ୍ଟି ପ୍ୟାକେଜ' ପ୍ରଚଳନ

ନୂଆଦିଲ୍ଲୀ,୧୧।୨

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ସ୍କୋଡା ଅଟୋ ଇଣ୍ଡିଆ ପକ୍ଷରୁ ଏକ ଅଭିନବ ସେବା ଓ ସୁବିଧା 'ୱାରେଣ୍ଟି ପ୍ୟାକେଜ'ର ପ୍ରଚଳନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବିକ୍ରି ଦୃଷ୍ଟିରୁ ବ୍ରାଣ୍ଡ୍ ୨୦୨୨କୁ ନିଜର ସର୍ବବୃହତ୍ ବର୍ଷ ଭାବେ ଶେଷ କରିବା ପରେ କମ୍ପାନୀ ୨୦୨୩ରେ ଏଭଳି କିଛି ନୂତନ ଆରମ୍ଭ କରିଛି। ଏପରିକି ଯେକୌଣସି ସମୟ ୱାରେଣ୍ଟି କୁହାଯାଉଥିବା ଉକ୍ତ ୱାରେଣ୍ଟି ପ୍ୟାକେଜ ୧ବର୍ଷ ବା ୨୦,୦୦୦ କି.ମି. ପ୍ୟାକେଜ ଯାହାକି ଯେକୌଣସି ଥିବା ମାନକ କିମ୍ବା ବର୍ଦ୍ଧିତ ୱାରେଣ୍ଟି ବଢ଼ାଇବା ପାଇଁ ବ୍ୟବହୃତ ହୋଇପାରିବ।

ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ୍ ନିର୍ଦ୍ଦେଶକ ପିଟର ସ୍ଲୋକ୍ କହିଥିଲେ, ସ୍କୋଡା ଅଟୋ ଇଣ୍ଡିଆ ପାଇଁ ୨୦୨୩ ରେ ସଫଳତାର ଚାବି କେବଳ ନୂତନ କାର୍ ବିଷୟରେ ନିଷ୍ପତ୍ତି ନେବା ନୁହେଁ, ବରଂ ଆମ ଗ୍ରାହକଙ୍କ ପାଇଁ ଏକ ଅସାମାନ୍ୟ ମାଲିକାନା ଏବଂ ରକ୍ଷଣାବେକ୍ଷଣ ଅଭିଜ୍ଞତା ପ୍ରଦାନ କରୁଥିବା ଅନେକ ଉଦ୍ଭାବନ ବିଷୟରେ ବୋଲି ଆମେ ଆରମ୍ଭରୁ କହିଥିଲୁ। ଯେ କୌଣସି ସମୟ ୱାରେଣ୍ଟି ଏପରି ଏକ ଯୋଜନା ଯାହା ଆମର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ଆମର ଗ୍ରାହକ ସନ୍ତୋଷ ଏବଂ ହଇରାଣମୁକ୍ତ ମାଲିକାନା ଅଭିଜ୍ଞତାକୁ ପ୍ରଦାନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପୂରା କରିଥାଏ। ଅପରପକ୍ଷରେ ଉଦ୍ୟୋଗ ମାନକ ପ୍ରାୟ ୩ ବର୍ଷ ବା ୭୫,୦୦୦କି.ମି. ଥିବା ବେଳେ ସ୍କୋଡା ଅଟୋ ଇଣ୍ଡିଆ ପ୍ରଥମରୁ ୪ ବର୍ଷ ବା ୧,୦୦,୦୦୦ କି.ମି. ମାନକ ୱାରେଣ୍ଟି ସହ ଭାରତୀୟ ଅଟୋମୋଟିଭ ବଜାରରେ ଶୀର୍ଷରେ ରହିଛି ।

ଫୁର୍‌ସତ୍

# ପ୍ରେମ ଦିବସ ପାଇଁ ଗୋଲାପ ଆମଦାନୀ ବ୍ୟାନ୍

ଟୋକିଓ



ନେପାଳ ସରକାର ନିକଟରେ ପ୍ରେମ ଦିବସ ପାଇଁ ଭାରତ ଏବଂ ଚାଇନାରୁ ଗୋଲାପ ଆମଦାନୀ ବ୍ୟାନ୍ କରିଥିବା ଘୋଷଣା କରିଛି। ରିପୋର୍ଟ ଅନୁସାରେ, ଆସନ୍ତା ୧୪ରେ ପ୍ରେମ ଦିବସ ପାଳନ କରାଯିବ। ଏଥିପାଇଁ ଭାରତ ଏବଂ ଚାଇନାରୁ ସତେଜ ଗୋଲାପ ଅଧିକ ମାତ୍ରାରେ ଆମଦାନୀ ହେବ। ହେଲେ କୃଷି ମନ୍ତ୍ରଣାଳୟ ଅଧୀନରେ ଥିବା ଉଦ୍ଭିଦ କ୍ୱାରେଣ୍ଟିନ୍ ଏବଂ କୀଟନାଶକ ପରିଚାଳନା କେନ୍ଦ୍ର ଗୁରୁବାର ଉଦ୍ଭିଦ ରୋଗର ଆଶଙ୍କା ଦର୍ଶାଇ ଗୋଲାପ ଆମଦାନୀ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେଥିପାଇଁ କେନ୍ଦ୍ର ୧୫ଟି କଷ୍ଟମ ଅଫିସ୍‌ରେ ଏହି କାରଣ ଲାଗି ଭାରତ ଏବଂ ଚାଇନାଠାରୁ ଗୋଲାପ ଆମଦାନୀ ବ୍ୟାନ୍ କରିଛି। ଏହି ଆମଦାନୀ ପରିବା ଜାତୀୟ ଜିନିଷର କୀଟରୁ ରୋଗର ଆଶଙ୍କା କରାଯାଉଛି ବୋଲି କେନ୍ଦ୍ରର ସୂଚନା ଅଧିକାରୀ ମହେଶ ଚନ୍ଦ୍ର ଆଚାର୍ଯ୍ୟ କହିଛନ୍ତି। ଗୋଲାପ ଏବଂ ଅନ୍ୟ ଉଦ୍ଭିଦଠାରୁ ହେଉଥିବା ରୋଗ ବହୁତ ବିପଦ ବୋଲି ଜଣାପଡ଼ିଛି। ସେଥିପାଇଁ ଆମଦାନୀକୁ ତୁରନ୍ତ ବ୍ୟାନ୍ କରାଯାଇଥିବା ଆଚାର୍ଯ୍ୟ କହିଛନ୍ତି। ପ୍ରେମ ଦିବସଗୁଡ଼ିକରେ ନେପାଳରେ ପ୍ରାୟ ୩୦୦ ହଜାର ଗୋଲାପ ବିକ୍ରି ହୋଇଥିବା ରିପୋର୍ଟରୁ ଜଣାପଡ଼ିଛି। ନେପାଳରେ ମାତ୍ର ୩୦ରୁ ୪୦ ହଜାର ଗୋଲାପ ହେଉଥିବାବେଳେ ବାକିସବୁ ଭାରତରୁ ଆମଦାନୀ କରାଯାଇଥାଏ। ତେବେ ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ନେପାଳ ୧୦ ହଜାର ୬୧୨ କେଜିର ଗୋଲାପ ପାଇଁ ୧.୩ ମିଲିୟନ୍ ଡଲାର ବ୍ୟୟ କରିଛି।

## ପ୍ରଶଂସକଙ୍କ ବାପାଙ୍କ ଜୀବନ ବଞ୍ଚାଇଲେ

**ମୁମ୍ବାଇ:** ବର୍ତ୍ତମାନ ସମୟରେ ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ସମଗ୍ର ବିଶ୍ୱରେ ଅନେକ ଫ୍ୟାନ୍ ରହିଛନ୍ତି। ସଭିଙ୍କ ଭଲ ପାଇବା ପାଇବାରୁ ସେମାନଙ୍କୁ କେବେ ନିରାଶ କରିନାହାନ୍ତି ଅଲ୍ଲୁ। ଅଲ୍ଲୁ ସବୁବେଳେ ତାଙ୍କ ଫ୍ୟାନ୍ସଙ୍କ ଅସୁବିଧାରେ ଠିଆ ହୋଇ ଆସିଛନ୍ତି। ନିକଟରେ ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି। ଅଲ୍ଲୁ ତାଙ୍କର ଜଣେ ଫ୍ୟାନ୍‌ଙ୍କ ବାପା ଫୁସ୍‌ଫୁସ୍ ଜନିତ ରୋଗର ଶିକାର ଜାଣି ତାଙ୍କୁ ୨ ଲକ୍ଷ ଟଙ୍କା ସହାୟତା କରିଛନ୍ତି। ଏବେ ତାଙ୍କ ଅବସ୍ଥା ଭଲ ଥିବା ଜଣାପଡ଼ିଛି। ଏହି ସୂଚନା ଅଲ୍ଲୁ ଅର୍ଜୁନ ଫ୍ୟାନ୍ କ୍ଲବ ସୋସିଆଲ ମିଡିଆରେ ଶେୟାର କରିଛି। ଏ ସମସ୍ୟା ନେଇ ଫ୍ୟାନ୍ କ୍ଲବ ତା' ପେଜ୍‌ରେ ଏକ ସ୍ୱାସ୍ଥ୍ୟ ରିପୋର୍ଟର ଫଟୋ ଶେୟାର କରି ସୂଚନା ଦେଇଥିଲା।





## ୨ଟି କଫି ପାଇଁ ୩.୬ ଲକ୍ଷ ଚାର୍ଜ

ୱାଶିଂଟନ୍

ଏକ ଆମେରିକା ଦମ୍ପତିଙ୍କୁ ୨ଟି କଫି ପାଇଁ ୪ହଜାର ୪୫୬ ଡଲାର, ଯାହା ଭାରତୀୟ ମୁଦ୍ରାରେ ୩.୬ ଲକ୍ଷ ଚାର୍ଜ ପଡ଼ିଥିବା ଜଣାପଡ଼ିଛି। ରିପୋର୍ଟ ମୁତାବକ, ଜେସି ଏବଂ ଓଡଲ୍ ଆମେରିକାର ଏକ ଷ୍ଟାରବକ୍ସ ରେଷ୍ଟୁରାଣ୍ଟକୁ କଫି ପିଇବାକୁ ଯାଇଥିଲେ। କଫି ପିଇସାରି ସେମାନେ ତାଙ୍କ କ୍ରେଡିଟ୍ କାର୍ଡରୁ ପେମେଣ୍ଟ କରି ଘରକୁ ଆସିଥିଲେ। ହେଲେ ପରେ ଯେତେବେଳେ ସେମାନେ ଶପିଂ କରିବାକୁ ଗଲେ, ସେଠାରେ ପେମେଣ୍ଟ କରିବାବେଳେ ତାଙ୍କ କାର୍ଡରେ ଟଙ୍କା ନ ଥିବା ଜାଣିବାକୁ ପାଇଥିଲେ। ଏହାର ଯାଞ୍ଚ କରିବାରୁ ସେହି କଫି ପାଇଁ ତାଙ୍କର ୩.୬ ଲକ୍ଷ ଟଙ୍କା କଟିଥିବା ଜାଣିଲେ। ପ୍ରକୃତରେ ସେଠାରେ ଗତ ୧୬ ବର୍ଷ ହେବ ୨ କଫିର ଦାମ୍ ୧୦ ଡଲାର (୮୨୦ ଟଙ୍କା) ରହିଛି। ତେବେ ଏତେ ଟଙ୍କା କିପରି କଟିଲା ତାହା ଜାଣିବାକୁ ସେହି ରେଷ୍ଟୁରାଣ୍ଟକୁ ଦୁହେଁ ସମ୍ପର୍କ କରିଥିଲେ। ଏହାର ସମାଧାନ ଖୁବ୍‌ଶୀଘ୍ର କରାଯିବ କହିଥିଲେ ଏବଂ ଏହି ତ୍ରୁଟି ମନୁଷ୍ୟଜନିତ ବୋଲି ରେଷ୍ଟୁରାଣ୍ଟ ଉତ୍ତର ରଖିଥିଲା।

## ପୃଥିବୀକୁ ଡାର୍‌ୱିନଙ୍କ ଅବଦାନ

ଡାର୍‌ୱିନ ଦିବସ



ପୃଥିବୀକୁ ବୈଜ୍ଞାନିକ ଡାର୍‌ୱିନ ପ୍ରଦାନ କରିଥିବା ଅବଦାନକୁ କେବେ ଭୁଲି ହେବ ନାହିଁ। ଏନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଫେବୃୟାରୀ ୧୨ରେ ତାଙ୍କ ଜନ୍ମ ବାର୍ଷିକୀରେ ଡାର୍‌ୱିନ ଦିବସ ପାଳନ କରାଯାଇଥାଏ। ସେ ୧୨ ଫେବୃୟାରୀ ୧୮୦୯ରେ ବ୍ରିଟେନର ଦ ମାଉଣ୍ଟ ହାଉସ୍‌ରେ ଜନ୍ମ ଗ୍ରହଣ କରିଥିଲେ। ୧୯ ଏପ୍ରିଲ ୧୮୮୨ରେ ୭୩ ବର୍ଷ ବୟସରେ ତାଙ୍କର ମୃତ୍ୟୁ ଲଣ୍ଡନର ଦକ୍ଷିଣ ଉପକଣ୍ଠରେ ଥିବା ଡାଉନ ହାଉସ୍‌ରେ ଘଟିଥିଲା। ୧୨ ଫେବୃୟାରୀ ୧୯୦୯ରେ ଡାର୍‌ୱିନଙ୍କ ୧୦୦ତମ ଜନ୍ମବାର୍ଷିକୀ ନ୍ୟୁୟର୍କ ଏକାଡେମୀ ଅଫ ସାଇନ୍ସ ଦ୍ୱାରା ପାଳନ କରାଯାଇଥିଲା। ଡାର୍‌ୱିନଙ୍କ ଏକ ପିତ୍ତଳ ବକ୍ଷ ଉନ୍ମୋଚିତ ହୋଇଥିଲା। ୨୦୦୯ ମସିହା ଡାରୱିନଙ୍କ ଜନ୍ମର ୨୦୦ତମ ବାର୍ଷିକୀ ଥିଲା। ୯ ଫେବୃୟାରୀ ୨୦୧୧ରେ, କାଲିଫର୍ନିଆର ପ୍ରତିନିଧି ପିଟ ଷ୍ଟାକ ୧୨ ଫେବୃୟାରୀକୁ ଡାର୍‌ୱିନ ଡେ ଭାବରେ ପରିଚିତ କରାଇଥିଲେ। ୨୨ ଜାନୁୟାରୀ ୨୦୧୩ରେ, ନ୍ୟୁ ଜର୍ସିର ପ୍ରତିନିଧି ରଶ ଡି ହୋଲ୍ଟ, ମଣିଷର ଉନ୍ନତିରେ ବିଜ୍ଞାନର ଗୁରୁତ୍ୱ ପାଇଁ ୧୨ ଫେବୃୟାରୀକୁ 'ଚାର୍ଲ୍ସ ଡାର୍‌ୱିନ ଡେ' ଭାବେ ଘୋଷଣା କରିଥିଲେ ଏବଂ ଡେଲାୱେରକୁ ଆମେରିକାର ପ୍ରଥମ ରାଜ୍ୟ ଭାବରେ ଏହି ଉତ୍ସବ ପାଳନ କରିଥିଲେ। ଆମେରିକାର ପ୍ରତିନିଧିସଭାର ପ୍ରତିନିଧି ଜିମ୍ ହିମସ୍‌ଙ୍କ ଦ୍ୱାରା ୨ ଫେବୃୟାରୀ ୨୦୧୫ରେ ଉପସ୍ଥାପିତ ହୋଇଥିବା ୬୭ ପ୍ରସ୍ତାବରେ ଫେବୃୟାରୀ ୧୨କୁ ଆମେରିକାରେ ଡାର୍‌ୱିନ ଡେ ଭାବରେ ପାଳନ କରିବାକୁ କୁହାଯାଇଥିଲା।

## ଆଇନଗତ ବିବାଦରେ ଫସିଲେ ରାଣା ଦଗ୍ଗୁବତୀ



**ହାଇଦ୍ରାବାଦ:** ଅତୁଆରେ ଚଳଚ୍ଚିତ୍ର 'ବାହୁବଳୀ'ର ଭଲ୍ଲାଳ ଦେବ ଚରିତ୍ରରେ ଅଭିନୟ କରିଥିବା ଅଭିନେତା ରାଣା ଦଗ୍ଗୁବତୀ। ସେ ଏବଂ ତାଙ୍କ ବାପା ସୁରେଶ ବାବୁଙ୍କ ଉପରେ ଜମି ହଡ଼ପ ମାମଲା ରୁଜୁ ହୋଇଛି। ହାଇଦ୍ରାବାଦର ଜଣେ ବ୍ୟବସାୟୀ ପ୍ରମୋଦ କୁମାର ଉଭୟଙ୍କ ବିରୋଧରେ ଏହି ଅଭିଯୋଗ ଆଣିଛନ୍ତି। ୨୦୧୪ରେ ରାଣା ଏବଂ ସୁରେଶ ହାଇଦ୍ରାବାଦର ଫିଲ୍ମ ସିଟି ନିକଟରେ ଥିବା ନିଜ ଜମିକୁ ହୋଟେଲ ଲାଗି ପ୍ରମୋଦ କୁମାରଙ୍କୁ ଭଡ଼ାରେ ଦେଇଥିଲେ। ହେଲେ ସୁରେଶ ଉକ୍ତ ଜମିକୁ ବିକ୍ରି କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ପ୍ରମୋଦଙ୍କୁ ସୁରେଶ ୫ କୋଟି ଟଙ୍କା ଦେଇଥିଲେ ମଧ୍ୟ ପ୍ରମୋଦ ଜମି ଖାଲି କରିବାକୁ ମନା କରିଥିଲେ। ଏହାକୁ ନେଇ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ଏବେ ପ୍ରମୋଦ ଏହି ଘଟଣାରେ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ୫ କୋଟି ଟଙ୍କା ତାଙ୍କୁ ମିଳି ନ ଥିବା ପ୍ରମୋଦ ଅଭିଯୋଗରେ ଦର୍ଶାଇଛନ୍ତି। ଏପରିକି ରାଣା ଏବଂ ତାଙ୍କ ବାପା ଜମି ଖାଲି କରିବାକୁ ଧମକାଇ ଥିବା ମଧ୍ୟ ସେ କହିଛନ୍ତି। ଖୁବ୍‌ଶୀଘ୍ର ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଉଛି।

# ମଣିପୁର, ସର୍ଭିସେସ୍‌ ବିଜୟୀ

## ସନ୍ତୋଷ ଟ୍ରଫି ଫୁଟ୍‌ବଲ



ମେଘାଳୟ ଓ ସର୍ଭିସେସ୍‌ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର,୧୧।୨(କ୍ରୀଡ଼ା ପ୍ରତିନିଧି): ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା ୭୬ତମ ସନ୍ତୋଷ ଟ୍ରଫି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଶନିବାର ଅନୁଷ୍ଠିତ ମ୍ୟାଚରେ ମଣିପୁର ଓ ସର୍ଭିସେସ୍‌ ବିଜୟୀ ହୋଇଥିବା ବେଳେ ଦିଲ୍ଲୀ ଓ ପଶ୍ଚିମବଙ୍ଗ ମ୍ୟାଚ ଡ୍ର ରହିଛି। ସପ୍ତମ ବାଟାଲିୟନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ମଣିପୁର ୪-୧ ଗୋଲରେ ରେଲୱେକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ନାଗାଙ୍ଗବାମ୍‌ ନାଓବା ସିଂ ୫୬, ୬୯ ଓ ୭୩ତମ ମିନିଟ୍‌ରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଯାମି ଲଙ୍ଗଭା ୯୦+୨ ମିନିଟ୍‌ରେ ଅନ୍ୟ ଗୋଲଟି ଦେଇଥିଲେ। ରେଲୱେ ପକ୍ଷରୁ ପ୍ରଦ୍ୟୁତ ଦାସ ୮୮ତମ ମିନିଟ୍‌ରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। କ୍ୟାପିଟାଲ ଫୁଟ୍‌ବଲ ଆରେନାରେ ଅନୁଷ୍ଠିତ ଏକ ମ୍ୟାଚରେ ସର୍ଭିସେସ୍‌ ୨-୦ ଗୋଲରେ ମେଘାଳୟକୁ ହରାଇ ଦେଇଛି। ସର୍ଭିସେସ୍‌ର ସୁନୀଲ ବି. ୨୮ ଓ ମୋଇରାଙ୍ଗଥେମ୍‌ ରୋନାଲ୍ଡୋ ସିଂ ୪୫+୧ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ୭ମ ବାଟାଲିୟନ ପଡ଼ିଆରେ ଅନୁଷ୍ଠିତ ଦିଲ୍ଲୀ-ପଶ୍ଚିମବଙ୍ଗ ମ୍ୟାଚଟି ୨-୨ ଗୋଲରେ ଡ୍ର ରହିଥିଲା। ଦିଲ୍ଲୀ ଅଧିନାୟକ ନୀରଜ ଭଣ୍ଡାରୀ ୮ମ ଓ ଗୌରବ ରାଓ୍ତ ୭୨ତମ ମିନିଟ୍‌ରେ ଗୋଟିଏ ଲେଖାଏ ଏବଂ ପଶ୍ଚିମବଙ୍ଗ ଅଧିନାୟକ ନରୋ ହରି ଶ୍ରେଷ୍ଠ ୫୦ ଓ ୬୧ତମ ମିନିଟ୍‌ରେ ୨ଟି ଗୋଲ ଦେଇଥିଲେ।

## ଦକ୍ଷିଣ ଆଫ୍ରିକା ବିପକ୍ଷରେ ଶ୍ରୀଲଙ୍କାର ଚମକପ୍ରଦ ବିଜୟ

**ମହିଳା ଟି୨୦ ବିଶ୍ୱକପ୍‌**

କେପ୍‌ଟାଉନ୍‌,୧୧।୨(ପି.ଟି.): ଅଧିନାୟିକା ଚାମରି ଆଥାପାଥୁଙ୍କ ପ୍ରଭାବୀ ପ୍ରଦର୍ଶନ ଯୋଗୁ ସ୍ଥାନୀୟ ନ୍ୟୁଲାଣ୍ଡ୍‌ସରେ ଆଇସିସି ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍‌ର ଓପନିଂ ମ୍ୟାଚରେ ଶ୍ରୀଲଙ୍କା ୩ରନରେ ଆୟୋଜକ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଶୁକ୍ରବାର ରାତିରେ ଖେଳାଯାଇଥିବା ଏହି ମ୍ୟାଚରେ ଆଥାପାଥୁ ୫୦ବଲ୍‌ରୁ ୧୨ଚୌକା ସହ ୬୮ ରନ ସଂଗ୍ରହ କରିଥିଲେ। ଏହାଦ୍ୱାରା ଇଭେଣ୍ଟରେ ଶ୍ରୀଲଙ୍କାର ଜଣେ ଖେଳାଳି ହିସାବରେ ବ୍ୟକ୍ତିଗତ ସର୍ବାଧିକ ସ୍କୋର କରିପାରିଛନ୍ତି। ଦକ୍ଷିଣ ଆଫ୍ରିକା ପାଇଁ ୧୩୦ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିବା ପରେ ଶ୍ରୀଲଙ୍କା ସ୍ପିନରଙ୍କ ଶୃଙ୍ଖଳିତ ବୋଲିଂ ଯୋଗୁ ଆୟୋଜକ ଦଳ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ବିନିମୟରେ ୧୨୬ ରନ କରିପାରିଥିଲା। ୨୦୧୬ ପରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଶ୍ରୀଲଙ୍କାର ଏହା ହେଉଛି ପ୍ରଥମ ବିଜୟ।

**ସଂକ୍ଷିପ୍ତ ସ୍କୋର**

**ଶ୍ରୀଲଙ୍କା:** ୨୦ ଓଭରରେ ୧୨୯/୪ (ଚାମରି ଆଥାପାଥୁ-୬୮, ଭିସ୍ମି ଗୁଣରତ୍ନେ-୩୫; ନାଡିନ ଡି କ୍ଲର୍କ-୧/୩୮, ମାରିଜାନେ କାପ୍‌-୧/୧୫)। **ଦକ୍ଷିଣ ଆଫ୍ରିକା:** ୨୦ ଓଭରରେ ୧୨୬/୯(ସୁନ୍‌ ଲୁସ୍‌-୨୮; ଲାଉରା ଓଲ୍‌ଭାର୍ଡ୍‌ଟ-୧୮; ଇନୋକା ରଣବୀରା-୩/୧୮, ଓଶାଡି ରଣସିଂଘେ-୨/୨୦)।

## ପୂର୍ବତନ ଫୁଟ୍‌ବଲ କୋଚ୍‌ଙ୍କ ବିରୋଧରେ ଗିରଫ ପରୱାନା

**ଯୌନ ଶୋଷଣ ଅଭିଯୋଗ**

ନୂଆଦିଲ୍ଲୀ, ୧୧।୨ (ପି.ଟି.): ଯୌନ ଶୋଷଣ ଅଭିଯୋଗରେ ଦିଲ୍ଲୀର ଏକ କୋର୍ଟ ଭାରତୀୟ ୧୭ ବର୍ଷରୁ କମ୍‌ ମହିଳା ଫୁଟ୍‌ବଲ ଟିମ୍‌ର ପୂର୍ବତନ ସହକାରୀ କୋଚ୍‌ ଆଲେକ୍ସ ମାରିଓ ଆମ୍ବ୍ରୋସ୍‌ଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଛନ୍ତି। ଯୌନ ଅପରାଧରୁ ଶିଶୁ ସୁରକ୍ଷା (ପୋକ୍ସୋ) ଆଇନର ଧାରା ୧୨ (ଯୌନ ନିର୍ଯାତନା ପାଇଁ ଦଣ୍ଡ ବିଧାନ) ଅନୁସାରେ ଆମ୍ବ୍ରୋସ୍‌ଙ୍କ ବିରୋଧରେ ଦ୍ୱାରକା ସେକ୍ଟର ୨୩ ପୋଲିସ ଷ୍ଟେଶନରେ ଆମ୍ବ୍ରୋସ୍‌ଙ୍କ ବିରୋଧରେ ଏକ ଏଫ୍‌ଆଇଆର୍‌ ପଞ୍ଜୀକୃତ କରାଯାଇଥିଲା। ସହକାରୀ କୋଚ୍‌ ଜଣଙ୍କୁ ନରୱେରୁ ଡକାଯାଇଛି। ୧୭ ବର୍ଷରୁ କମ୍‌ ମହିଳା ଫୁଟ୍‌ବଲ ଦଳର ୟୁରୋପ ଟୁର୍‌ ସମୟରେ ଏକ ଟ୍ରେନିଂ ବେଳେ ଆମ୍ବ୍ରୋସ୍‌ ଜଣେ ଖେଳାଳିଙ୍କ ପ୍ରତି ଖରାପ ଆଚରଣ କରିଥିଲେ।

---

**Ref. No.: SO-13014/3/2023/1127** **Date: 10.02.2023**

**Startup Odisha** (2nd Floor, Tower-A, Odisha Startup Incubation Centre (O-Hub), Special Economic Zone Road, Infocity, Patia, Bhubaneswar-751024)

### REQUEST FOR PROPOSAL FOR SUPPLY OF COMPUTER & PERIPHERALS

No.h-24:- Sealed quotations are invited from reputed Registered Firms / Manufactures / IT Service providers for supply of computer & peripherals for official use of STARTUP ODISHA. The last date of submission of bids is 20.02.2023 by 3.00 PM. The preferred specification may be downloaded by visiting **www.startupodisha.gov.in** and bidders are further advised to keep referring Startup Odisha website for any updates with reference to this advertisement.

**Sd./- Chief Administrative Officer**
OIPR-43007/11/0031/2223

---

### OFFICE OF THE EXECUTIVE ENGINEER, RWS&S DIVISION, KENDRAPARA

**At: Ichhapur, Post: Shree Baladevjew, Email: eerwsskendrapara@gmail.com**
**Identification No. RWS/73/2022-23**

**Letter No. 705** **1st Corrigendum** **Dated: 09.02.2023**

No. O-1809: This corrigendum has been made for the NIT-73 invited online vide this office Letter No. 639/ Dated: 06.02.2023 with date for selling, closing, clarification and opening which was on Dt.10.02.2023 (selling date), 17.02.2023 (closing date), 13.02.2023 (clarification date) and 20.02.2023 (Opening date) has been modified and to be read as 24.02.2023, 04.03.2023, 27.02.2023 and 06.03.2023 respectively due to unavoidable circumstances. All the terms and condition remain unaltered.

| Sl. No. | Name of Work | Estimated Cost (Appx.) Rs. in Lakhs | Cost of Tender Paper (Online) | Cost of EMd @ 1% (Online) | Period of Completion |
|---|---|---|---|---|---|
| 1 | Sinking of 200 mm dia Production well through mud rotary rig for RPWS to Jajhanga under Kendrapara Block in Kendrapara District out of **BASUDHA O & M FUND**. | Rs.7.14 | Rs.4000 | Rs.7200 | 45 days |
| 2 | Sinking of 200 mm dia Production well through mud rotary rig for RPWS to Arjunpur under Garadpur Block in Kendrapara District out of **BASUDHA O & M FUND**. | Rs.7.14 | Rs.4000 | Rs.7200 | 45 days |
| 3 | Sinking of 200 mm dia Production well through mud rotary rig for RPWS to Syamasunderpur Zone Two under Derabish Block in Kendrapara District out of **JJM Fund**. | Rs.5.61 | Rs.4000 | Rs.5700 | 45 days |
| 4 | Sinking 200 mm dia Production well through mud rotary rig for RPWS to Raghudeipur Zone Three under Derabish Block in Kendrapara District out of **JJM Fund**. | Rs.6.07 | Rs.4000 | Rs.6100 | 45 days |
| 5 | Sinking of 200 mm dia Production well throuhg mud rotary rig for RPWS to Tunga under Aul Block in Kendrapara District out of **GP Deposit Fund**. | Rs.6.69 | Rs.4000 | Rs.6700 | 45 days |

**OIPR-25004/11/0078/2223** **Sd./- (Er. B.K. Nayak), Executive Engineer, RWS&S Division, Kendrapara**

---

### OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO.II BHUBANESWAR

**eerb2_bbsr@yahoo.com**
**INVITATIONS FOR BIDS THROUGH e-Procurement**
**Bid Identification No.C.C.(R&B)-02**
**e-Procurement Notice No.73 of 2022-23**
**No. Bhubaneswar the 2022**

**No.B-1251:**The Superintending Engineer, Bhubaneswar (R&B) Division No-II, Bhubaneswar on behalf of the Governor of Odisha invites percentage rate bids for One Number of Gas Pipeline work to be received in online bidding, Double cover system as detailed in : https://tendersorissa.gov.in. The details of bid documents will be available in the above website from 14.02.2023 to 5.00 P.M of 21.02.2023. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 22.02.2023 in the Office of the Superintending Engineer, Bhubaneswar (R&B) Division No-II, Bhubaneswar. Further details can be seen from the e-procurement portal www.tendersorissa.gov.in.
Addendum / Corrigendum, if required, will be available only in the Website.

**Sd./- Superintending Engineer**
**OIPR-34088/11/0033/2223** **BBSR (R&B) Division No.II, BBSR**

---

### ZILLA SWASTHYA SAMITI, NAYAGARH OFFICE OF THE CDMO-cum-DISTRICT MISSION DIRECTOR, NAYAGARH

**NOTICE**

**Adv. No. - 13 /22-23 Date:09.02.2023**

No. E-902:- Sealed tenders are invited from authorized firms for supply of laboratory items (chemicals, consumables equipments and reagents) to different health institutions, Nayagarh District under ZSS, Nayagarh. The details are available in the district website: www.nayagarh.nic.in. The eligible bidders may submit their tender papers on or before 23.02.2023 by 05.30 PM through Registered Post / Speed Post/Courier only to the undersigned. The tender documents will be opened on 24.02.2023 at 11.30 AM in the office chamber of the undersigned.The undersigned reserves the right to accept or reject any or all the quotations without assigning any reason thereof.

**Sd./- CDMO-cum-District Mission Director, Nayagarh**
OIPR-10050/11/0014/2223

---

### ODISHA CONSTRUCTION CORPORATION LTD.

**(A Govt. of Odisha Undertaking)**
**OFFICE OF THE GENERAL MANAGER (MECH.), ERECTION AND MAINTENANCE, CENTRAL WORKSHOP, RASULGARH,BHUBANESWAR -751010 (ODISHA)**
**Tel- 0674 : 2580896, E-mail: gmerectionocc@gmail.com, (GSTIN-21AAACO2571K2ZM)**
**"e"-Procurement Notice No. 51/ OCCL-GM(E&M)/ 2022-23 (on-line).**

**No.CAD-4779:**Type of work:- Erection, Commissioning, Testing and Painting of 04(four) sets Head Regulator service gate & 04 (four) sets Head Regulator emergency gate with their hoisting arrangements, 2nd Stage embedded parts and 2nd Stage concreting of Kanupur Irrigation Project.
Total No. of work : 01 (One), Period of completion : 150 ( One hundred fifty) days.

| Tendering Officer | Bid Identification No. | Cost of Tender document (including GST) through online transfer system | Availability of tender (Online) | Submission of Bid (Online) |
|---|---|---|---|---|
| General Manager (Mech.) Erection and Maintenance, OCC Ltd., Central Workshop, Rasulgarh, Bhubaneswar | OCCL-G.M./ E&M/08/ 2022-23 | Rs.11,800/- (Non-refundable) | 10.02.2023, 10.00 A.M. to 20.02.2023, 5.00 P.M. | 10.02.2023 10.00 A.M. to 20.02.2023, 5.00 P.M. |

Date of Opening of the Technical Bid: 21.02.2023 at 10.30 A.M.
Further details can be seen from the Govt. website (www.tendersodisha.gov.in.) Amendment/Corrigendum/ Cancellation, if any shall be posted online only.

**Sd./- General Manager (Mech.), Erection and Maintenance**
**OIPR-34163/11/0023/2223**

---

### INVITATION FOR BIDS (IFB)

**BID IDENTIFICATION No. 03/2022-23, Dt.08.02.2023**

No. i-423: Block Development Officer, Tihidi, Bhadrak on behalf of the Panchayat Samiti, Tihidi invites Percentage Rate Bids in Single sealed cover system for construction of the works as detailed in the table below, from eligible contractors of equivalent grade/class registered with the Central Govt./State Govt./MES/Railways for execution of civil works. The proof of such registration from the appropriate authority along with ITCC and system generated GST RC, duly filled Schedules/Annexures/Proforma/Forms as per the DTCN as applicable, copy of the PAN RC and any other relevant documents in support of own merit (all duly signed) shall be enclosed along with the bid. The bidders may submit bids for any or all the following works in the office of the Panchayat Samiti, Tihidi. One bidder can submit one bid only for a particular work. The cover containing the bid should be superscribed as Tender for the work "Name of the work as the case may be".

1. Bid documents consisting of specifications, the schedule of quantities and the set of terms & conditions of contract, Annexures/Schedules/Forms/Proforma and other necessary documents can be seen in the website **www.bhadrak.nic.in** or can be purchased from the office of the undersigned on payment of specified amount (non-refundable) during office hours on any of the working days within the period stipulated. The bidders who will download the document online must have to obtain the money receipt towards cost of document from this office before the scheduled time.
2. The sale and receipt of the tender documents shall start from Dt.09.02.2023 upto Dt.27.02.2023 during office hours in the office of the undersigned.
3. Bid(s) must be accompanied with the specified bid security (Ref. FDOM No. 8475/F, Dt.05.04.2022 & FDOM No. 8484/F, Dt.05.04.2022) and receipt(s) against the cost of the bid document(s) of the amount(s) as specified for the work(s) in the table along with the bid document(s). The cost of bid documents shall be in shape of Demand Draft issued from any Nationalized Scheduled Bank located in the State of Odisha in favour of the Block Development Officer, Tihidi. Bid security will have to be in any one of the forms as specified in the bidding documents and shall have to be valid for 45 days beyond the validity of the bid.
4. Tenders are intended to be received only through Speed Post/Registered Post upto 05.30 P.M. of Dt.27.02.2023. Authority will not be held responsible for the postal delay (if any) in the delivery of the documents or non-receipt of the same on or before the scheduled date and time. No tender paper shall be received through Drop Box or Courier Services and tender papers received through Drop Box or Courier Services shall be liable for rejection.
5. Bids so received shall be opened at 11.00 A.M. on Dt.28.02.2023 in the Office of the Panchayat Samiti, Thihidi in presence of the bidders or their authorized representatives who wish to attend thereof. In case the office happens to be closed on the stipulated date of opening of the Bids as specified, the bids will be opened on the next working day at the same time and venue.
6. The representatives of the bidders must have to produce their authentic authorization letters in order to participate in the bid opening process unfailingly. Other details can be seen in the bidding documents.
7. The authority reserves the right to reject/cancel any one or all of the bid(s) without assigning any reason thereof.

| Sl. No. | Name of the Work | Amount put to Tender | EMD | Time for Completion | Class of Contractor | Cost of Document |
|---|---|---|---|---|---|---|
| (1) | (2) | (3) | (4) | (5) | (6) | (7) |
| 1 | Execution of Civil work for 5T - Transformation of High School at Utkalmani Gopabandhu Bidyapitha, At: Narendrapur, Narendrapur GP | 8,33,544/- | 8,335/- | One Calendar Month | D & C | 4,000/- |
| 2 | Construction of Day Care Sub Centre cum Health & Wellness Centre under PM ABHIM 21-22 at Daulatpur, Daulatpur GP | 31,18,365/- | 31,184/- | Six Calendar Months | C & B | 6,000/- |
| 3 | Construction of Day Care Sub Centre cum Health & Wellness Centre under PM ABHIM 22-23 at Bahabalapur, Bahabalapur GP | 30,97,669/- | 30,977/- | Six Calendar Months | C & B | 6,000/- |
| 4 | Construction of Day Care Sub Centre cum Health & Wellness Centre under PM ABHIM 21-22 at Kanpada, Kanpada GP | 31,10,680/- | 31,107/- | Six Calendar Months | C & B | 6,000/- |
| 5 | Construction of Day Care Sub Centre cum Health & Wellness Centre under PM ABHIM 22-23 at Kolha, Kolha GP | 30,75,879/- | 30,759/- | Six Calendar Months | C & B | 6,000/- |
| 6 | Construction of Building Less Sub Health Centre under 15th CFC, 21-22 at Bilana, Bilana GP | 30,74,852/- | 30,748/- | Six Calendar Months | C & B | 6,000/- |
| 7 | Construction of Day Care Sub-Centre cum Health & Wellnes Centre under PM ABHIM 22-23 at Bodak, Bodak GP | 31,00,337/- | 31,003/- | Six Calendar Months | C & B | 6,000/- |

**Sd./- Block Development Officer, Tihidi**
**OIPR-19115/11/0006/2223**

---

### idco | ODISHA NEW OPPORTUNITIES

### OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR

**Bid Identification No. Civil/EST- 46/2022-23**
**No.CAD-4792: TCN No-4003 dtd.08.02.2023**
**QUOTATION CALL NOTICE e-Procurement**

1. Name of the Work: Supply & installation of Furniture's for hostel & Academic block for HMV training centre at Dhanurjaypur, Keonjhar. Period of completion: 45 days
2. Availability of tender online for Bidding:
I. Start Date: 18:00 Hours of dt 14.02.2023
II. End date: 15:00 Hours of dt.01.03.2023.
III. Opening date:16.00 Hours of dt.01.03.2023.
Further details can be seen from the e-procurement portal, www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

**Sd./- Chief General Manager (Civil)**
**IDCO, Bhubaneswar**
**OIPR-14003/11/0289/2223**

---

### Government of Odisha "e" Procurement Notice No. 12

**Ph. No. 0674-2540603, E-mail Id: senhcnorth_bbsr@rediffmail.com**
**No. b-49** **Identification No. 12/CCE NH, NORTHERN of 2022-23**

| Sl. No. | Name of the Work | Value of Work (Rs.) | Class of Contractor | Period of Completion (in Calendar Months) | Last date/ time for receipt of Bids | Date of Opening of Tender | Name and address of the officer inviting tender |
|---|---|---|---|---|---|---|---|
| 01 | Road Illumination from PWD IB to Labanya Hotel and Chandrabhaga Light House to Chandrabhaga Chhaka - 2695 mtr. at Konark for the year 2022-23 | 1,93,03,464.00 | Valid LT or HT Licensed Electrical Contractor | 01 Month & 15 Days | 24.02.2023 upto 17.30 hours. | 27.02.2023 at 11.30 A.M. | Chief Construction Engineer, Northern NH Cirlce, Unit - IX (Flat), BBSR - 22 |
| 02 | Further details can be seen from the "e" procurement website: **www.tendersodisha.gov.in** with effect from 10.02.2023. | | | | | | |
| 03 | Addendum/Corrigendum/Cancellation of tender if required shall be hosted in the aforesaid website only. | | | | | | |
| 04 | The authority reserves the right to cancel the bid without assigning any reason thereof. | | | | | | |

**OIPR-34010/11/0009/2223** **Sd./- Chief Construction Engineer, Northern NH Circle, BBSR**

---

### OFFICE OF THE CHIEF ENGINEER & BASIN MANAGER TEL BASIN, BHAWANIPATNA, DIST-KALAHANDI

**Tel.No.06670230209, email:cetelbasinbhp@gmail.com**
**Government of Odisha "e" Procurement Notice**
**CE&BM, TEL-24/2022-23**
**Bid Identification No.CETEL-BID-13/2022-23**

**No.A-1143:**Online tenders are invited for EPC Contract for "Construction of In-stream storage structures at Kursud (Sindheikela) across river Indra in Bolangir district including Hydro-mechanical works, Power Connectivity works, Road Connectivity, Staff Quarters including Survey, Investigation, Planning, Design and Estimate of all Components with Operation and Maintenance of the project for a period of five years or five Flood Seasons whichever is more after successful commissioning of the Project of State of Odisha from perspective bidders.

| | | |
|---|---|---|
| 1 | Name of Work | "Construction of In-stream storage structures at Kursud (Sindheikela) across river Indra in Bolangir district including Hydro-mechanical works, Power Connectivity works, Road Connectivity, Staff Quarters including Survey, Investigation, Planning, Design and Estimate of all Components with Operation and Maintenance of the project for a period of five years or five Flood Seasons whichever is more after successful commissioning of the Project of State of Odisha from perspective bidders. |
| 2 | Approximate Value of work put to Tender | Rs.139,36,44,068/- |
| 3 | Period of Completion | 30 Calendar months including rainy season |
| 4 | Date & Time of availability of bid document in the portal | Date 13.02.2023 from 10.00 AM to Date 20.03.2023 upto 5.00 PM |
| 5 | Last date/Time for receipt of Bids in the Portal | Date 20.03.2023 upto 5.00 PM |
| 6 | Name & Address of the Officer Inviting Bid | Chief Engineer & Basin Manager, Tel Basin, Bhawanipatna |

Further details can be seen from the e-procurement portal "https://tendersodisha.gov.in"

**Sd./- Chief Engiener & Basin Manager, Tel Basin, Bhawanipatna**
**OIPR-32317/11/0029/2223**

---

### OFFICE OF THE SUPERINTENDING ENGINEER MINOR IRRIGATION DIVISION, GANJAM - II, BERHAMPUR

**E-mail:mi2_exe.engr@yahoo.co.in,Ph.No.0680-2290475**
**No. A-1147** **GOVERNMENT OF ODISHA**
**e-PROCUREMENT NOTICE**
**BID IDENTIFICATION No. GMID-II/05/2022-23**
**Ltr. No. 486** **Date: 07.02.2023**

| | |
|---|---|
| Name of work | : Civil Construction Works |
| No. of Works | : 14 (Fourteen) Nos. |
| Estimated Cost | : Rs.18.54 lakhs to 93.10 lakh |
| Tender Paper Cost | : **Rs.6000.00** (For estimated cost below 50.00 lakh) **Rs.10000.00** (For estimated cost above 50.00 lakh) |
| Period of Completion | : 04 (Four) to 06 (Six) Calendar Months |
| Class of Contractor | : "B", "C" & "D". |
| Availability of bid documents | : From 14.02.2023 at 10.00 A.M. to 23.02.2023 upto 5.00 P.M. in website **(www.tendersorissa.gov.in)** |
| Period of receipt of bid through Online | : From 14.02.2023 at 10.00 A.M. to 23.02.2023 upto 5.00 P.M. through Online |
| Mode of Payment | : Online |
| Date of Opening of Bid documents | : 24.02.2023 at 11.30 A.M. |
| Date of opening of bid documents for double cover system | : 24.02.2023 at 11.30 A.M. (Technical Bid Opening) 28.02.2023 at 11.30 A.M. (Financial Bid Opening) |
| Date of Lottery (If required) | : Shall be intimated through website and E-mail specified for the purpose in e-tendering process |
| Digital Signature Certificate of Bidder | : The bidder must possess compatible Digital Signature Certificate (DSC) of Class-II or Class-III |

The details tender call notice can also be seen in the DOWR website: **http://dowrorissa.gov.in.**

| | |
|---|---|
| Name & Address of the OIT | : Superintending Engineer, M.I. Division, Ganjam-II, Infront of Depaul School, Engineering School Road, Berhampur, Dist.: Ganjam, PIN - 760010 |
| E-mail | : **mi2_exe.engr@yahoo.co.in** |

Further details can be seen from the E-Procurement market palce: **http://tendersorissa.gov.in.**

**Sd./- Superintending Engineer**
**M.I. Division, Ganjam-II, Berhampur**
**OIPR-32043/11/0008/2223**

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଶୁଭ୍ରଜା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦେଶରେ ବାକ୍ ସ୍ୱାଧୀନତା ନାହିଁ: ଖାର୍ଗେ



କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ।

**ରାଞ୍ଚି,୧୧।୨**

ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ପାଇଁ ଦେଶରେ ବାକ୍ ସ୍ୱାଧୀନତା ନାହିଁ ବୋଲି ଶନିବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଅଭିଯୋଗ କରିଛନ୍ତି। ଝାଡ଼ଖଣ୍ଡର ସାହେବଗଞ୍ଜ ଜିଲାରେ ଏକ ରାଲିକୁ ସମ୍ବୋଧିତ କରି ଖାର୍ଗେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ପାର୍ଲାମେଣ୍ଟରେ ତାଙ୍କ ଭାଷଣର କେତେକ ଅଂଶକୁ ବାଦ୍ ଦିଆଯାଇଥିବାରୁ ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ନା ପାର୍ଲାମେଣ୍ଟ ଭିତରେ ବାକ୍ ସ୍ୱାଧୀନତା ରହିଛି, ନା ବାହାରେ। କେହି ସ୍ୱର ଉଠାଇବାର ଦୁଃସାହସ କଲେ ତାଙ୍କୁ ଜେଲ ପଠାଇ ଦିଆଯାଉଛି ବୋଲି କଂଗ୍ରେସ ଅଧ୍ୟକ୍ଷ ଅଭିଯୋଗ କରିଥିଲେ। ଦରଦାମ୍ ବୃଦ୍ଧି ନିୟନ୍ତ୍ରଣ କରିବା ପ୍ରତିଶ୍ରୁତି ଦେଇ ଭାଜପା ୨୦୧୪ରେ କ୍ଷମତାକୁ ଆସିଥିଲା। ଏହି ସରକାର ଆସିବା ଦିନଠାରୁ ଅତ୍ୟାବଶ୍ୟକ ସାମଗ୍ରୀ ଦର ଆକାଶଛୁଆଁ ହେବା ସହ ଦାରିଦ୍ର୍ୟ ବୃଦ୍ଧି ପାଇଛି। କଂଗ୍ରେସ ଦେଶର ସ୍ୱାଧୀନତା ପାଇଁ ଲଢ଼ିଥିଲା ଏବଂ ଭିତ୍ତିଭୂମି ବିକାଶ କରିଥିଲା ବୋଲି କଂଗ୍ରେସର ହାତ୍ ସେ ହାତ୍ ଯୋଡ଼ୋ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଖାର୍ଗେ କହିଛନ୍ତି। ଏହି ରାଲିରେ କଂଗ୍ରେସ ସାଧାରଣ ସମ୍ପାଦକ ଅବିନାଶ ପାଣ୍ଡେ, ରାଜ୍ୟ କଂଗ୍ରେସ ସଭାପତି ରାଜେଶ ଠାକୁର ଏବଂ ରାଜ୍ୟ ମନ୍ତ୍ରୀ ଆଲାମଗିର ଆଲାମ ଉପସ୍ଥିତ ଥିଲେ।


## ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ତୃତୀୟ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ରାମକୃଷ୍ଣ ମହାପାତ୍ର**

ମାନବ ସମ୍ବଳ ମେନେଜ୍‌ମେଣ୍ଟ ବିଶାରଦ 1st Batch Student MBA (HR), XLRI, Jamshedpur, Former DLO, Govt. of Odisha, Former Founder Chairman, NIPM (Utkal) Fellow (NIPM), Life Member, Odisha Productive Council, Former Director, Dinabandhu Trust, Odisha

ଏ/୯୪, ଶହୀଦ ନଗର, ଭୁବନେଶ୍ୱର

ଆବିର୍ଭାବ-୨୦।୦୫।୧୯୩୧
ତିରୋଧାନ- ୧୫।୦୨।୨୦୨୦

ପରମପୂଜ୍ୟ ବାପା, ୩ବର୍ଷ ବିତିଗଲା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ଅସୀମତ୍ୟାଗ, କଠିନ ପରିଶ୍ରମ, ସ୍ପଷ୍ଟବାଦିତା, ସଚ୍ଚୋଟତା, ସମୟାନୁବର୍ତ୍ତିତା, ପରୋପକାରିତା, ଆତ୍ମୀୟତା ଆମ୍ଭମାନଙ୍କ ହୃଦୟରେ ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ ମହାନ୍ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ।

ଧ-୨୭୩୩


# ୧୫ରୁ ବ୍ଲକ, ପଞ୍ଚାୟତରେ ବିଜେଡିର ପ୍ରତିବାଦ

### ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଓଡ଼ିଶାକୁ ଅଣଦେଖା

**ଭୁବନେଶ୍ୱର,୧୧।୨(ବ୍ୟୁରୋ)**

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟକୁ ଅଣଦେଖା କରାଯାଉଛି। ଏହି ପ୍ରସଙ୍ଗରେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ। ରାଜ୍ୟ ପ୍ରତି କେନ୍ଦ୍ରର ଅବହେଳାକୁ ବିରୋଧ କରି ଆସନ୍ତା ୧୫ ଓ ୧୬ରେ ପଞ୍ଚାୟତ ଓ ବ୍ଲକ ସ୍ତରରେ ବିଜେଡି ଆନ୍ଦୋଳନ କରିବ। ଓଡ଼ିଶାବାସୀଙ୍କ ହକ୍ ପାଇଁ ଲଢ଼େଇ କରି କେନ୍ଦ୍ର ସରକାରଙ୍କ ଉପରେ ଦଳ ଚାପ ପ୍ରୟୋଗ କରିବ ବୋଲି ବିଧାୟକ ଦେବୀ ମିଶ୍ର ସୂଚନା ଦେଇଛନ୍ତି। କୋଭିଡ୍ ମହାମାରୀ ସମୟରେ ୩ କୋଟି ୨୫ ଲକ୍ଷ ହିତାଧିକାରୀଙ୍କ ୫ କେଜି ଚାଉଳ କାଟି ଦେବା ଉଚିତ ନୁହେଁ। ଓଡ଼ିଶାରେ କେହି ଭୋକିଲା ରହିବେନି କି ଭୋକରେ ଶୋଇବେନି। କେନ୍ଦ୍ର ଚାଉଳ ବନ୍ଦ କରିବା କେତେଦୂର ଠିକ୍ ବୋଲି ସେ ପ୍ରଶ୍ନ କରିଛନ୍ତି। ଓଡ଼ିଶାର ଗରିବ ଲୋକଙ୍କଠାରୁ ଛଡ଼ାଇ ନିଆଯାଇଥିବା ୫ କେଜି ମାଗଣା ଚାଉଳ ଯେପରି ପୁଣି ଫେରିବ ସେ ଦିଗରେ ଉଦ୍ୟମ ଜାରି ରହିବ ବୋଲି ଦେବୀ କହିଛନ୍ତି।

# ନବ, କିଶୋରଙ୍କ ଘରେ କେନ୍ଦ୍ର ମନ୍ତ୍ରୀ

### ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଲେ

**ବ୍ରଜରାଜନଗର,୧୧।୨(ଡି.ଏନ.ଏ.):** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଶନିବାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ଓ ପ୍ରାକ୍ତନ ବାଚସ୍ପତି କିଶୋର ମହାନ୍ତିଙ୍କ ଘରକୁ ଯାଇ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି।

କେନ୍ଦ୍ରମନ୍ତ୍ରୀ ପ୍ରଧାନ ଓ ଏମ୍‌ପି ପୂଜାରୀ ଶୁକ୍ରବାର ନବ ଦାସଙ୍କ ଝାରସୁଗୁଡ଼ାସ୍ଥିତ ବାସଭବନକୁ ଯାଇଥିଲେ। ସେଠାରେ ନବଙ୍କ ଝିଅ ଦୀପାଳି, ପୁଅ ବିଶାଳ ଓ ସ୍ତ୍ରୀ ମିନତୀ ଦାସଙ୍କୁ ଭେଟି ଏପରି ଏକ ଘଟଣା ପାଇଁ ଦୁଃଖ ପ୍ରକାଶ କରିବା ସହ ସାନ୍ତ୍ୱନା ଦେଇଥିଲେ। ପରେ ଉଭୟ ନେତା ଝାରସୁଗୁଡ଼ା ମଙ୍ଗଳ ବଜାରସ୍ଥିତ ସ୍ୱର୍ଗତ କିଶୋର ମହାନ୍ତିଙ୍କ ବାସଭବନକୁ ଯାଇ ତାଙ୍କ ସ୍ତ୍ରୀ ତଥା ବିଧାୟିକା ଅଳକାଙ୍କୁ ଭେଟି ଆଲୋଚନା କରିଥିଲେ। ଏହି ସମୟରେ କିଶୋର ଓ ନବଙ୍କ ଦେହାନ୍ତ ପରେ ଝାରସୁଗୁଡା ଜିଲା ମୁରବିଶୂନ୍ୟ ହେଲା କି ବୋଲି ଗଣମାଧ୍ୟମ ପ୍ରତିନିଧି ବିଧାୟିକାଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଝାରସୁଗୁଡ଼ା ବିଧାୟକଙ୍କ କ୍ଷେତ୍ରରେ ଯାହା ଘଟିଲା ସେ ତାକୁ ନିନ୍ଦା କରୁଛନ୍ତି ବୋଲି ଅଳକା କହିବା ସହ ନୂଆପିଢ଼ି ଶୂନ୍ୟସ୍ଥାନ ପୂରଣ କରିବେ ବୋଲି କହିଥିଲେ।


**K.G. SARAFF PUBLIC SCHOOL**
KHARIAR ROAD, DIST.: NUAPADA
**ADVERTISEMENT**
Applications are invited for admission of eligible children in Class - I under RTE (2009) for Session 2023-24 upto 16th March 2023. Contact the undersigned or apply through https://www.rteparadarshi.odisha.gov.in.
PRINCIPAL
K.G.S.P. School, Khariar, Road
Contact No.: 8926376859


# ହତ୍ୟା ମାମଲାର ରାଜନୀତୀକରଣ ନ କରନ୍ତୁ କେନ୍ଦ୍ରମନ୍ତ୍ରୀ: ସସ୍ମିତ

**ଭୁବନେଶ୍ୱର,୧୧।୨(ବ୍ୟୁରୋ) :** ନବ ଦାସଙ୍କ ହତ୍ୟା ମାମଲାରେ ରାଜନୀତୀକରଣକୁ ବିଜେଡି ବିରୋଧ କରିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଟାର୍ଗେଟ୍ କରିଛନ୍ତି। ସେ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି, ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ହତ୍ୟା ମାମଲାର ତଦନ୍ତ କ୍ରାଇମ୍‌ବ୍ରାଞ୍ଚ କରୁଛି। ଜଣେ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ତଦନ୍ତ ପ୍ରକ୍ରିୟାର ତଦାରଖ କରୁଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ତଦନ୍ତ ଆଗେଇ ଚାଲିଛି। ଏଭଳି ସ୍ଥିତିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ବୟାନବାଜି ଓ ରାଜନୀତିକରଣକୁ ସେ ନାପସନ୍ଦ କରିଛନ୍ତି। ତଦନ୍ତର ନିର୍ଯ୍ୟାସ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ଉଚିତ। ଏ ନେଇ ବିଭ୍ରାନ୍ତିକର ମନ୍ତବ୍ୟ ଦେବା ଅନୁଚିତ ବୋଲି ସସ୍ମିତ କହିଛନ୍ତି।


# Classified Everyday

**0674-2580101, 2549949**



MATRIMONIAL

**BRIDE WANTED**

Ashirbad Weeding:- 32, 36, 52, 45 ବର୍ଷ ପୁରୁଷଙ୍କ ପାଇଁ ଉପଯୁକ୍ତ ମହିଳା ଆବଶ୍ୟକ। ସବୁଜାତି ଗ୍ରହଣୀୟ। ଯୋଗାଯୋଗ- 9178392294. D-2736

ଓଡ଼ିଆ ବ୍ରାହ୍ମଣ ପୁଅ ପାଇଁ ଯୋଗ୍ୟ ପାତ୍ରୀ ଆବଶ୍ୟକ। ଯୋଗାଯୋଗ Mobile: 7978409094. D-73746

**GROOM WANTED**

ଆଧାମ୍ବିକ ନିରାମିଷ ତେଲି କନ୍ୟା 1988 B.C.A., M.A ସବୁ ଜାତିର ବର ଆବଶ୍ୟକ। Marwadi, Gujurati (SC, ST ବ୍ୟତୀତ) 7381500497. D-2720

Ashirbad Weeding 23, 27, 34, 41 ବର୍ଷ ମହିଳାଙ୍କ ପାଇଁ ଉପଯୁକ୍ତ ପୁରୁଷ ଆବଶ୍ୟକ। ସବୁଜାତି ଗ୍ରହଣୀୟ। ଯୋଗାଯୋଗ- 9178392294. D-2737

45 Govt. ଚାକିରି କରୁଥିବା Widow ଖଣ୍ଡାୟତ ଜାତିର ଝିଅଙ୍କୁ ଯେ କୌଣସି ଜାତିର ବରପାତ୍ର ଆବଶ୍ୟକ। 7205260066. D-2734



REAL ESTATE

**SALE**

ଇମିଡିଏଟ୍ ବିକ୍ରି GB/YZ 21X85@25L, ସଙ୍ଗେସଙ୍ଗେ କନ୍‌ଷ୍ଟ୍ରକ୍ସନ୍, ମୌଜା ବାଙ୍କୁଆଳ, ସ୍ଥିତିବାନ୍, ଯୋଗାଯୋଗ। 9438421222 (ବ୍ରୋକର ଏକ୍ସକ୍ୟୁଜ) ଉଉରମୁହାଁ। ଧ-୪୮୭୩୧

**Bhubaneswar Phulnakhara East College** ନିକଟରେ ଘରବାରି **plot sqft. 990/-ରେ** ବିକ୍ରିହେବ। **9937161494.** D-2693

ଭୁବନେଶ୍ୱର KISS School ପାଖରୁ 4.5. k.m. ଦୂରତାରେ bypass NHକୁ ଲାଗି Electric possession ହୋଇଥିବା plot ବିକ୍ରିହେବ। 6370077932. D-74817

ଭୁବନେଶ୍ୱର-ନଖରା ଛକ ପାଖରେ ଘର କଲାଭଳି SC plot ବିକ୍ରିହେବ। 9439832956. D-2687

Farmhouse having 5 acre area sale near 9K.M. from Chaudwar. Contact: 9938205600. D-74639

BDA plot required LIG Kalinga Nagar brokers don't call. Contact No.- 6371669138, 7606072080. D-2699

**30'road, boundary** ଥାଇ **yellowzone proposed 100ft.** ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାଙ୍କୁଲେଇ ମନ୍ଦିର ନିକଟ ବେଲଗଛିଆରେ **12,00,000/-ରେ** ମିଳୁଛି। **9937391249, 6371915941.** D-74195

Commercial cum residential plot at Brahmanjharilo, Cuttack (Niali road) 6k.m. to Phulnakhara, 11k.m. to Bhubaneswar. 7809525452. D-74636

**Bhubaneswar Puri Bypass Sai Mandir NH side** ଏବଂ ମଞ୍ଚେଶ୍ୱର, ହଂସପାଳ, ଯାଆଁଳା, ତ୍ରିଶୁଳିଆ ନିକଟରେ ସଙ୍ଗେସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ **30ft.** ରାସ୍ତା, ଇଲେକ୍ଟ୍ରିସିଟି ସୁବିଧା ଥାଇ ବିକ୍ରିହେବ। **9438525948, 7064468390.** D-74812

2BHK flat sale at Prime location in Rasulgarh. Contact: 9337228537, 9938205600. D-74640

BDA plot required area- K-9/B, Kalinga Nagar, brokers don't call. Contact No. 7606072080, 6371669138. D-2700

ନଖରା-ନିଆଳି ମେନ୍‌ରୋଡ୍‌କୁ ଲାଗି East Engg. କଲେଜକୁ ଲାଗି ରୋଡ୍, ଇଲେକ୍ଟ୍ରି ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ ବିକ୍ରିହେବ। 7978729819. D-74815

**New Cancer Hospital** ନାଇକର, କଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। **9437621753.** D-73683

Ready to move 2BHK/3BHK Apartment at Palasuni, Bhubaneswar. 6370281072, 6371040313. D-2735

**Bhubaneswar Gita/ Gandhi College/ Cultural University** ପାଖରେ ଥିବା **BDA Housing project** କୁ ଲାଗି **sqft.-650/- plot** କିଣନ୍ତୁ। **9348767829, 9040317195.** D-74814

IIT ଭୁବନେଶ୍ୱର ଅରଗୁଳ ଷ୍ଟେସନ ବଜାରଠାରେ sqft.-199/- plot possession ସହିତ ବିକ୍ରିହେବ। 6370077932. D-74816

Duplex project at Retang Medical Station near CV Raman University, Tamando, Bhubaneswar. 7008459987. D-74185

**Immediate** ଘରକରି ରହିବା ପାଇଁ ବାଳକାଟୀରେ **sqft. 1100/-** ରେ ଘରବାରି **plot** ମିଳୁଛି। **8114929186.** D-74638

Double stored building 2250sqft. 700m. from National Highway at Tamando. Contact: 6372900094. D-2703

**Plot Sale at Nearby Sum Hospital Mendhasala, Bhubaneswar. 30ft Road, Plantation, Electricity, NH-16 Side Price Rs-1050/-, Rs-1250/- 7749892855, 8144855184, 9556392667.** D-2628

Plot ଭୁବନେଶ୍ୱର- ପଟିଆ ରେଲୱେଷ୍ଟେସନରୁ 1.5K.M. ଦୂରତାରେ ରାସ୍ତା, ଇଲେକ୍ଟ୍ରି ସୁବିଧା ଥାଇ ବାସୋପଯୋଗୀ ଘରବାରି ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। 7978159231. D-74803

ଭୁବନେଶ୍ୱର ନଖରା **2nd Sum Hospital** ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ **3BHK Duplex** ମିଳୁଛି। **8327785834, 9658122456.** D-74197



CONSTRUCTION

Construct your Dream Home/Building with compititive rate contact Besco Developers, Satyanagar, Bhubaneswar. 7735330028, 9778855101. D-2706

**Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74186



FOR RENT

Rooftop 1500sqft. godown space on main canalroad, Laxmisagar, rent 30,000/-. 9861085668. D-73368

For commercial purpose Minarva Complex, Sector-09, CDA, Cuttack. Contact: 9078814328, 9078814319, 9078814313. D-2615

3BHK Duplex beautiful corner Villa in gated community, Patia for Family. 9439920321. D-2595



Healthcare

**Relax, Refresh your Body, Mind at Saikrupa Spa with best therapies. 8984068077.** D-2744

Asribadda Panchakarma herbal SPA, Kesarimall, Bhubaneswar. Contact: 8926173473. D-74634

Newly open health benefits SPA special offer @999 Nayapalli. 7846814019. D-73682

Newly open full body massage ladies and gents. 9861883292, 8093860513. D-74637



BUSINESS

ମାସକୁ ୨୫,୦୦୦ରୁ ୪୦,୦୦୦ ରୋଜଗାର ମାତ୍ର ୨ ଘଣ୍ଟା ସମୟ ଓ ସ୍ୱଳ୍ପ ବିନିଯୋଗ କରି। ଯୋଗାଯୋଗ କରନ୍ତୁ। Mobile- 9438398331, 9861820550. D-71671

**AFFIDAVIT**

By virtue of an affidavit before Notary Public, Bhubaneswar, I have changed my name Purana Hati to Pritam Hati. Therefore I shall be known Pritam Hati for all purpose. D-71364

By virtue of an affidavit in the Court of Executive Magistrate, Cuttack. I, Sri Judhistira Sahoo, S/o. Harekrushna Sahoo, At-Manisahoo Chhak, PO-Buxibazaar, Dist-Cuttack do hereby declare that Bijay Kumar Sahoo who is son of my Sister namely Sabitri Sahoo and Brother-in-Law Basanta Kumar Sahoo to take care him as my Son since his childhood. By this affidavit my son and his wife will look all of my and my wife's old age care and looks after my business also.
Deponent
Judhistira Sahoo
D-2738

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**ଜନ୍ମଦିନ ଶୁଭେଚ୍ଛା**



**ଶୁଭ୍ରଜା ମହାନ୍ତି**
ହାଟ ବଜାର, ନିମାପଡ଼ା
ଆଜି ତୁମ ଜନ୍ମଦିନ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ତୁମର ଚଳାପଥ ସର୍ବଦା କୁସୁମିତ ହେଉ ତଥା ଯଶସ୍ୱୀ କରନ୍ତୁ।
ଶୁଭେଚ୍ଛା ସହ: କ୍ରିଷ୍ଣା, ମିକୁନ୍ ଓ ବିକ୍ରମ। ଧ-୨୭୪୪

**କୃତୀ ଛାତ୍ର**



ଶ୍ରୀମାନ୍ ଦୀପାନନ୍ଦ ଜେନା -୬ଷ୍ଠ, ମାତା-ସ୍ନେହଲତା ପଣ୍ଡିତ (ଶିକ୍ଷୟିତ୍ରୀ), ପିତା- ହୃଦାନନ୍ଦ ଜେନା (ଶିକ୍ଷକ), ଗ୍ରାମ-ମାଧ୍ୱପୁର, ରେମୁଣା। ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ୨୦୨୧-୨୨ ଶିକ୍ଷାବର୍ଷର ୫ମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ବାଲେଶ୍ୱର ସଦର ବ୍ଲକ ରୂପସା ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ଛାତ୍ର ଶ୍ରୀମାନ୍ ଦୀପାନନ୍ଦ ଜେନା ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାମନ୍ଦିରର ଗୌରବ ଆଣିଛନ୍ତି। ଏହି ସଫଳତା ପାଇଁ ପ୍ରଧାନଆଚାର୍ଯ୍ୟା ପ୍ରତିମା ଦାସ, ଗୁରୁମା, ଗୁରୁଜୀ ଓ ପରିବାରବର୍ଗ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଧ-୨୭୪୩

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**50th Anniversary**
Welcome to



ପ୍ରିୟ ବାପା ତେଜରାଜ ସାହୁ ଓ ପ୍ରିୟ ମାଁ ପଦ୍ମାସିନୀ ସାହୁଙ୍କୁ ୫୦ ବର୍ଷ ବିବାହ ବାର୍ଷିକର ଶୁଭ ଅଭିନନ୍ଦନ। ଆମେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ, ବାପା ଓ ମାଁ ଉଭୟ ଦୀର୍ଘଜୀବୀ ହୁଅନ୍ତୁ ଓ ୧୦୦ବର୍ଷ ବିବାହ ବାର୍ଷିକ ପାଳନ କରନ୍ତୁ।
ଝିଅ: ରଞ୍ଜୁରାଣୀ, ଜ୍ୱାଇଁ: ବିଜନ, ନାତି: ବିଶ୍ୱରଞ୍ଜନ ଓ ରଶ୍ମିରଞ୍ଜନ।
ବଲାଙ୍ଗୀର
D-2748

**MISSING**



**ସୁମନ୍ କୁମାର ପଣ୍ଡା**
ଗ୍ରାମ-ଭାପୁର, ପଣ୍ଡାସାହି, ଥାନା- ବାଲିପାଟଣା, ଜିଲ୍ଲା-ଖୋର୍ଦ୍ଧା, ତା.୦୪/୦୨/୨୦୨୩ରିଖ ରୁ ନିଜଘରୁ କେଉଁଆଡ଼େ ଚାଲିଯାଇଛି। ଯଦି କେହି ସନ୍ଧାନପାଆନ୍ତି ଦୟାକରି ଏହି ନମ୍ବରରେ ଯୋଗାଯୋଗ କରନ୍ତୁ -୯୭୭୭୦୬୭୧୯୪
ଧ-୨୭୪୧

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଏ ସପ୍ତାହର ପ୍ରଶ୍ନ

୧– 'ଉଡାନ୍ ଏକ୍ ମଜଦୁର ବଚେ କି' ପୁସ୍ତକର ଲେଖକ .......... ?
୨– ସ୍କାର୍ଲେଟ୍ ମକାଉ ......... ଦେଶର ଜାତୀୟ ପକ୍ଷୀ ?
୩– ପୃଥିବୀର ଲୋକପ୍ରିୟ କଫିବ୍ରାଣ୍ଡ ........ ?
୪– ସର୍ବାଧିକ ପ୍ଲାଷ୍ଟିକ୍ ରପ୍ତାନି କରୁଥିବା ଦେଶ ........... ?
୫– ସମୁଦ୍ରରେ ପଡୁଥିବା ବର୍ଜ୍ୟ ପ୍ଲାଷ୍ଟିକ୍ ବୋତଲକୁ ବ୍ୟବହାର କରି କମ୍ପ୍ୟୁଟର ନିର୍ମାଣ କରୁଥିବା ପ୍ରଥମ କମ୍ପାନୀ .......... ?

## ଗତ ଥରର ଉତ୍ତର

୧ ଦାନ୍ତେ
୨ ଫେବୃୟାରୀ ୨ୟ ରବିବାର
୩ ଉଜ୍‌ବେକିସ୍ତାନ
୪ ଡର୍ବାନ୍
୫ ଦି ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ୍ସ ଅଥୋରିଟି ଅଫ୍ ଇଣ୍ଡିଆ

## ଉତ୍ତରଦାତା


ନୀଳମାଧବ ପାତ୍ର
ବ୍ରହ୍ମପୁର


ଅନ୍ନଦା ପ୍ରସନ୍ନ ପଟ୍ଟନାୟକ
କଟକ

## ଟପ୍ ୧୦

### କ୍ଷୁଦ୍ରତମ ଚଢ଼େଇ

୧– ବି ହମିଂବାର୍ଡ ................ ୫ ସେଣ୍ଟିମିଟର
୨– ଓ୍ୱିବିଲ୍ ................ ୮–୯ ସେଣ୍ଟିମିଟର
୩– ପାର୍ଡାଲୋଟ୍ ................ ୮–୧୨ ସେଣ୍ଟିମିଟର
୪– ଗୋଲ୍ଡ ହେଡେଡ୍ ସିଷ୍ଟିକୋଲା ................ ୧୦ ସେଣ୍ଟିମିଟର
୫– ଗୋଲ୍ଡ କ୍ରେଷ୍ଟ................ ୯ ସେଣ୍ଟିମିଟର
୬– ବ୍ରାଉନ୍ ଜେରିଗୋନ୍ ................ ୮–୧୦ ସେଣ୍ଟିମିଟର
୭– ଆମେରିକାନ୍ ଗୋଲ୍ଡଫିଞ୍ଚ୍ ................ ୧୧– ୧୪ ସେଣ୍ଟିମିଟର
୮– ବାନାନାକ୍ୱିଟ୍................ ୧୦– ୧୩ ସେଣ୍ଟିମିଟର
୯– ଟ୍ରପିକାଲ୍ ପାରୁଲା ................ ୧୧ ସେଣ୍ଟିମିଟର
୧୦– କ୍ରିମ୍‌ସନ୍ ଚାଟ୍ ................ ୧୦–୧୩ ସେଣ୍ଟିମିଟର



ଇ-ମେଲ୍ ଠିକଣା: dharitriagamiasha @gmail.com

## ଜାଣନ୍ତୁ ଦୁନିଆ

# ରାତିରେ ଜଳୁଥିବା ଛତୁ

**ପୃଥିବୀରେ ଅନେକ ପ୍ରକାରର ଛତୁ ରହିଛି। କାହାର ରଙ୍ଗ ଧଳା କିମ୍ବା ଧୂସର ହୋଇଥିବା ବେଳେ ଆଉ କେତେକ ରଙ୍ଗିନ୍ ଏବଂ ଖୁବ୍ ସୁନ୍ଦର। ତା' ଭିତରୁ କେତେକ ଛତୁକୁ ଆମେ ଖାଉଥିବା ବେଳେ ଆଉ କେତେକ ବିଷାକ୍ତ ହୋଇଥିବାରୁ ଖାଦ୍ୟ ଭାବେ ଗ୍ରହଣ କରାଯାଇ ନ ଥାଏ। ତେବେ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଏମିତି କେତେକ ଛତୁ ପ୍ରଜାତି ରହିଛି; ଯାହାକି ଅନ୍ଧାର ରାତିରେ ଜଳିଥାଏ, ଯାହାକି ଦେଖିବାକୁ ଅତ୍ୟନ୍ତ ମନୋରମ। ଜାଣିବା ଏଭଳି ଛତୁ ସମ୍ପର୍କରେ...**

➤ଗୋଆରେ ଥିବା ମାଡ୍ରେଇ ଅଭୟାରଣ୍ୟ ବା ମୋଲେମ୍ ନ୍ୟାଶନାଲ୍ ପାର୍କରେ ଦେଖାଯାଏ ରାତିରେ ଆଲୋକ ପ୍ରଦାନ କରୁଥିବା ଏହି ଦୁର୍ଲଭ ପ୍ରଜାତିର ଛତୁ। ଏହାକୁ ଜୈବ ବିଶେଷଜ୍ଞମାନେ ମାସେନ୍ ଜେନସ୍ ଭାବେ ନାମ କରଣ କରିଛନ୍ତି। ତେବେ ଏହା ରାତିରେ ଜଳିବାର କାରଣ ହେଉଛି ଏଥିରେ ଥିବା ବାୟୋ ଲୁମିନିସେଣ୍ଟ ନାମକ ଉପଦାନ, ଯାହାକି ଜୁଳୁଜୁଳିଆ ପୋକ ଦେହରେ ମଧ୍ୟ ରହିଛି। ବର୍ଷାଦିନେ ହେଉଥିବା ଏହି ଛତୁ ଦିନରେ ଅନ୍ୟ ସାଧାରଣ ଛତୁ ଭଳି ଦେଖାଦେଉଥିବା ବେଳେ ଅନ୍ଧାର ରାତିରେ ସେଥିରୁ ହାଲୁକା ନୀଳ, ବାଇଗଣୀ କିମ୍ବା ହଳଦିଆ ରଙ୍ଗର ଆଲୋକ ବାହାରିଥାଏ।



➤ବର୍ତ୍ତମାନ ସୁଦ୍ଧା ସମଗ୍ର ପୃଥିବୀରେ ପ୍ରାୟ ୮୦ ପ୍ରଜାତିର ବାୟୋ ଲୁମିନେସେଣ୍ଟ ଛତୁ ଠାବ କରାଯାଇଛି। ତେବେ ଏହା ମଧ୍ୟରୁ ଉତ୍ତର ଆମେରିକା ଏବଂ ଏସିଆର କେତେକ ସ୍ଥାନରେ ଦେଖାଦେଉଥିବା ଆର୍ମିଲାରିଆ ମିଲିଆ ନାମକ ଛତୁ ଅଧିକ ଜଣାଶୁଣା। ସେହିପରି ବ୍ରାଜିଲ୍‌ରେ ମିଳୁଥିବା ମାଇସିନା ଲକ୍‌ଜାଏର୍ଟର୍ନା ବା ଏଟର୍ନାଲ୍ ଲାଇଟ୍ ମଶରୁମ୍‌ରେ ମଧ୍ୟ ରାତିରେ ଖୁବ୍ ସୁନ୍ଦର ଆଲୋକ ଦେଖାଯାଏ।



# ପ୍ରେମ ଦିବସ ଜରୁରୀ !








**ପ୍ରେମ! ଏହା ଏକ ଏଭଳି ସମ୍ପର୍କ, ଯାହା ବିନା ଜୀବନ ରଙ୍ଗହୀନ। ତେବେ ଏଭଳି ଏକ ଦୃଢ଼, ଶାଶ୍ୱତ ସମ୍ପର୍କ ପାଇଁ କ'ଣ ଭାଲେଣ୍ଟାଇନ୍ସ ଡେ' ଭଳି ଦିନଟିଏ ଅବା ପ୍ରେମ ସପ୍ତାହ ସତରେ ଲୋଡ଼ା! ଏହାକୁ ନେଇ ସବୁବେଳେ ମୁଣ୍ଡ ଟେକିଛି ବିବାଦ। କେହି କେହି ବିଶେଷ କରି ଯୁବପିଢ଼ି ଏହି ଅବସରକୁ ବେଶ୍ ଭଲ ଭାବେ ପାଳନ କରୁଥିବା ବେଳେ ଆଉ କେହି କରିଥା'ନ୍ତି ଏହାର ବିରୋଧ। ଜାଣିବା ଏହି ଦିବସର ଗୁରୁତ୍ୱ କାହା ପାଇଁ କେମିତି...**

ଆରମ୍ଭ ହୋଇଯାଇଛି ପ୍ରେମ ସପ୍ତାହ। ଏହାକୁ ନେଇ ଅନେକ ପ୍ରେମୀଯୁଗଳଙ୍କ ମଧ୍ୟରେ ଉତ୍କଣ୍ଠା କହିଲେ ନ ସରେ। କିଏ ରୋଜ୍ ଡେ'ରେ ଗୋଲାପ ଫୁଲ, କିଏ ଟେଡି ଡେ'ରେ ଟେଡି କିମ୍ବା ଚକୋଲେଟ୍ ଡେ'ରେ ଚକୋଲେଟ୍ ଉପହାର ଦେଇ ନିଜ ପ୍ରିୟ ମଣିଷକୁ ଆପ୍ୟାୟିତ କରୁଛନ୍ତି ତ ଆଉ ପୁଣି କିଏ ପ୍ରପୋଜ୍ ଡେ'ରେ ପ୍ରେମ ନିବେଦନ କରି କାହାକୁ ଆପଣାର କରିବାକୁ ଚାହୁଁଛନ୍ତି। ହେଲେ ଅପରପକ୍ଷେ ପ୍ରେମ ଭଳି ଏକ ପବିତ୍ର ସମ୍ପର୍କକୁ ଲୋକଦେଖାଣିଆ ଭାବେ ପାଳିବାର କୌଣସି ଯଥାର୍ଥତା ନାହିଁ ଏବଂ ଏହା ଏକ ପାଶ୍ଚାତ୍ୟ ସଂସ୍କୃତି ବୋଲି ଅନେକେ ବିରୋଧ ମଧ୍ୟ କରୁଛନ୍ତି। ତେବେ ଏହି ଭାଲେଣ୍ଟାଇନ୍ସ ଡେ'କୁ ନେଇ କାହାର କ'ଣ ରହିଛି ମତାମତ, ଜାଣିବା ସେମାନଙ୍କ ମୁହଁରୁ...




ପବିତ୍ର

**ପ୍ରେମକୁ ଗୋଟିଏ ଦିନରେ ବନ୍ଧା ନ ଯାଉ:** ନିଜ ଜୀବନକୁ ବଗିଚାଟି ପରି ଗଢ଼ି ତୋଳିବାର କଳା ଟିକକ ଶିଖାଇ ଦେଇଥାଏ ପ୍ରେମ। କୁହାଯାଇପାରେ, ଆମ ବଗିଚାର ବାସ୍ନାସ୍ରାବୀ ଗୋଲାପ ହିଁ ପ୍ରେମ। ଏ ପ୍ରେମ ଥିଲେ ହିଁ ଖୋଦ୍ ଜୀବନର ସ୍ୱାଦ ଡେରିମିଲ୍କ ଚକୋଲେଟ୍ ପରି ଅନୁଭୂତ ହୁଏ। ମଣିଷ କ'ଣ ଚାହିଁବ ଏ ଗୋଲାପର ବାସ୍ନା, ଚକୋଲେଟ୍‌ର ସ୍ୱାଦକୁ କେବଳ ଗୋଟିଏ ଗୋଟିଏ ଦିନରେ ହିଁ ଅନୁଭବ କରିବାକୁ! ମୁଁ ଭାବେ, ଆମ ଜୀବନର ପ୍ରତିଟି ମୁହୂର୍ତ୍ତରେ ପ୍ରେମ ଚହଟୁଛି ବିଳାସୀ ବସନ୍ତର ମଳୟ ପରିକା, ତାକୁ ଚାହିଁଲେ ବି କେହି ଗୋଟିଏ ଦିନ ବା କୌଣସି ଏକ ସପ୍ତାହ ଭିତରେ ଆବଦ୍ଧ କରି ରଖିପାରିବ ନାହିଁ। ଜୀବନର ପ୍ରତିଟି ମୁହୂର୍ତ୍ତରେ ପ୍ରେମାନୁଭବ ଯେତେଯାଏଁ ଥିବ, ସେତେଯାଏଁ ଆମ ବଗିଚାରେ ଫୁଟୁଥିବ ନୂଆ ନୂଆ ଫୁଲ, ଥୁଣ୍ଟା ଗଛରେ କଅଁଳୁଥିବ ପତ୍ର, ସବୁଜ ପତ୍ର ଗହଳିରେ ଶୁଭୁଥିବ ପକ୍ଷୀ ଯୁଗଳଙ୍କ ପ୍ରୀତି ନିକ୍ୱଣ। ପ୍ରେମ ପାଇଁ ସ୍ୱତନ୍ତ୍ର ଦିବସ ପାଳନ କରି କେହି ବ୍ୟକ୍ତିଗତ ଭାବେ ଯଦି ଖୁସି ହେଉଚି, ତା'ର ଭାବନାକୁ କ୍ଷତାକ୍ତ କରା ନ ଯାଉ ; କିନ୍ତୁ ପ୍ରେମକୁ ଗୋଟିଏ ଦିନ ଭିତରେ ବାନ୍ଧି ନ ଦିଆଯାଉ। ଦିବସ ପାଳନର ତର୍କବିତର୍କ ଭିତରୁ ବରଂ ମଣିଷ ବାହାରି ଆସି ପ୍ରେମର ବହୁବିଧ ରଙ୍ଗ, ରୂପକୁ ସମ୍ମାନ ଦେଇ ଶିଖୁ। ଆଉ ମଣିଷ ମଣିଷକୁ ଭଲପାଉ ଜାତି, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ।

– ***ସୁବ୍ରତ କୁମାର ସେନାପତି***
*(ଛାତ୍ର, ଓୟୁଏଟି)*


ସୁବ୍ରତ

**ଏହି ଅପସଂସ୍କୃତିକୁ ବିରୋଧ କରାଯାଉ:** ଫେବୃୟାରୀ ୧୪ ତାରିଖରେ ପାଳନ ହେଉଥିବା ଭାଲେଣ୍ଟାଇନ୍ସ ଡେ' ଏକ ବିଦେଶୀ ଉଲଗ୍ନ ସଂସ୍କୃତି ଓ ପରମ୍ପରା, ଯାହାକୁ ଆମେ ଭାରତ ବର୍ଷରେ ବିରୋଧ ସହ ଭର୍ତ୍ସନା କରୁଛୁ। ଆମ ସଂସ୍କୃତି ପରମ୍ପରାକୁ ନେଇ ଭାରତ ବର୍ଷ ସୁନାମ ଦେଶ ବିଦେଶରେ ବେଶ୍ ଜଣାଯାଏ। ଏପରି ଏକ ଅପସଂସ୍କୃତି ପ୍ରେମ ଦିବସ ଆଳରେ କିଛି ଅସାମାଜିକ ହିନ୍ଦୁ ଧର୍ମ ବିରୋଧୀମାନେ ଆମ ସଂସ୍କୃତି ପରମ୍ପରାକୁ ନଷ୍ଟ କରିବା ପାଇଁ ଅନବରତ ଚେଷ୍ଟା ଚଳେଇଛନ୍ତି। ଏହି ବିଦେଶୀ ପ୍ରେମ ଦିବସ ବିଷୟରେ ଆଜିର ଯୁବପିଢ଼ି କିଛି ନ ବୁଝି ନ ସୁଝି ଏହାକୁ ଆପଣେଇ ଖୁସି ମନେଇବା ଦୁଃଖ ଓ ହାସ୍ୟାସ୍ପଦର ବିଷୟ ଅଟେ। ଏହାଦ୍ୱାରା ଅଯଥାରେ ସେମାନେ ଟଙ୍କା ସହ ସମୟ ନଷ୍ଟ ହେଉଥିବା ଦିଗରେ ସଚେତନ ହେଉନାହାନ୍ତି। ତା' ଛଡ଼ା ଏପରି ପ୍ରେମ କିଛି ମାନେ ରଖେନା, ଯାହାକି ପର ମୁହୂର୍ତ୍ତରେ ବା ସ୍ୱାର୍ଥ ହାସଲ ପରେ ବିଚ୍ଛେଦ ଏବଂ ଦୁଃଖର କାରଣ ହୋଇଥାଏ। ଏଣୁ ଆଜିର ଯୁବପିଢ଼ି ଏହି ପ୍ରେମ ଦିବସକୁ ବର୍ଜନ ସହିତ ବିରୋଧ କରିବା ପାଇଁ ଚେଷ୍ଟା କରିବା ଦରକାର।

– **ପବିତ୍ର ପୂଜାରୀ** (ଜିଲା ସମ୍ପାଦକ, ବିଶ୍ୱ ହିନ୍ଦୁ ପରିଷଦ, ଦେବଗଡ଼)

**ପାଳନ ହେଉ, ହେଲେ ଲୋକ ଦେଖାଣିଆ ନ ହେଉ:** ପ୍ରେମ ଶାଶ୍ୱତ, ପ୍ରେମ ଚିରନ୍ତନ। ପ୍ରେମ ଏକ ଭାବନାକୁ ବୁଝାଇଥାଏ। ବ୍ୟକ୍ତିଗତ ସ୍ନେହ ଓ ସଂଯୋଗରେ ମଧ୍ୟ ପ୍ରେମ ହୋଇଥାଏ। ପ୍ରେମରେ ତ ବଞ୍ଚିଛି ଏ ଦୁନିଆ। ତେଣୁ ପ୍ରେମ ପାଇଁ ଏହି ଦିନକୁ ପାଳିବା କୌଣସି ଅପରାଧ ନୁହେଁ କି ସଂସ୍କୃତି ବିରୋଧୀ ନୁହେଁ। ଭାଲେଣ୍ଟାଇନ୍ସ ଡେ' ପାଳନ ଉପରେ ପ୍ରତିବନ୍ଧକକୁ ନେଇ ଏବେ ଅନେକ ସାମାଜିକ ଏବଂ ସାଂସ୍କୃତିକ ସଙ୍ଗଠନ ଦାବି କରୁଛନ୍ତି। ଆସନ୍ତା ୧୪ ତାରିଖକୁ ଗାଇ ଆଲିଙ୍ଗନ ଦିବସ ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ନେଇ ସାରା ଦେଶରେ ବିବାଦ ଦେଖାଦେଇଥିଲା। ଆମ ଦେଶ ସମ୍ବିଧାନକୁ ନେଇ ଚାଲେ, ଧର୍ମୀୟ ବିଚାରକୁ ନେଇ ଚାଲେନା। ଭାଲେଣ୍ଟାଇନ୍ସ ଡେ ପାଳନରେ ଆମ ସଂସ୍କୃତିର କୌଣସି ଅବକ୍ଷୟ ହେଉ ନାହିଁ, କିନ୍ତୁ ସମ୍ପର୍କ ମଜଭୁତ ହେଉଛି। ସେମାନଙ୍କର ଯୁକ୍ତି ହେଲା ଭାଲେଣ୍ଟାଇନ୍ସ ଡେ' ପାଳନ ଆମ ଭାରତର ସଂସ୍କୃତି ନୁହେଁ। ଏହା ପାଶ୍ଚାତ୍ୟ ଦେଶରୁ ଆସିଛି। ହେଲେ ମୁଁ ବୁଝିପାରୁନି ଯେ ପ୍ରେମ ପାଇଁ ଗୋଟିଏ ସ୍ୱତନ୍ତ୍ର ଦିନ ଯୋଗୁ ଭାରତର କେଉଁ ସଂସ୍କୃତିର ଅବକ୍ଷୟ ହେଉଛି। ପ୍ରେମ କରିବା ଅପରାଧ ନୁହେଁ କି ସମାଜ ବିରୋଧୀ ନୁହେଁ। ହେଲେ ଏହି ଦିନକୁ ଅତିରଞ୍ଜିତ କରିବା ଅବା ଅଯଥା ଟଙ୍କା ନଷ୍ଟ କରି ଉପହାର ଦେବା ଏବଂ ଫଟୋ ଉଠାଇ ସୋସିଆଲ ମିଡିଆରେ ପ୍ରେମ ଫଟୋ ଭାଇରାଲ କରିବାର କୌଣସି ଯଥାର୍ଥତା ନାହିଁ। କାରଣ ପ୍ରେମ ଏକ ଅଦୃଶ୍ୟ ରଜ୍ଜୁ, ଯାହା ଆଧୁନିକ ଯୁଗର ଭାଇରାଲଠାରୁ ଗୋପନରେ ହିଁ ଭଲଲାଗେ। ତେଣୁ କେବଳ ଗୋଟିଏ ଦିନ କାହିଁକି ମୋ ମତରେ ପ୍ରେମ ସବୁଦିନ ହେବା ଦରକାର।

– ***ନିର୍ମାଲ୍ୟ ପ୍ରସାଦ ସାହୁ***
*(କର୍ମଜୀବୀ, ଦେବଗଡ଼)*


ନିର୍ମାଲ୍ୟ


ଜାନକୀ

**ବ୍ୟସ୍ତ ଜୀବନରେ ଏହା ସମ୍ପର୍କକୁ ଯୋଡ଼ି ରଖୁଛି:** ପ୍ରତିବର୍ଷ ୧୪ ଫେବୃୟାରୀରେ ଲୋକମାନେ ପରିବାର, ପ୍ରିୟଜନ ଏବଂ ବନ୍ଧୁମାନଙ୍କୁ ପ୍ରେମ ଓ ସ୍ନେହର ବାର୍ତ୍ତା ପଠାଇ ଏହି ଦିନଟିକୁ ବହୁତ ଆନନ୍ଦରେ ପାଳନ କରନ୍ତି। ବୈବାହିକ ଜୀବନ ଯାପନ କରୁଥିବା ଦମ୍ପତି ଏହାକୁ ଖୁବ୍ ଖୁସିରେ ପରସ୍ପରକୁ ଗୋଲାପ ଦେଇ ପରସ୍ପର ପ୍ରତି ଥିବା ପ୍ରେମକୁ ସମ୍ମାନ ଦିଅନ୍ତି ଓ ଗୋଟିଏ ସୁନ୍ଦର ମୁହୂର୍ତ୍ତ ତିଆରି କରନ୍ତି, ତାଙ୍କର ଆଗାମୀ ଦିନଗୁଡ଼ିକ ପାଇଁ। ସେହି କିଛି ମୁହୂର୍ତ୍ତର ଆନନ୍ଦ ପ୍ରେମୀ ଯୁଗଳଙ୍କ ମନରେ କେତେ ଯେ ଆନନ୍ଦ ଆଣିଦିଏ ତାହା କଳ୍ପନାତୀତ। ତେଣୁ ମୋ ମତରେ ଭାଲେଣ୍ଟାଇନ୍ସ ଡେ' ପାଳିବା ଆବଶ୍ୟକ। କାରଣ ଆଜିର ଦୁନିଆରେ ସବୁ ଦମ୍ପତି କାର୍ଯ୍ୟବ୍ୟସ୍ତତା ଭିତରେ ପରସ୍ପରକୁ ସମୟ ଦେଇ ପାରୁ ନାହାନ୍ତି। ଯେତେବେଳେ ବର୍ଷକୁ ଥରେ ଏହି ଦିବସ ପାଳିବା ଆଳରେ ପରସ୍ପରକୁ ସମୟ ଦେବାର ସୁଯୋଗ ମିଳୁଛି, ତେବେ ସେମାନେ କାହିଁକି ଏହାର ଉପଯୋଗ ନ କରିବେ। ଏତିକି କହିବି ପ୍ରେମୀଯୁଗଳ ଓ ଦମ୍ପତିମାନେ ସେମାନଙ୍କର ୩୬୫ ଦିନର ବ୍ୟସ୍ତତା ଭିତରେ ଏଇ ୭ଦିନର ପର୍ବକୁ ଏମିତି ଉପଭୋଗ କରନ୍ତୁ, ଯେମିତି ସେମାନଙ୍କର ୩୫୮ ଦିନର ପରିଶ୍ରମ ସେମାନଙ୍କୁ ଜଣାପଡ଼ିବ ନାହିଁ। – ***ଜାନକୀ ସେନାପତି***
*(ଛାତ୍ରୀ, ବାଲେଶ୍ୱର)*

**ପ୍ରେମ ନାଁରେ ଅଭଦ୍ର ଆଚରଣ ଅସହନୀୟ:** ଭାଲେଣ୍ଟାଇନ୍ ଡେ' ପାଳନ ଏକ ବିଦେଶୀ ଓ ଅସୁସ୍ଥ ପରମ୍ପରା ଯାହା ବହୁ ରାଷ୍ଟ୍ରୀୟ କମ୍ପାନୀ, ବିଦେଶୀ ଗଣମାଧ୍ୟମ ଦ୍ୱାରା ଭାରତର ସଭ୍ୟତା, ସଂସ୍କୃତି, ଅର୍ଥ ନୀତି କୁ ନଷ୍ଟ କରିବାର ଚକ୍ରାନ୍ତ। ରୋମ୍‌ର ରାଜା ତାଙ୍କ ବ୍ରହ୍ମଚାରୀ ସୈନିକ ମାନଙ୍କ ଦ୍ୱାରା ଅଜେୟ ରହିଥିଲେ। ଭାଲେଣ୍ଟାଇନ୍ ନାମକ ବ୍ୟକ୍ତି ସୈନିକ ମାନଙ୍କ ଚୋରାରେ ବିବାହ କରାଇବାକୁ ଲାଗିଲା। ସୈନିକ ମାନଙ୍କ ସୋର୍ଯ୍ୟ ହ୍ରାସ ହେଉଥିବା ଦେଖି ରାଜା ପତା ଲଗାଇ ସତ ଜାଣି ପାରିଲେ ଓ ଭାଲେଣ୍ଟାଇନ୍‌କୁ ଫାଶୀ ଦେଲେ। କିନ୍ତୁ ବର୍ତ୍ତମାନ ତାଙ୍କ ନାମରେ ପ୍ରେମ ଦିବସ ପାଳିବାର ଆବଶ୍ୟକତା କ'ଣ। ତା'ଛଡା ପ୍ରେମ କରିବା ଖରାପ ନୁହେଁ ହେଲେ ବିନା ବିବାହରେ ପ୍ରେମୀଯୁଗଳ ଭାବେ ଅଭଦ୍ର ଆଚରଣ କରିବା ଅସହନୀୟ।

– ***ଭୁପେଶ ନାୟକ*** (ଭୁବନେଶ୍ୱର)


ଭୁପେଶ





## ୟୁଥ୍ ଆଲର୍ଟ

# ପ୍ୟାକେଟ୍ ଫ୍ରୁଟଜୁସ୍ ପିଉଥିଲେ

**ଟଟକା ଫଳ ଖାଇବା ଶରୀର ପାଇଁ ହିତକର। ସେହିପରି ଏହାର ରସ ବା ଜୁସ୍ ପିଇବା ମଧ୍ୟ ଲାଭକାରୀ ହୋଇଥାଏ। କିନ୍ତୁ ବ୍ୟସ୍ତବହୁଳ ଜୀବନରେ ଏହାକୁ ଘରେ ପ୍ରସ୍ତୁତ କରିବା ଅପେକ୍ଷା ଅଧିକାଂଶ ମାର୍କେଟ୍‌ରେ ମିଳୁଥିବା ପ୍ୟାକେଟ୍ ଜୁସ୍ ପିଉଥିବା ଦେଖିବାକୁ ମିଳିଥାଏ। ହେଲେ ଆପଣ ଜାଣନ୍ତିକି ଏହା ଶରୀର ପାଇଁ କେତେ କ୍ଷତିକାରକ! ଜାଣିରଖନ୍ତୁ ଏ ସମ୍ପର୍କରେ...**



❖ପ୍ୟାକେଟ୍ ଫ୍ରୁଟ୍ ଜୁସ୍‌କୁ ଅଧିକ ସମୟଯାଏଁ ଷ୍ଟୋର୍ କରି ରଖିବାକୁ ଆର୍ଟିଫିସିଆଲ୍ କଲର୍ ମିଶାଯାଇଥାଏ, ଯାହା ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ।

❖ଫ୍ରୁଟଜୁସ୍ ପ୍ରସ୍ତୁତି କରିବା ସମୟରେ ସେଥିରେ କ୍ୟାଡମିୟମ, ଆର୍ସେନିକ୍ ଏବଂ ସୀସା ଇତ୍ୟାଦି ମିଶାଯାଇଥାଏ, ଯାହାକୁ ପିଇବା ଦ୍ୱାରା ମସ୍ତିଷ୍କର କାର୍ଯ୍ୟପ୍ରଣାଳୀ ଉପରେ ଖରାପ ପ୍ରଭାବ ପକାଇଥାଏ। କେବଳ ଏତିକି ନୁହେଁ, ଏହିସବୁ ହାନିକାରକ ଉପାଦାନ କ୍ୟାନ୍‌ସର ଆଶଙ୍କାକୁ ମଧ୍ୟ ବଢ଼ାଇଥାଏ।

❖ପ୍ରତିଦିନ ପ୍ୟାକେଟ୍ ଜୁସ୍ ପିଇବା ଦ୍ୱାରା ଗ୍ୟାସ୍ ସମସ୍ୟା, ଡାଇରିଆ ଏବଂ ବଦହଜମି ହୋଇଥାଏ।

❖ଏଥିରେ ଶର୍କରା ଏବଂ କ୍ୟାଲୋରିର ମାତ୍ରା ଅଧିକ ଥିବାରୁ ମେଦବହୁଳତା ଦେଖାଯାଏ। ଶର୍କରାର ମାତ୍ରା ଅଧିକ ଥିବାରୁ ଓଜନ ବୃଦ୍ଧି ଏବଂ ଉଚ୍ଚ ରକ୍ତଚାପ ପରି ସମସ୍ୟା ଦେଖାଦିଏ।

❖ପ୍ୟାକେଟ୍ ଜୁସ୍‌ରେ ପ୍ରଚୁର ମାତ୍ରାରେ କୃତ୍ରିମ ମିଠା ଥିବା ବେଳେ ଫାଇବର୍ ମାତ୍ରା କମ୍ ରହିବା ଯୋଗୁ ଶରୀରରେ ଇନସୁଲିନ୍‌ର ମାତ୍ରା ବଢ଼ିଥାଏ।

❖ପ୍ୟାକେଡ୍ ଜୁସ୍ ପିଇବା ପରିବର୍ତ୍ତେ ଘର ତିଆରି ଫଳରସ ପିଇପାରିବେ।



ଧରିତ୍ରୀ
DHARITRI



# ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ତୃତୀୟ ବୃହତ୍ ବିଜୟ



ଉଇକେଟ ନେବାପରେ ରବିଚନ୍ଦ୍ରନ ଅଶ୍ୱିନ (ଡାହାଣରୁ ତୃତୀୟ)ଙ୍କୁ ସାଥୀ ଖେଳାଳି ବଧେଇ ଜଣାଉଛନ୍ତି।

**ନାଗପୁର, ୧୧।୨**

ଭାରତ-ଅଷ୍ଟ୍ରେଲିଆ ପ୍ରଥମ କ୍ରିକେଟ ଟେଷ୍ଟ ଏଠାରେ ୩ ଦିନରେ ଶେଷ ହୋଇଯାଇଛି। ଭାରତ ଏକ ଇନିଂସ ୧୩୨ ରନରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ଏହା ତୃତୀୟ ବୃହତ୍ ବିଜୟ। ୧୯୯୭-୯୮ରେ କୋଲକାତାରେ ଅନୁଷ୍ଠିତ ଟେଷ୍ଟରେ ଭାରତ ଏକ ଇନିଂସ ୨୧୯ ରନରେ ବିଜୟ ହାସଲ କରିଥିଲା। ଏପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ସର୍ବବୃହତ୍ ବିଜୟ ହୋଇ ରହିଛି। ସେହିପରି ୨୦୧୨-୧୩ରେ ହାଇଦ୍ରାବାଦଠାରେ ସମାନ ପ୍ରତିଦ୍ୱନ୍ଦ୍ୱୀକୁ ଭାରତ ଏକ ଇନିଂସ ୧୩୫ ରନରେ ପରାସ୍ତ କରିଥିଲା। ଏଥର ଏହାର ନିକଟତର ହୋଇଥିଲେ ହେଁ ତୃତୀୟ ବୃହତ୍ ବିଜୟ ରେକର୍ଡ ସହ ମ୍ୟାଚ ଶେଷ କରିଛି। ଦୁଇ ଦେଶ ମଧ୍ୟରେ ସିରିଜର ଦ୍ୱିତୀୟ ଟେଷ୍ଟ ଦିଲ୍ଲୀଠାରେ ଚଳିତମାସ ୧୭ରୁ ଆରମ୍ଭ ହେବ।

## କୁମ୍ବଲେଙ୍କ ସମକକ୍ଷ ହେଲେ ଅଶ୍ୱିନ

**୯୧:** ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୯୧ ରନରେ ଅଲ୍ଆଉଟ ହୋଇଥିଲା। ଭାରତରେ କୌଣସି ଟେଷ୍ଟରେ ଏକ ଇନିଂସରେ ଅଷ୍ଟ୍ରେଲିଆର ଏହା ସର୍ବନିମ୍ନ ସ୍କୋର। ପୂର୍ବରୁ ୨୦୦୪ରେ ମୁମ୍ବାଇଠାରେ ଏହି ଦଳ କରିଥିବା ୯୩ ରନ ଏପର୍ଯ୍ୟନ୍ତ ରେକର୍ଡ ହୋଇ ରହିଥିଲା। ଓଭରଅଲ୍ ଭାରତ ବିପକ୍ଷରେ ୯୧ ରନ ଅଷ୍ଟ୍ରେଲିଆର ଦ୍ୱିତୀୟ ସର୍ବନିମ୍ନ ସ୍କୋର। ୧୯୮୧ରେ ମେଲବୋର୍ନଠାରେ ୮୩ ରନରେ ଅଲ୍ଆଉଟ ଏହି ଦଳର ସର୍ବନିମ୍ନ ସ୍କୋର

**୨୬୮:** ନାଗପୁର ଟେଷ୍ଟରେ ଅଷ୍ଟ୍ରେଲିଆ ୨ଟି ଇନିଂସରେ ମୋଟ ୨୬୮ ରନ କରିଥିଲା। ଏହା ହେଉଛି ଭାରତ ମାଟିରେ ଗୋଟିଏ ମ୍ୟାଚରେ ସର୍ବନିମ୍ନ। ପୂର୍ବରୁ ଗୋଟିଏ ମ୍ୟାଚରେ ଦଳର ସର୍ବମୋଟ ସ୍କୋର ୨୯୬ ଥିଲା। ୨୦୦୪ରେ ମୁମ୍ବାଇରେ ଏହି ଦଳ ୨ଟି ଇନିଂସରେ ଯଥାକ୍ରମେ ୨୦୩ ଓ ୯୩ ରନକରି ଅଲ୍ଆଉଟ ହୋଇଥିଲା। ୨୬୮ ମଧ୍ୟ ଏସିଆ ମହାଦେଶରେ ଅଷ୍ଟ୍ରେଲିଆର ଦ୍ୱିତୀୟ ସର୍ବନିମ୍ନ ମୋଟ ସ୍କୋର। ୧୯୫୬ରେ କରାଚୀଠାରେ ପାକିସ୍ତାନ ବିପକ୍ଷରେ ଦଳ ୨ ଇନିଂସରେ ମୋଟ ୨୬୬ ରନ କରିବାକୁ ସକ୍ଷମ ହୋଇଥିଲା।

**୫:** ଟେଷ୍ଟ କ୍ରିକେଟରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ଏହା ୫ମ ଇନିଂସ ବିଜୟ। ଏହା ପୂର୍ବ ଇନିଂସ ବିଜୟ ୨୦୧୩ରେ ହାଇଦ୍ରାବାଦରେ ହୋଇଥିଲା।

**୨୫:** ଭାରତ ମାଟିରେ ରବିଚନ୍ଦ୍ରନ ଅଶ୍ୱିନଙ୍କର ଏହାଥିଲା ୨୫ତମ ୫ ଉଇକେଟ ସଫଳତା। ଯାହାକି ଅନିଲ କୁମ୍ବଲେଙ୍କ ସମକକ୍ଷ। ଓଭରଅଲ୍ ଦେଖିବାକୁ ଗଲେ ୨ ଜଣ ଖେଳାଳି ଘରୋଇ ପରିବେଶରେ ଏହାଠାରୁ ଅଧିକଥର ୫ ଉଇକେଟ ସଫଳତା ପାଇଛନ୍ତି। ଶ୍ରୀଲଙ୍କାର ମୁଥୟା ମୁରଲୀଧରନ ୪୫ଥର ୫ ଉଇକେଟ ନେଇ ଏହି ତାଲିକାର ଶୀର୍ଷରେ ଥିବାବେଳେ ରଙ୍ଗା ହେରାଥ ୨୬ଥର ଏହି ଗୌରବ ଅର୍ଜନ କରିଛନ୍ତି।

**୬.୭:** ନାଗପୁର ଟେଷ୍ଟରେ ଅଷ୍ଟ୍ରେଲିଆ ବାମହାତୀ ବ୍ୟାଟରଙ୍କ ଆଭରେଜ ଥିଲା ୬.୭। କୌଣସି ଟେଷ୍ଟ ମ୍ୟାଚରେ (ଅତିକମ୍‌ରେ ୧୦ ଡିସ୍‌ମିଶାଲ୍ସ) ଗୋଟିଏ ଦଳର ବାମହାତୀ ବ୍ୟାଟରଙ୍କର ଏହା ଦ୍ୱିତୀୟ ସର୍ବନିମ୍ନ ଆଭରେଜ। ୨୦୧୯ ପର୍ଥ ଟେଷ୍ଟରେ ଅଷ୍ଟ୍ରେଲିଆ ବିପକ୍ଷରେ ନ୍ୟୁଜିଲାଣ୍ଡ ବାମହାତୀ ବ୍ୟାଟରଙ୍କ ଆଭରେଜ ଥିଲା ୫.୮। ଅଷ୍ଟ୍ରେଲିଆ ପ୍ଲେଇଂ ଏକାଦଶରେ ଥିବା ୫ ବାମହାତୀ ବ୍ୟାଟର ନାଗପୁର ଟେଷ୍ଟରେ ଉଭୟ ଇନିଂସରେ ମୋଟ ୬୭ ରନ କରିଥିଲେ। ଅନ୍ୟପକ୍ଷରେ ଭାରତୀୟ ଦଳର ଦୁଇ ବାମହାତୀ ବ୍ୟାଟର ୧୫୪ ରନ ସ୍କୋର କରିଥିଲେ। ଉଭୟେ ଅର୍ଦ୍ଧଶତକ ମଧ୍ୟ ହାସଲ କରିଥିଲେ।

**୧୦:** ନାଗପୁରରେ ଅଷ୍ଟ୍ରେଲିଆର ୧୦ ବ୍ୟାଟର ଏଲବିଡବ୍ଲ୍ୟୁ ଆଉଟ ହୋଇଥିଲେ। ଗୋଟିଏ ଟେଷ୍ଟରେ ଅଷ୍ଟ୍ରେଲିଆର ଏତେ ଜଣ ବ୍ୟାଟର ଏଲବିଡବ୍ଲ୍ୟୁ ହେବା ଏହା ପ୍ରଥମ ଥିଲା। ପୂର୍ବରୁ ସର୍ବାଧିକ ୯ ଖେଳାଳି ୨୦୦୧ରେ କୋଲକାତାଠାରେ ଭାରତ ବିପକ୍ଷରେ ଏବଂ ଗାଲେଠାରେ ଶ୍ରୀଲଙ୍କା ବିପକ୍ଷରେ ଏଲବିଡବ୍ଲ୍ୟୁ ହୋଇଥିଲେ।

**୪୯:** ପ୍ରଥମ ଇନିଂସରେ ମାର୍ନସ ଲାବୁସେନ ୪୯ ରନ ସ୍କୋର କରିଥିଲେ। ଟେଷ୍ଟର ୨ଟି ଯାକ ଇନିଂସରେ ଅଷ୍ଟ୍ରେଲୀୟ ବ୍ୟାଟରଙ୍କ ମଧ୍ୟରେ ଏହାଥିଲା ବ୍ୟକ୍ତିଗତ ସର୍ବାଧିକ ସ୍କୋର। ଭାରତରେ ଅନୁଷ୍ଠିତ କୌଣସି ଟେଷ୍ଟରେ କେହି ଜଣେ ମଧ୍ୟ ଅଷ୍ଟ୍ରେଲିଆ ଖେଳାଳି ଅର୍ଦ୍ଧଶତକ ହାସଲ କରି ନ ପାରିବା ଏହା ପ୍ରଥମ ଦୃଷ୍ଟାନ୍ତ ଥିଲା।

## କ୍ରିମ୍ ବ୍ୟବହାର ପାଇଁ ଜାଡେଜାଙ୍କୁ ଜରିମାନା



ଅଙ୍ଗୁଳିରେ କ୍ରିମ୍ ଲଗାଇବା ଅବସରରେ ରବୀନ୍ଦ୍ର ଜାଡେଜା (ଡାହାଣ)।

**ନାଗପୁର, ୧୧।୨(ପି.ଟି.)**

ଅଷ୍ଟ୍ରେଲିଆ ବିପକ୍ଷ ଓପନିଂ କ୍ରିକେଟ ଟେଷ୍ଟ ବିଜୟରେ ହିରୋ ପାଲଟିଥିବା ରବୀନ୍ଦ୍ର ଜାଡେଜାଙ୍କୁ ଶନିବାର ତାଙ୍କ ମ୍ୟାଚ ଫି'ର ୨୫ ପ୍ରତିଶତ ଜରିମାନା କରାଯାଇଛି। ଭାରତୀୟ ଅଲରାଉଣ୍ଡରଙ୍କ ବିଶି ଆଙ୍ଗୁଠି ଫୁଲିଥିଲା। ମ୍ୟାଚର ପ୍ରଥମ ଦିବସରେ ଫିଲ୍ଡ ଅମ୍ପାୟରଙ୍କ ବିନା ଅନୁମତିରେ ସେଥିରେ କ୍ରିମ୍ ଲଗାଇଥିବାରୁ ତାଙ୍କୁ ଦଣ୍ଡିତ କରାଯାଇଛି। ମ୍ୟାଚରେ ଜାଡେଜା ୮୧ ରନ ବିନିମୟରେ ୭ ଉଇକେଟ ନେବା ସହ ୭୦ ରନ ସଂଗ୍ରହ କରିଥିଲେ। ଭାରତ ଏହି ମ୍ୟାଚ ଏକ ଇନିଂସ ଓ ୧୩୨ ରନରେ ବିଜୟ ଲାଭ କରିଛି। ଏକ ଭିଡିଓରେ ଦେଖିବାକୁ ମିଳିଥିଲା ଜାଡେଜା ତାଙ୍କ ସାଥୀ ପେସ୍ ବୋଲର ମହମ୍ମଦ ସିରାଜଙ୍କଠାରୁ କିଛି ଆଣୁଛନ୍ତି ଏବଂ ତାଙ୍କ ବାମ ବିଶି ଆଙ୍ଗୁଠିରେ ତାହା ଲେପନ କରୁଛନ୍ତି। ଭାରତୀୟ ଅଲରାଉଣ୍ଡରଙ୍କ ଏହି କାର୍ଯ୍ୟ ସମ୍ପର୍କରେ ଅଷ୍ଟ୍ରେଲିଆ ଗଣମାଧ୍ୟମ ଏବଂ ଜଣେ ପୂର୍ବତନ ଖେଳାଳି ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) କହିଥିଲା ଏହି କ୍ରିମ୍‌କୁ କେବଳ ଚିକିତ୍ସା ଉଦ୍ଦେଶ୍ୟରେ ପ୍ରୟୋଗ କରାଯାଇଥିଲା। ଏହା ବଲ୍‌ର ଅବସ୍ଥାରେ କୌଣସି ପରିବର୍ତ୍ତନ ଆଣି ନ ଥିଲା। ତେବେ ମଲମ ଲଗାଇବା ପୂର୍ବରୁ ଫିଲ୍ଡ ଅମ୍ପାୟରଙ୍କ ଅନୁମତି ଆଣି ନ ଥିବାରୁ ଜାଡେଜା ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ଲାଗି ଉଦ୍ଦିଷ୍ଟ ଆଇସିସି ଆଚରଣ ବିଧିର ଧାରା ୨.୨୦ର ଉଲ୍ଲଂଘନ କରିଛନ୍ତି। ଭାରତୀୟ ସ୍ପିନ ବୋଲରଙ୍କୁ ମ୍ୟାଚ୍ ଫି'ର ୨୫ ପ୍ରତିଶତ ଜରିମାନା ବ୍ୟତୀତ ୨୪ ମାସରେ ପ୍ରଥମ ଅପରାଧ ପାଇଁ ଏକ ଡିମେରିଟ୍ ପଏଣ୍ଟ ମିଳିଛି। ଆଇସିସି କହିବା ଅନୁସାରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସର ୪୬ତମ ଓଭରରେ ଏହି ଘଟଣା ଘଟିଥିଲା। ଜାଡେଜା ତାଙ୍କ ଦୋଷ ମାନି ନେବା ସହ ଆଇସିସି ଏଲିଟ୍ ପ୍ୟାନେଲ ଅଫ୍ ମ୍ୟାଚ୍ ରେଫରିଜ୍‌ର ଆଣ୍ଡି ପାଇକ୍ରଫ୍ଟଙ୍କ ପ୍ରସ୍ତାବିତ ଦଣ୍ଡକୁ ଗ୍ରହଣ କରିନେଇଥିବାରୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକ ପଡ଼ି ନ ଥିଲା।

# ଭାରତ-ପାକିସ୍ତାନ ମ୍ୟାଚ ଆଜି

**ଆଇସିସି ମହିଳା ଟି୨୦ ବିଶ୍ୱକପ୍**

**କେପ୍‌ଟାଉନ୍, ୧୧।୨ (ପି.ଟି.)**

ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଆଇସିସି ମହିଳା ଟି୨୦ ବିଶ୍ୱକପ୍ ଟୁର୍ନାମେଣ୍ଟରେ ଭାରତ ଏହାର ଓପନିଂ ମ୍ୟାଚରେ ରବିବାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଦୁଇ ଦଳ ମଧ୍ୟରେ ଖେଳ ସର୍ବଦା ଉତ୍ସାହ ସୃଷ୍ଟି କରିଥାଏ। ଭାରତ ଏକ ଉନ୍ନତ ଦଳ ହୋଇଥିବାରୁ ମ୍ୟାଚ ହୁଏତ ସେତେଟା ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇ ନ ପାରେ। କିନ୍ତୁ ଗତବର୍ଷ ଏସିଆ କପ୍‌ରେ ଭାରତ ବିପକ୍ଷରେ ପାକିସ୍ତାନ ଉନ୍ନତ ପ୍ରଦର୍ଶନ କରିଥିଲା। ବିଶ୍ୱକପ୍‌କୁ ଆସିବା ପୂର୍ବରୁ ଭାରତ ନିକଟରେ ଅନୁଷ୍ଠିତ ଏକ ତ୍ରିରାଷ୍ଟ୍ରୀୟ ସିରିଜ ଫାଇନାଲରେ ଜିତିବା ସ୍ଥିତିରେ ଥାଇ ଦକ୍ଷିଣ ଆଫ୍ରିକାଠାରୁ ଅଳ୍ପକେ ହାରିଯାଇଥିଲା। ଦଳ ଆହୁରି ମଧ୍ୟ ବାଂଲାଦେଶକୁ ପରାସ୍ତ କରିବା ପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷ ୱାର୍ମଅପ୍ ମ୍ୟାଚ ହାରିଯାଇଥିଲା। ଭାରତ ପୁଣି ଆଇସିସି ଇଭେଣ୍ଟ ସେମିଫାଇନାଲରେ ପ୍ରବେଶ କରିବ ବୋଲି ଆଶା କରାଯାଉଛି। କିନ୍ତୁ ସେମାନଙ୍କୁ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ପରାସ୍ତ କରିବାକୁ ହେଲେ ଖେଳର ସମସ୍ତ ବିଭାଗରେ ପ୍ରଭାବୀ ପ୍ରଦର୍ଶନ କରିବାକୁ ପଡ଼ିବ। ରେଣୁକା ସିଂଙ୍କୁ ଛାଡ଼ିଦେଲେ ବୋଲିଂ ୟୁନିଟ୍ ଉପରେ ଭରସା କରି ହେଉନାହିଁ। ଗତମାସରେ ଦଳକୁ ପ୍ରତ୍ୟାବର୍ତ୍ତନ ପରେ ଭେଟେରାନ ଶିଖା ପାଣ୍ଡେ ଏପର୍ଯ୍ୟନ୍ତ ଗୋଟିଏ ହେଲେ ଉଇକେଟ ନେବାରେ ସକ୍ଷମ ହୋଇପାରି ନାହାନ୍ତି। ବର୍ତ୍ତମାନ ସ୍ପିନରମାନେ ମଧ୍ୟ ଆଶାନୁରୂପ ବୋଲିଂ କରିପାରୁ ନାହାନ୍ତି। ଓପନିଂ ଗେମ୍ ପୂର୍ବରୁ ଅଧିନାୟିକା ହରମନପ୍ରୀତ୍ କୌର (କାନ୍ଧ) ଓ ସ୍ମୃତି ମନ୍ଧାନା (ଆଙ୍ଗୁଠି) ଆଘାତପ୍ରାପ୍ତ ହୋଇଥିବାରୁ ଦଳ ପାଇଁ ଏହା ଚିନ୍ତାର ବିଷୟବସ୍ତୁ ପାଲଟିଛି। ଦୁହେଁ ସିନିୟର ଖେଳାଳି, ଦଳ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମନ୍ଧାନା ପାକିସ୍ତାନ ବିପକ୍ଷ ମ୍ୟାଚ ଖେଳିପାରିବେ ନାହିଁ ବୋଲି ଶନିବାର ଦଳ ୱାର୍ମଅପ୍ ସେସନ ପରେ ସ୍ପଷ୍ଟ ହୋଇଛି। ନିକଟରେ ଶେଫାଳୀ ବର୍ମାଙ୍କ ନେତୃତ୍ୱରେ ଭାରତ ଉଦ୍‌ଘାଟନୀ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଟାଇଟଲ ଜିତିଛି। ସେ ସ୍ଥିର ପ୍ରଦର୍ଶନ କରିପାରୁ ନାହାନ୍ତି ବୋଲି ଯେଉଁମାନେ ସନ୍ଦେହ କରୁଛନ୍ତି ତାହା ମିଥ୍ୟା ପ୍ରମାଣିତ କରିବାକୁ ସେ ଚାହିଁବେ। ଦଳକୁ ପ୍ରତ୍ୟାବର୍ତ୍ତନ କରିବା ପରେ ଏପର୍ଯ୍ୟନ୍ତ ପ୍ରଭାବୀ ପ୍ରଦର୍ଶନ କରିପାରି ନ ଥିବାରୁ ଜେମିମା ରୋଡ୍ରିଗୁଏଜ୍ ଚାପରେ ରହିବା ସ୍ୱାଭାବିକ। ପେସ୍ ବୋଲିଂ ଅଲରାଉଣ୍ଡର ପୂଜା ବସ୍ତ୍ରକାରଙ୍କୁ ଭଲ ପ୍ରଦର୍ଶନ କରିବାକୁ ହେବ। ଅନ୍ୟପକ୍ଷରେ ପାକିସ୍ତାନ ନିଦା ଦାର୍‌ଙ୍କ ପ୍ରଦର୍ଶନ ଉପରେ ବିଶେଷ ନିର୍ଭରଶୀଳ। ପ୍ରତିଯୋଗିତା ପୂର୍ବରୁ ଦଳ ଅଷ୍ଟ୍ରେଲିଆ ବିପକ୍ଷରେ ଏକ ସିରିଜ ଖେଳିଛି। ଓପନିଂ ୱାର୍ମଅପ୍‌ରେ ବାଂଲାଦେଶକୁ ପରାସ୍ତ କରିଥିଲେ ମଧ୍ୟ ପରେ ଦକ୍ଷିଣ ଆଫ୍ରିକା ନିକଟରୁ ପରାଜିତ ହୋଇଛି।

# ବ୍ୟାଟି ଦିଲ୍ଲୀ କ୍ୟାପିଟାଲ୍ସ ମୁଖ୍ୟ କୋଚ୍

**ଓମେନ୍ସ ପ୍ରିମିୟର ଲିଗ୍**

**ନୂଆଦିଲ୍ଲୀ, ୧୧।୨ (ପି.ଟି.)**

ଉଦ୍‌ଘାଟନୀ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ପାଇଁ ଇଂଲଣ୍ଡର ପୂର୍ବତନ ପ୍ରଥମ ଶ୍ରେଣୀ କ୍ରିକେଟର ଜୋନାଥନ ବ୍ୟାଟି ଶନିବାର ଦିଲ୍ଲୀ କ୍ୟାପିଟାଲ୍ସର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ୪୮ ବର୍ଷୀୟ କୋଚ୍‌ଙ୍କୁ ପୂର୍ବତନ କ୍ରିକେଟର ହେମଲତା କାଲା ଓ ଲିସା କେଟ୍‌ଲି ସହାୟତା କରିବେ। ପୂର୍ବତନ ସରେ ଓ ଗ୍ଲାସେଷ୍ଟରଶାୟାର କିପର-ବ୍ୟାଟର ବ୍ୟାଟି ପୂର୍ବରୁ ଓଭାଲ ଇନ୍‌ଭିନ୍‌ସିବଲ୍ସ ମହିଳା ଦଳର କୋଚ ଭାବେ ସଫଳତା ସହିତ କାର୍ଯ୍ୟ କରିଛନ୍ତି। ତାଙ୍କ ଅଧୀନରେ ଦଳ ୨୦୨୧ ଓ ୨୦୨୨ରେ ଦି ହଣ୍ଡ୍ରେଡ୍ ଟାଇଟଲ ଜିତିଥିଲା। ସେ ଆହୁରି ମଧ୍ୟ ସରେ ମହିଳା ଦଳ ଏବଂ ଓମେନ୍ସ ବିଗ୍ ବାସ୍ ଲିଗ୍‌ରେ ମେଲବୋର୍ନ ଷ୍ଟାର୍ସ ଦଳର କୋଚ ଭାବେ କାର୍ଯ୍ୟ କରିଛନ୍ତି। ସୂଚନାଯୋଗ୍ୟ, ଭାରତ ତରଫରୁ କାଲା ୭ ଟେଷ୍ଟ ଓ ୭୮ ଅନ୍ତର୍ଜାତୀୟ ଦିନିକିଆ ଖେଳିଛନ୍ତି। ସେ ଜାତୀୟ ସିଲେକ୍ସନ ପ୍ୟାନେଲର ମୁଖ୍ୟ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ସେ ମୁଖ୍ୟ ଚୟନକର୍ତ୍ତା ଥିବାବେଳେ ୨୦୧୭ରେ ଭାରତ ଆଇସିସି ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିଲା। ଭାରତୀୟ ମହିଳା କ୍ରିକେଟରେ ଏହା ଏକ ସ୍ମରଣୀୟ ମୁହୂର୍ତ୍ତ ଥିଲା। ଅନ୍ୟପକ୍ଷରେ କେଟ୍‌ଲି ଅଷ୍ଟ୍ରେଲିଆ ପାଇଁ ୯ ଟେଷ୍ଟ ଓ ୮୨ ଅନ୍ତର୍ଜାତୀୟ ଦିନିକିଆ ଖେଳିଛନ୍ତି। ସେ କୋଚ୍ ଦାୟିତ୍ୱରେ ଥିବାବେଳେ ଇଂଲଣ୍ଡ ମହିଳା ଦଳ ଆଇସିସି ବିଶ୍ୱକପ୍ ୨୦୨୨ ଫାଇନାଲରେ ପ୍ରବେଶ କରିଥିଲା। ଓମେନ୍ସ ବିଗ୍ ବାସ୍ ଲିଗ୍‌ରେ ସେ ପର୍ଥ ସ୍କର୍ଚର୍ସ ଓ ସିଡ୍ ଥଣ୍ଡର୍ସର କୋଚ୍ ଭାବେ କାର୍ଯ୍ୟ କରିସାରିଛନ୍ତି।

# ବାପୁଜୀ-ରାମେଶ୍ୱର ଫାଇନାଲ


**ନବ ଦାସ ଓ ପ୍ରଶାନ୍ତ ମହାପାତ୍ର ସ୍ମାରକୀ କ୍ରିକେଟ**

**ଭୁବନେଶ୍ୱର, ୧୧।୨ (କ୍ରୀଡ଼ା ପ୍ରତିନିଧି)**

ସ୍ଥାନୀୟ ବିଜେବି କଲେଜ ଖେଳ ପଡ଼ିଆରେ ଚାଲିଥିବା ୬ଷ୍ଠ ନବ ଦାସ ଏବଂ ୨ୟ ପ୍ରଶାନ୍ତ ମହାପାତ୍ର ମେମୋରିଆଲ ଟି୨୦ କ୍ରିକେଟ୍ ଟୁର୍ନାମେଣ୍ଟର ୨ଟି ସେମିଫାଇନାଲ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇ ବାପୁଜୀ କ୍ରିକେଟ କ୍ଲବ ଓ ରାମେଶ୍ୱର ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ବାପୁଜୀ ଓ ରାମେଶ୍ୱର ମଧ୍ୟରେ ଫାଇନାଲ ରବିବାର ବିଜେବି କଲେଜ ଖେଳ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ଟୁର୍ନାମେଣ୍ଟ ଆବାହକ ନରେନ୍ଦ୍ର ଦାସ ପ୍ରକାଶ କରିଛନ୍ତି।

ନବ ଦାସ ସ୍ମୃତି କମିଟି ଏବଂ ମୁନ୍ ଲାଇଟ୍ ୟୁଥ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂ ପ୍ରତିପକ୍ଷ ଜ୍ୟୋତି ମୋଟର୍ସ ଦଳକୁ ପରାସ୍ତ କରିଥିଲା। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରାମେଶ୍ୱର ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୭୩ ରନ କରିଥିଲା। ଦଳ ପକ୍ଷରୁ ସାରାଂଶ କୁମାର ୬୩ ଏବଂ ଓମ୍ ଟି. ମୁଣ୍ଡେ ୪୧ ରନ କରିଥିଲେ। ୧୭୪ ରନ ବିଜୟ ଲକ୍ଷ୍ୟରେ ଜ୍ୟୋତି ମୋଟର୍ସ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୮୯ ରନ କରିବାକୁ ସକ୍ଷମ ହୋଇଥିଲା। ବିପକ୍ଷ ଦଳର ଓମ୍ ଟି. ମୁଣ୍ଡେ ୪ ଉଇକେଟ ନେଇଥିଲେ। ପୂର୍ବତନ ରଣଜୀ ଖେଳାଳି ଦୀପକ ମଙ୍ଗରାଜ ଅତିଥି ଭାବେ ଯୋଗଦେଇ ଓମ୍ ଟି. ମୁଣ୍ଡେଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ସେମିଫାଇନାଲରେ ବାପୁଜୀ କ୍ରିକେଟ କ୍ଲବ ପ୍ରତିପକ୍ଷ ପ୍ରଗତି ସ୍ପୋର୍ଟିଂକୁ ହରାଇ ଦେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ପ୍ରଗତି ୨୦ ଓଭରରେ ୮ ଉଇକେଟ ହରାଇ ୧୩୭ ରନ କରିଥିଲା। ଦଳ ପକ୍ଷରୁ ରୋହିତ ସାଗର ୪୪, ଶାନ୍ତନୁ ମିଶ୍ର ୨୧ ଓ ସୌରଭ ଗୌଡ଼ ୨୦ ରନ୍ କରିଥିଲେ। ବାପୁଜୀ କ୍ରିକେଟ କ୍ଲବ ପକ୍ଷରୁ ଦେବବ୍ରତ ପ୍ରଧାନ ଏବଂ ସୁଶିଲ ବାରିକ ୨ଟି ଲେଖାଏ ଉଇକେଟ ନେଇଥିଲେ। ବାପୁଜୀ କ୍ରିକେଟ କ୍ଲବ ୧୩୮ ରନର ବିଜୟ ଲକ୍ଷ୍ୟକୁ ୧୪.୪ ଓଭରରେ ମାତ୍ର ୨ ଉଇକେଟ ହରାଇ ହାସଲ କରି ନେଇଥିଲା। କ୍ଷମା ସାଗର ବଳ ୫୨, କାର୍ତ୍ତିକ ବିଶ୍ୱାଳ ୩୭ ଏବଂ ସୁଜିତ ଲେଙ୍କା ୩୨ରନ କରିଥିଲେ। ରଣଜୀ ଖେଳାଳି ସୂର୍ଯ୍ୟକାନ୍ତ ପ୍ରଧାନ ଅତିଥିଭାବେ ଯୋଗଦେଇ କ୍ଷମା ସାଗର ବଳଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ ଦୁଇଟିକୁ ଶରତ ଚନ୍ଦ୍ର ସାହୁ, ଦିଲ୍ଲୀପ ସାମଲ, ପ୍ରଦୀପ କୁମାର ଜେନା ଏବଂ ଦିଲ୍ଲୀପ ସାମଲ ପରିଚାଳନା କରିଥିଲେ।





ଓମ୍ ଟି. ମୁଣ୍ଡେ (ବାମ) ଓ କ୍ଷମା ସାଗର ବଳଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।









ମୋର ନାମ ପ୍ରିୟମ୍ବଦା ଶର୍ମା, ଜିଲ୍ଲା ମେରଠ, ଉତ୍ତରପ୍ରଦେଶର ବାସିନ୍ଦା । ମୁଁ ସିଲେଇ ସେଣ୍ଟର ଚଳାଏ । ସାରାଦିନର କାମ କାରଣରୁ ମୁଁ ସବୁବେଳେ କ୍ଳାନ୍ତ ରହୁଥିଲି । ଘରର ଦୈନନ୍ଦିନ କାମ ବି କରିପାରୁ ନ ଥିଲି । ଦିନକୁ ଦିନ ମୋର ସମସ୍ୟା ବଢ଼ିଚାଲିଥିଲା । ଦିନେ ମୁଁ 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକ୍ ଓ ଟାବ୍‌ଲେଟ୍ସ ବିଷୟରେ ଜାଣିବାକୁ ପାଇଲି । ମାତ୍ର ଅଳ୍ପକିଛି ଦିନ 'ସଚ୍ଚୀ ସହେଲୀ' ନିୟମିତ ସେବନ କରିବା ଦ୍ୱାରା ଆଜି ମୋତେ ଆଉ କ୍ଳାନ୍ତି ଅନୁଭୂତ ହେଉନାହିଁ । ଏବଂ ଆଜି ମୁଁ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ଅଛି । 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକ୍ ପ୍ରକୃତରେ ଆମର ସଚ୍ଚୀ ସହେଲୀ ଅଟେ ।


ମୋର ନାମ ମୋନିକା ତଂବର, ବୟସ 22 ବର୍ଷ, ମଧ୍ୟପ୍ରଦେଶର ବାସିନ୍ଦା । ବିଗତ ଅନେକ ସମୟ ଧରି ମୁଁ କ୍ଳାନ୍ତି, ଅଣ୍ଟା ଯନ୍ତ୍ରଣା, କଠିନ ବ୍ୟଥା ଭଳି ସମସ୍ୟା କାରଣରୁ ବହୁତ ଚିନ୍ତିତ ରହୁଥିଲି । ଚିଡ଼ିଚିଡ଼ାପଣ ମଧ୍ୟ ବହୁତ ବଢ଼ିଯାଇଥିଲା । 67 ଆୟୁର୍ବେଦିକ ଜଡ଼ିବୁଟିରେ ପ୍ରସ୍ତୁତ 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକ୍‌ର ନିୟମିତ ସେବନ ଦ୍ୱାରା ମୋତେ ଅନେକ ସମସ୍ୟା ଯେପରିକି କ୍ଳାନ୍ତି, ଅଣ୍ଟା ଯନ୍ତ୍ରଣା, କଠିନ ବ୍ୟଥା ଏବଂ ଚିଡ଼ିଚିଡ଼ାପଣକୁ ଦୂର କରିବାରେ ବହୁତ ଲାଭ ମିଳିଲା । ଆଜି ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଟେ । ଆପଣ ମଧ୍ୟ 'ସଚ୍ଚୀ ସହେଲୀ' ଟନିକ୍ ବ୍ୟବହାର କରନ୍ତୁ ଓ ନିଜେ ପାର୍ଥକ୍ୟ ଦେଖନ୍ତୁ ।


ମୋର ନାମ ମେହରାଜ ବାନୋ, 30 ବର୍ଷ, ଜିଲ୍ଲା ଗୁନା (ମଧ୍ୟପ୍ରଦେଶ)ର ବାସିନ୍ଦା । ଗୃହିଣୀ ହେବା କାରଣରୁ ଘରର ସବୁ କାମର ଦାୟିତ୍ୱ ମୋ ଉପରେ । ଏହି କାରଣରୁ ମୁଁ କ୍ଳାନ୍ତି, ଦୁର୍ବଳତା, ରକ୍ତହୀନତା, ମୁଣ୍ଡବୁଲା ଭଳି ସମସ୍ୟାରେ ବ୍ୟଥିତ ଥିଲି । ଦିନେ ମୁଁ ଖବରକାଗଜରେ 'ସଚ୍ଚୀ ସହେଲୀ'ର ବିଜ୍ଞାପନ ଦେଖିଲି । ମାତ୍ର 5 ମାସ ଦୈନିକ ପ୍ରୟୋଗ ଦ୍ୱାରା ମୋ ଶରୀରର ସବୁ ସମସ୍ୟା, ଯେପରିକି କ୍ଳାନ୍ତି, ଅଣ୍ଟା ଯନ୍ତ୍ରଣା, ମୁଣ୍ଡବୁଲା ଆଦି ସମସ୍ୟାରୁ ଅନେକ ମାତ୍ରାରେ ଆରାମ ମିଳିଲା । ଆଜି ମୁଁ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ଅଟେ । 'ସଚ୍ଚୀ ସହେଲୀ' ବାସ୍ତବରେ ଅତ୍ୟନ୍ତ ଲାଭଦାୟକ ଅଟେ ।


ମୁଁ ରୁକ୍‌ସାନା, ବୟସ 24 ବର୍ଷ, ଜିଲ୍ଲା- ହାପୁର (ୟୁ.ପି.)ର ବାସିନ୍ଦା । ମୁଁ କଠିନ ବ୍ୟଥା, ଅନିୟମିତତା, ରକ୍ତହୀନତା, କ୍ଳାନ୍ତି ଭଳି ସମସ୍ୟା କାରଣରୁ ବହୁତ ଚିନ୍ତିତ ରହୁଥିଲି, ଯେଉଁ କାରଣରୁ ମୁଁ ଦୁର୍ବଳତା ଅନୁଭବ କରୁଥିଲି। 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକ୍ ଓ ଟାବ୍‌ଲେଟ୍ସରେ ଦିଆଯାଇଥିବା ନିର୍ଦ୍ଦେଶ ଅନୁସାରେ ନିୟମିତ ବ୍ୟବହାର ଦ୍ୱାରା ମୋତେ ସବୁ ଶାରୀରିକ ସମସ୍ୟା, ଯେପରିକି କଠିନ ବ୍ୟଥା, ଅନିୟମିତତା, ରକ୍ତହୀନତା ଆଦିରୁ ବହୁମାତ୍ରାରେ ଉପଶମ ମିଳିଛି । 67 ଜଡ଼ି-ବୁଟିରେ ତିଆରି ଆୟୁର୍ବେଦିକ 'ସଚ୍ଚୀ ସହେଲୀ' ଆପଣ ମଧ୍ୟ ବ୍ୟବହାର କରନ୍ତୁ ଏବଂ ଏହା ଉପରେ ଭରସା କରନ୍ତୁ ।

24x7 Helpline : 77106 44444 | ଆପଣଙ୍କ ନିକଟତମ ମେଡିକାଲ ଷ୍ଟୋରରୁ କିଣନ୍ତୁ


Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ